ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୬/୨୦୨୨ (୧୬ ପୃଷ୍ଠା) Bhubaneswar, Tuesday, September 6/2022 Page 16 ₹ 7.00 ★★★★★★
୪୮ଶ ଭାଗ ୨୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 282 ମୂଲ୍ୟ ₹୭/-

# ଟ୍ରସ୍ ବ୍ରିଟେନ ପ୍ରଧାନମନ୍ତ୍ରୀ

- ଲିଜ୍ ଟ୍ରସ୍‌ଙ୍କୁ ୮୧, ୩୨୬ ଭୋଟ
- ଋଷି ସୁନକ ପାଇଲେ ୬୦,୩୯୯

ଲଣ୍ଡନ,୫।୯



ଲିଜ୍ ଟ୍ରସ୍

୧୦ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ବ୍ରିଟେନ୍‌ର ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କୁ ୨୦,୯୨୭ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଟ୍ରସ୍‌ଙ୍କୁ ୮୧,୩୨୬ ଖଣ୍ଡ ଭୋଟ ମିଳିଥିବାବେଳେ ସୁନକଙ୍କ ସପକ୍ଷରେ ୬୦,୩୯୯ ଭୋଟର ମତଦାନ କରିଛନ୍ତି। ୪୭ ବର୍ଷୀୟା ଟ୍ରସ୍ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ନିର୍ବାଚିତ ହୋଇଥିବା ନେଇ ଦଳର ନିର୍ବାଚନ ଅଧିକାରୀ ସାର ଗ୍ରାହାମ ବ୍ରାଡି ସୋମବାର ୱେଷ୍ଟମିନିଷ୍ଟରସ୍ଥିତ ଏଲିଜାବେଥ୍ ଦ୍ୱିତୀୟ ସେଣ୍ଟରରେ ଘୋଷଣା କରିଛନ୍ତି। ଶାସକ ଦଳର ନୂଆ ନେତା ହେବା ପରେ ସେ ଏବେ ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଭାବେ ଆନୁଷ୍ଠାନିକ ରୂପେ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ଟ୍ରସ୍‌ଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ୨୦୧୯ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ବିପୁଳ ବିଜୟ ପରେ ଜୁଲାଇ ୨୪ରେ ବୋରିସ୍ ଜନ୍‌ସନ୍ ବ୍ରିଟେନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। କରୋନା ଲକ୍‌ଡାଉନ୍ ବେଳେ ସେ ଏକାଧିକ ପାର୍ଟି ଆୟୋଜନ କରି ନିୟମ ଭଙ୍ଗ କରିଥିବା ଅଭିଯୋଗ ହୋଇଥିଲା। ବିବାଦୀୟ ହେବା ପରେ ବି ସେ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ବୋରିସ୍‌ଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଥିବା ଋଷି ସୁନକ ଗତ ଜୁଲାଇରେ ତାଙ୍କ ନେତୃତ୍ୱ ଉପରୁ ଆସ୍ଥା ତୁଟିଯାଇଥିବା ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଥିଲେ। ସୁନକଙ୍କ ପରେ କ୍ୟାବିନେଟର ଅନେକ ମନ୍ତ୍ରୀ ପଦ ଛାଡ଼ିଥିଲେ। ଶେଷରେ ବୋରିସ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଏଥିସହ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ଲିଜ୍ ଟ୍ରସ୍ ଓ ଋଷି ସୁନକଙ୍କ ମଧ୍ୟରେ ଆରମ୍ଭରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କିନ୍ତୁ ଶେଷ ବେଳକୁ ସୁନକଙ୍କ କ୍ୟାମ୍ପେନ୍ ଧିମେଇ ଯାଇଥିଲା। ☞ପୃଷ୍ଠା-୪

# ହାଉଯାଉ ନକଲି ବ୍ରାଣ୍ଡ୍

## ଅଡୁଆରେ ଖାଉଟି

ଭୁବନେଶ୍ୱର,୫।୯(ବ୍ୟୁରୋ)

ହାଟବଜାରରେ ହାଉଯାଉ ନକଲି ବ୍ରାଣ୍ଡ୍। ତେଲ, ଲୁଣ, ହଳଦୀ, ସସ୍, ଡିଟରଜେଣ୍ଟ, ଦୁଗ୍ଧ, ଘିଅ, ପନିରଠାରୁ ଆରମ୍ଭକରି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଭେଜାଲ ବଜାରକୁ କବଳିତ କରିଛି। ଗତ କିଛି ବର୍ଷ ହେବ ଏଭଳି ଅପମିଶ୍ରଣ ରାଜ୍ୟରେ ବଢ଼ି ବଢ଼ି ଚାଲିଛି, ଯାହାର କୁପରିଣାମ ଖାଉଟିଙ୍କୁ ଭୋଗିବାକୁ ପଡୁଛି। ବଜାରରେ ମିଳୁଥିବା ଖାଦ୍ୟସାମଗ୍ରୀ କେତେ ☞ପୃଷ୍ଠା-୪

## ୮୦ କୁଇଣ୍ଟାଲ ନକଲି ଲୁଣ, ସର୍ଫ ଜବତ

ଫୁଲନଖରା/ବାଲିଅନ୍ତା,୫।୯(ଡି.ଏନ୍.ଏ.)

କଟକରେ ବିଭିନ୍ନ ସାମଗ୍ରୀର ନକଲି ଧରାପଡୁଥିବା ବେଳେ ଏବେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ ମଧ୍ୟ ନକଲି ସାମଗ୍ରୀ ବିକ୍ରି ହେଉଥିବା ଧରାପଡ଼ିଛି। ପାହାଳ ଥାନା ଅନ୍ତର୍ଗତ ଅଣ୍ଡିଲୋ ମୌଜାର ଅଟଳା ନିକଟସ୍ଥ ଶିବଶକ୍ତି ନଗର ଲେନ-୧୫ରେ ଥିବା ନକଲି ଲୁଣ ଓ ସର୍ଫ କାରଖାନାରେ ସୋମବାର ☞ପୃଷ୍ଠା-୪




# ୮ରୁ ଦକ୍ଷିଣ, ୧୧ରୁ ଉପକୂଳରେ ପ୍ରବଳ ବର୍ଷା

ଭୁବନେଶ୍ୱର,୫।୯(ବ୍ୟୁରୋ)

ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ଦିନର ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି। ଆହୁରି ୨ ଦିନ ଏଭଳି ପାଗ ଲାଗି ରହିବ। ତେବେ ଆସନ୍ତା ୮ରୁ ପାଗରେ ପରିବର୍ତ୍ତନ ହେବ। ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସେପ୍ଟେମ୍ବର ୮ ରୁ ୧୦ ତାରିଖ ଯାଏ ପ୍ରବଳ ବର୍ଷା ହେବ। ସେହିପରି ୧୧ରୁ ୧୩ ତାରିଖ ଯାଏ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ମାତା ମାତାଲ

## ଆଜିର ମନ୍ତବ୍ୟ

"ତ୍ରୁଟିପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ସଡ଼କ ଦୁର୍ଘଟଣା ପାଇଁ ଦାୟୀ। ରାଜପଥ ନିର୍ମାଣ ଲାଗି ଉପଯୁକ୍ତ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ନିମନ୍ତେ କମ୍ପାନୀଗୁଡ଼ିକ ତାଲିମ ନେବା ଆବଶ୍ୟକ।

– ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ

ମାତୃଭାଷାରେ ଶିକ୍ଷା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱ ପୃଷ୍ଠା-୩









# ଡାଉନିଂ ଷ୍ଟ୍ରିଟ୍‌ରେ ଲିଜ୍ ଟ୍ରସ୍



ବ୍ରିଟେନ୍‌ର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ

## ମଜଭୁତ ହେବ ଭାରତ-ବ୍ରିଟେନ ସମ୍ପର୍କ

ଲଣ୍ଡନ,୫।୯

କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ତଥା ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବା ଲିଜ୍ ଟ୍ରସ୍ ଭାରତ-ବ୍ରିଟେନ୍ ମଧ୍ୟରେ ରଣନୈତିକ, ଅର୍ଥନୈତିକ ସମ୍ପର୍କକୁ ମଜଭୁତ୍ ସପକ୍ଷରେ ଥିବା ବରିଷ୍ଠ ବ୍ରିଟିଶ୍ ରାଜନେତାଙ୍କ ମଧ୍ୟରୁ ଅନ୍ୟତମ। ଟ୍ରସ୍ ଅନ୍ତର୍ଜାତୀୟ ବାଣିଜ୍ୟ ସଚିବ ଥିବାବେଳେ ଗତବର୍ଷ ମେ'ରେ ବୋରିସ୍ ଜନ୍‌ସନ ସରକାରଙ୍କ ପକ୍ଷରୁ ଭାରତ ସହ ତ୍ୱରାନ୍ୱିତ ବାଣିଜ୍ୟିକ ସହଭାଗିତା (ଇଟିପି) ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନର ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଆଲୋଚନାକୁ ଆଗକୁ ବଢ଼ାଇବାରେ ଏଇଠୁ ମୂଳଦୁଆ ପଡ଼ିଥିଲା। ୪୭ ବର୍ଷୀୟା ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ଟ୍ରସ୍ ଭାରତ ଗସ୍ତ କରିବା ସହ ଏକାଧିକ ଥର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଟ୍ରସ୍ ଭାରତକୁ 'ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ସୁଯୋଗ' ବୋଲି ଅଭିହିତ କରିଥିଲେ। ଇଟିପିରେ ସ୍ୱାକ୍ଷର କରିବା ପରେ ଟ୍ରସ୍ କହିଥିଲେ, ସେ ବାଣିଜ୍ୟ କ୍ଷେତ୍ରରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ଏକ ମଧୁର ସମ୍ପର୍କ ପ୍ରତିଷ୍ଠ ହେଉଥିବା ଦେଖୁଛନ୍ତି। ଏହି ବିସ୍ତୃତ ବାଣିଜ୍ୟିକ ରାଜିନାମାରେ ଆର୍ଥିକ ସେବାଠୁ ନେଇ ଆଇନଗତ ସେବା, ଡିଜିଟାଲ, ଡାଟା ତଥା ସାମଗ୍ରୀ ଓ କୃଷି କ୍ଷେତ୍ର ଅନ୍ତର୍ଭୁକ୍ତ। ଚୁକ୍ତିନାମା ଫଳରେ ଉଭୟ ପକ୍ଷ ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ନିମ୍ନ ଟିକସ ବସାଇବେ ବୋଲି ଟ୍ରସ୍ ଆଶାବ୍ୟକ୍ତ କରିଥିଲେ। ବହିର୍ବ୍ୟାପାର ମନ୍ତ୍ରୀ ରୂପେ ପଦୋନ୍ନତି ପାଇବା ପରେ ଟ୍ରସ୍ ଡିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ (ଡିଆଇଟି) ଭାର ଆନ୍ନେ ମାରିଏ-ଟ୍ରେଭେଲ୍ୟାନ୍‌ଙ୍କୁ ଦେଇଥିଲେ, ଯିଏକି ବାଣିଜ୍ୟ ସଚିବ ଭାବେ ଭାରତ ସହ ଏଫ୍‌ଟିଏ ଆଲୋଚନାକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। ନିଟକରେ ନିଜ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ କ୍ୟାମ୍ପେନ୍ ଟ୍ରାଏଲ୍ ବେଳେ ଟ୍ରସ୍ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ନେଇ ତାଙ୍କ ଆଭିମୁଖ୍ୟ ଦୋହରାଇଥିଲେ। ବୋରିସ୍ ଜନ୍‌ସନ ଚଳିତବର୍ଷ ଶେଷ ସୁଦ୍ଧା ଏଫ୍‌ଟିଏ ଚୂଡ଼ାନ୍ତ ହୋଇଯିବ ବୋଲି ପୂର୍ବରୁ ଘୋଷଣା କରିଥିବାବେଳେ ଟ୍ରସ୍ ଏହାକୁ ଆସନ୍ତା ଦୀପାବଳି ସୁଦ୍ଧା ସମ୍ପନ୍ନ କରାଯିବ ବୋଲି କହିଥିଲେ। ଏପରି କି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରତିରକ୍ଷା ଓ ସୁରକ୍ଷା ସହଭାଗିତାକୁ ତ୍ୱରାନ୍ୱିତ କରାଯିବ ବୋଲି ଟ୍ରସ୍ ଏକାଧିକ ଥର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଋଷି ସୁନକ ନିରାଶ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଦୌଡ଼ରେ ପଛରେ ପଡ଼ିଯାଇଥିବା ୪୨ ବର୍ଷୀୟ ରିଚ୍‌ମଣ୍ଡ ଏମ୍‌ପି ଋଷି ସୁନକ ଶେଷ ପର୍ଯ୍ୟାୟ ମତଦାନରେ ଫ୍ରଣ୍ଟରନର୍ ଲିଜ୍ ଟ୍ରସ୍‌ଙ୍କଠାରୁ ପ୍ରାୟ ୨୧ ହଜାର ଭୋଟରେ ପରାଜିତ ହୋଇଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ସୁନକ ବୋରିସ୍ ଜନ୍‌ସନ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଥିବାବେଳେ କରୋନା ମହାମାରୀ ସମୟରେ ସଂସ୍କାରମୂଳକ ପଦକ୍ଷେପ ନେଇ ବ୍ରିଟେନବାସୀଙ୍କ ପ୍ରିୟପାତ୍ର ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ବୋରିସ୍‌ଙ୍କ ନେତୃତ୍ୱ ପ୍ରତି ସନ୍ଦେହ ବ୍ୟକ୍ତ କରି ସେ ହିଁ ତାଙ୍କ ଉପରେ ଇସ୍ତଫା ଦେବା ପାଇଁ ଚାପ ସୃଷ୍ଟି କରିଥିଲେ। ସୁନକଙ୍କ ଇସ୍ତଫା ପରେ କଞ୍ଜରଭେଟିଭ୍ ପାର୍ଟିର ଅନେକ ନେତା ଓ ମନ୍ତ୍ରୀ ନିଜ ପଦ ଛାଡ଼ିଥିଲେ। ଜୁଲାଇ ୧୩ରେ ୧୦ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ଶାସକ ଦଳର ୮ ଏମ୍‌ପି ସାମିଲ ଥିଲେ। ସେମାନେ ହେଲେ ଲିଜ୍ ଟ୍ରସ୍, ଋଷି ସୁନକ, ପେନି ମୋର୍ଡଣ୍ଟ, ନଧିମ୍ ଜହାୱି, ଟମ୍ ଟୁଗେନ୍‌ଧାତ୍, ସୁଲେଲା ବ୍ରେଭରମ୍ୟାନ, ଜେରେମି ହଣ୍ଟ ଏବଂ କେମି ବେଡେନୋକ୍। ବ୍ରିଟେନ୍‌ରେ ବସବାସ କରୁଥିବା ୧.୫ ନିୟୁତ ଭାରତୀୟ ବଂଶୋଦ୍ଭବ ଏବଂ କଞ୍ଜରଭେଟିଭ୍ ପାର୍ଟିର ଏକ ବଡ଼ ଗୋଷ୍ଠୀ ତାଙ୍କୁ ସମର୍ଥନ କରିଥିଲେ। ଏସବୁ ସତ୍ତ୍ୱେ ସୁନକଙ୍କ ପରାଜୟ ତାଙ୍କୁ ନିରାଶ କରିଛି।

> "ଏହି ଅଭିଯାନରେ ମୋ ସପକ୍ଷରେ ମତଦାନ କରିଥିବା ସମସ୍ତଙ୍କୁ ଧନ୍ୟବାଦ। କଞ୍ଜରଭେଟିଭ୍‌ମାନେ ଗୋଟିଏ ପରିବାର ବୋଲି ମୁଁ ମୂଳରୁ କହିଆସୁଛି। ନୂଆ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ପଛରେ ଛିଡ଼ାହୋଇ ଆମେ ସମସ୍ତେ ଏକାଠି ହେବାର ସମୟ ଉପନୀତ। ଏହି କଠିନ ସମୟରେ ସେ ବ୍ରିଟେନକୁ ଏକ ସଫଳ ନେତୃତ୍ୱ ଦେବେ ବୋଲି ଆଶା।
>
> -ଋଷି ସୁନକ, ପରାଜିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ



## ପରିଚୟ ଓ ଆହ୍ୱାନ

**ଋଷିଆ-ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଭଳି ଜଟିଳ ପରିସ୍ଥିତି ଦେଇ ଗତି କରୁଥିବା ବ୍ରିଟେନ ସୋମବାର ନୂଆ ନେତା ପାଇଛି। ଏସବୁର ସମାଧାନ କରି ନିଜ ପ୍ରତିଶ୍ରୁତି ରକ୍ଷା କରିବା ଲିଜ୍ ଟ୍ରସ୍‌ଙ୍କ ପାଇଁ ସବୁଠି ବଡ଼ ଚ୍ୟାଲେଞ୍ଜ ହେବ। ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍ ଏହି ଆହ୍ୱାନଗୁଡ଼ିକର ମୁକାବିଲା କରି କିପରି ବ୍ରିଟେନବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ତାଙ୍କ କ୍ୟାରିୟର ଓ ସଫଳତା ସମ୍ପର୍କରେ ସଂକ୍ଷିପ୍ତ ଅବତାରଣା...**

➥୧୯୭୫ରେ ଅକ୍ସଫୋର୍ଡରେ ଜନ୍ମିତ ଲିଜ୍ ଟ୍ରସ୍ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଦର୍ଶନ ଶାସ୍ତ୍ର, ରାଜନୀତି ଓ ଅର୍ଥନୀତିରେ ପାଠ ପଢ଼ିବା ବେଳେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ।

➥ସାଉଥ୍ ୱେଷ୍ଟ ନୋରଫକ୍ ଏମ୍‌ପି ଟ୍ରସ୍ ୨୦୧୦ରୁ ଏହି ଆସନରେ ଦୁଇଥର ବିଜୟୀ ହୋଇଥିଲେ। ସେ ଡେଭିଡ୍ କାମେରନ୍, ଥେରେସା ମେ' ଏବଂ ବୋରିସ୍ ଜନ୍‌ସନଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ବିଭିନ୍ନ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇ ନିଜ ବିଚକ୍ଷଣତାର ପରିଚୟ ଦେଇଛନ୍ତି।

➥ଟ୍ରସ୍ ଟ୍ରେଜେରି ଚିଫ୍ ସେକ୍ରେଟାରି ହେବା ପୂର୍ବରୁ ଥେରେସା ମେ'ଙ୍କ ଅଧୀନରେ ନ୍ୟାୟ ସଚିବ ଭାବେ କାର୍ଯ୍ୟ କରିଥିଲେ।

➥୨୦୧୯ରେ ବୋରିସ୍ ଜନ୍‌ସନଙ୍କ ଅଧୀନରେ ଟ୍ରସ୍ ଅନ୍ତର୍ଜାତୀୟ ବାଣିଜ୍ୟିକ ସଚିବ ଦାୟିତ୍ୱ ତୁଲାଇଥିଲେ। ୨୦୨୧ରେ ତାଙ୍କୁ ବହିର୍ବ୍ୟାପାର ସଚିବ ନିଯୁକ୍ତ କରାଯାଇଥିଲା।

➥ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍ ହେଉଛନ୍ତି ୨୦୧୫ ସାଧାରଣ ନିର୍ବାଚନ ପରେ କଞ୍ଜରଭେଟିଭ୍ ପାର୍ଟିର ଚତୁର୍ଥ ପ୍ରଧାନମନ୍ତ୍ରୀ।

➥ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନଙ୍କ ମତରେ ଲିଜ୍ ଟ୍ରସ୍ ବ୍ରେକ୍‌ଜିଟ୍ (ୟୁରୋପରୁ ବ୍ରିଟେନ ଅଲଗା ହେବା)କୁ ପ୍ରଥମେ ବିରୋଧ କରୁଥିଲେ। ୨୦୧୬ ବ୍ରେକ୍‌ଜିଟ୍ ଗଣଭୋଟ ବେଳେ ସେ ଏହାକୁ ବିରୋଧ କରିଥିଲେ ହେଁ ପରବର୍ତ୍ତୀ ସମୟରେ ବୋରିସ ଜନ୍‌ସନଙ୍କ କ୍ୟାବିନେଟର ସଦସ୍ୟ ରୂପେ ସମର୍ଥନ କରିଥିଲେ।

➥ଟ୍ରସ୍ ନିର୍ବାଚିତ ହେଲେ ସପ୍ତାହେ ମଧ୍ୟରେ ବ୍ରିଟେନର ବ୍ୟୟ ସଙ୍କଟ ଓ ଶକ୍ତି ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରସ୍ କହିଥିଲେ, ଭବିଷ୍ୟତରେ ଇନ୍ଧନ ଯୋଗାଣ ଓ ଏନର୍ଜି ବିଲ୍ ସମସ୍ୟାର ସମାଧାନ ପାଇଁ ତାଙ୍କ ପାଖରେ ଏକ ବ୍ଲୁ ପ୍ରିଣ୍ଟ ରହିଛି।

➥ଟିକସ ବୃଦ୍ଧିର ପରମ୍ପରାକୁ ଚ୍ୟାଲେଞ୍ଜ କରି ମୁଦ୍ରାସ୍ଫୀତି ଉପରେ ରୋକ୍ ଲଗାଯିବ ବୋଲି ମାସାଧିକ କାଳର ଲିଡରଶିପ୍ କ୍ୟାମ୍ପେନ୍ ବେଳେ ୪୭ ବର୍ଷୀୟା ଟ୍ରସ୍ ସଙ୍କେତ ଦେଇଥିଲେ।



ଲିଜ୍ ଟ୍ରସ୍

ମାର୍ଗାରେଟ୍ ଥାଚର



ଥେରେସା ମେ



ମାର୍ଗାରେଟ୍ ଥାଚର ଓ ଥେରେସା ମେ'ଙ୍କ ପରେ ଟ୍ରସ୍ ହେଉଛନ୍ତି ବ୍ରିଟେନର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ। କଞ୍ଜରଭେଟିଭ୍ ପାର୍ଟିର ଥାଚର ୧୯୭୯ରୁ ୧୯୯୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ସେହିପରି ଏହି ଦଳର ଥେରେସା ମେ' ୨୦୧୬ରୁ ୨୦୧୯ ଯାଏ ଶାସନ କ୍ଷମତାରେ ଥିଲେ।

## ପ୍ରୀତି ପଟେଲ ଇସ୍ତଫା ଦେଲେ



ପ୍ରୀତି ପଟେଲ

ଲିଜ୍ ଟ୍ରସ୍ ବ୍ରିଟେନ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେବା ପରେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରୀତି ପଟେଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇଦେଇଛନ୍ତି। ମନ୍ତ୍ରୀ ପଦରେ ନ ରହି ଟ୍ରସ୍‌ଙ୍କୁ ସମର୍ଥନ ଦେବେ ବୋଲି ପ୍ରୀତି ଏଥିରେ ଉଲ୍ଲେଖ କରିଛନ୍ତି। ୫୦ ବର୍ଷୀୟା ଗୁଜରାଟ ବଂଶୋଦ୍ଭବ ପ୍ରୀତି ୨୦୧୯ ଜୁଲାଇରେ ବୋରିସ୍‌ଙ୍କ କ୍ୟାବିନେଟରେ ହୋମ୍ ସେକ୍ରେଟାରି ନିଯୁକ୍ତ ହୋଇଥିଲେ। ସେ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ନାହିଁ। ତାଙ୍କ ସ୍ଥାନରେ ଗୋଆ ବଂଶୋଦ୍ଭବ ସୁଲେଲା ବ୍ରାଭରମ୍ୟାନ୍‌ଙ୍କୁ ନୂଆ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଯୁକ୍ତ କରାଯାଇପାରେ ବୋଲି କୁହାଯାଉଛି। ଆଟର୍ନି ଜେନେରାଲ ସୁଲେଲା ମଧ୍ୟ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିଲେ। ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀ ଋଷି ସୁନକ ଟ୍ରସ୍‌ଙ୍କ ନୂଆ ଟିମ୍‌ରେ ସାମିଲ ହେବେ ନାହିଁ ବୋଲି ପୁଣିଥରେ ସଙ୍କେତ ଦେଇଛନ୍ତି।

### ସୁଲେଲା ହେବେ ନୂଆ ସ୍ୱରାଷ୍ଟ୍ର ମନ୍ତ୍ରୀ



## କ'ଣ କରିବେ ବୋରିସ୍ ଜନ୍‌ସନ



ତିନିବର୍ଷ ତଳେ କଞ୍ଜରଭେଟିଭ୍ ପାର୍ଟି ପାଇଁ ୩ ଦଶନ୍ଧିର ସବୁଠୁ ବଡ଼ ବିଜୟ ଆଣିଦେଇଥିବା ବୋରିସ୍ ଜନ୍‌ସନ ମଙ୍ଗଳବାର ଡାଉନିଂ ଷ୍ଟ୍ରିଟ୍‌ରୁ ବିଦାୟ ନେବାକୁ ଯାଉଛନ୍ତି। ପିଲାବେଳେ 'ୱାର୍ଲ୍ଡ କିଙ୍ଗ୍' ହେବାକୁ ସ୍ୱପ୍ନ ଦେଖିଥିବା ଏହି ୫୮ ବର୍ଷୀୟ ନେତା ଏବେ ନିଜ ପରବର୍ତ୍ତୀ କ୍ୟାରିୟର ପ୍ଲାନିଂ କରୁଛନ୍ତି। ତାଙ୍କ ଜୀବନୀ ପୁସ୍ତକ ଲେଖିଥିବା ଆଣ୍ଡ୍ରିଉ ଗ୍ରିମ୍ ସନ କହିଛନ୍ତି, ବୋରିସ୍ ବିଭିନ୍ନ ସ୍ଥାନରେ ଚର୍ଚ୍ଚ ପାଇଁ ଭଲ କାମ କରିବେ। ଏଥିସହ ଏକ ନିର୍ବିବାଦୀୟ ଜୀବନ ବିତାଇବାକୁ ପସନ୍ଦ କରିବେ। ବୋରିସ୍ ଜନ୍‌ସନ ରାଜନୀତିକୁ ଆସିବା ପୂର୍ବରୁ ସାମ୍ବାଦିକତାରେ ସୁନାମ ଅର୍ଜନ କରିଥିଲେ। ସେ ଅନେକ ଖବରକାଗଜ ପାଇଁ ଲେଖାଲେଖି କରୁଥିଲେ। ଡେଲି ଟ୍ରେଲିଗ୍ରାଫ୍‌ରେ ଏକ ସାପ୍ତାହିକ ସ୍ତମ୍ଭ ରଚନା ପାଇଁ ତାଙ୍କୁ ବାର୍ଷିକ ୨୭୫,୦୦୦ ପାଉଣ୍ଡ ଦିଆଯାଉଥିଲା। ବୋରିସ୍ ନିଜ ପ୍ରଧାନମନ୍ତ୍ରିତ୍ୱ ସମୟର ଘଟଣାବଳୀକୁ ନେଇ ଏକ ପୁସ୍ତକ ଲେଖିଲେ ତାଙ୍କୁ ୧ ନିୟୁତ ପାଉଣ୍ଡ ପ୍ରଦାନ କରାଯାଇପାରେ ବୋଲି ଲେଖକମାନେ ଅନୁମାନ କରିଛନ୍ତି। ପ୍ରକାଶ ଯେ, ବୋରିସ୍ ଏହା ପୂର୍ବରୁ ୮ଟି ପୁସ୍ତକ ଲେଖିଥିଲେ।

## ଆରମ୍ଭରୁ ଋଷିଆର ଶତ୍ରୁତା

ଲିଜ୍ ଟ୍ରସ୍ ନୂଆ ନେତା ଭାବେ ଦାୟିତ୍ୱ ନ ନେଉଣୁ ଋଷିଆ ଶତ୍ରୁତାପୂର୍ଣ୍ଣ ଆଚରଣ କରିଛି। ଋଷିଆର ୟୁକ୍ରେନ୍ ଆକ୍ରମଣ ପରେ ଟ୍ରସ୍ ମସ୍କୋ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଋଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ ଗତ ମାର୍ଚ୍ଚ ୩୧ରେ ଭାରତ ଆସିଥିବାବେଳେ ତତ୍କାଳୀନ ବ୍ରିଟେନ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ଦିଲ୍ଲୀ ଗସ୍ତ କରିଥିଲେ। ସେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏଥିସହ ଋଷିଆ ବିରୋଧରେ କଟକଣା ଜାରି କରିବାରେ ଭାରତ ମଧ୍ୟ ସାମିଲ ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବର୍ଷ ଆରମ୍ଭରେ ଟ୍ରସ୍‌ଙ୍କ ସହ ଆଲୋଚନା ବେଳର ତିକ୍ତ ଅନୁଭୂତିକୁ ଲାଭ୍ରୋଭ୍ ମନେପକାଇ କହିଛନ୍ତି, ସାକ୍ଷାତ ସମୟରେ ଦୁଇଜଣ ମୂକ ଓ ବଧିରଙ୍କ ଭଳି ଆଲୋଚନା ହୋଇଥିଲା। ରାଜନୈତିକ ସମୀକ୍ଷକଙ୍କ ମତରେ ଟ୍ରସ୍ ଋଷିଆ ପ୍ରତି ବ୍ରିଟେନର ପୂର୍ବ ଆଭିମୁଖ୍ୟକୁ ବଜାୟ ରଖି ୟୁକ୍ରେନକୁ ସାମରିକ ସହାୟତା ପ୍ରଦାନ ଜାରି ରଖିବେ। ତେଣୁ କ୍ରେମ୍‌ଲିନ ବିରୋଧୀ ଟ୍ରସ୍‌ଙ୍କୁ ଅପଦସ୍ଥ କରିବା ଲାଗି ଋଷିଆ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ।

## ଚର୍ଚ୍ଚିଲଙ୍କଠୁ ନେଇ ଟ୍ରସ୍

### ଏଲିଜାବେଥ୍ ଦ୍ୱିତୀୟଙ୍କ ଅମଳରେ ୧୬ ପ୍ରଧାନମନ୍ତ୍ରୀ



ବ୍ରିଟେନ୍‌ର ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବା ପରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ଲିଜ୍ ଟ୍ରସ୍‌ଙ୍କୁ ନୂଆ ସରକାର ଗଠନ କରିବା ପାଇଁ ପରାମର୍ଶ ଦେବେ। ୯୬ ବର୍ଷୀୟା ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନକାଳରେ ଟ୍ରସ୍ ହେବେ ଦେଶର ପଞ୍ଚଦଶ ପ୍ରଧାନମନ୍ତ୍ରୀ। ୧୯୫୨ରେ ମହାରାଣୀଙ୍କ ରାଜାଭିଷେକ ପରଠାରୁ ୧୦ ଡାଉନିଂ ଷ୍ଟ୍ରିଟ୍ ଦଖଲ କରିଥିବା ଟ୍ରସ୍‌ଙ୍କ ପୂର୍ବସୁରୀମାନଙ୍କ ତାଲିକା ଉପରେ ଏକ ନଜର...

୧. ୱିନ୍‌ଷ୍ଟନ୍ ଚର୍ଚ୍ଚିଲ (କଞ୍ଜରଭେଟିଭ୍, ୧୯୫୧-୫୫ )
୨. ଆଣ୍ଟୋନି ଏଡେନ୍ (କଞ୍ଜରଭେଟିଭ୍, ୧୯୫୫-୫୭)
୩. ହାରୋଲ୍ଡ ମ୍ୟାକ୍‌ମିଲାନ୍ (କଞ୍ଜରଭେଟିଭ୍, ୧୯୫୭-୬୩)
୪. ଆଲେକ୍ ଡଗ୍‌ଲାସ୍-ହୋମ୍ (କଞ୍ଜରଭେଟିଭ୍, ୧୯୬୩-୬୪)
୫. ହାରୋଲ୍ଡ ୱିଲ୍‌ସନ୍ (ଲେବର୍, ୧୯୬୪-୭୦)
୬. ଏଡ୍‌ୱାର୍ଡ ହିଥ୍ (କଞ୍ଜରଭେଟିଭ୍, ୧୯୭୦-୭୪)
୭. ହାରୋଲ୍ଡ ୱିଲ୍‌ସନ୍ (ଲେବର, ୧୯୭୪-୭୬)
୮. ଜେମ୍ସ କାଲ୍ଲାଘାନ୍ (ଲେବର, ୧୯୭୬-୭୯)
୯. ମାର୍ଗାରେଟ୍ ଥାଚର (କଞ୍ଜରଭେଟିଭ୍, ୧୯୭୯-୯୦)
୧୦. ଜନ୍ ମେଜର (କଞ୍ଜରଭେଟିଭ୍, ୧୯୯୦-୯୭)
୧୧. ଟୋନି ବ୍ଲେୟାର (ଲେବର, ୧୯୯୭-୨୦୦୭)
୧୨. ଗର୍ଡନ୍ ବ୍ରାଉନ୍ (ଲେବର, ୨୦୦୭-୧୦)
୧୩. ଡେଭିଡ୍ କାମେରନ୍ (କଞ୍ଜରଭେଟିଭ୍, ୨୦୧୦-୧୬)
୧୪. ଥେରେସା ମେ' (କଞ୍ଜରଭେଟିଭ୍, ୨୦୧୬-୧୯)
୧୫. ବୋରିସ୍ ଜନ୍‌ସନ (କଞ୍ଜରଭେଟିଭ୍, ୨୦୧୯-୨୨)
୧୬. ଲିଜ୍ ଟ୍ରସ୍ (କଞ୍ଜରଭେଟିଭ୍, ୨୦୨୨-...)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୪,୯୬,୬୨୨ | ୬୫,୦୪,୩୯୧ | ୫୮,୭୪,୩୦,୧୩୧ |
| ଭାରତ | ୪,୪୪,୬୨,୪୪୫ | ୫,୨୮,୦୦୭ | ୪,୩୮,୮୦,୪୭୪ |
| ଓଡ଼ିଶା | ୧୩,୨୮,୭୪୪ | ୯୧୮୧(+୫୩) | ୧୩,୧୮,୦୬୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୭ହଜାର ଶିକ୍ଷକ ପଦବୀ ପୂରଣ ହେବ

**ଭୁବନେଶ୍ୱର, ୫।୯(ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ପୂରଣ ହେବ ଆଉ ୭ହଜାର ଶିକ୍ଷକ ପଦବୀ। ଆସନ୍ତା ମାସରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, ଗୁଣାତ୍ମକ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୧୩ହଜାର ଶିକ୍ଷକ ନିଯୁକ୍ତି ପାଇସାରିଛନ୍ତି। ଏବେ ଆଉ ୭ହଜାର ଶିକ୍ଷକ ପଦବୀ ପୂରଣ ହେବ। ସେପଟେ ଗୁରୁଦିବସ ଉପଲକ୍ଷେ ଶିକ୍ଷକଙ୍କୁ ପ୍ରଣାମ ଜଣାଇବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ମନ୍ତ୍ରୀ। ସେ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ତାଙ୍କ ଗୁରୁଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିଛନ୍ତି। କୋଭିଡ୍ ସମୟରେ ପାଠପଢ଼ା ଅବଦାନ ଅତୁଳନୀୟ। ଦଶମ ଓ ଦ୍ୱାଦଶ ପାଠପଢ଼ା ସହ ପରୀକ୍ଷା କରି ରେଜଲ୍ଟ ପ୍ରକାଶ କରାଇବାରେ ଆମେ ସକ୍ଷମ ହୋଇପାରିଛୁ। ଗୁରୁଦିବସକୁ ସଙ୍କଳ୍ପ ଦିବସ ଭାବେ ଗ୍ରହଣ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ପୁରସ୍କାର ପାଇଥିବା ରାଜ୍ୟର ଏକମାତ୍ର ଶିକ୍ଷକ ଈଶ୍ୱର ନାୟକଙ୍କୁ ମନ୍ତ୍ରୀ ଦାଶ ଅଭିନନ୍ଦନ ଜଣାଇଛନ୍ତି।

### ରାଜପଥ ହେବ 'କର୍ତ୍ତବ୍ୟ ପଥ'

**ନୂଆଦିଲ୍ଲୀ,୫।୯:** ନୂଆଦିଲ୍ଲୀର କେନ୍ଦ୍ରସ୍ଥଳରେ ଥିବା ରାଜପଥ ଏବଂ ଖୁବ୍‌ଶୀଘ୍ର ଉଦ୍‌ଘାଟିତ ହେବାକୁ ଯାଉଥିବା ସେଣ୍ଟ୍ରାଲ ଭିଷ୍ଟା ଲନ୍ ନୂଆ ନାଁରେ ପରିଚିତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟିଶ ଶାସନ ସମୟର ନାଁ ଓ ଚିହ୍ନ ହଟାଇବା ଉପରେ ଗୁରୁତ୍ୱ ଦେଉଥିବାରୁ ଉକ୍ତ ଅଞ୍ଚଳକୁ କର୍ତ୍ତବ୍ୟ ପଥ (ପାଥ୍ ଅଫ୍ ଡ୍ୟୁଟି) ଭାବେ ନାମିତ କରାଯିବ। ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିଠାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ କର୍ତ୍ତବ୍ୟ ପାଥ୍ ହେବ। ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ଉପନିବେଶୀୟ ଚିହ୍ନ ଓ ମନୋଭବ ଉଚ୍ଛେଦ ଉପରେ ଜୋର୍ ଦେଇଥିଲେ। ସେହି ଅନୁଯାୟୀ ନିକଟରେ ନୌସେନାର ପତାକାକୁ ବଦଳାଯାଇଛି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଠିକଣା ରେସ୍‌କୋର୍ସ ରୋଡରୁ ଲୋକକଲ୍ୟାଣ ମାର୍ଗକୁ ପରିବର୍ତ୍ତନ କରାଯାଇଥିଲା।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିମାପଡ଼ାର ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରୁଛନ୍ତି।

# ମାତୃଭାଷାରେ ଶିକ୍ଷା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱ

### ଗୁରୁଦିବସରେ ୪୭ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର
### ନିମାପଡ଼ାର ଈଶ୍ୱର ଚନ୍ଦ୍ର ନାୟକ ସମ୍ମାନିତ

**ନୂଆଦିଲ୍ଲୀ,୫।୯**

ବିଦ୍ୟାଳୟ ଶିକ୍ଷାକ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୪୭ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଗୁରୁଦିବସ ଅବସରରେ ଜାତୀୟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁରସ୍କୃତ ଶିକ୍ଷକଙ୍କ ମଧ୍ୟରେ ଓଡ଼ିଶାର ଈଶ୍ୱର ଚନ୍ଦ୍ର ନାୟକ ଅଛନ୍ତି। ପୁରୀ ଜିଲା ନିମାପଡ଼ା ବ୍ଲକ ଗଡ଼ପଦନପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍ଗୁରୁଷପାଟଣା ଗ୍ରାମରେ ଶିକ୍ଷକ ନାୟକଙ୍କ ଜନ୍ମ। ସମ୍ପ୍ରତି ସେ ନିମାପଡ଼ା ବ୍ଲକ ଶଗଡ଼ା ପଞ୍ଚାୟତ ଅଧୀନ କାନପୁର ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ୨୦୧୭ରେ ସେ ରାଜ୍ୟ ଶିକ୍ଷକ ସମ୍ମାନ ପାଇଥିଲେ। ସେ ବହୁ ପୁସ୍ତକ ରଚନା କରିଥିବାବେଳେ ଅନେକ ପୁରସ୍କାର ଲାଭ କରିଛନ୍ତି। ତାଙ୍କ ରଚିତ 'ଅଳିଆରୁ ଅ ଆ' ପୁସ୍ତକ ପୁରସ୍କୃତ ଓ ପ୍ରଶଂସିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନାୟକଙ୍କୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ ଶିକ୍ଷାବିତ୍ ଅଭିନନ୍ଦନ ଜଣାଇଛନ୍ତି।

ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ବିଜ୍ଞାନ, ସାହିତ୍ୟ ଓ ସାମାଜିକ ବିଜ୍ଞାନରେ ମେଧା ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ମାତୃଭାଷାରେ ଶିକ୍ଷାଦାନ ଦ୍ୱାରା ଏହା ଅଧିକ ପ୍ରଭାବୀ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। ସେଥିପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ରେ ସ୍କୁଲ୍ ଶିକ୍ଷା ଏବଂ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ପିଲାମାନଙ୍କଠାରେ ପ୍ରଶ୍ନ ପଚାରିବାର ଅଭ୍ୟାସ ବଢ଼ାଇବାକୁ ରାଷ୍ଟ୍ରପତି ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଅଧିକ ପ୍ରଶ୍ନ ପଚାରିବା ଓ ଉତ୍ତର ଦେବା ଦ୍ୱାରା ସେମାନଙ୍କ ସମସ୍ୟା ସମାଧାନ ହେବା ସହ ଜ୍ଞାନ ବୃଦ୍ଧି ହୋଇପାରିବ। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିଜ୍ଞାନ ଭବନରେ ଆୟୋଜିତ ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ଜାତୀୟ ଶିକ୍ଷକ ପୁରସ୍କାର ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ରାଷ୍ଟ୍ରପତି ତାଙ୍କ ସ୍କୁଲ୍ ଶିକ୍ଷକମାନଙ୍କ ଅବଦାନକୁ ମନେପକାଇଥିଲେ। ସେହି ଶିକ୍ଷକମାନଙ୍କ ପାଇଁ ସେ ତାଙ୍କ ଗ୍ରାମର ପ୍ରଥମ ଝିଅ ଭାବରେ କଲେଜ ଯାଇପାରିଥିଲେ। ଭାରତର ବିଦ୍ୟାଳୟ ଶିକ୍ଷା ବିଶ୍ୱର ସର୍ବବୃହତ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଗଣାଯାଉଥିବା ରାଷ୍ଟ୍ରପତି କହିଛନ୍ତି।

# ଦିଲ୍ଲୀରେ ଯାତ୍ରୀ, ଭୁବନେଶ୍ୱରରେ ବେଗ୍

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କାର ମିଳିଛି। ଏହି ଉତ୍ସବରେ ଯୋଗଦେବାକୁ ବିଜେଡିର ବହୁ ଆଗ ଧାଡ଼ିର ଯୁବ ଓ ଛାତ୍ର ନେତାମାନେ ଦିଲ୍ଲୀ ଯାଇଥିଲେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ କେତେକ ଯୁବ, ଛାତ୍ର ନେତା ତଥା ବିଧାୟକଙ୍କୁ ମିଶାଇ ମୋଟ ୧୬ ଜଣ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରୁଥିଲେ। ଦିଲ୍ଲୀ ବିମାନବନ୍ଦରରେ ସେହି ନେତାମାନେ ପହଞ୍ଚି ନିଜ ବେଗ୍‌ବସ୍ତାନିଗୁଡିକ ଚେକିଂ କରି ବିମାନ ଭିତରକୁ ଛାଡ଼ି ଦେଇଥିଲେ। ସେମାନେ ସନ୍ଧ୍ୟା ୮ଟା ୨୦ ମିନିଟ୍‌ରେ ଇଣ୍ଡିଗୋ ଏ୩୨୦ ବିମାନରେ ଫେରିବାର ଥିଲା। ବିମାନ ଛାଡ଼ିବାକୁ କିଛି ସମୟ ବିଳମ୍ବ ଥିବା ଜାଣି ସେମାନେ ସେଠାରେ ଥିବା ଏକ ମଦ ବାର୍ ଭିତରକୁ ପଶିଯାଇଥିଲେ।

ଧରିତ୍ରୀକୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କୁ ପୁରସ୍କାର ମିଳିବା ଖୁସିରେ ଉକ୍ତ ନେତାମାନେ ଆବଶ୍ୟକତାଠାରୁ ଅଧିକ ମଦ୍ୟପାନ କରିଦେଇଥିଲେ। ସେତେବେଳକୁ ସେମାନଙ୍କ ବେଗ୍ ଯାଇ ବିମାନ ଭିତରେ ରହିସାରିଥିଲା। ଅତ୍ୟଧିକ ମଦ୍ୟପାନ କରି ଯେତେବେଳେ ନେତାମାନେ ବିମାନକୁ ଯିବାକୁ ଚାହିଁଲେ ସେଠାରେ ସେମାନଙ୍କୁ ଚେକିଂ କରି ଅଟକାଯାଇଥିଲା। ସେମାନଙ୍କୁ ଆଉ ବିମାନ ଭିତରକୁ ଯିବାକୁ ଦିଆଗଲା ନାହିଁ। ଫଳରେ ବିମାନବନ୍ଦର ଭିତରେ ନିଶାସକ୍ତ ଅବସ୍ଥାରେ ସେହି ନେତାମାନେ ଏୟାରପୋର୍ଟର କେତେଜଣ ଅଧିକାରୀଙ୍କ ସହ ଯୁକ୍ତିତର୍କ ଆରମ୍ଭ କରିଦେଇଥିଲେ। ବିମାନରେ ଥିବା ଅଧିକାରୀ କିନ୍ତୁ ସେମାନଙ୍କୁ ନେବାକୁ ସିଧାସଳଖ ମନା କରିଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ ଯୁବ ବିଧାୟକ କିନ୍ତୁ ସମସ୍ତଙ୍କୁ ନେଇଯିବା ଲାଗି ଅଧିକାରୀଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ, ହେଲେ ତାହାର କିଛି ସୁଫଳ ମିଳିଲା ନାହିଁ। ଏପରିକି ସେମାନଙ୍କ ବିରୋଧରେ ମାମଲା ରୁଜୁହେବା ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ହେଲେ ଦିଲ୍ଲୀରେ ରହୁଥିବା କେତେଜଣ ବଡ଼ ନେତା ଏହି କଥାକୁ ଚାପିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଥିଲେ। ହେଲେ ବିମାନରେ ସେହି ସମସ୍ତ ନେତା ଫେରିପାରି ନ ଥିଲେ। ଟିକେଟ ଥାଇ ସୁଦ୍ଧା ବିମାନଟି ୧୬ଟି ଖାଲି ସିଟ୍ ସହ ଭୁବନେଶ୍ୱର ଫେରିଥିଲା। ନେତାମାନେ ସିନା ଆସିପାରି ନ ଥିଲେ ହେଲେ ସେମାନଙ୍କ ବେଗ୍ କିନ୍ତୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ଫେରିପାରି ନ ଥିବା ନେତା ସୋମବାର ଭିନ୍ନ ଭିନ୍ନ ସମୟରେ ଫେରିଥିବା ସୂଚନା ମିଳିଛି।

# ସ୍ୱତଃ ତାଲିକା ବ୍ୟବସ୍ଥା ଲାଗୁ କର: ସୁପ୍ରିମକୋର୍ଟ

### ଓଡ଼ିଶା ହାଇକୋର୍ଟଙ୍କୁ ପ୍ରସ୍ତାବ

**ନୂଆଦିଲ୍ଲୀ, ୫।୯**

ଓଡ଼ିଶା ହାଇକୋର୍ଟରେ ମାମଲାଗୁଡ଼ିକର ସ୍ୱତଃ ତାଲିକାଭୁକ୍ତ(ଅଟୋ ଲିଷ୍ଟିଂ) ପଦ୍ଧତି ଆପଣାଇବାକୁ ସୁପ୍ରିମକୋର୍ଟ ସୋମବାର ପ୍ରସ୍ତାବ ଦେଇଛନ୍ତି। ବିଚାରପତି ଏମ୍.ଆର୍. ଶାହା ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲାର ତାଲିକା(ଲିଷ୍ଟିଂ) ବ୍ୟବସ୍ଥାକୁ ତ୍ୱରିତ ଭିତ୍ତିରେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏପରି କି କୌଣସି ଏକ ମାମଲା ରୁଜୁ ହେବା ପରେ ତାହା ଯେପରି ୭ ରୁ ୧୦ଦିନ ମଧ୍ୟରେ ସ୍ୱତଃଭାବେ ଉପଯୁକ୍ତ କୋର୍ଟ ନିକଟରେ ତାଲିକାଭୁକ୍ତ ହୋଇପାରିବ ସେନେଇ ଅଟୋ ଲିଷ୍ଟିଂ ବ୍ୟବସ୍ଥାକୁ ଆପଣାଇବାକୁ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ସୌରଭ ଶେଖର ବେହେରା ତାଙ୍କ ମାମଲାର ଅଗ୍ରଗତି ସମ୍ପର୍କରେ ପ୍ରତି ସପ୍ତାହରେ ତାଲିକାଭୁକ୍ତ କରିବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଉକ୍ତ ଆବେଦନର ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଜାଣିବାକୁ ପାଇଥିଲେ ଯେ, ଆବେଦନକାରୀ ହାଇକୋର୍ଟଙ୍କ ନିକଟରେ ଏକ ରିଟ୍ ପିଟିଶନ ଦାଖଲ କରିଛନ୍ତି ଏବଂ ତାହା ଦୀର୍ଘଦିନ ହେବ ବିଚାର ଅପେକ୍ଷାରେ ରହିଥିବାବେଳେ ଶୁଣାଣି ନିମନ୍ତେ ତାଲିକାଭୁକ୍ତ ହେଉ ନ ଥିଲା। ହାଇକୋର୍ଟରେ ଆବେଦନ କରାଯାଉଥିବା ପ୍ରତ୍ୟେକ ଆବେଦନର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିକାଭୁକ୍ତ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଆବେଦନର ଏକ କିତା ନକଲ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପଠାଇବା ସହ ଉକ୍ତ ଆବେଦନକୁ ମୁଖ୍ୟ ବିଚାରପତିଙ୍କ ନିକଟରେ ଶୁଣାଣି କରିବାକୁ ଖଣ୍ଡପୀଠ କହିଛନ୍ତି। ଏଥିସହିତ ମାମଲାକୁ କିପରି ତ୍ୱରିତଭାବେ ତାଲିକାଭୁକ୍ତ କରାଯାଇପାରିବ ସେନେଇ ମୁଖ୍ୟ ବିଚାରପତି ଧ୍ୟାନଦେବାକୁ କହିଛନ୍ତି।



## ବଜ୍ରପାତରେ ୨ ମହିଳା ମୃତ

**ବାରିପଦା ଅଫିସ,୫।୯:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଞ୍ଚଳରେ ସୋମବାର ବଜ୍ରପାତରେ ୨ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ଦ୍ୱୟ ହେଲେ ବାହାଦୁରପୁର ଗ୍ରାମର ମାଳତୀ ମହାନ୍ତ(୫୫) ଓ ପାଣ୍ଡୁରା ଗ୍ରାମର ପାର୍ବତୀ ସିଂ(୪୫) । ଅପରାହ୍ନରେ ଛେଳି ଚରାଉଥିବା ବେଳେ ବଜ୍ରପାତ ଯୋଗୁ ଉଭୟ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ନେଲେ ସରେ ନାହିଁ
କି ବୋହୂ ଆଣିଲେ ପୂରେ ନାହିଁ**

ଝିଅକୁ ବିଭାଦେଇ ଶାଶୁଘରକୁ ପଠାଇଦେଲା ପରେ ବାପଘର ଲୋକସଂଖ୍ୟା କମିଯାଉଥିବା ବେଳେ ତାହା ବୋହୂ ଆସିବା ଦ୍ୱାରା ପୂରଣ ହୋଇଯାଇଥାଏ । ଠିକ୍ ସେମିତି ଝିଅ ବାହାଘର ବେଳେ ଯାନି ଯୌତୁକ ପାଇଁ ଖର୍ଚ୍ଚ କରାଯାଇଥିବା ଧନ ବୋହୂ ଆଣିବା ଦ୍ୱାରା ପୂରଣ ହୋଇଥାଏ । ଏହିଭଳି ଯୋଗ ବିଯୋଗ ପ୍ରକ୍ରିୟା ଯୋଗୁ ସଂଖ୍ୟା ଏବଂ ଧନର କୌଣସି ହାନିଲାଭ ଘଟି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଝିଅ ବୋହୂଙ୍କର ଲାଗଇ କଳି
ନିତି ପଡୁଥାଏ ଘରେ ବୋବାଳି**

ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ କଳହ ଉପୁଜେ, ସେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ । ଏଭଳି ନଣନ୍ଦ ଭାଉଜଙ୍କ କଳି ଝଗଡ଼ାରେ ପରିବାରର ଅନ୍ୟ ସଦସ୍ୟମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ଏଥର ବି ଦେଲେନି ରାଜ୍ୟ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର, ୫।୯(ବ୍ୟୁରୋ)

ପ୍ରୋତ୍ସାହନ ବଦଳରେ ପ୍ରହସନ କରୁଛି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଏଥର ବି ଗୁରୁଦିବସରେ ଦିଆଗଲାନି ରାଜ୍ୟ ଶିକ୍ଷକ ପୁରସ୍କାର । ୫ ବର୍ଷ ହେବ ଏହି ପୁରସ୍କାର ବନ୍ଦ ରହିଥିବାବେଳେ ଚଳିତ ବର୍ଷ ପୁରସ୍କାର ଦିଆଯିବ ଓ ଏଥିପାଇଁ ପ୍ରକ୍ରିୟା ଚାଲିଛି ବୋଲି କିଛିଦିନ ତଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ କହିଥିଲେ । ହେଲେ ପୁରସ୍କାର ପାଇବାକୁ ୫ବର୍ଷ ହେବ ଅପେକ୍ଷା କରିଥିବା ଶିକ୍ଷକମାନଙ୍କୁ ପୁଣି ନିରାଶ ହେବାକୁ ପଡିଛି । ଏହାକୁ ନେଇ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

୨୦୧୭ ବର୍ଷ ପାଇଁ ରାଜ୍ୟ ଶିକ୍ଷକ ପୁରସ୍କାର ପାଇବା ନିମନ୍ତେ ୫୭ ଜଣ ଶିକ୍ଷକ ମନୋନୀତ ହୋଇଥିଲେ । ୨୦୧୮ରେ ସେମାନଙ୍କୁ ପୁରସ୍କାର ଦିଆଯିବାର ଥିଲା । କିନ୍ତୁ ହାଇକୋର୍ଟରେ ଶିକ୍ଷକ ପୁରସ୍କାରକୁ ନେଇ ଏକ ମାମଲା ରୁଜୁ ହୋଇଥିବାରୁ ୨୦୧୮ରେ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଗଲାନାହିଁ । ଶିକ୍ଷକ ଚୟନ ପାଇଁ ନୂଆ ରିଜୋଲୁଶନ ଆଣି ୨୦୧୮ରୁ ଏହାକୁ ଲାଗୁ କରି ପୁରସ୍କାର ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଲେ । ଏଥିସହ ୨୦୧୭ ପାଇଁ ମନୋନୀତ ଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ ଲାଗି ମଧ୍ୟ ନିର୍ଦ୍ଦେଶ ଦେଲେ । ହେଲେ ବିଭାଗ ପକ୍ଷରୁ ତୁରନ୍ତ ରିଜୋଲୁଶନ କରାଗଲା ନାହିଁ କି ପୁରସ୍କାର ମଧ୍ୟ ଦିଆଗଲା ନାହିଁ । ୪ବର୍ଷ ବିତିଯିବା ପରେ ଚଳିତବର୍ଷ ଏପ୍ରିଲରେ ରାଜ୍ୟ ସରକାର ନୂଆ ରିଜୋଲୁଶନ ଆଣିଲେ । ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ଗତ ୪ବର୍ଷ ପାଇଁ ଏବଂ ୨୦୧୭ରେ ମନୋନୀତ ଶିକ୍ଷକଙ୍କୁ ପୁରସ୍କାର ଦିଆଯିବ ବୋଲି ନିଷ୍ପତ୍ତି ହେଲା । ଏ ନେଇ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ବିଭାଗକୁ ଚିଠି ମଧ୍ୟ ଲେଖାଗଲା । ୨୦୧୮, ୨୦୧୯, ୨୦୨୦ ଓ ୨୦୨୧ ବର୍ଷ ପାଇଁ ଶିକ୍ଷକ ଚୟନ କରିବା ସହ ୨୦୧୭ ପୁରସ୍କାର ତାଲିକା ପଠାଇବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏପ୍ରିଲ ୧୯ରେ ଚିଠି କରାଗଲା । ଜିଲାସ୍ତରରେ ଶିକ୍ଷକ ଚୟନ କରି ଜୁନ୍ ୭ ସୁଦ୍ଧା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ତାଲିକା ପଠାଇବାକୁ ନିର୍ଦ୍ଦେଶ ଦିଆଗଲା । ହେଲେ ଏହି ସମୟସୀମା ମଧ୍ୟରେ କୌଣସି ତାଲିକା ପ୍ରସ୍ତୁତ ହୋଇପାରିଲା ନାହିଁ । ସବୁଠାରୁ ବଡ଼ କଥା ହେଲା ବିଭାଗର ଅଧିକାରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ କଥାରେ ତାଳମେଳ ରହିଲା ନାହିଁ । ଗତ ୨୯ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ମର୍କତ କେଶରୀ ରାଏ 'ଧରିତ୍ରୀ'କୁ

### ଶିକ୍ଷକଙ୍କୁ ପ୍ରୋତ୍ସାହନ ନା ପ୍ରହସନ

- ୫ ବର୍ଷ ହେବ ବନ୍ଦ ରହିଛି
- ଅସନ୍ତୋଷ ପ୍ରକାଶ କଲେ ୨୦୧୭ ପାଇଁ ମନୋନୀତ ଶିକ୍ଷକ

ପ୍ରତିକ୍ରିୟା ରଖି କହିଥିଲେ, ଚଳିତବର୍ଷ ପୁରସ୍କାର ଦିଆଯିବ । ଏପରି କି ସବୁ ଜିଲାରୁ ମନୋନୀତ ଶିକ୍ଷକଙ୍କ ତାଲିକା ଆସିସାରିଛି ବୋଲି ମଧ୍ୟ ଦପ୍ତର ସହ ପ୍ରକାଶ କରିଥିଲେ । ତେଣୁ ଶିକ୍ଷକଙ୍କ ମନରେ ଆନନ୍ଦ ପ୍ରକାଶ ପାଇଥିଲା । ଚଳିତବର୍ଷ ପୁରସ୍କାର ପାଇବାକୁ ସେମାନେ ଆଶା ରଖିଥିଲେ । ହେଲେ ପୁରସ୍କାର ନ ମିଳିବା ପ୍ରସଙ୍ଗରେ ଏବେ କରୋନାକୁ ଆଳ ଦେଖାଯାଇଛି । ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଜୁଲାଇ ମାସରୁ ଶିକ୍ଷକମାନେ ଆବେଦନ କରିଥିଲେ ମଧ୍ୟ ମନୋନୟନ ପ୍ରକ୍ରିୟା ସାରିବାକୁ ସମୟ ଲାଗୁଛି । ତେଣୁ ଏଥର ପୁରସ୍କାର ଦିଆଯାଇ ପାରିଲା ନାହିଁ । ଖୁବ୍‌ଶୀଘ୍ର ଶିକ୍ଷକଙ୍କୁ ସମ୍ମାନ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ଏଥର ବି ପୁରସ୍କାରରୁ ବଞ୍ଚିତ ହୋଇଥିବାରୁ ୨୦୧୭ରେ ମନୋନୀତ ଶିକ୍ଷକଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କାରଣ ସେହି ୫୭ଜଣଙ୍କ ମଧ୍ୟରୁ ୧୧ଜଣ ଅବସର ନେଇସାରିଥିବାବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିସାରିଛି । ତେବେ ଗତବର୍ଷର ତାଲିକା ଯଦି ପ୍ରସ୍ତୁତ ହୋଇନାହିଁ, ୨୦୧୭ ମନୋନୀତ ଶିକ୍ଷକଙ୍କୁ କାହିଁକି ପୁରସ୍କାର ଦିଆଯାଉ ନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି ।


# classifieds Everyday
0674-2580101, 2549302





## SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ । 8249310759. D-74108

ଭୁବନେଶ୍ୱର ଗଙ୍ଗପଡ଼ା **NH-5** ରୁ **500 mtr** ଦୂରରେ **BDA yellowzone** ଘରବାରି **boundary plot** ମିଳୁଛି । **7978676652, 7848882166.** D-74111

**Bhubaneswar Engineering College front NH** ଠାରୁ **200 mtr.** ଦୂରତାରେ **Boundary** ପ୍ଲଟ୍ ବିକ୍ରି ହେବ । **7008297827, 9692999455.** D-74105

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ । 9938016295. D-74104

**Bhubaneswar Sum Hospital 6K.M.** ଦୂରରେ କଣ୍ଟାବାଡ଼ଠାରେ **NH-16A** ରୋଡ୍‌ରୁ ୧୦୦ଫୁଟ ଛାଡ଼ି **30' ROAD,** ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି । **9090963952.** D-74101

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ । ରବିଟକିଜ୍‌ରୁ 1.5 ମିଟର । 9827119799. D-73864

## PURCHASE

Required ready made 1/2/3BHK flats in Bhubaneswar for immediate purchase. 6371090682. D-68299

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297



New open full body massage ladies & gents available. 8093726714. D-73638

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Full body massage in homely atmoshpere. All therapy. Mob.- 8114881641. D-73412

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640

## AFFIDAVIT

By the virtue of an affidavit sworn in the Court of Executive Magistrate, Pallahara. I Dharanidhar Behera(38), S/o Bhuyan Behera, Vill/ Post- Sankhamur, Pallahara, angul mentioned in all documents. That I always putting my signature as Dharanidhar Behera in official and non-official documents. Hence I declare that Dharanidhar Behera S/o- Bhuyan Behera and Shridhar Behera S/o- Bhuyan Behera is one and same person. D-1437

### ନୀଳମଣି ସାହୁଙ୍କର ମେକାନିକାଲ ଇଂଜିନିୟରିଂରେ ଡକ୍ଟରେଟ୍ ଉପାଧି ଲାଭ



ପଞ୍ଜାବର ରୋପର ଆଇ.ଆଇ.ଟି.ର ଛାତ୍ର ନୀଳମଣି ସାହୁ ମେକାନିକାଲ ଇଂଜିନିୟରିଂରେ Ph.D. ଉପାଧି ଲାଭ କରିଛନ୍ତି । Ferro and electrohydrodynamic of impacting droplets ଉପରେ ଡଃ ସାହୁଙ୍କ ଲିଖିତ ସନ୍ଦର୍ଭଟି ଦିଲ୍ଲୀ ଆଇ.ଆଇ.ଟି.ର ପ୍ରଫେସର ଶୁଭ୍ରା ଦତ୍ତ ଓ ଆମେରିକାର Central Florida ବିଶ୍ୱବିଦ୍ୟାଳୟର ପ୍ରଫେସର ରଙ୍ଗନାଥନ କୁମାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଡଃ ସାହୁ ରୋପର ଆଇ.ଆଇ.ଟି.ର ଡଃ ପୂର୍ବାରୁନ ଧର ଓ ଡଃ ଦେବରଞ୍ଜନ ସାମନ୍ତଙ୍କର ତତ୍ତ୍ୱାବଧାନରେ ସନ୍ଦର୍ଭଟି ପ୍ରସ୍ତୁତ କରିଥିଲେ । କଟକ ନରସିଂହପୁରର ବଡ଼ଭୂଇଁ ନିବାସୀ ସ୍ୱର୍ଗତ ତ୍ରିଲୋଚନ ସାହୁ ଓ ଲାବଣ୍ୟବତୀ ସାହୁଙ୍କର କନିଷ୍ଠ ପୁତ୍ର ଡଃ ସାହୁ କନ୍ତିମିଲିର ପ୍ରବୀର ସାହୁ ଓ ସବିତା ସାହୁଙ୍କର କନ୍ୟା ଇଂ. ସୋନାଲିଙ୍କୁ ବିବାହ କରିଛନ୍ତି ।

ଧ-୧୪୩୫

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।**


# ଗମ୍ଭାରିଗୁଡ଼ାରେ ୩ ଦିନରେ ପରିବାରର ୩ ମୃତ

ଚନ୍ଦାହାଣ୍ଡି,୫।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରିଗୁଡ଼ା ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ସଦର ପଞ୍ଚାୟତର ଭୋଇସାହିରେ ୩ ଦିନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ମୃତକମାନେ ହେଲେ ଲକ୍ଷ୍ମୀଧର ପାରାଭୋଇ(୬୦), ସ୍ତ୍ରୀ ଦେମତୀ(୫୫) ଏବଂ ନାବାଳକ ପୁଅ ସଦାରାମ(୧୬) । ନାବାଳିକା ଝିଅ ଦେବକୀ ଗୁରୁତର ଅଛନ୍ତି । ସେମାନଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏ ନେଇ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମନୀଷ ପୁରୋହିତଙ୍କୁ ପଚାରିବାରୁ ସେ କହିଛନ୍ତି, ମାନସିକ ଚିନ୍ତା ଏବଂ ଭୟରେ ଶନିବାର ଦେମତୀଙ୍କର ମୃତ୍ୟୁ ଘଟିଥିଲା । ରବିବାର ଲକ୍ଷ୍ମୀଧରଙ୍କ ଖାଦ୍ୟ ବିଷାକ୍ତ କାରଣରୁ ମୃତ୍ୟୁ ଘଟିଥିଲା । ସେହିପରି ପୁଅ ସଦାରାମଙ୍କର ଜ୍ୱରରେ ମୃତ୍ୟୁ ଘଟିଥିବା ପୁରୋହିତ କହିଛନ୍ତି ।

ସୂଚନାଯୋଗ୍ୟ, ଲକ୍ଷ୍ମୀଧରଙ୍କ ପରିବାର ଲୋକେ ଶୁକ୍ରବାର ନୂଆଁଖାଇ ପାଳନ କରିଥିଲେ । ଏହାପରେ ଦେମତୀଙ୍କୁ ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଶନିବାର ସଦାରାମଙ୍କ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଥିଲା । ଲକ୍ଷ୍ମୀଧର ରବିବାର ଅସୁସ୍ଥ ହୋଇଥିବାବେଳେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବା ସମୟରେ ୩ ଦିନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି କରିଛି ।

## ଟ୍ରସ୍ ବ୍ରିଟେନ...

ପ୍ରଥମ ପୃଷ୍ଠାରୁ...

ଶାସକ ଦଳର ନୂଆ ନେତା ବାଛିବା ପାଇଁ ଶୁକ୍ରବାର ମତଦାନ ହୋଇଥିଲା, ଯାହାର ପରିଣାମ ସୋମବାର ଘୋଷଣା କରାଯାଇଛି । କଞ୍ଜରଭେଟିଭ୍ ପାର୍ଟିର ଶକ୍ତିଶାଳୀ ୧୯୨୨ କମିଟି ଅଧକ୍ଷ ତଥା ବରିଷ୍ଠ ନେତା ସାର୍ ଗ୍ରାହମ୍ ବ୍ରାଡିଙ୍କ ଘୋଷଣା ଅନୁସାରେ ୧,୭୨,୪୩୭ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୮୨.୬% ମତଦାନ କରିଥିଲେ, ଯହିଁରୁ ୬୫୪ ବାଲଟ ନାକଚ ହୋଇଥିଲା । ଟ୍ରସ୍‌ଙ୍କ ସପକ୍ଷରେ ୮୧,୩୨୬ ଓ ସୁନକଙ୍କୁ ୬୦,୩୯୯ ଭୋଟ ମିଳିଛି । ଟ୍ରସ୍‌ଙ୍କୁ ଟୋରି ମେମ୍ବରଙ୍କ ୧,୭୦,୦୦୦ ଅନ୍‌ଲାଇନ୍ ଓ ପୋଷ୍ଟାଲ ଭୋଟ ମିଳିଛି । ଏଥିସହ ସେ ବ୍ରିଟେନ୍‌ର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ଏହା ପୂର୍ବରୁ ମାର୍ଗାରେଟ୍ ଥାଚର ଏବଂ ଥେରେସା ମେ' ବ୍ରିଟେନର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ । ଫଳାଫଳ ଘୋଷଣା ପରେ ଟ୍ରସ୍ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ଆମେ ପ୍ରତିଶ୍ରୁତି ରଖିବୁ ଓ ବିକାଶ କରିବୁ । ଟିକସ ହ୍ରାସ କରି ଦେଶର ଅର୍ଥନୀତିକୁ ଆଗକୁ ନେବା ପାଇଁ ତାଙ୍କ ନିକଟରେ ଏକ ପ୍ରଭାବୀ ଯୋଜନା ରହିଛି । ଏହା ପରେ ସେ ଟୁଇଟ୍ କରି କହିଛନ୍ତି, କଞ୍ଜରଭେଟିଭ୍ ପାର୍ଟି ନେତା ନିର୍ବାଚିତ ହୋଇଥିବାରୁ ସେ କୃତଜ୍ଞ । ଏହି ସୁଯୋଗ ଦେଇଥିବା ଦଳୀୟ ନେତାମାନଙ୍କୁ ଧନ୍ୟବାଦ । ବର୍ତ୍ତମାନର କଠିନ ସମୟରେ ଅର୍ଥନୀତିକୁ ବିକାଶ ଦିଗରେ ଅଗ୍ରସର କରାଇବା ଏବଂ ୟୁନାଇଟେଡ୍ କିଙ୍ଗଡମ୍‌ର ସାମର୍ଥ୍ୟକୁ ବଢ଼ାଇବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ ।

## ହାଉଯାଉ ନକଲି....

ସୁରକ୍ଷିତ ତାହା ଜାଣିବା ଖାଉଟିଙ୍କ ପକ୍ଷେ ମୁସ୍କିଲ । ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ନକଲି ସାମଗ୍ରୀକୁ ବଜାରକୁ ଛଡ଼ାଯାଉଛି । ଏଥିରେ ଅସାଧୁ ବ୍ୟବସାୟୀଙ୍କ ସମେତ ଅପମିଶ୍ରଣକାରୀଙ୍କର ସମ୍ପୃକ୍ତି ରହୁଛି । ଆଖିକୁ ନାମୀ ବ୍ରାଣ୍ଡ ଦେଖାଯାଉଥିଲେ ମଧ୍ୟ ପ୍ୟାକେଟରେ ବିଷ ଭରି ରହିଛି । ଅପମିଶ୍ରିତ ବ୍ରାଣ୍ଡ ଖାଦ୍ୟସାମଗ୍ରୀ ବ୍ୟବହାର କରି ଅନେକ ସମୟରେ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି । ନିକଟରେ କଟକ ଜିଲାର ବଡ଼ମ୍ବାରେ ଘରେ ପ୍ରସ୍ତୁତ ଚାଟ୍ ଖାଇ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ହେବା ଘଟଣା ମଧ୍ୟ ଅପମିଶ୍ରଣର କଳା ସାମ୍ରାଜ୍ୟକୁ ସୂଚାଉଛି ।

ଗତ କିଛି ବର୍ଷ ଧରି ଏଭଳି ଅପମିଶ୍ରଣ ଓ ନକଲି ବ୍ରାଣ୍ଡର ଖାଦ୍ୟସାମଗ୍ରୀ ବଜାରକୁ ବହୁମାତ୍ରାରେ ପ୍ରବେଶ କରିଛି । ୨୦୧୯ ଜାନୁୟାରୀରେ କୋରାପୁଟର ଜୟପୁରଠାରେ ମସଲା ଅପମିଶ୍ରଣ ୟୁନିଟ୍ ଠାବ କରାଯାଇଥିବା ବେଳେ ସେହିବର୍ଷ ଫେବୃୟାରୀରେ ଅନୁଗୋଳରେ ଡାଲି, ଦୁଗ୍ଧ ଓ ଲଙ୍କାଗୁଣ୍ଡ ଅପମିଶ୍ରଣ ୟୁନିଟ୍ ଠାବ ହୋଇଥିଲା । ସେହିପରି ୨୦୨୦ ସେପ୍ଟେମ୍ବରରେ କଟକଠାରେ ଟମାଟୋ ଏବଂ ଲଙ୍କା ସସ୍ ନକଲି କାରଖାନା ଠାବ କରାଯାଇଥିଲା । ଗୁରୁବାର ଭୁବନେଶ୍ୱର ଉପକଣ୍ଠ ପାହାଳଠାରେ ଏକ ନକଲି ଲୁଣ ଓ ଡିଟରଜେଣ୍ଟ ପାଉଡର ଫ୍ୟାକ୍ଟ୍ରି ଠାବ ହେବା ଘଟଣା ରାଜ୍ୟରେ ନକଲି ବ୍ରାଣ୍ଡ ଓ ଅପମିଶ୍ରଣ କାରବାର ବ୍ୟାପକତାକୁ ସ୍ପଷ୍ଟ କରୁଛି ।

ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟରେ ମଧ୍ୟ ଏହି ଆଇନ କାର୍ଯ୍ୟକାରୀ ହେଉଛି । ଏହି ଆଇନର ବ୍ୟବସ୍ଥା ଅନୁଯାୟୀ ଖାଦ୍ୟପଦାର୍ଥର ମାନ ଯାଞ୍ଚକରିବା ସହ ଅପମିଶ୍ରଣ ସାମଗ୍ରୀରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଜଣେ ଆଇଏଏସ୍ ର୍ୟାଙ୍କର ଅଫିସର ଫୁଡ୍ ସେଫ୍ଟି କମିଶନର ରହିବେ । ଏହାଛଡ଼ା ଫୁଡ୍ ସେଫ୍ଟି ଡାଇରେକ୍ଟର, ଆଡିଶନାଲ ଫୁଡ୍ ସେଫ୍ଟି କମିଶନର, ସମସ୍ତ ଜିଲାରେ ଫୁଡ୍ ସେଫ୍ଟି ଅଫିସର ରହିବେ । ନିୟମିତ ବ୍ୟବଧାନରେ ନମୁନା ସଂଗ୍ରହ କରାଯାଇ ଲାବୋରେଟୋରିରେ ପରୀକ୍ଷା କରାଯିବ । ଅପମିଶ୍ରଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାତ୍ର ଯାଞ୍ଚ ଠିକ୍ ଢଙ୍ଗରେ ହେଉ ନ ଥିବା କିମ୍ବା ଅପମିଶ୍ରଣକାରୀଙ୍କ ସହ କେତେକ ଅସାଧୁ ଅଫିସରଙ୍କର ଭିତିରିଆ ସମ୍ପର୍କ ଯୋଗୁ ଏଭଳି ବେଆଇନ କାରବାର ବଢ଼ିଚାଲିଛି । ରାଜ୍ୟରେ ନମୁନା ପରୀକ୍ଷା ଅତ୍ୟନ୍ତ ନଗଣ୍ୟ ରହିଛି । କେବଳ ସେତିକି ନୁହେଁ, ଅପମିଶ୍ରଣକାରୀଙ୍କୁ ଦଣ୍ଡିତ କରିବା ହାର ମଧ୍ୟ କମ୍ ରହିଛି । ଗତ ୩ ବର୍ଷରେ ରାଜ୍ୟରେ ୧୦୦ ନମୁନା ପରୀକ୍ଷା କରାଯାଇଛି । ସେଥିରୁ ୨୧ଟିରେ ଅପମିଶ୍ରଣ ଠାବ କରାଯାଇଛି । ଅପମିଶ୍ରଣକାରୀଙ୍କଠାରୁ ଜରିମାନା ବାବଦରେ ୨୬.୩୫ କୋଟି ଟଙ୍କା ଆଦାୟ କରାଯାଇଛି । ସେହିପରି ୨୦୧୮-୧୯ରେ ୧୨୩ ଜଣ ଅପମିଶ୍ରଣକାରୀଙ୍କ ବିରୋଧରେ ସିଭିଲ ଓ କ୍ରିମିନାଲ କେସ୍ କରାଯାଇଥିଲେ ମଧ୍ୟ ଜଣେ ହେଲେ ଦଣ୍ଡିତ ହୋଇନାହାନ୍ତି ।

ଜଣେ ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା ଅନୁଯାୟୀ କର୍ମଚାରୀ ଅଭାବରୁ ନମୁନା ସଂଗ୍ରହ ତ୍ୱରାନ୍ୱିତ ହୋଇପାରୁ ନାହିଁ । ଅନ୍ୟପକ୍ଷରେ ଯେତିକି ନମୁନା ସଂଗ୍ରହ ହେଉଛି, ସେସବୁ ପରୀକ୍ଷା କରିବା ଏବଂ ଅପମିଶ୍ରଣକାରୀଙ୍କୁ ଦଣ୍ଡିତ କରିବା ପ୍ରକ୍ରିୟା ବିଳମ୍ବ ହେଉଛି । ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବା ସହ ଜନସଚେତନତା ସୃଷ୍ଟି କରାଗଲେ ନକଲି ପ୍ରତି ଲୋକମାନେ ଜାଗ୍ରତ ହୋଇପାରିବେ ।

ଭୁବନେଶ୍ୱର ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଶୋଇ କହିଛନ୍ତି ଯେ, ମହାନଗର ଅଞ୍ଚଳରେ ଫୁଡ୍ ସେଫ୍ଟି ଅଧିକାରୀ ଦୈନିକ ଖାଦ୍ୟସାମଗ୍ରୀ ଯାଞ୍ଚ କରୁଛନ୍ତି । ମାସକୁ ପ୍ରାୟ ୧୫୦ରୁ ୧୮୦ ନମୁନା ସଂଗ୍ରହ କରାଯାଇ ଷ୍ଟେଟ୍ ଲାବୋରେଟୋରିରେ ପରୀକ୍ଷା କରାଯାଉଛି । ନମୁନା ସଂଗ୍ରହ ହୋଇଥିବା ପ୍ରାୟ ୪୦% ସାମଗ୍ରୀର ମାନ ଠିକ୍ ରହୁନାହିଁ । ମାସିକ ୧୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଫୁଡ୍ ଲାଇସେନ୍ସ ଏବଂ ଏହାଠାରୁ କମ୍ କାରବାର କରୁଥିବା ବ୍ୟବସାୟୀଙ୍କ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯିବ ।

## ୮୦ କୁଇଣ୍ଟାଲ ନକଲି...

କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମିଳିତ ସହଯୋଗରେ ଚଢ଼ାଉ କରାଯାଇଛି । ଚଢ଼ାଉରେ ୮୦ କୁଇଣ୍ଟାଲର ଲୁଣ ଓ ସର୍ଫ ଜବତ କରାଯାଇଛି । ଏଥିସହ ଲୁଣ କମ୍ପାନୀ ବ୍ରାଣ୍ଡର ଏକ ପ୍ୟାକିଂ ମେଶିନ ଜବତ କରିଥିବା ବେଳେ ଜଣେ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ଭଦ୍ରକର ସୌମ୍ୟରଞ୍ଜନ ପତି । ଏ ନେଇ ପୋଲିସ ଏକ ମାମଲା (ନଂ.୧୬୧/୨୨) ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନା ଅନୁଯାୟୀ, ଗତ ଦୁଇ ବର୍ଷ ହେବ ଶକ୍ତି ନଗରର ଏହି ଲେନ୍‌ରେ ୨ଜଣ ବ୍ୟକ୍ତି ୨ କୋଠାର ଘରକୁ ଭଡ଼ାରେ ନେଇ ଟାଟା ଲୁଣ ଓ ସର୍ଫ ଏକ୍ସିଲର ନକଲି ପ୍ୟାକିଂ କରି ବଜାରକୁ ପଠାଉଥିଲେ । ଏପରିକି ଏହି ଲୁଣ ଓ ସର୍ଫ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଅଞ୍ଚଳକୁ କାରବାର ହେଉଥିଲା । ପ୍ରାୟ ସବୁ କଟକ ଓ ବାହାର ରାଜ୍ୟରୁ କମ୍ ମୂଲ୍ୟର ଲୁଣ ବସ୍ତା, ସର୍ଫ ଏଠାକୁ ଆସି ଷ୍ଟକ ରହୁଥିଲା । ଏଠାରେ ନାମୀ କମ୍ପାନୀର ଲୋଗୋ ଥିବା ଜରିରେ ୧୦ଟଙ୍କାର ୮୦ଗ୍ରାମ ବିଶିଷ୍ଟ ସର୍ଫ ଓ ୧ କି.ଗ୍ରା ଓଜନର ଲୁଣ ପ୍ୟାକିଂ ହେଉଥିଲା । ୪ରୁ ୫ଜଣ ବ୍ୟକ୍ତି ପ୍ୟାକିଂ କାର୍ଯ୍ୟରେ ନିୟୋଜିତ ଥିଲେ । ଏହି କାରଖାନା କେନାଲ ବ୍ରିଜ୍‌ଠାରୁ ପ୍ରାୟ ୨୦୦ ମିଟର ଏକ ବିଲ ଭିତରେ ଥିବାରୁ ସ୍ଥାନୀୟ ଲୋକେ ଏ ବିଷୟରେ ଅବଗତ ନ ଥିଲେ । ଗତ କିଛି ମାସ ଧରି ବନ୍ଦ ଥିବାବେଳେ ଏବେ କିଛିଦିନ ହେବ ପୁଣି ଖୋଲା ହୋଇ କାର୍ଯ୍ୟ ହେଉଥିଲା । ହେଲେ ଏହିସବୁ ଅତି ନିମ୍ନମାନର ତଥା ନକଲି ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକ୍ରମେ କମିଶନରେଟ ପୋଲିସର ଜୋନ୍-୪ ଏସିପି ଶୁଭନାରାୟଣ ମୁଦୁଲି, ପାହାଳ ଅଧିକାରୀ ସୁଚିତ୍ରା ପରିଡ଼ା ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମିଳିତ ସହଯୋଗରେ ମଧ୍ୟାହ୍ନରେ ଏହି କାରଖାନା ଉପରେ ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ୬୦ କୁଇଣ୍ଟାଲ ଲୁଣ ଓ ୨୦ କୁଇଣ୍ଟାଲ ସର୍ଫ ସହ ଗୋଟିଏ ପ୍ୟାକିଂ ମେଶିନକୁ ପୋଲିସ ଜବତ କରିଛି । ଏଥିସହ କାରଖାନାରୁ ପ୍ରସ୍ତୁତ ସର୍ଫ ଓ ଲୁଣର ମାନ ନିର୍ଦ୍ଧାରଣ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ର ନମୁନା ସଂଗ୍ରହ କରିବା ସହ ପରୀକ୍ଷାଗାରକୁ ପଠାଇଛନ୍ତି । ଲୁଣ ପ୍ରସ୍ତୁତି ସମୟରେ ସ୍ୱଚ୍ଛତା ପାଳନ କରାଯାଇ ନ ଥିଲା । ସର୍ଫରେ ରଙ୍ଗ ଓ ବାହାରେ ମିଳୁଥିବା ଖୋଲା ଲୁଣ ଆଣି ଟାଟା ଲୁଣ ଜରିରେ ପ୍ୟାକେଟ କରି ବଜାରକୁ ଛଡ଼ାଯାଉଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ଜାଣିଥିଲେ । ତେଣୁ ଉକ୍ତ କାରଖାନାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରିଦିଆଯାଇଛି । ଅନ୍ୟପଟେ କାରଖାନାରେ ଚଢ଼ାଉ ବେଳେ ମାଲିକ ଫେରାର ହୋଇଯାଇଥିଲେ ।

## ୮ରୁ ଦକ୍ଷିଣ...

ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ଜଗତ୍‌ସିଂହପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏପରିକି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି । ଉକ୍ତ ଜିଲାଗୁଡ଼ିକ ପାଇଁ ଏଲୋ୍ୱାର୍ନିଂ ଜାରି କରାଯାଇଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଧନୁ ରାଶିସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ର ସମ୍ପର୍କୀୟ କୌଣସି ସମସ୍ୟାକୁ କେନ୍ଦ୍ରକରି କଳହ ହୋଇପାରେ । ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ । ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ କାନକୁହା କଥା ଶୁଣି ଦୂରେଇ ଯାଇପାରନ୍ତି । ଘରର ଅସଜଡ଼ା କାମକୁ ସଜାଡ଼ି ନେବାର ପ୍ରଚେଷ୍ଟା କରିବେ ।

**ବୃଷ**

ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହୋଇପାରନ୍ତି । ଦୂରାଗତ ବନ୍ଧୁଙ୍କ ସହ ଦେଖା ହୋଇ କିଛି ସମୟ ଅଟକି ରହିଯାଇପାରନ୍ତି । କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ହାସଲ କରିବେ । ମାଲିମକଦ୍ଦମା ତ୍ୱରାନ୍ୱିତ ହେବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ ।

**ମିଥୁନ**

ଧନହାନି ସାଙ୍ଗକୁ ସାଧାରଣ କଥାରୁ ବିତର୍କ ଲାଗିପାରେ । ଆଜି ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ । ଆଲୋଚନା କ୍ଷେତ୍ରରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି ।

**କର୍କଟ**

ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ । କରଜ, ଭଡ଼ାସୂତ୍ରରୁ କିମ୍ବା ବକେୟା ପାଇବା ସକାଶେ ଯୁକ୍ତିତର୍କ ଭିତରକୁ ଯିବାକୁ ପଡ଼ିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ । ନିର୍ମାଣ, ପ୍ରକାଶନ, ପ୍ରଶାସନ ସ୍ତରରେ ସମସ୍ୟା ସମାଧାନ ହୋଇଯିବ ।

**ସିଂହ**

ଦ୍ୱାଦଶଯାଧିପ ଚନ୍ଦ୍ର ପ୍ରଭାବରୁ ଆଜି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ । ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟ ସମାଲୋଚନା କରିପାରନ୍ତି । କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ । ଅନୁସନ୍ଧାନ, ଅଧ୍ୟାପନା, ପ୍ରତିଯୋଗିତା କ୍ଷେତ୍ରରେ ଉନ୍ନତି କରିବେ ।

**କନ୍ୟା**

ଆଜିର ଆର୍ଥିକ ସ୍ଥିତି ଏକପ୍ରକାର ଭଲ ରହିବ । ଅନ୍ୟମାନଙ୍କ କଥାକୁ ସହଜ ଓ ସରଳ ଭାବରେ ଗ୍ରହଣ କରିପାରିବେ ନାହିଁ । ପିଲାଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବ । ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି । ଉପସ୍ଥିତ ବୁଦ୍ଧି ଖଟାଇ ସମସ୍ୟା ସୁଧାରି ନେବେ । ମହିଳାମାନେ ସମସ୍ୟାରେ ଅତିଷ୍ଠ ହେବେ ।

**ତୁଳା**

ପାରିବାରିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ ବନ୍ଧୁ ସାହାଯ୍ୟ କରିବେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ । କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ । ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ । ମନ ଅଶାନ୍ତ ରହିବ ।

**ବିଛା**

ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଦୋଷଦର୍ଶିତା, କଟୂକ୍ତି ହିଁ ମାନସିକ ଅଶାନ୍ତିର କାରଣ ହେବ । ପ୍ରକାଶନ, ପରିବହନ, ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ । ଦୀର୍ଘ ଦିନରୁ ରହି ଆସିଥିବା ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି ।

**ଧନୁ**

ପରିବାରର ଖର୍ଚ୍ଚ ଭାର ବୃଦ୍ଧି ପାଇବାକୁ ଥିବା ବିଷୟ ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ । ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟ ହେବ । ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି । ସନ୍ତାନହେତୁକ ଚିନ୍ତା ବଢ଼ିପାରେ ।

**ମକର**

ବିଭିନ୍ନ କାରଣକୁ ନେଇ ମାନସିକ ଅସୁସ୍ଥତାରୁ ନିରୁତ୍ସାହିତ ହେବେ । ଶିକ୍ଷା, ପରୀକ୍ଷା, ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ, ଗବେଷଣା, ପ୍ରଶାସନିକ ସ୍ତରରେ ଉନ୍ନତି ଘଟିବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧି ପାଇବ । ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ ।

**କୁମ୍ଭ**

ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ । ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ । ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଚୁକ୍ତିପତ୍ର, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ଆଜି ଶରୀର ଅସୁସ୍ଥ ଲାଗିପାରେ ।

**ମୀନ**

ନୂତନ ଯୋଜନା କରିବା ସକାଶେ ମନ ବଳାଇବେ । ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ । ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ସମସ୍ୟାକୁ ବଢ଼ାଇଦେବେ । ପିଲାଙ୍କୁ କେନ୍ଦ୍ରକରି ଘଟଣା ମନକୁ ବିବ୍ରତ କରିପାରେ ।

**ଆଜି ଏନ୍‌ଆର୍‌ଟିଏସ୍ ପରୀକ୍ଷା**

**କଟକ ଅଫିସ:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ନ୍ୟାଶନାଲ ରୁରାଲ ଟାଲେଣ୍ଟ ସର୍ଚ୍ଚ (ଏନ୍‌ଆର୍‌ଟିଏସ୍) ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଏଥିପାଇଁ ରାଜ୍ୟର ୫୮ ହଜାର ୧୧୮ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ୩୭୧ଟି କେନ୍ଦ୍ରରେ ଏହି ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା ପୁଞ୍ଜିନିବେଶକାରୀଙ୍କ ପାଇଁ ପସନ୍ଦ ସ୍ଥାନ: ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ପୁଞ୍ଜିନିବେଶ, ଶିଳ୍ପ ପାଇଁ ଓଡ଼ିଶା ହେଉଛି ଏକ ପସନ୍ଦ ସ୍ଥାନ। ଉତ୍ସାହର ସହ ଯୁବ ଗୋଷ୍ଠୀ ଉଦ୍ୟୋଗୀ ହେବାକୁ ଆଗେଇ ଆସିବାକୁ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ଆହ୍ୱାନ ଦେଇଛନ୍ତି। ଷ୍ଟାର୍ଟଅପ୍ ଓଡ଼ିଶାର ଫଣ୍ଡଷ୍ଟାକ ୨.୦ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଛନ୍ତି, ଷ୍ଟାର୍ଟଅପ୍ ଏବଂ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି କରିବାରେ ଏହା ସହାୟତା କରିବ। ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ବିକାଶ ପାଇଁ ନିମନ୍ତ୍ରିତ ଇନଭେଷ୍ଟର୍ସ ପ୍ୟାନେଲଙ୍କ ମତାମତ ଲୋଡିଛନ୍ତି। ଏହି ଅବସରରେ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ କହିଛନ୍ତି ଯେ, ଫଣ୍ଡଷ୍ଟାକ କେବଳ ଯେ ଏକ ପ୍ଲାଟଫର୍ମ ନୁହେଁ, ଏହା ପୁଞ୍ଜିନିବେଶ ପ୍ରସ୍ତୁତି କରି ଷ୍ଟାର୍ଟଅପ୍ ସୃଷ୍ଟି କରିବା କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ସହାୟତା କରିଥାଏ। ଏମ୍ଏସ୍ଏମ୍‌ଇ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି ଯେ, ଫଣ୍ଡ ଷ୍ଟାକ୨.୦ ରାଜ୍ୟରେ ଷ୍ଟାର୍ଟଅପ୍ ଗୋଷ୍ଠୀଙ୍କୁ ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି କରିବା ସହ ବିଶ୍ୱରୁ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବାରେ ବିଶେଷ ସହାୟକ ହୋଇପାରିବ। ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ମହମ୍ମଦ ସିଦ୍ଦିକ ଆଲମ ସ୍ୱାଗତ ଭାଷଣ ଦେଇଥିଲେ। ପରେ ପୁଞ୍ଜିନିବେଶକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଦୂଷଣମୁକ୍ତ ହେବ ୨୮୧ ଜଳାଶୟ



ଯାଜପୁର ରୋଡ୍ ନଟପଡାରେ ଥିବା ସିଙ୍ଗାଡିଆ ପୋଖରି।

**ଯାଜପୁର ଅଫିସ,୫।୯**

- ନମୁନା ସଂଗ୍ରହ ପ୍ରକ୍ରିୟା ଆରମ୍ଭ
- ୨୦ ସୁଦ୍ଧା ନମୁନା ପରୀକ୍ଷା ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ପାଣି ବ୍ୟବହାର ଅନୁପଯୋଗ ହୋଇ ପଡ଼ିଛି। ବର୍ଷ ବର୍ଷ ଧରି ପଙ୍କ ଉଦ୍ଧାର କରାଯାଉ ନାହିଁ। ଏହାସହ ପୋଖରୀରେ ନର୍ଦ୍ଦମା ପାଣି ପଶି ଜଳକୁ ପ୍ରଦୂଷିତ କରୁଛି। ଫଳରେ ସଂରକ୍ଷିତ ପାଣି ଅପରିଷ୍କାର ହୋଇଯାଉଛି। ଏହିକ୍ରମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ୩୨୫/୨୦୧୫ ମାମଲାର ନିର୍ଦ୍ଦେଶ ଉପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ୧୦ ହେକ୍ଟର କିମ୍ବା ଊର୍ଦ୍ଧ୍ୱ ପରିମିତ ଅଞ୍ଚଳର ୨୮୧ ଜଳାଶୟକୁ ପ୍ରଦୂଷଣମୁକ୍ତ କରାଯିବ। ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ଜଳସେଚନ ମୁଖ୍ୟ ଯନ୍ତ୍ରୀଙ୍କୁ ସୋମବାର ନିର୍ଦ୍ଦେଶ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସହାୟତା ନେଇ ଏହି ପ୍ରକ୍ରିୟା ୨୦।୯।୨୦୨୨ ସୁଦ୍ଧା ସମ୍ପନ୍ନ କରିବାକୁ ଜଳ ସମ୍ପଦ ବିଭାଗ ନୋଡାଲ ଅଫିସର ଡି.ଡି.ଆର୍.ଆର୍. ପଟ୍ଟନାୟକ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ଉକ୍ତ ଜଳାଶୟଗୁଡ଼ିକର ସ୍ଥାନ ନିରୂପଣ କରିବାକୁ ଏକ ନକ୍ସା ପ୍ରସ୍ତୁତ କରାଯାଇଛି। ଜଳନମୁନା ସଂଗ୍ରହ କରିବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ପ୍ରସ୍ତୁତ ଫର୍ମାଟ ଅନୁସାରେ ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହା ଯଦି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୁଏ ତେବେ ଜଳାଶୟଗୁଡ଼ିକ ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ରାଜ୍ୟରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଶିଳ୍ପ କାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଯୋଗୁ ଶତାଧିକ ଜଳାଶୟ ସମେତ ଭୂତଳ ଜଳ ପ୍ରଦୂଷିତ ହେଉଛି। ଏଭଳି ସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ଜାନୁୟାରୀରେ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରାଞ୍ଚଳ ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଏନେଇ ତାଗିଦ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷିତ ରଖିବାକୁ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ହେଲେ ଜଳାଶୟଗୁଡ଼ିକର ସୁରକ୍ଷା ତ ଦୂରର କଥା କ୍ରମଶଃ ସେଗୁଡ଼ିକୁ ପୋତାଯାଉଥିବା ଅଭିଯୋଗ ହେଉଛି। ଏଭଳି ପୋଖରୀ ସଂଖ୍ୟା ହ୍ରାସ ପାଇବା ଯୋଗୁ କ୍ରମବର୍ଦ୍ଧିଷ୍ଣୁ ଉତ୍ତପ୍ତ ପରିବେଶରୁ ସାଧାରଣ ଲୋକେ ଆଶ୍ୱସ୍ତ ହେବାର ବାଟ ବନ୍ଦ ହୋଇଯାଇଛି।

ରାଜାରାଜୁଡା ସମୟରେ ପୋଖରୀ ଖୋଳିଲେ ମହାପୁଣ୍ୟ ବୋଲି ବିଶ୍ୱାସ ରହିଥିଲା। ତେଣୁ ପ୍ରତ୍ୟେକ ଗ୍ରାମରେ ୫/୬ ପୋଖରୀ ଖୋଳାଯାଉଥିଲା। ମନ୍ଦିର ପାର୍ଶ୍ୱରେ ପୋଖରୀଟିଏ ନିଶ୍ଚିତ ଭାବେ ଖନନ ହେଉଥିଲା। ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଜଳାଶୟ ଥିଲା, ଯାହା ଏବେ ୨୦୦୦କୁ ହ୍ରାସ ପାଇଥିବା କୁହାଯାଉଛି। ବର୍ଷାଜଳର ସଂରକ୍ଷଣ ସହ ସହର ବସତିକୁ ଅତିବୃଷ୍ଟି ଜନିତ କ୍ଷୟକ୍ଷତିରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଖୋଳାଯାଇଥିବା ଶହ ଶହ ବର୍ଷର ପୋଖରୀଗୁଡ଼ିକ ହଜିଯାଉଛି। ଅନ୍ୟପକ୍ଷରେ ଜଳାଶୟ ବକ୍ଷରେ ବଡ଼ ଅଟ୍ଟାଳିକା, ଶିଳ୍ପ ଆଦି ଗଢ଼ି ଉଠିଛି। ଏହିସବୁ ଜମିକୁ ପ୍ରଶାସନ ଫେରାଇ ଆଣିଲେ ବାସ୍ତବରେ ଜଳାଶୟ ଜମିର ପୁନରୁଦ୍ଧାର ହୋଇପାରିବ ବୋଲି ମତପ୍ରକାଶ ପାଉଛି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ବରୁ ଜଳାଶୟଗୁଡ଼ିକର ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିରେ ଏସ୍‌ପିସିବିକୁ ସହାୟତା କରିବାକୁ ପରାମର୍ଶ ହୋଇଥିଲା। ହେଲେ ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ତାଙ୍କୁ କୌଣସି ନିର୍ଦ୍ଦେଶ ହୋଇନାହିଁ ବୋଲି ସେ କହିଛନ୍ତି।

## ମୋହନାରେ ୧୬ ଜଣିଆ ଡାକ୍ତରୀ ଟିମ୍

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୫।୯(ଡି.ଏନ୍.ଏ.)**

**ପ୍ରଥମ ଦିନ ପରୀକ୍ଷାରେ ୩୧ ଡେଙ୍ଗୁ ପଜିଟିଭ୍ ଚିହ୍ନଟ**

ଗଜପତି ଜିଲା ମୋହନା ବ୍ଲକରେ ଡେଙ୍ଗୁଜ୍ୱର ଆତଙ୍କ ଦେଖାଦେଇଛି। ମାସକ ମଧ୍ୟରେ ଡେଙ୍ଗୁ ଲକ୍ଷଣଯୁକ୍ତ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଏବେ ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବାରୁ ସୋମବାର ଭୁବନେଶ୍ୱରରୁ ହାଇଟେକ୍ ମେଡିକାଲର ୧୬ ଜଣିଆ ଡାକ୍ତରୀ ଟିମ୍ ଆସିଛି। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ମୋହନା ପଞ୍ଚାୟତର ୭, ୮ ଓ ୯ନଂ. ୱାର୍ଡରୁ ୧୩୮ ଜଣଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୧ ଜଣ ପଜିଟିଭ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ନମିତା ପଣ୍ଡା ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ପଞ୍ଚାୟତରେ ଗୋଟିଏ ଆମ୍ବୁଲାନ୍ସ ମଧ୍ୟ ରହିଛି। ଡାକବାଜି ଯନ୍ତ୍ର ଦ୍ୱାରା ଅଙ୍ଗନୱାଡି ଓ ଆଶା କର୍ମୀମାନେ ଲୋକଙ୍କୁ ପରିବେଶ ସ୍ୱଚ୍ଛ ରଖିବା ଓ କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା ଲାଗି ସଚେତନ କରାଉଛନ୍ତି। ଅନ୍ୟପକ୍ଷରେ ତହସିଲଦାର କିଶୋର ଦାଶ, ବିଡିଓ ତପସ୍ୱିନୀ ହାଁସ୍‌ଦା, ଶିଶୁ ବିକାଶ ଅଧିକାରିଣୀ ଲଳିତା ମଲିକ, ଜିଲା ପରିଷଦ ଅଧ୍ୟକ୍ଷ ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ମୋହନା ଓ ଚନ୍ଦ୍ରଗିରି ଜୋନ୍‌ର ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବିଷୋୟୀ, ଚନ୍ଦ୍ରକାନ୍ତ ମଲିକଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ପ୍ରତ୍ୟେକ ସାହି ପରିଦର୍ଶନ କରିଥିଲେ। ମୋହନାରେ ଡ୍ରେନ୍ ସୁବିଧା ନାହିଁ। ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି, ଯାହାଫଳରେ ଏଡିସ୍ ମଶାବଂଶ ବୃଦ୍ଧି ପାଉଛି। ଡ୍ରେନ୍ ଓ ରାସ୍ତା ନିର୍ମାଣ ପାଇଁ ଜିଲା ପରିଷଦ ଅଧ୍ୟକ୍ଷ ରାଓ ବିଡିଓଙ୍କୁ କହିଛନ୍ତି।




## ସ୍ଥିତି ଅନୁଧ୍ୟାନ କଲେ ସ୍ୱତନ୍ତ୍ର ପ୍ରତିନିଧି ଦଳ



ପ୍ରଶାସନ ପକ୍ଷରୁ ଗ୍ରାମରେ ଔଷଧ ସ୍ପ୍ରେ କରାଯାଉଛି।

- ନାଲି ପିମ୍ପୁଡ଼ି ଆତଙ୍କ ଘଟଣା
- ଗ୍ରାମରେ ସ୍ପ୍ରେ ହେଲା ଔଷଧ

**ପିପିଲି,୫।୯(ସ୍ୱ.ପ୍ର./ଡି.ଏନ୍.ଏ.):** ଭାର୍ଗବୀ ନଦୀରେ ବନ୍ୟାଜଳ ପ୍ରବାହିତ ପରେ କିଛିଦିନ ହେବ ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ବ୍ରାହ୍ମଣସାହିରେ ନାଲି ପିମ୍ପୁଡ଼ି ଆତଙ୍କ ଦେଖିବାକୁ ମିଳିଛି। ଏଥିଯୋଗୁ ସାଧାରଣ ଲୋକେ ଭୟଭୀତ ହେଉଥିବା ବେଳେ ଜୀବଜନ୍ତୁଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏପରିକି ୩ ପରିବାର ନାଲି ପିମ୍ପୁଡି ଭୟରେ ଘର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଏହି ସମସ୍ୟା ନେଇ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପୁରୀ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏ ନେଇ ସୋମବାର ପିପିଲି ବିଡିଓ ରଶ୍ମିତା ନାଥଙ୍କ ନେତୃତ୍ୱରେ ଦୁଇଟି ଟିମ୍ ପିପି ପେଷ୍ଟ କଣ୍ଟ୍ରୋଲର ଭୁବନେଶ୍ୱର ଓ ପୁରୀ ଜିଲା ମୁଖ୍ୟ କୃଷି ବିଭାଗର ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ଚନ୍ଦ୍ରାଦେଇପୁର ବ୍ରାହ୍ମଣସାହିରେ ପହଞ୍ଚିଛନ୍ତି। ବିଡିଓ ନାଥଙ୍କ ସହ ଜିଲା ସହକାରୀ କୃଷି ଅଧିକାରୀ ତଥା ଓୟୁଏଟିର ପ୍ରଫେସର ପୀୟୂଷ ପଲ୍ଲବ ପରିଡା ଓ କେନ୍ଦ୍ର କୃଷି ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି, ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ପିପିଲି ସହକାରୀ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁ ପ୍ରମୁଖ ସେଠାରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିବା ସହିତ ନାଲି ପିମ୍ପୁଡି ଘଉଡ଼ାଇବା ପାଇଁ ୪ପ୍ରକାର ମିଶ୍ରଣର ଔଷଧକୁ ପିପି ପେଷ୍ଟ କଣ୍ଟ୍ରୋଲର ପକ୍ଷରୁ ଗ୍ରାମର ବିଭିନ୍ନ ସ୍ଥାନରେ ସ୍ପ୍ରେ କରାଯାଇଛି। ଆସିଥିବା ଏହି ୪ଜଣିଆ ଦଳ ସହ ସ୍ଥାନୀୟ ଆଶା, ସ୍ୱାସ୍ଥ୍ୟ କର୍ମଚାରୀ, ଜିଆର୍‌ଏସ୍‌ମାନେ ନାଲି ପିମ୍ପୁଡ଼ି ସମସ୍ୟାରୁ କିପରି ଲୋକମାନଙ୍କୁ ସୁରକ୍ଷା ଦିଆଯିବ ସେନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ୨୪ ନମ୍ବର ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ରାଧାମୋହନ, ସରପଞ୍ଚ ସୁରେନ୍ଦ୍ର ବେହେରା, ସଞ୍ଜୟ ସ୍ୱାଇଁ, ୱାର୍ଡମେମ୍ବର ରାଜପ୍ରସାଦ ଦାସ, ବିଶ୍ୱଜିତ ଦାଶ, ଆଦିତ୍ୟ ପ୍ରସାଦ ଭୋଳ ପ୍ରମୁଖ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ବିଚାରବିମର୍ଶ କରିଛନ୍ତି।




## ଗୁଣି ସନ୍ଦେହରେ ପଡ଼ୋଶୀ ମହିଳାଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

**ରାୟଗଡ଼ା ଅଫିସ,୫।୯:** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିନାହିଁ। ଗ୍ରାମାଞ୍ଚଳ ଦୂରର କଥା ସହରୀ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ରାୟଗଡ଼ା ସହର କୋଇଲାପଡ଼ା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ ଗୁଣି ସନ୍ଦେହରେ ହତ୍ୟା କରାଯାଇଛି। ଏହି ଘଟଣାରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ପଡ଼ୋଶୀ ଯୁବକ ରାଜେଶ କୁଲେସିକାଙ୍କୁ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, କୋଇଲାପଡ଼ାରେ ରହୁଥିବା ଚନ୍ଦ୍ରମା ବିଭାର(୫୦) ସାହି ଲୋକଙ୍କୁ ଗୁଣିଗାରେଡ଼ି କରୁଥିବା ନେଇ ପଡ଼ୋଶୀ ରାଜେଶ କୁଲେସିକା ଦୀର୍ଘଦିନ ଧରି ସନ୍ଦେହକରି ଆସୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଏଥିରେ ଉତ୍ୟକ୍ତ ହୋଇ ରାଜେଶ ସୋମବାର ଚନ୍ଦ୍ରମାଙ୍କ ଘରେ ପଶି ଟାଙ୍ଗିଆରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ଏଥିରେ ଚନ୍ଦ୍ରମାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ରାଜେଶ ବାହାରକୁ ଆସି ସାହି ଲୋକଙ୍କୁ ଭୟଭୀତ କରିଥିଲେ। ଚନ୍ଦ୍ରମା ଗୁଣିକରି ସାହି ଲୋକଙ୍କୁ ଅସୁସ୍ଥ କରୁଥିବା ରାଜେଶ ସାହି ଲୋକଙ୍କୁ କହିଥିଲେ। ଖବର ପାଇ ରାୟଗଡ଼ା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଟାଉନ ଏସ୍‌ଡିପିଓ ଦେବଜ୍ୟୋତି ଦାସ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଚନ୍ଦ୍ରମାଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ମଧ୍ୟ ଜବତ କରାଯାଇଛି। ଗୁଣି ସନ୍ଦେହରେ ମା'ଙ୍କୁ ହତ୍ୟା କରାଯାଇଛି ବୋଲି ଚନ୍ଦ୍ରମାଙ୍କ ପୁଅ ଅବିନାଶ ଅଭିଯୋଗ କରିଛନ୍ତି। ଘରେ ଚନ୍ଦ୍ରମା ଏକା ଥିବାର ସୁଯୋଗ ନେଇ ରାଜେଶ ହତ୍ୟାକାଣ୍ଡ ଘଟାଇଥିବା ସେ କହିଛନ୍ତି। ତେବେ ରାଜେଶ ଗୁଣିଗାରେଡ଼ି ସନ୍ଦେହରେ କିମ୍ବା ଅନ୍ୟ କାରଣରୁ ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତର ମାନସିକ ସ୍ଥିତି ଭଲ ନ ଥିବାରୁ ସେ ଘଟଣା ବିଷୟରେ ଠିକ୍‌ରେ ସୂଚନା ଦେଇନାହାନ୍ତି। ତେଣୁ ଅଧିକ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଏ ନେଇ ଟାଉନ ଥାନାରେ ୨୧୫/୨୨ ରେ ଏକ ମାମଲା ରୁଜୁ କରାଯାଇଛି।



ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା

# ମାତା ମାତାଲ

ପୁଡୁଚେରୀର କରାଇକାଲ୍‌ରେ ୧୩ ବର୍ଷର ଅଷ୍ଟମ ଶ୍ରେଣୀ ଛାତ୍ର ଆର୍. ବାଲାମଣିକନ୍ଦନଙ୍କୁ ତାଙ୍କ ସହପାଠିନୀଙ୍କ ମାଆ ବିଷ ଦେଇ ମାରିଦେଇଥିବା ବିଷୟ ଏବେ ପଦାକୁ ଆସିଛି। ଅଭିଯୁକ୍ତ ଜେ. ସହାୟାରାଣୀ ଭିକ୍ଟୋରିଆ ନିଜ ଝିଅଠାରୁ ଉକ୍ତ ଛାତ୍ର ଜଣଙ୍କ ପରୀକ୍ଷାରେ ଅଧିକ ମାର୍କ ରଖି ପ୍ରଥମ ସ୍ଥାନରେ ରହିବା ଯୋଗୁ ସେ ପ୍ରତିହିଂସାପରାୟଣ ହୋଇପଡ଼ିଥିଲେ। ସେପ୍ଟେମ୍ବର ୨ରେ ସେହି ଘରୋଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଲାଗି ଆୟୋଜନ ଚାଲିଥିବା ବେଳେ ଭିକ୍ଟୋରିଆ ସମ୍ପୃକ୍ତ ଛାତ୍ରଙ୍କ ମାତା ବୋଲି ପରିଚୟ ଦେଇ ସ୍କୁଲର ଜଗୁଆଳିଙ୍କୁ କେତୋଟି କୋଲ୍ଡ ଡ୍ରିଙ୍କ୍ସ ତାଙ୍କୁ ଦେବାକୁ କହିଥିଲେ। ତାହାକୁ ପିଇବା ପରେ ବାଲାମଣିକନ୍ଦନ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତା' ପରଦିନ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍କୁଲର ସିସିଟିଭି ଫୁଟେଜ୍‌ରୁ ଭିକ୍ଟୋରିଆଙ୍କ କାରନାମା ଧରାପଡ଼ିବାରୁ ତାଙ୍କୁ ଗିରଫ କରାଯାଇଛି। ମାର୍କ ପଛରେ ଧାଉଁଥିବା ମାତାପିତାଙ୍କ ସହ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହି ଘଟଣା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିବା ଦରକାର। ସମ୍ଭବତଃ ଭିକ୍ଟୋରିଆ ଭାବି ନେଇଥିଲେ ଯେ ଦ୍ୱିତୀୟ ସ୍ଥାନରେ ତାଙ୍କ ଝିଅ ପଡ଼ିଯାଇଥିବାରୁ ସମଗ୍ର ପୃଥିବୀରେ ସର୍ବନାଶ ଘଟିଲା। ନିଜ ପିଲାକୁ ଏକ ନମ୍ବର ସ୍ଥାନର ଅଧିକାରୀ ଭାବେ ଦେଖିବାକୁ ଚାହୁଁଥିବା ମାତା ଭିକ୍ଟୋରିଆ ଆଜି ଭାରତରେ ଏକାକୀ ନୁହନ୍ତି। ପିଲାଙ୍କ ନିଜର ଇଚ୍ଛାକୁ ଅଣଦେଖା କରି ଅଭିଭାବକମାନଙ୍କର ଲୋଭ କରାଇକାଲ ଭଳି ଦୁର୍ଦ୍ଦଶା ଘଟାଉଛି।

**ମୋ ପିଲା ନବେ ପ୍ରତିଶତ ମାର୍କ ରଖିଥିବା ବେଳେ ତୋ ପିଲା ୮୯ ପ୍ରତିଶତ ରଖି ତା'ଠାରୁ ହୀନ ବୋଲି ପ୍ରମାଣିତ ହେଉଛି। ଏହିଭଳି ମାନସିକତା ପୋଷଣ କରୁଥିବା ମାତାପିତା ନିଜ ପିଲା ମନରେ ବନ୍ଧୁତ୍ୱ, ଭାଇଚାରା ସୃଷ୍ଟି କରିବା ପରିବର୍ତ୍ତେ କେବଳ ସ୍ୱାର୍ଥପରତା ଓ ତୀବ୍ର ପ୍ରତିଯୋଗିତା ଜନ୍ମାଉଛନ୍ତି।**

ଏବର ସ୍ଥିତିକୁ ଦେଖିଲେ ଭିକ୍ଟୋରିଆ ନିରୀହ ଛାତ୍ରଙ୍କ ଜୀବନ ନେଲେ, ନିଜେ ଗିରଫ ହେଲେ ଓ ତାଙ୍କ ଝିଅଙ୍କ କ୍ୟାରିୟର କେଉଁ ରୂପ ନେବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖୁଥିବା ଛାତ୍ର ଜୀବନର ସବୁ କ୍ଷେତ୍ରରେ ସଫଳତା ପାଇବେ ବୋଲି କୌଣସି ନିଶ୍ଚିତତା ନାହିଁ। ତଥାପି ମାତାପିତା ଓ ଅଭିଭାବକ ପିଲାଙ୍କ କମ୍ ନମ୍ବର ରଖିବାରେ ଯେଭଳି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି, ତାହାର ଚାପ ସନ୍ତାନସନ୍ତତି ଉପରେ ସିଧାସଳଖ ପଡୁଛି। ଅତ୍ୟଧିକ ଆଶା ରଖୁଥିବା ଏଭଳି ଗୁରୁଜନବର୍ଗ ନିଜ ଜୀବନରେ ଯେଉଁ ସଫଳତା ପାଇପାରି ନ ଥାଆନ୍ତି, ତାହା ପିଲାଙ୍କ ଉପରେ ଲଦିଦେବାକୁ ଚାହୁଁଥିବାରୁ ପରିଣତି ଭୟଙ୍କର ହେଉଛି।

ଉପରୋକ୍ତ ଚିନ୍ତାରୁ କୁହାଯାଇପାରେ ଯେ, ମାତାପିତାଙ୍କ ଜୀବନରେ ହୁଏତ ପିଲାଙ୍କ ପାଠପଢ଼ାକୁ ଛାଡ଼ିଦେଲେ କ୍ରୀଡ଼ା, ମନୋରଞ୍ଜନ ଭଳି କ୍ଷେତ୍ରରେ ସଫଳତା ହାସଲ କରିବାର ସୁଯୋଗ ମିଳିନାହିଁ। ସେମାନଙ୍କ ଜୀବନର ଅସନ୍ତୋଷରୁ ମୁକ୍ତି ପାଇବା ପାଇଁ ପିଲାଙ୍କ ପାଠପଢ଼ାରେ ସଫଳତା ଏକମାତ୍ର ଧ୍ୟେୟ ହୋଇଯାଉଛି। ପୂର୍ବରୁ ଗାଡ଼ି, ଘର, ସୁନାଗହଣା ଭଳି ବିଷୟକୁ ନେଇ ଅଭିଭାବକମାନେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥିଲେ। ଏବେ ସେଥିରୁ କିଛିଟା ଦୂରେଇ ଯାଇ ସେହି ମାତାପିତା କେବଳ ନିଜ ପିଲା ଦ୍ୱାରା ହାସଲ କରାଯାଇଥିବା ପରୀକ୍ଷା ମାର୍କକୁ ନେଇ ଗର୍ବିତ ହେଉଥିବା ଭଳି ପ୍ରତୀୟମାନ ହେଉଛି। ମୋ ପିଲା ନବେ ପ୍ରତିଶତ ମାର୍କ ରଖିଥିବା ବେଳେ ତୋ ପିଲା ୮୯ ପ୍ରତିଶତ ରଖି ତା'ଠାରୁ ହୀନ ବୋଲି ପ୍ରମାଣିତ ହେଉଛି। ଏହିଭଳି ମାନସିକତା ପୋଷଣ କରୁଥିବା ମାତାପିତା ନିଜ ପିଲା ମନରେ ବନ୍ଧୁତ୍ୱ, ଭାଇଚାରା ସୃଷ୍ଟି କରିବା ପରିବର୍ତ୍ତେ କେବଳ ସ୍ୱାର୍ଥପରତା ଓ ତୀବ୍ର ପ୍ରତିଯୋଗିତା ଜନ୍ମାଉଛନ୍ତି। ଏହାଦ୍ୱାରା ସେହି ପିଲା ବଡ଼ ହେଲା ବେଳକୁ ଏକ ଅତ୍ୟନ୍ତ ସ୍ୱାର୍ଥପର ଓ ବିକୃତ ମାନସିକତା ନେଇ ବଢ଼ିବ।

ଆଜିର ସମାଜରେ ଅଣୁ କିମ୍ବା ଅତ୍ୟନ୍ତ କ୍ଷୁଦ୍ର ପରିବାର ସୃଷ୍ଟି ହେବା ସହିତ ସ୍ୱାର୍ଥପରତା ବୃଦ୍ଧି ପାଉଛି। ଏହାଦ୍ୱାରା ସମାଜରେ ବିଭାଜନ ବଢୁଛି ଏବଂ ପ୍ରତ୍ୟେକ ନାଗରିକ ଏକାକୀ ବଞ୍ଚିଥିଲା ଭଳି ହୃଦ୍‌ବୋଧ କରୁଛି। କେବଳ ନିଜର ଅତି ନିକଟ ପରିବାରକୁ ଛାଡ଼ିଦେଲେ ସାଙ୍ଗସାଥୀମାନଙ୍କ ଉପରେ ମଧ ଭରସା କରି ବଞ୍ଚିବା ସମ୍ଭବପର ବୋଲି ଅଧିକାଂଶ ଭାବୁନାହାନ୍ତି। ସବୁ ବନ୍ଧୁତ୍ୱ ଏକ ଉପରଠାଉରିଆ ସ୍ତରରେ ଆସି ପହଞ୍ଚିଥିବାରୁ ପରସ୍ପରକୁ ସନ୍ଦେହ କରିବା ଦେଖାଦେଲାଣି। ଏଭଳି ପ୍ରଚ୍ଛଦପଟରେ ଭିକ୍ଟୋରିଆଙ୍କ ଭଳି ମାତା ଅତ୍ୟନ୍ତ ସ୍ୱାର୍ଥପରତାରେ ମାତାଲ ହୋଇଯାଉଥିବା ବୁଝାପଡୁଛି। କିନ୍ତୁ ସେ ଏକୁଟିଆ ନୁହନ୍ତି; ସୁଯୋଗ ମିଳିଲେ ତାଙ୍କ ଭଳି ମାରାତ୍ମକ ମାତା ସୃଷ୍ଟି ହେଲେ କେହି ଆଶ୍ଚର୍ଯ୍ୟ ହେବା କଥା ନୁହେଁ।

# ଚାଷୀ ଆତ୍ମହତ୍ୟାର ମୂଳ କାରଣ



ବିଚିତ୍ର ବିଶ୍ୱାଳ

ଓଡ଼ିଶାରେ ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖୁବ୍ ସାଧାରଣ। ସେହି ବାତ୍ୟାକୁ ନେଇ ଗୋଟିଏ ଘଟଣା। ଥରେ ବାତ୍ୟାରେ ଗୋଟିଏ ଗଛ ଉପୁଡ଼ି ନିକଟରେ ଥିବା ଏକ ଗୁହାଳ ଉପରେ ପଡ଼ି କାନ୍ଥ ଭାଙ୍ଗିଗଲା। କାନ୍ଥ ଭାଙ୍ଗିଯିବାରୁ ଭିତରେ ବନ୍ଧା ହୋଇଥିବା ଏକ ଛେଳିର ବେକ ଦଉଡ଼ିରେ ଚିପି ହୋଇଗଲା ଓ ଛେଳିଟି ମରିଗଲା। ଏବେ ଆସିବା ଛେଳି ମରିବା କାରଣକୁ। ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଲା, ଛେଳିଟିର ବେକରେ ପଘା ଚିପି ହୋଇଯିବାରୁ ଅଣନିଃଶ୍ୱାସୀ ହୋଇ ମରିଛି। ବେକରେ ପଘା ଚିପି ହୋଇଯିବା ଛେଳି ମୃତ୍ୟୁର ଏକମାତ୍ର କାରଣ ନା ଏହା ପଛରେ ଆଉ କିଛି କାରଣ ଅଛି? ବେକରେ ପଘା ଚିପି ହୋଇଯାଇଥିବାରୁ ଛେଳିଟି ମରିଥାଇପାରେ, କିନ୍ତୁ ଏହା ତା'ର ଏକମାତ୍ର କାରଣ ନୁହେଁ। ଛେଳିଟି ମରିବା ପଛରେ ଏକାଧିକ ଓ ଗୁରୁତ୍ୱପୂର୍ଣ୍ଣ କାରଣ ଅଛି। ସ୍ୱାଭାବିକ ଭାବେ ଛେଳିଟିର ବେକରେ ପଘା ଚିପି ହୋଇନାହିଁ। କାନ୍ଥ ପଡ଼ିବା ଯୋଗୁ ଛେଳିଟିର ବେକରେ ପଘା ଚିପି ହୋଇଗଲା। ଆହୁରି କାରଣ ବିଶ୍ଳେଷଣ କଲେ ପାଇବା ଯେ, ବାତ୍ୟା ହେବାରୁ ହିଁ ଗଛ ପଡ଼ିଲା, ଗଛ ପଡ଼ିବାରୁ କାନ୍ଥ ପଡ଼ିଲା ଓ ଛେଳିର ବେକରେ ପଘା ଚିପି ହୋଇଗଲା ଏବଂ ମୃତ୍ୟୁବରଣ କଲା। ତେଣୁ ଛେଳିମୃତ୍ୟୁର ଅସଲ କାରଣ ବା ମୂଳ କାରଣ ହେଉଛି ବାତ୍ୟା। କେବଳ ପଘା ବେକରେ ଚିପି ହୋଇ ଛେଳିଟି ମରିଛି କହିଲେ ଏହା ଅର୍ଦ୍ଧସତ୍ୟ ହେବ।

ସମାଜବିଜ୍ଞାନ ଅନୁସାରେ ପ୍ରତ୍ୟେକ ଘଟଣାର ତିନୋଟି କାରଣ ଅଛି। ତୁରନ୍ତ କାରଣ, ଅନ୍ତର୍ନିହିତ କାରଣ ଓ ମୂଳ କାରଣ ବା ମୌଳିକ କାରଣ। ଛେଳିମୃତ୍ୟୁ କ୍ଷେତ୍ରରେ ପଘା ବେକରେ ଚିପି ହେବା ହେଉଛି ତୁରନ୍ତ କାରଣ। ଗଛ ପଡ଼ିବା ହେଉଛି ଅନ୍ତର୍ନିହିତ କାରଣ ଓ ବାତ୍ୟା ହେଉଛି ମୂଳ କାରଣ। ସମ୍ପ୍ରତି ଆମ ରାଜ୍ୟ ଓ ଦେଶରେ ଦେଖାଯାଉଥିବା ବ୍ୟାପକ କୃଷକ ଆତ୍ମହତ୍ୟା ଘଟଣାଗୁଡ଼ିକୁ ଠିକ୍ ଏହିପରି ତର୍ଜମା ନ କଲେ ସତ୍ୟର ଅପଳାପ ହେବ। ରିପୋର୍ଟ ଅନୁସାରେ, ୨୦୧୩ରୁ ୨୦୨୨, ଦଶ ବର୍ଷ ମଧ୍ୟରେ ଆମ ରାଜ୍ୟର ୨୧ଟି ଜିଲାରେ ୭୯ ଜଣ ଚାଷୀ କୃଷିଜନିତ କାରଣରୁ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। କିନ୍ତୁ ଏହିସବୁ ଆତ୍ମହତ୍ୟାକୁ ସରକାର ଚାଷୀ ଆତ୍ମହତ୍ୟା ତଥା କୃଷିଜନିତ କାରଣରୁ ଆତ୍ମହତ୍ୟା ବୋଲି ମାନିବାକୁ ରାଜି ନୁହନ୍ତି। ରାଜ୍ୟ ସରକାରଙ୍କ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଏହିସବୁ ଆତ୍ମହତ୍ୟାର ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, କୃଷିଜନିତ କାରଣରୁ ନୁହେଁ ବରଂ ପାରିବାରିକ ସମସ୍ୟା ଓ ଅନ୍ୟାନ୍ୟ କାରଣରୁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି। ଖୋଦ୍ କୃଷିମନ୍ତ୍ରୀ ଗତ ବିଧାନସଭାରେ ଏହି ତଥ୍ୟ ରଖିଥିଲେ। ୨୦୧୫ରେ ବଲାଙ୍ଗୀର ଜିଲାରେ ଆତ୍ମହତ୍ୟା କରିଥିବା ୩ ଜଣ ଚାଷୀଙ୍କ ତଦନ୍ତ ରିପୋର୍ଟରେ କୃଷି ବିଭାଗର ଅଧିକାରୀ କହିଛନ୍ତି ଯେ, ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଯଦି କାରଣ ଜଣାପଡ଼ିନାହିଁ, ତାହେଲେ ଏହା କିପରି ତଦନ୍ତ! ନବରଙ୍ଗପୁର ଜିଲାରେ ଆତ୍ମହତ୍ୟା କରିଥିବା ୩ ଚାଷୀଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ପାରିବାରିକ କାରଣ ଯୋଗୁ ସେମାନେ ଆତ୍ମହତ୍ୟା କରିଛନ୍ତି। ବରଗଡ଼ ଜିଲାରେ ୨୦୧୫ରୁ ୨୦୧୭ ମଧ୍ୟରେ ସର୍ବାଧିକ ୧୪ ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, କିଛି ଚାଷୀ ପାରିବାରିକ କଳହ ଓ କିଛି ଚାଷୀ ମାନସିକ ଚାପରେ ରହିଥିବା ଯୋଗୁ ଆତ୍ମହତ୍ୟା କରିଛନ୍ତି। ଆଉ କିଛି ଚାଷୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ବରଗଡ଼, ବଲାଙ୍ଗୀର ଓ ନବରଙ୍ଗପୁର ପରି ଅନ୍ୟାନ୍ୟ ଜିଲାର ଆତ୍ମହତ୍ୟା ଘଟଣାର ତଦନ୍ତ ରିପୋର୍ଟରେ ବି ଏକାପରି କାରଣ ଦର୍ଶାଯାଇଛି।



ଆତ୍ମହତ୍ୟାର କାରଣ ଦର୍ଶାଉଥିବା ଏହିସବୁ ତଦନ୍ତ ରିପୋର୍ଟ ଠିକ୍ ଛେଳି ମୃତ୍ୟୁର କାରଣ ବେକରେ ପଘା ଚିପି ହେବା ପରି। ମୂଳ ଅର୍ଥାତ୍ ମୌଳିକ କାରଣକୁ ଜାଣି ଜାଣି ତଦନ୍ତ ରିପୋର୍ଟରେ ଦର୍ଶାଯାଇନାହିଁ। ଜଣେ ଆତ୍ମହତ୍ୟା କରିଛି ଅର୍ଥ, ସେ ମାନସିକ ଚାପରେ ରହିବା ଯୋଗୁ ହିଁ ଆତ୍ମହତ୍ୟା କରିଛି। କିନ୍ତୁ ଅସଲ ପ୍ରଶ୍ନ ହେଉଛି, ସେ ମାନସିକ ଚାପରେ ଥିଲା କାହିଁକି? ଏହି ମୂଳ କାରଣକୁ ଜାଣି ଜାଣି ତଦନ୍ତ ପ୍ରବେଶ କରିନାହିଁ। ପାରିବାରିକ ଅଶାନ୍ତି କାରଣ ଯୋଗୁ ଚାଷୀଟି ଆତ୍ମହତ୍ୟା କରିଛି, ଏହା ସତ୍ୟ। କିନ୍ତୁ ଏହା ହେଉଛି ଆତ୍ମହତ୍ୟାର ତୁରନ୍ତ କାରଣ। ତା'ର ଅନ୍ତର୍ନିହିତ କାରଣ କ'ଣ? ମୌଳିକ କାରଣ କ'ଣ? ତାହା ହିଁ ହେବ ଚାଷୀ ଆତ୍ମହତ୍ୟାର ଅସଲ କାରଣ। ତୁରନ୍ତ କାରଣକୁ ଟପି ଯଦି ଆମେ ଘଟଣାକୁ ଆହୁରି ଗମ୍ଭୀର ଭାବେ ବିଶ୍ଳେଷଣ କରିବା, ତେବେ ଆତ୍ମହତ୍ୟାର ଅନ୍ତର୍ନିହିତ କାରଣ ଓ ମୌଳିକ କାରଣକୁ ଠାବ କରିପାରିବା। ଯଦି ଘଟଣାର ମୂଳକୁ ଦେଖିବାକୁ ଚେଷ୍ଟା କରିବା ତେବେ ପାଇବା ଯେ, ଚାଷୀଟିଏ ଦୀର୍ଘ ବର୍ଷ ହେବ ଚାଷରେ କ୍ଷତି ସହି ଆସୁଛି। ଏହା ପଛରେ ଥିବା କାରଣଗୁଡ଼ିକ ହେଉଛି, ଚାଷରେ ନିବେଶ ଖର୍ଚ୍ଚ ବହୁତ ବଢ଼ିଛି। ଅମଳ ପରେ ଚାଷୀ ଯେତେବେଳେ ତା'ର ଉତ୍ପାଦକୁ ବିକ୍ରି କରୁଛି, ସେତେବେଳେ ତାକୁ ଉଚିତ୍ ଓ ନ୍ୟାୟପୂର୍ଣ୍ଣ ମୂଲ୍ୟ ମିଳୁନାହିଁ। ଏକ କ୍ୱିଣ୍ଟାଲ ଧାନ ବା ଗହମ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନାମରେ ଚାଷୀକୁ ଯାହା ମିଳୁଛି, ତାହା ତା'ର ନିବେଶ ଖର୍ଚ୍ଚଠାରୁ କମ୍। ତେଣୁ ଚାଷୀଟି ସିଧାସିଧା କ୍ଷତି ସହୁଛି। ଏତଦ୍ ବ୍ୟତୀତ ଅନେକ ଚାଷୀ ମଣ୍ଡିରେ ସର୍ବନିମ୍ନ ସହାୟକ ମୂଲ୍ୟରେ ତାଙ୍କ ଉତ୍ପାଦ ବିକିବାକୁ ସକ୍ଷମ ନ ହୋଇପାରି ଆହୁରି କମ୍ ଦାମ୍‌ରେ ଘରୋଇ ବେପାରୀଙ୍କୁ ବିକ୍ରି କରୁଛନ୍ତି। ଏହା ବାଦ୍ ପ୍ରାୟ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀର ବ୍ୟାପକ ଫସଲ ହାନି ହେଉଛି। ଉଜୁଡ଼ା ଫସଲର କ୍ଷତିପୂରଣ ସରକାର ଯାହା ଦେଉଛନ୍ତି ଓ ଯେତେ ବିଳମ୍ବରେ ଦେଉଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି। ତେଣୁ ଗୋଟିଏ ପଟେ ଚାଷରେ କ୍ଷତି ବଢୁଛି ଓ ଅନ୍ୟପଟେ ଚାଷରେ ନିବେଶ ଖର୍ଚ୍ଚ ବଢୁଥିବା ଯୋଗୁ ଚାଷୀର ଋଣଭାର ବଢ଼ିବଢ଼ି ଚାଲୁଛି। ବର୍ଷକୁବର୍ଷ ଚାଷରେ କ୍ଷତି ଓ ବର୍ଦ୍ଧିତ ଋଣଭାର ଯୋଗୁ ଚାଷୀ ତା'ପରିବାରର ବୋଝକୁ ଉଠେଇବାକୁ ସକ୍ଷମ ହୋଇପାରୁ ନାହିଁ। ତେଣୁ ପାରିବାରିକ କଳହ ଓ ଅଶାନ୍ତି ବଢ଼ି ଚାଷୀ ମାନସିକ ଚାପରେ ରହୁଛି। ଋଣଭାର ବଢ଼ିବାରୁ ଋଣଦାତାଙ୍କର ଚାଷୀ ଉପରେ ଜୁଲୁମ ବଢୁଛି। ଏହାଦ୍ୱାରା ମାନସିକ ଚାପ ଆହୁରି ବୃଦ୍ଧିପାଉଛି। ଫଳରେ ଚାଷୀଟି ସହି ନ ପାରି ଆତ୍ମହତ୍ୟାର ରାସ୍ତା ଆପଣେଇ ନେଉଛି। ଏହିସବୁ ଚାଷୀ ଆତ୍ମହତ୍ୟାର ମୂଳ କାରଣକୁ ଯଦି ବିଶ୍ଳେଷଣ କରିବା, ତେବେ ଆମେ ପାଇବା ଯେ ଚାଷରେ କ୍ରମାଗତ କ୍ଷତି ଯୋଗୁ ପାରିବାରିକ ଅଶାନ୍ତି ଓ ମାନସିକ ଚାପ ବଢୁଛି। ଯଦି ଚାଷୀଟି ଚାଷର ଲାଭ ପାଇଥା'ନ୍ତା ବା ତା' ପରିବାରର ବୋଝକୁ ସୁରୁଖୁରୁରେ ଉଠେଇ ପାରନ୍ତା, ତେବେ ନା ପାରିବାରିକ ଅଶାନ୍ତି ବଢ଼ନ୍ତା ନା ମାନସିକ ଚାପ ବଢ଼ନ୍ତା। ତେଣୁ ଚାଷୀ ଆତ୍ମହତ୍ୟାର ମୂଳ ବା ମୌଳିକ କାରଣକୁ ଯଦି ବିଶ୍ଳେଷଣ କରିବା, ତେବେ ଗୋଟିଏ କଥା ମିଳିବ ଯେ ଏହା କେବଳ ଚାଷଜନିତ ଆତ୍ମହତ୍ୟା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ସରକାର ନିଜ ଭୂମିକାକୁ ଲୁଚେଇବା ପାଇଁ କେବଳ ତୁରନ୍ତ କାରଣକୁ ତଦନ୍ତ ରିପୋର୍ଟରେ ଦର୍ଶେଇ ମୂଳ କାରଣକୁ ଆଲୋକକୁ ଆଣୁନାହାନ୍ତି। ଚାଷୀ ଆତ୍ମହତ୍ୟାର ମୂଳ କାରଣକୁ ନ ଗଲେ ବା ସତ୍ୟକୁ ସ୍ୱୀକାର ନ କଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଯଦି ଆମେ ସତରେ ଚାଷୀ ଆତ୍ମହତ୍ୟା ପରି ଘଟଣାର ସ୍ଥାୟୀ ସମାଧାନ ଚାହୁଁଛେ, ତେବେ ପ୍ରଥମେ ତା'ର ମୂଳ କାରଣକୁ ଯିବାକୁ ହେବ ଓ ନମ୍ରତାର ସହିତ ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରିବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଆଞ୍ଚଳିକ ବୈଷମ୍ୟ



ଡ. ଦୀପକ କୁମାର ନନ୍ଦ

ଓଡ଼ିଶାର ଆଞ୍ଚଳିକ ବୈଷମ୍ୟ ତଥା ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ, ପଶ୍ଚିମ, ଦକ୍ଷିଣ ଏବଂ ଉତ୍ତରାଞ୍ଚଳ ମଧ୍ୟରେ ଅତିମାତ୍ରାରେ ପରିଲକ୍ଷିତ ହୁଏ। ୧୯୯୪ ରେ ପଶ୍ଚିମ ଓଡ଼ିଶା ପାଇଁ ଭିନ୍ନ ଏକ ବିକାଶ ପରିଷଦ ଗଠନ, ମାନବ ବିକାଶ ରିପୋର୍ଟ–୨୦୦୨ ଏବଂ ଆଞ୍ଚଳିକ ବୈଷମ୍ୟ ଆୟୋଗ ରିପୋର୍ଟ–୨୦୦୮ ମାଧ୍ୟମରେ ଏହାର ମାତ୍ରା ପରିଲକ୍ଷିତ। ସାମ୍ପ୍ରତିକ ସମୟରେ ଆଞ୍ଚଳିକ ବୈଷମ୍ୟ ପାଇଁ ଭାରତରେ ପୃଥକ୍ ରାଜ୍ୟର ତର୍କ ଆଧାର ପାଲଟିଛି ଏବଂ ସେହିଭଳି ଭିନ୍ନ ଏକ କୋଶଳ ରାଜ୍ୟର ତର୍କ ଏହାର ପ୍ରତିଫଳନ। ଅବଶ୍ୟ କୋଶଳ ରାଜ୍ୟର ତର୍କ ଏକ ପୁରାତନ ବିଷୟ। ପ୍ରଥମକରି ଦେଶ ସ୍ୱାଧୀନ ପରେ ପରେ ରାଜ୍ୟ ଏକତ୍ରୀକରଣ ସମୟରେ ସାମନ୍ତବାଦୀ ଶାସକ ଗୋଷ୍ଠୀ ଏହାର ପରିକଳ୍ପନା କରିଥିଲେ। ପାଟ୍‌ନା ରାଜ୍ୟ (ବର୍ତ୍ତମାନର ବାଲାଙ୍ଗୀର)ର ଶାସକ ଏହାର ନେତୃତ୍ୱ ନିଭାଇ ଥିଲେ। ତେଣୁ କୋଶଳ ରାଜ୍ୟର ପ୍ରଥମ ଦାବିଠାରୁ ଇତିମଧ୍ୟରେ ପାଖାପାଖି ୭୫ ବର୍ଷ ବିତିଗଲାଣି ଏବଂ ଆନ୍ଦୋଳନର ପ୍ରକୃତି ମଧ ସମ୍ପୂର୍ଣ୍ଣ ବଦଳିଗଲାଣି। ଏହା ପୂର୍ବରୁ ସାମନ୍ତବାଦୀ ଶାସକମାନଙ୍କ ପାଇଁ କୋଶଳ ରାଜ୍ୟର ଦାବି କେବଳ ନିଜର ଶାସନ ବଜାୟ ରଖିବାର ଏକ ସୁନିୟୋଜିତ ପରିକଳ୍ପନା ଥିଲା। କିନ୍ତୁ ବର୍ତ୍ତମାନ ଏହା ଏକ ସର୍ବସାଧାରଣ ସମ୍ବଳ ବଣ୍ଟନରେ ଆଞ୍ଚଳିକ ପ୍ରାଧାନ୍ୟ ଏବଂ ଶୋଷଣ ଉପରେ ଅଧାରିତ। ତେବେ ପ୍ରଶ୍ନ ହେଉଛି, ଓଡ଼ିଶାରେ କାହିଁକି ଆଞ୍ଚଳିକ ବୈଷମ୍ୟ ପରିଲକ୍ଷିତ ହୁଏ?

ଅର୍ଥନୈତିକ, ଭୌଗୋଳିକ, ସାମାଜିକ ଏବଂ ଶାସନ ପରି ଏକାଧିକ କାରଣ ଆଞ୍ଚଳିକ ବୈଷମ୍ୟ ସହିତ ଜଡ଼ିତ। ହେଲେ ବିକାଶର ରାଜନୀତି ଅନେକ ମାତ୍ରାରେ ଜଡ଼ିତ। ପ୍ରତ୍ୟେକ ସମ୍ବଳର ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନ ପ୍ରକ୍ରିୟାରେ ଭବିଷ୍ୟତର ଲାଭ ଏବଂ ହାନିକୁ ହିସାବ ଆଧାରରେ ବିବାଦ ସୃଷ୍ଟି ହୋଇଥାଏ। ଯୋଉମାନେ ଶାସନଭାର ସମ୍ଭାଳିଥା'ନ୍ତି, ସେମାନେ ନିଜର ଚାହିଦା ଏବଂ ଲାଭାନୁସାରେ ସର୍ବସାଧାରଣ ସମ୍ବଳର ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନକୁ ପ୍ରଭାବିତ କରିଥା'ନ୍ତି ଉଭୟ ବ୍ୟକ୍ତିଗତ, ସାମାଜିକ ଏବଂ ଆଞ୍ଚଳିକ ସ୍ତରରେ। ତେଣୁ ଓଡ଼ିଶାରେ ଆଞ୍ଚଳିକ ବୈଷମ୍ୟର ତିନୋଟି ମୁଖ୍ୟ କାରଣ ହେଉଛି, ସାମାଜିକ ଏବଂ ସଂସ୍କୃତିକୁ ବିବିଧତା, ଜାତିଗତ ଏବଂ ଆଞ୍ଚଳିକ ଭେଦଭାବକାରୀ ରାଜନୈତିକ ନେତୃତ୍ୱ ଶକ୍ତି ଏବଂ ସର୍ବସାଧାରଣ ସମ୍ବଳର ଅସନ୍ତୁଳିତ ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନ, ଯାହା ଏକ ଆରେକକୁ ପ୍ରଭାବିତ କରିଥାଏ।

ସର୍ବସାଧାରଣ ସମ୍ବଳର ବ୍ୟବହାର ଏବଂ ବିତରଣରେ ସାମାଜିକ ତଥା ଆଞ୍ଚଳିକ ସ୍ତରରେ ରାଜନୈତିକ ଶକ୍ତି ଏବଂ ନେତୃତ୍ୱର ସ୍ୱାର୍ଥ, ଆଦର୍ଶ ଏବଂ ପ୍ରକୃତି ଉପରେ ନିର୍ଭର କରେ। ଓଡ଼ିଶାରେ ଏହା ଏକ ଐତିହାସିକ ଏବଂ ସମସାମୟିକ ସମସ୍ୟା। ଉଦାହରଣ ସ୍ୱରୂପ ଐତିହାସିକ ଭାବରେ, ମଧ୍ୟଯୁଗ କାଳରେ, ପୂର୍ବ ଉପକୂଳ ଅଞ୍ଚଳ ମୋଗଲ ଶାସନ ଅଧୀନରେ ଥିଲା ଏବଂ ଅଷ୍ଟାଦଶ ଶତାବ୍ଦୀରେ ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନ ଅଧୀନରେ ଆସିଥିଲା। ଅନ୍ୟପଟେ, ରାଜପୁତ ଶାସକମାନେ ଓଡ଼ିଶାର ପଶ୍ଚିମାଞ୍ଚଳକୁ ପ୍ରାୟତଃ ଖ୍ରୀଷ୍ଟାବ୍ଦ ୮୦୦–୧୦୦୦ରୁ ନିଜ ଅକ୍ତିଆରରେ ରଖିଥିଲେ। ଇଂରେଜ ଶାସନ ସମୟରେ ମଧ ତାଙ୍କ ସହିତ ମିଶି ଶାସନ କରିଥିଲେ। ତେଣୁ କୃଷି ଜମିର



ବଣ୍ଟନ ଏବଂ ଅନ୍ୟାନ୍ୟ ଜନ କଲ୍ୟାଣ କାର୍ଯ୍ୟ ଯେପରିକି ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପଦକ୍ଷେପ ଦୁଇଟି ଅଞ୍ଚଳରେ ଭିନ୍ନ। ଅବଶ୍ୟ କୃଷି ଜମିର ବଣ୍ଟନ ଉଭୟ ଅଞ୍ଚଳରେ ସମାଜରେ ସମାନ ଭାବରେ ବଣ୍ଟନ କରାଯାଇ ନାହିଁ, କିନ୍ତୁ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଧୁନିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରଥମେ ସୃଷ୍ଟି କରାଯାଇଥିଲା। ଅନ୍ୟପକ୍ଷରେ, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପଶ୍ଚିମ ଅଞ୍ଚଳରେ ବ୍ରିଟିଶ୍ ଶାସକଙ୍କ ପ୍ରଭାବ ପରେ ବିଦ୍ୟାଳୟ ଏବଂ ଡାକ୍ତରଖାନା ଖୋଲାଯାଇଥିଲା। ଅବଶ୍ୟ ଉଭୟ ଅଞ୍ଚଳରେ ସାମାଜିକ ଏବଂ ସାଂସ୍କୃତିକ ପରମ୍ପରା ଏବଂ ଆଦର୍ଶ ସର୍ବଦା ଜାତିବାଦୀ, ଯାହାକି ଐତିହାସିକ ଭାବରେ ଓଡ଼ିଶାର ରାଜପୁତ ସାମ୍ରାଜ୍ୟବାଦୀଙ୍କ ଶ୍ରେୟ, ଯେଉଁଠାରେ ଦଳିତ, ଆଦିବାସୀ ଏବଂ ଅନ୍ୟାନ୍ୟ ଅନଗ୍ରସର ଜାତିମାନେ ଅବହେଳିତ ଏବଂ ଶୋଷିତ। ସେହି ସମାନ ବ୍ୟବସ୍ଥା ଦେଶ ସ୍ୱାଧୀନ ପରବର୍ତ୍ତୀ ଓଡ଼ିଶା ରାଜ୍ୟ ଶାସନ ଏବଂ ରାଜନୈତିକ ନେତୃତ୍ୱରେ ମଧ ପରିଲକ୍ଷିତ ହୁଏ। ରାଜନୈତିକ ବିଶେଷଜ୍ଞ ମନୋରଞ୍ଜନ ମହାନ୍ତିଙ୍କ ଅନୁସାରେ, ରାଜ୍ୟ ନିର୍ବାଚନ ରାଜନୀତିରେ ଉଚ୍ଚ ବର୍ଗର ରାଜନେତାଙ୍କ ଅତ୍ୟଧିକ ପ୍ରଭାବ ଗଣତନ୍ତ୍ରରେ ସଙ୍କଟ ସୃଷ୍ଟି କରୁଛି। ଅନ୍ୟପକ୍ଷରେ, ଆଦିବାସୀ ଏବଂ ଦଳିତବର୍ଗ ଏବେ ମଧ ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ୨୦୧୧–୧୨ ଦାରିଦ୍ର୍ୟ ଜନଗଣନା ଅନୁଯାୟୀ, ଏସ୍‌ଟି ଏବଂ ଏସ୍‌ସି ବର୍ଗର ଦାରିଦ୍ର୍ୟ ହାର ଯଥାକ୍ରମେ ୬୩.୫୨ ଏବଂ ୪୧.୩୯ ପ୍ରତିଶତ ଥିଲାବେଳେ ଅନ୍ୟାନ୍ୟ ଅନଗ୍ରସର ଏବଂ ସାଧାରଣବର୍ଗ ଗୋଷ୍ଠୀର ଦାରିଦ୍ର୍ୟ ହାର ୨୪.୧୬ ଏବଂ ୧୪.୨୦ ପ୍ରତିଶତ। ତେବେ ପ୍ରଶ୍ନହୁଏ ସାମାଜିକ, ଅର୍ଥନୀତି ଏବଂ ରାଜନୀତିରେ ଅଗ୍ରସର ସାଧାରଣ ବର୍ଗ କିଭଳି ଭାବରେ ପୂର୍ବ ଉପକୂଳ ଅଞ୍ଚଳର ପ୍ରାଧାନ୍ୟକୁ ଦର୍ଶାଏ? ଯାହା କୋଶଳ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି। ଏହାର ଉତ୍ତରଟି ଅତି ସରଳ ; ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଅନ୍ୟାନ୍ୟ ଅନଗ୍ରସର ଏବଂ ସାଧାରଣବର୍ଗ ଗୋଷ୍ଠୀ ଅଧିକ ବସବାସ କରୁଥିଲାବେଳେ ପଶ୍ଚିମାଞ୍ଚଳରେ ଆଦିବାସୀ ଏବଂ ଦଳିତଙ୍କ ଜନସଂଖ୍ୟା ଅଧିକ। ୨୦୧୧ ଜନଗଣନା ଅନୁଯାୟୀ, ସମୁଦାୟ ପୂର୍ବବର୍ତ୍ତୀ ଅଞ୍ଚଳ ଜନସଂଖ୍ୟାର (୧,୫୭,୬୯,୦୫୨) ୧୯.୪୨ ଏବଂ ୪.୮୦ ପ୍ରତିଶତ ଭାଗ ଏସ୍‌ସି ଏବଂ ଏସ୍‌ଟି ହୋଇଥିବାବେଳେ ତାହା ସମୁଦାୟ ପଶ୍ଚିମାଞ୍ଚଳ ଜନସଂଖ୍ୟାର (୯୯,୫୪,୨୪୭) ୧୬.୬୬ ଏବଂ ୩୦.୬୦ ପ୍ରତିଶତ। ତେଣୁ ଓଡ଼ିଶା ଶାସନ ଏବଂ ରାଜନୈତିକ ନେତୃତ୍ୱରେ ପୂର୍ବ ଉପକୂଳବର୍ତ୍ତୀ ଆଞ୍ଚଳିକ ପ୍ରାଧାନ୍ୟର ଅନ୍ୟ ଅର୍ଥ ହେଉଛି ସାଧାରଣବର୍ଗ ଗୋଷ୍ଠୀଙ୍କ ଶାସନ ଏବଂ ରାଜନୈତିକ ନେତୃତ୍ୱରେ ଅଧିପତ୍ୟ, କାହିଁକିନା ଏହାର ଜନସଂଖ୍ୟାକୁ ନେଇ ହିଁ କୌଣସି ଏକ ଅଞ୍ଚଳ ଗଠିତ। ଅନ୍ୟପଟେ ପଶ୍ଚିମାଞ୍ଚଳର ଚିତ୍ରପଟ ମଧ ସମାନ। ଯଥା ସାମ୍ରାଜ୍ୟବାଦୀ ରାଜପୁତ ଶାସକ ବଂଶ ସହିତ ଅନ୍ୟାନ୍ୟ ସାଧାରଣବର୍ଗର ଶାସନ ଏବଂ ରାଜନୈତିକ ନେତୃତ୍ୱ ପରିଲକ୍ଷିତ। ଆଉ ସେହି ଦୁଇ ସାମାଜିକ ଶ୍ରେଣୀ ହିଁ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳର ନେତୃତ୍ୱ ସହିତ ମିଶି ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରୁ କ୍ଷମତାସୀନ। ଅତଏବ, ସାମାଜିକ ଅସମାନତା ଅବଂ ଆଞ୍ଚଳିକ ବୈଷମ୍ୟ ଏକ ଆରେକର ପରିପୂରକ। ତେଣୁ ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ସାମାଜିକ ଏବଂ ସାଂସ୍କୃତିକ ଅସମାନତା, ଜାତିଗତ ଏବଂ ଆଞ୍ଚଳିକ ଭେଦଭାବକାରୀ ରାଜନୈତିକ ଶକ୍ତି ଏବଂ ସର୍ବସାଧାରଣ ସମ୍ବଳର ଅସନ୍ତୁଳିତ ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନକୁ ନିଶ୍ଚୟ ସମାନ ଭାବରେ ପ୍ରାଧାନ୍ୟ ଦେବା ଉଚିତ।

nandadeepak3@gmail.com

## ଏଇ ଭାରତରେ

ଗୁରୁଙ୍କ ଗୌରବ କଥା ଆସିଲେ ମନେପଡ଼ନ୍ତି ବିହାରର ରଜନୀକାନ୍ତ(ଆର.କେ.) ଶ୍ରୀବାସ୍ତବ। ୧୫ ବର୍ଷ ହେଲା ସେ ପିଲାମାନଙ୍କୁ ଏକ ଟଙ୍କା ଦକ୍ଷିଣାର ପଢ଼ାଉଛନ୍ତି। ରୋହତାସ ଜିଲା ବିକ୍ରମଗଞ୍ଜରେ ସେ ଏକ ସ୍ୱତନ୍ତ୍ର କ୍ଲାସ କରୁଛନ୍ତି ଓ ତାହାକୁ 'ଏକ ଟଙ୍କା ଦକ୍ଷିଣା କ୍ଲାସ୍' ବୋଲି ସମସ୍ତେ ଜାଣନ୍ତି। ଆର.କେ ସାର୍ ଜଣେ ଗଣିତ ଶିକ୍ଷକ। ସେ ପିଲାମାନଙ୍କୁ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବାରେ ସାହାଯ୍ୟ କରୁଛନ୍ତି। ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଦେୟ ରଖିଛନ୍ତି ମାତ୍ର ୧ଟଙ୍କା। ତାଙ୍କର ଏପରି କାର୍ଯ୍ୟ ପଛରେ ଏକ କାହାଣୀ ରହିଛି। ଆର୍.କେ.ସାର୍‌ଙ୍କ ଆଦ୍ୟଜୀବନ ଅଭାବରେ କଟିଥିଲା। ବହୁକଷ୍ଟରେ ସେ ପାଠପଢ଼ି ଦ୍ୱାଦଶ ପାସ କରିବା ପରେ ଇଞ୍ଜିନିୟର ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଆଇଆଇଟି ପାଇଁ ପ୍ରସ୍ତୁତ ହେବା ସମୟରେ ତାଙ୍କୁ ଟିବି ହୋଇଗଲା ଓ ସେ ସେଥିରୁ ବଞ୍ଚିତ ହୋଇଥିଲେ। ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ୧ଟଙ୍କା ଦେୟରେ ପଢ଼ାଇବା ସହ ନିଜେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୮ରେ ସେ କୋଚିଂ କ୍ଲାସ୍ ଖୋଲିଥିଲେ। ଏବେ ସୁଦ୍ଧା ତାଙ୍କ ନିକଟରୁ ୫୪୫ ପିଲା କୋଚିଂ ନେଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ସାରିଲେଣି। କେବଳ ଏତିକି ନୁହେଁ, ଆର୍.କେ. ସାର୍ ମଧ ଦେଶର ପ୍ରତିଷ୍ଠିତ କୋଚିଂ ସେଣ୍ଟରରେ ପଢ଼ାଇ ଯାହା ରୋଜଗାର କରୁଛନ୍ତି ତାହାକୁ ତାଙ୍କ କୋଚିଂ କ୍ଲାସ୍ ପରିଚାଳନାରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୭

- ବଡ଼ଧରଣର ଘୂର୍ଣ୍ଣବାତ୍ୟା ଘଟି ପାରାଗୁଏରେ ଏକ ଷ୍ଟାଡ଼ିୟମ୍‌ର ଛାତ ଭୁଶୁଡ଼ି ୪୦ ମୃତ।
- ନୋବେଲ ପୁରସ୍କାର ବିଜୟିନୀ ତଥା ଶାନ୍ତି, ମୈତ୍ରୀର ମୂର୍ତ୍ତିମନ୍ତ ପ୍ରତୀକ ମଦର ଟେରେସାଙ୍କ ୮୭ ବର୍ଷ ବୟସରେ ପରଲୋକ।
- ନାଇଜେରିଆର ଦକ୍ଷିଣ–ପୂର୍ବାଞ୍ଚଳ ରାଜ୍ୟ ବାୟେଲସାଠାରେ ଏକ ନୌକା ଦୁର୍ଘଟଣା ଘଟି ୧୩୦ ଜଣଙ୍କ ମୃତ୍ୟୁ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| 1 | | | | | | 7 | | |
| | 6 | | | | 1 | | | |
| 6 | | | | | | | | |
| | | | | 8 | 6 | | 9 | |
| 2 | 7 | | | | | 4 | 5 | |
| 9 | | | | | | | | 5 |
| | 8 | | | 7 | 3 | | 1 | |
| | | | | 6 | 5 | 3 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 4 | 6 | 2 | 5 | 1 | 3 |
| 4 | 2 | 3 | 5 | 1 | 8 | 7 | 9 | 6 |
| 5 | 1 | 6 | 9 | 3 | 7 | 4 | 2 | 8 |
| 1 | 6 | 5 | 8 | 7 | 3 | 2 | 4 | 9 |
| 2 | 3 | 9 | 6 | 4 | 5 | 8 | 7 | 1 |
| 8 | 7 | 4 | 1 | 2 | 9 | 6 | 3 | 5 |
| 6 | 9 | 2 | 7 | 5 | 1 | 3 | 8 | 4 |
| 3 | 5 | 1 | 2 | 8 | 4 | 9 | 6 | 7 |
| 7 | 4 | 8 | 3 | 9 | 6 | 1 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଉଟି ସାମଗ୍ରୀରେ ଅପମିଶ୍ରଣ

ମହାଶୟ,

ପୁରୀ ସହର ତଥା ଜିଲାର ସମସ୍ତ ପଞ୍ଚାୟତ ଓ ତାହାର ଆଖପାଖ ଅଞ୍ଚଳରେ ଚାଉଳ, ଅଟା, ଡାଲି, ଘିଅ, ତେଲ, ମସଲାଗୁଣ୍ଡ ଆଦି ଖାଉଟି ସାମଗ୍ରୀରେ ବ୍ୟାପକ ଅପମିଶ୍ରଣ ହେଉଥିବା ଦେଖାଯାଉଛି। ମୁଷ୍ଟିମେୟ ଦଲାଲମାନେ ବେଆଇନ ଭାବେ ଏହି ଅପମିଶ୍ରଣ ଅବାଧରେ ଚଳାଇ ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ ଜିଲାର ୨ୟ ପର୍ଯ୍ୟଟନ କ୍ଷେତ୍ର ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ଚାଉଳରେ ଖୁଦ ଏବଂ ସ୍ୱତନ୍ତ୍ର ଆକାରର ଗୋଡି ମିଶାଯାଇ ବିକ୍ରି କରାଯାଉଥିବା ବେଳେ ଅପେକ୍ଷାକୃତ ନିମ୍ନମାନର ମୁଗଡାଲି ଓ ହରଡଡାଲିରେ ଏକ ପ୍ରକାର ହଳଦିଆ ରଙ୍ଗ ଦିଆଯାଉଛି। ଜିରାରେ ପାନମଧୁରୀ ସଦୃଶ ଶସ୍ୟ ଫିରା ମିଶାଇ ଜିରା ଦରରେ ବିକ୍ରିବଟା ହେଉଥିବା ବେଳେ ପୋସ୍ତକରେ ମଧ ସ୍ୱତନ୍ତ୍ର ଧରଣର ମଞ୍ଜି ମିଶାଇ ଚନ୍ଦନପୁର, ସାତଶଙ୍ଖ ଓ ସତ୍ୟବାଦୀ ଅଞ୍ଚଳରେ ବିକ୍ରି ଚାଲିଛି। ସେହିପରି ଘିଅ, ତେଲ ଓ ଶିଶୁ ଖାଦ୍ୟରେ ଅପମିଶ୍ରଣ ହେଉଛି। ଏଣୁ ଅପମିଶ୍ରଣ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାହୁଲଙ୍କୁ ଭେଟିଲେ ନୀତୀଶ

## ବିରୋଧୀ ଏକାଠି ହେବାକୁ ଆହ୍ୱାନ



ନୂଆଦିଲ୍ଲୀଠାରେ ରାହୁଲ ଗାନ୍ଧୀଙ୍କୁ ତାଙ୍କ ବାସଭବନରେ ଭେଟୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

ନୂଆଦିଲ୍ଲୀ,୫।୯(ପି.ଟି.)

ଦିଲ୍ଲୀ ଗସ୍ତରେ ଯାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାକୁ ହେଲେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ହେବ ବୋଲି ସେ ମତ ଦେଇଛନ୍ତି। ବିହାରରେ ଏନ୍‌ଡିଏରୁ ଓହରିଯାଇ ଆର୍‌ଜେଡି ଏବଂ କଂଗ୍ରେସ ସହ ମିଶି ମହାଗଠବନ୍ଧନ ସରକାର ଗଢ଼ିବା ପରେ ନୀତୀଶ ପ୍ରଥମ ଥର ଲାଗି ରାହୁଲଙ୍କୁ ଭେଟିଛନ୍ତି। ସେ ଏନ୍‌ସିପି ନେତା ଶରଦ ପାୱାର, ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ, ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀଙ୍କ ସମେତ ବିଭିନ୍ନ ବିରୋଧୀ ଦଳ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବାମଦଳଗୁଡ଼ିକର ନେତାଙ୍କୁ ମଧ୍ୟ ନୀତୀଶ ଭେଟିପାରନ୍ତି।

ଜେଡିୟୁ ଜାତୀୟ ପରିଷଦ ବୈଠକରେ ନୀତୀଶ କହିଥିଲେ, ଯଦି ସବୁ ବିରୋଧୀ ଦଳ ଏକାଠି ହୁଅନ୍ତି, ତେବେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ଦେଶରୁ ମୂଳପୋଛ ହୋଇଯିବ। ଦିଲ୍ଲୀ ଗସ୍ତ ସମ୍ପର୍କରେ ନୀତୀଶ ଖବରଦାତାମାନଙ୍କୁ କହିଥିଲେ, ବିହାରରେ ତାଙ୍କ ସରକାରକୁ ୭ଟି ଦଳ ସମର୍ଥନ କରୁଛନ୍ତି। ସେଥିରୁ ୪ଟି ଦଳର ନେତା ଦିଲ୍ଲୀରେ ଥିବାରୁ ସେମାନଙ୍କୁ ଭେଟିବା ଲାଗି ସେ ସେଠାକୁ ଯାଉଛନ୍ତି। ଏହା ବ୍ୟତୀତ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କରଙ୍କୁ ଭେଟିବେ ବୋଲି କହିଥିଲେ।

# ଆଜି ପହଞ୍ଚିବେ ନବୀନ

# ସ୍ୱାଗତ ପାଇଁ ବିରାଟ ପ୍ରସ୍ତୁତି

ଭୁବନେଶ୍ୱର,୫।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କୁ ମିଳିବା ପରେ ବିଜେଡି ଶିବିରରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ଦିଲ୍ଲୀରେ ଦଳୀୟ ନେତାମାନେ ବ୍ୟାପକ ଆୟୋଜନ କରିଥିଲେ। ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ଏକତ୍ରିତ କରିବା ସହ ଦଳର ଯୁବ ଓ ଛାତ୍ର ନେତାମାନେ ସେମାନଙ୍କ ସହିତ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ଗ୍ରହଣକରି ଫେରିବା ପରେ ସେଠାରେ ସମସ୍ତେ ତାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ସୋମବାର ରହିଥିବା ବେଳେ ସେଠାକୁ ସମ୍ବର୍ଦ୍ଧନା ଦେବା ଲାଗି ଗସ୍ତ କରିଥିବା ନେତାମାନେ ଫେରିଆସିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ତାଙ୍କ ୬ ଦିନିଆ ଗସ୍ତ ଶେଷକରି ମଙ୍ଗଳବାର ପୂର୍ବାହ୍ନ ୧୧.୨୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ତେବେ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ଲାଗି ପ୍ରବଳ ଭିଡ଼ ଜମିବ। ଦଳର ସହସ୍ରାଧିକ ନେତା ଓ କର୍ମୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସେଠାରେ ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତେଣୁ ପ୍ରବଳ ଭିଡ଼ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିମାନଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସ୍ୱତନ୍ତ୍ର ପରାମର୍ଶ ଜାରି କରିଛି। ବିମାନରେ ଯାତ୍ରା କରିବାକୁ ଥିବା ଯାତ୍ରୀମାନେ ଧାର୍ଯ୍ୟ ସମୟଠାରୁ ୩ ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ କମିଶନରେଟ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

ତେବେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲାଗି ପ୍ରତି ନିର୍ବାଚନମଣ୍ଡଳୀ ୱାରି ନେତାମାନେ ୨୦୦ରୁ ୩୦୦ ଲେଖାଏ କର୍ମୀଙ୍କୁ ସାଙ୍ଗରେ ଆଣି ଆସିବା ଲାଗି ଦଳର ଶୀର୍ଷସ୍ତରରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ବ୍ୟାପକ ଆୟୋଜନ ମଧ୍ୟ ହୋଇଛି। ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ ସାଙ୍ଗକୁ ରାସ୍ତା ସାରା ନବୀନଙ୍କ ପୋଷ୍ଟର, ବ୍ୟାନର ଏବଂ ଦଳୀୟ ପତାକାରେ ଛାଉଣି କରିଦିଆଯାଇଛି। ନବୀନ ବିମାନବନ୍ଦରଠାରେ ପହଞ୍ଚିବା ପରେ ସେଠାରୁ ତାଙ୍କୁ ସ୍ୱାଗତ କରିବା ସହିତ ଏକ ବିଶାଳ ରାଲି ଜରିଆରେ ନବୀନ ନିବାସକୁ ପାଛୋଟି ନିଆଯିବ। ଏହାସହ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀ ପୁଣିଥରେ ଉକ୍ତ ଜୀବନବ୍ୟାପୀ ସାଧନା ସମ୍ମାନକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ନେଇ ପୁଣିଥରେ ଘୋଷଣା କରିବେ। ହେଲେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଅଧୀନରେ ଆସୁଥିବା ନିର୍ବାଚନମଣ୍ଡଳୀ ନେତାମାନଙ୍କୁ ପ୍ରାୟ ହଜାରେ ଲେଖାଏ କର୍ମୀଙ୍କୁ ଆଣିବା ପାଇଁ କୁହାଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦର ନିକଟରେ ବିଜେଡି ପତାକାରେ ଛାଉଣି କରାଯାଇଛି।

## ବିମାନରେ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୩ ଘଣ୍ଟା ଆଗରୁ ପହଞ୍ଚିବାକୁ ନିର୍ଦ୍ଦେଶ

# ୭ରୁ କଂଗ୍ରେସର ଭାରତ ଯୋଡ଼ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୯(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ସମଗ୍ର ଭାରତରେ ଏକ ଅନିଶ୍ଚିତାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଦେଶର ଅର୍ଥନୀତି ଏକ ସଙ୍କଟମୟ ସନ୍ଧିକ୍ଷଣ ଦେଇ ଗତି କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ବିଫଳ ଆର୍ଥିକ ନୀତି ପାଇଁ ଦେଶରେ ଦରଦାମ ଆକାଶଛୁଆଁ ହେବା ସହିତ ବେକାରି ମଧ୍ୟ ଉତ୍କଟରୂପ ଧାରଣ କରିଛି। ଜାତି, ଭାଷା, ଧର୍ମ ଓ ଖାଦ୍ୟ ଆଧାରରେ ଲୋକଙ୍କ ଭିତରେ ବିଭେଦ ସୃଷ୍ଟିକରି ଦେଶର ସାମାଜିକ, ରାଜନୈତିକ ତଥା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଚୂର୍ମାର କରିଦେବା ପାଇଁ ଅପଚେଷ୍ଟା ଜାରି ରହିଥିବା ବେଳେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଦେଶକୁ ଯୋଡ଼ିବା ପାଇଁ ଭାରତ ଯୋଡ଼ ଅଭିଯାନ ଆସନ୍ତା ୭ରୁ ଆରମ୍ଭ ହେବାକୁ ଯାଉଛି ବୋଲି ଏଆଇସିସି ମୁଖପାତ୍ର ଅନ୍‌ସୁଲ ଅଭିଜିତ ମତବ୍ୟକ୍ତ କରିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଜିତ କହିଛନ୍ତି, କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଭାରତ ଯୋଡ଼ ଡାକରା ଏକ ସ୍ଲୋଗାନ ନୁହେଁ, ଏହା ଏକ ହୁଙ୍କାର ଓ ବର୍ତ୍ତମାନ ଘଡ଼ିସନ୍ଧି ମୁହୂର୍ତ୍ତର ଆବଶ୍ୟକତା। ଭାରତଯୋଡ଼ ଅଭିଯାନ କନ୍ୟାକୁମାରୀଠାରୁ ଆରମ୍ଭହୋଇ ଜମ୍ମୁ-କଶ୍ମୀରରେ ସମାପ୍ତ ହେବ। ରାହୁଲ ଗାନ୍ଧୀ ଏବଂ ଦଳୀୟ ନେତା ଓ କର୍ମୀ ଚାଲି ଚାଲି ୧୨ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ୩୫୭୧ କିଲୋମିଟରରୁ ଅଧିକ ପଥ ଯାତ୍ରା କରିବେ। ଏହି ଯାତ୍ରା ୧୫୦ ଦିନ ଧରି ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।


**ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୧୪/୧୫/୧୬-୨୨ ତାରିଖ: ୦୨।୦୯।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଭିପିଗୁଡ଼ିକର ଲିଜିଂ। **(୧) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୧୪-୨୨। **ନିଲାମ ତାରିଖ:** ୧୬।୦୯।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୫.୪୦ ଘଟିକା। **(୨) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୧୫-୨୨। **ନିଲାମ ତାରିଖ:** ୧୯।୦୯।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୭.୩୦ ଘଟିକା। **(୩) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୧୬-୨୨। **ନିଲାମ ତାରିଖ:** ୨୦।୦୯।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୫.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-545) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୮୨୦-ସିଟିଆର୍-୨୦୨୨, ତାରିଖ ୦୫।୦୯।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନର ବିଭିନ୍ନ ସେକ୍ସନରେ ପ୍ୟାଚ୍‌ଗୁଡ଼ିକରେ ଥ୍ରୁ ରେଲ୍ ନବୀକରଣ (ଟିଆର୍‌ଆର୍-ପି), ଥ୍ରୁ ସ୍ଲିପର୍ ନବୀକରଣ (ଟିଆର୍‌ଏସ୍-ପି), ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ସିଟିଆର୍-ଏସ୍), ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ସିଟିଆର୍-ପି), ଥ୍ରୁ ଟ୍ରାକ୍ ନବୀକରଣ {ଟିଟିଆର(ଏଫ୍‌ଏସ୍+ସିଏସ୍+ସିଏମ୍‌ଏସ୍‌ସି)} ସମ୍ବନ୍ଧିତ ଓଏଚ୍‌ଇ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୭୪,୭୩,୦୭୬.୫୮; ଇଏମ୍‌ଡି: ₹୨,୩୭,୪୦୦/-। ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୭।୧୦।୨୦୨୨ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୦୭।୧୦।୨୦୨୨ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ ଦ.ପୂ. ରେଳପଥ। ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-548)



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMGSUBBS2022092, ତା.26.08.2022ରିଖ

**କାର୍ଯ୍ୟର ନାମ :** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL)ର ସର-7 ଏବଂ 8 (ଭରତପୁର) ଠାରୁ ସର-3 ଏବଂ 4 (ଭୁବନେଶ୍ୱରୀ) ପର୍ଯ୍ୟନ୍ତ ଦୋହରୀକରଣ ସମ୍ବନ୍ଧୀୟ ଫର୍ମେସନ (Formation)ରେ ମାଟି କାମ, ଛୋଟ ପୋଲଗୁଡ଼ିକର ନିର୍ମାଣ, ବାଲାଷ୍ଟ ଯୋଗାଣ, P.Way ଲିଙ୍କିଙ୍ଗ୍ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 3556.21 ଲକ୍ଷ, EMD (ଟଙ୍କାରେ): 19,28,100/-, କାର୍ଯ୍ୟ ଶେଷ ହେବା ଅବଧି : 15 (ପନ୍ଦର) ମାସ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2022ରିଖ 1200 ଘଟିକାରେ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-90/CF/22-23


# ଓଡ଼ିଶାରେ ଭାଜପା ନୂଆ ପ୍ରଭାରୀ

## ଆଜି ଜିଲା ସଭାପତି, ପଦାଧିକାରୀଙ୍କ ସମେତ ଅନ୍ୟମାନଙ୍କ ସହ ବୈଠକ



ପ୍ରଭାରୀ ସୁନୀଲ ବଂଶଲଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ଭାଜପା ରାଜ୍ୟ ନେତୃବୃନ୍ଦ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୫।୯(ବ୍ୟୁରୋ)

ଭାଜପା ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ଦାୟିତ୍ୱ ପାଇବା ପରେ ପ୍ରଥମ ଥର ଲାଗି ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରଠାରେ ବଂଶଲ ପହଞ୍ଚିବା ପରେ ରାଜ୍ୟ ଭାଜପା ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଛି। ପ୍ରଭାରୀ ରୂପେ ଦାୟିତ୍ୱ ନେବାପରେ ବଂଶଲ ଭୁବନେଶ୍ୱରରେ ଦଳୀୟ ନେତାଙ୍କ ସହ ବୈଠକ ଆରମ୍ଭ କରିଦେଇଛନ୍ତି। ୨୦୨୪ ନିର୍ବାଚନ ପାଇଁ ପାଗ ଭିଡ଼ିବାକୁ ବଂଶଲଙ୍କ ଉପରେ ଭାଜପା କେନ୍ଦ୍ରୀୟ ନେତାମାନେ ଭରସା କରିଥିବା କୁହାଯାଉଛି।

ବିମାନବନ୍ଦରରୁ ସିଧା ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚି ଅପରାହ୍ନରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ସଙ୍ଗଠନ ମନ୍ତ୍ରୀ ଏବଂ ରାଜ୍ୟ ସାଧାରଣ ସମ୍ପାଦକଙ୍କ ସହ ପ୍ରାଥମିକ ଆଲୋଚନା କରିଛନ୍ତି। ଦୀର୍ଘ ସମୟ ଆଲୋଚନା ଭିତରେ ସେ ଦଳୀୟ ନେତାମାନେ ସଙ୍ଗଠନ ଆଗକୁ ବଢ଼ିବାରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କହିଛନ୍ତି। ଆଗକୁ ଦଳର କାର୍ଯ୍ୟକ୍ରମ କିପରି ଶାସକ ଦଳ ବିରୋଧରେ ତୀବ୍ର ହେବ ଏବଂ କେନ୍ଦ୍ରୀୟ ନେତାଙ୍କ ଆଭିମୁଖ୍ୟ ବଦଳିବାର ଆବଶ୍ୟକତା ଥିବା ନେଇ ଆଲୋଚନା ହୋଇଛି। ପର୍ଯ୍ୟାୟକ୍ରମେ କେତେଜଣ ନେତାଙ୍କୁ ମଧ୍ୟ ସେ ଏକୁଟିଆ ଭେଟି କିଛି କଥା ହୋଇଛନ୍ତି। ସନ୍ଧ୍ୟାରେ ବଂଶଲ ପୁରୀ ଗସ୍ତ କରିଥିବା ବେଳେ ବିଳମ୍ବିତ ରାତିରେ ସେଠାରୁ ଫେରିଛନ୍ତି। ସେ ଦଳୀୟ କାର୍ଯ୍ୟାଳୟଠାରେ ରାତ୍ରିଯାପନ କରିବା ସହ ମଙ୍ଗଳବାର ଜିଲା ସଭାପତି, ଜିଲା ପ୍ରଭାରୀ, ସମସ୍ତ ପଦାଧିକାରୀ ଏବଂ ମୋର୍ଚ୍ଚା ସଭାପତିମାନଙ୍କ ସହିତ ଏକ ବୈଠକ କରିବେ। ଜିଲାସ୍ତରରେ ଦଳର ଭବିଷ୍ୟତ ରଣନୀତି କିପରି ହେବ ସେନେଇ ସେ ଆଲୋଚନା ହେବ। ଏହାସହ କେଉଁସବୁ ପ୍ରସଙ୍ଗରେ ଆଗକୁ ଦଳ ରାସ୍ତାକୁ ଓହ୍ଲାଇବ ଏବଂ କର୍ମୀମାନଙ୍କୁ ବାନ୍ଧି ରଖିବା ପାଇଁ କି ପ୍ରକାର ସମସ୍ୟା ହେଉଛି ସେନେଇ ଧ୍ୟାନଦେବାକୁ କୁହାଯାଇଛି। ବଂଶଲ ମଙ୍ଗଳବାର ଉକ୍ତ ବୈଠକ ଶେଷ କରିବା ପରେ ପୁଣି ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ସେ ଦିଲ୍ଲୀ ଫେରିବା ପରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ରିପୋର୍ଟ ପ୍ରଦାନ କରିବେ। ଆଗକୁ ନଡ୍ଡା ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହା ପୂର୍ବରୁ ବଂଶଲ ନଡ୍ଡାଙ୍କ ଗସ୍ତ କିପରି ସଫଳ ହେବ ସେନେଇ ମଧ୍ୟ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଛି। ତେବେ ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସିଥିଲେ। ତାଙ୍କ ଗସ୍ତ ସମୟରେ ଶାହା ଦଳର ବିଭିନ୍ନ ବର୍ଗର ନେତାଙ୍କ ସହ ଆଲୋଚନା କରିଥିବା ବେଳେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୨୦୨୪ରେ ଓଡ଼ିଶାରେ ନିଶ୍ଚୟ ଭାଜପା ସରକାର କରିବ ବୋଲି ସେ କହିଥିଲେ। ତାଙ୍କ ଗସ୍ତ ଶେଷକରି ସେ ଫେରିବା ପରେ ଦଳର ପ୍ରଭାରୀ ପଦରେ ପରିବର୍ତ୍ତନ ହୋଇ ବଂଶଲଙ୍କୁ ଦାୟିତ୍ୱ ଦିଆଯାଇଛି।


**GOVT. (AUTO.) COLLEGE, ANGUL**

www.gaca.nic.in

**Admission Notice:2022-23**

Applications in prescribed form are invited for admission into the following Self-financing Courses (PPP) offered under Utkal University for the academic session 2022-23.

| COURSE | DURATION | ELIGIBILITY |
|---|---|---|
| M.COM (Finance & Control) | 2 Years (4 Semester) | +3 or Equivalent with 40% in aggregate |
| I-MBA | 5 Years (10 Semester) | +2 or Eqv. with 40% in aggregate |
| MBA (Lateral entry) | 2 Years (4 Semester) | +3 or Equivalent with 40% in aggregate |

Scholarship: Available for eligible SC, ST, OBC & Minority Category

The application form can be obtained from the College on all working days on payment of Rs.100/- and the last date for sale & receipt of form is 10.09.2022.

PRINCIPAL

Phone: 06764-237370
I-MBA:9853590609, MBA (LE):9439494248, M. Com (F&C): 9040717438



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1689 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3770/OSIC/MKT Dt.02.09.2022

Sealed quotation is invited from the experienced MSMEs duly empanelled with OSIC for supply of the Road Side Dustbin and Wheel Barrows to the Cuttack Municipal Corporation, Cuttack which shall be dropped in the Tender Box on or before 12.00 PM on 17.09.2022 and the offers shall be opened on the same day at 2.00 PM in the presence of participants. The specification and all other terms & conditions are available in www.osicltd.in. The Authority reserves the right to reject/cancel any or all the bids in toto without assigning any reason thereof.

By order of MD
Sd/-Manager(Mktg)

OIPR-14073/11/0073/2223


# ଆସ୍ଥା ଭୋଟ ଜିତିଲେ ହେମନ୍ତ ସୋରେନ



ହେମନ୍ତ ସୋରେନ୍

**ରାଞ୍ଚି,୫।୯:** ଝାଡ଼ଖଣ୍ଡ ବିଧାନସଭାରେ ସୋମବାର ଅନୁଷ୍ଠିତ ଆସ୍ଥାଭୋଟରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଜୟୀ ହୋଇଛନ୍ତି। ୮୧ ଆସନ ବିଶିଷ୍ଟ ବିଧାନସଭାରେ ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟର ୪୮ ବିଧାୟକ ତାଙ୍କ ସପକ୍ଷରେ ଭୋଟ ଦେଇଥିବାବେଳେ ଭାଜପା ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ଉଦ୍‌ବୋଧନ ଦେଇ ସୋରେନ କହିଥିଲେ, ଭାଜପା ଦଙ୍ଗା ସୃଷ୍ଟି କରି ନିର୍ବାଚନ ଜିତିବା ସହ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛି। ଝାଡ଼ଖଣ୍ଡ ସମେତ ଅଣଭାଜପା ଶାସିତ ରାଜ୍ୟରେ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଏହି ଦଳ ଉଦ୍ୟମ ଚଳାଇଛି। ସେଥିପାଇଁ ଆସ୍ଥାଭୋଟ ଲୋଡ଼ିବାର ଆବଶ୍ୟକତା ଅନୁଭୂବ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ସୋରେନ କହିଥିଲେ। ସରକାରଙ୍କୁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡୁଛି। ତାଙ୍କ ଦଳର ୩ ଜଣ ବିଧାୟକ ପଶ୍ଚିମବଙ୍ଗରେ ରହିଛନ୍ତି। ସେମାନଙ୍କୁ କିଣିବା ଲାଗି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିବା ଜେଏମ୍‌ଏମ୍ ନେତା କହିଛନ୍ତି। ତେବେ ରାଜ୍ୟରେ ଉପା ସରକାର ଥିବା ପର୍ଯ୍ୟନ୍ତ ଭାଜପାର ଷଡ଼ଯନ୍ତ୍ର ସଫଳ ହୋଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


Ref.No:SO/VIII/(IEDO-42)/312 Date:03.09.2022

Startup Odisha

(2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar-751024)

**REQUEST FOR PROPOSAL**

**No.CAD-1688:** Sealed proposals are invited from reputed firms for "Request for Proposal (RFP) for Selection of Alternative Investment Funds Under the Odisha Startup Growth Fund Scheme (Fund-of-Funds)". The details of tender/RFP documents and other details can be downloaded from www.startupodisha.gov.in wef 03.09.2022. Important dates are as follows:

| Date of Commencement of RFP | Date & Time Pre-Submission Meeting | Last Date & Time for Submission of Proposal | Date and Time for Opening of Technical Bid & Short listing | Date and Time for Presentation by the shortlisted AIFs | Opening of Financial Bids and Selection of AIFs |
|---|---|---|---|---|---|
| 03.09.2022, 10.00 am | 10.09.2022, 11.00 am (Virtual) | 27.09.2022, 3.00 pm | 28.09.2022, 11.00 am | 29.09.2022, 11.00 am | 29.09.2022, 5.00 pm |

The last date of receipt of proposal is 27/09/2022, 3.00 PM, which will be opened on the same day. All the Prospective Bidders are also advised to kindly keep referring Startup Odisha website (www.startupodisha.gov.in) for any updates in reference to the RFP/Tender.

Sd./-CEO, STARTUP ODISHA
OIPR-43007/11/0011/2223



**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**

No.B-540 e-mail: - seec_bls@rediffmail.com

**Government of Odisha "e" Procurement Notice**
**Bid Identification No.CCEEC-11/2022-23**
**No: 4293/Dt: 30.08.2022**

| | |
|---|---|
| Nature of work | :- Building & Road Works |
| Number of works | :- 2 (Two) No. Buildings & 3 (Nos) Road Work & Bridge Work |
| Amount put to Tender | :- Rs. 238.61 Lakh to Rs. 471.33 Lakh |
| Class of Contractor | :- "B" Class / "A" Class / "Special" Class |
| Date & Time of availability of bid document in the portal | :- Dt.08.09.2022 at 10:00 AM |
| Last Date / Time of receipt of bid in the portal | :- Dt.22.09.2022 up to 05:00 PM |
| Date of opening of bid | :- Dt.23.09.2022 at 11:00 AM |
| Name & address of the Office inviting bid | :- Chief Construction Engineer, Eastern Circle (R&B), Balasore |

The bidders have to participate in **ONLINE** bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0014/2223

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା ୩୦।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୪୫।
- ମା' କୋଟିଲେଇ ହାଟ ପୂଜା ମଣ୍ଡପର ଗଣେଶ ପୂଜା ଅବସରରେ ଭଜନ ସମାରୋହ, ପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ଗୁରୁ କେଲୁଚରଣ ମହାପାତ୍ରଙ୍କ ସମ୍ମାନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲାରେ ଓଡ଼ିଶା ପଞ୍ଚମ

ଭୁବନେଶ୍ୱର,୫।୯ (ବ୍ୟୁରୋ)

ପାଠ ପଢ଼ି ଜୀବନରେ ସଫଳ ମଣିଷଟିଏ ହେବାକୁ ଲକ୍ଷ୍ୟ ରଖିଥିବା, ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖୁଥିବା ଛାତ୍ରୀଛାତ୍ର ଆଜି ବାଟବଣା ହୋଇଯାଉଛି। ପ୍ରେମ ପ୍ରତାରଣା, ଆର୍ଥିକ ସମସ୍ୟା, ପାଠପଢ଼ାରେ ବିଫଳତା ଆଦି କାରଣରୁ ସେମାନଙ୍କ କଅଁଳ ମନ ଚୁର୍ମାର୍ ହୋଇଯାଉଛି। ଶେଷରେ ସେମାନେ ଆତ୍ମହତ୍ୟା ଭଳି ଚରମ ପନ୍ଥାକୁ ଆପଣାଉଛନ୍ତି। ବିଶେଷକରି ଓଡ଼ିଶାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ୨୦୨୧ ଅନୁସାରେ, ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲାରେ ଓଡ଼ିଶା ଦେଶର ୫ମ ସ୍ଥାନରେ ରହିଛି। ଉକ୍ତବର୍ଷ ଓଡ଼ିଶାରେ ୮୩୪ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରଥମରେ ମହାରାଷ୍ଟ୍ର (୧୯୩୪) ରହିଥିବାବେଳେ ଦ୍ୱିତୀୟରେ ମଧ୍ୟପ୍ରଦେଶ (୧୩୦୮), ତୃତୀୟରେ ତାମିଲନାଡୁ (୧୨୪୬) ଏବଂ ଚତୁର୍ଥରେ କର୍ନାଟକ (୮୫୫) ରହିଛି। ଓଡ଼ିଶାରେ ରୁଜୁ ହୋଇଥିବା ମୋଟ ମାମଲାରେ ଛାତ୍ରଙ୍କ ସଂଖ୍ୟା ୬୯୭ ହୋଇଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୧୩୭ ରହିଛି। ତେବେ ଛାତ୍ରଙ୍କ ଆତ୍ମହତ୍ୟା ମାମଲାରେ ୧୦୬୪ ସଂଖ୍ୟା ସହ ମହରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଛି। ସେହିପରି ମହାରାଷ୍ଟ୍ରରେ ୭୭୦ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ମଧ୍ୟ ରହିଛି। ତେବେ ରିପୋର୍ଟ ଅନୁଯାୟୀ, ୨୦୨୦ରେ ଓଡ଼ିଶା ୧୪୬୯ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ ଛାତ୍ର ଆତ୍ମହତ୍ୟା ମାମଲାରେ ପ୍ରଥମସ୍ଥାନରେ ରହିଥିଲା, ଅର୍ଥାତ୍ ଓଡ଼ିଶାରେ ସର୍ବାଧିକ ୧୦୪୨ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ। ସେହିଭଳି ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ୪୨୭ ରହିଥିବାବେଳେ ୭୫୮ଜଣ ଛାତ୍ରୀ ଆତ୍ମହତ୍ୟା ମାମଲା ସହ ମହାରାଷ୍ଟ୍ର ପ୍ରଥମରେ ରହିଥିଲା। ତେବେ ଛାତ୍ରୀଛାତ୍ରଙ୍କ ମାମଲାରେ ୧୯୪୮ ସଂଖ୍ୟା ସହ ପ୍ରଥମରେ ମହାରାଷ୍ଟ୍ର ରହିଥିବାବେଳେ ୧୧୫୮ ସଂଖ୍ୟା ସହ ମଧ୍ୟପ୍ରଦେଶ ତୃତୀୟରେ ରହିଥିଲା। ସେହିପରି ୨୦୧୯ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ସଂଖ୍ୟା ୩୭୯ ରହିଥିଲା। ଏହି ସଂଖ୍ୟା ସହ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ୧୪ତମ ସ୍ଥାନରେ ରହିଥିଲା। ମୋଟ ମାମଲାରୁ ୧୯୫ ଛାତ୍ର ରହିଥିବାବେଳେ ଛାତ୍ରୀ ୧୮୪ ଜଣ ଆତ୍ମହତ୍ୟା କରିଥିଲେ।

### ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧



**ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ହାର ଅଧିକ**

## ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ

### ୩ ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ ଯାତ୍ରୀଙ୍କୁ ପରାମର୍ଶ

ଭୁବନେଶ୍ୱର,୫।୯ (ବ୍ୟୁରୋ): ସଫଳ ନେତୃତ୍ୱ ଯୋଗୁ ନୂଆଦିଲ୍ଲୀରେ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶା ଫେରିବେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ୧୧ଟା ୨୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ତେବେ ତାଙ୍କୁ ସ୍ୱାଗତ କରିବା ପାଇଁ ବିଜେଡି ପକ୍ଷରୁ ବଡ଼ ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରାୟ ୫୦ ହଜାର ଦଳୀୟ କର୍ମୀଙ୍କ ସମାଗମ ସମ୍ଭାବନା ରହିଛି। ଏଥିପାଇଁ ରାଜଧାନୀରେ ଟ୍ରାଫିକ ଜାମ୍ ହେବାର ଆଶଙ୍କା ଥିବାରୁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ସହରରେ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ପାଇଁ ରୁଟ୍ ଲାଇନିଂ ସହ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ଦୃଷ୍ଟିରୁ ୮ଜଣ ଅତିରିକ୍ତ ଡିସିପି, ୧୬ଜଣ ଏସିପି, ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବ। ବିମାନବନ୍ଦର ନିକଟ ୩ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଥିସହ ଅଧିକ ଭିଡ଼ ଯୋଗୁ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ସକାଳ ୮ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିମାନ ବନ୍ଦରରେ ପ୍ରବଳ ଜନସମାଗମ ହେବ। ଅନ୍ୟ ସ୍ଥାନକୁ ଯାତ୍ରା କରିବାକୁ ଥିବା ଯାତ୍ରୀମାନେ ନିର୍ଦ୍ଧାରିତ ସମୟର ୩ଘଣ୍ଟା ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିବାକୁ ଡିସିପି ସିଂ ଅନୁରୋଧ କରିଛନ୍ତି।

# କଂସ ବଧ ସହ ସରିଲା କୃଷ୍ଣ ଲୀଳା



ପୁରୀ ଅଫିସ, ୫।୯

ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଶୁକ୍ଳ ନବମୀ ତିଥି ସୋମବାରରେ କଂସ ବଧ ନୀତି ସମ୍ପନ୍ନ ହୋଇଛି। ପ୍ରବଳ ପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳାର ପରିସମାପ୍ତି ଘଟିଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ରାମକୃଷ୍ଣଙ୍କୁ ରତ୍ନସିଂହାସନରେ ବିଜେ କରାଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟ ପାଲିଙ୍କିରେ ବିଜେ କରାଯାଇଥିଲା। ପରେ ପାଲିଙ୍କିକୁ କୁଣ୍ଢେଇବେଷ୍ଟ ସାହିର ଲବଣିଖିଆ ଛକ ପଣ୍ଡିଘରକୁ ନିଆଯାଇ ଲବଣିଖିଆ ନୀତି ସମ୍ପନ୍ନ କରାଯାଇଥିଲା। ସେଠାରେ ଆଳତି ଓ ବନ୍ଦାପନା ପରେ ଠାକୁରଙ୍କୁ ସର, ଲବଣି ଅର୍ପଣ କରାଯାଇଥିଲା। ଠାକୁରଙ୍କୁ ପଣ୍ଡିଘର ଖଟଶେଯକୁ ବିଜେ କରାଯିବା ପରେ ଭୋଗ ଲାଗି ହୋଇଥିଲା। ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣି ପ୍ରଭୃତି ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ନୀତି ପରେ ଠାକୁର ପାଲଙ୍କିରେ ମରିଚି ଠାକୁରାଣୀଙ୍କ ମନ୍ଦିର ନିକଟକୁ ବିଜେ ହୋଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ଏହି ନୀତି ପରେ ଠାକୁରମାନେ ରାଜନଅର ସମ୍ମୁଖକୁ ବିଜେ ହୋଇଥିଲେ। ସେଠାରେ କୁବୁଜା ଉଦ୍ଧାରଣ ଓ ସିଂହଦ୍ୱାର ବଡ଼ଛତା ମଠ ଆଗରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡ଼ା ପକ୍ଷରୁ କଂସ ବଧ ପ୍ରସ୍ତାବ ଆଗତ କରାଯାଇଥିଲା। ସେଠାରେ ଶୀତଳ ଭୋଗ ବନ୍ଦାପନା ସରି ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ସାଙ୍ଗକୁ ଛୁରି ଭୁସି ସାଙ୍ଗ ଗିରଫ

ଭୁବନେଶ୍ୱର,୫।୯(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀଗୋଦାମ ବସ୍ତିର ସେକ୍ ବବୁଲୁଙ୍କୁ ଛୁରି ଭୁସିବା ଘଟଣାରେ ଅଭିଯୁକ୍ତ ସାଙ୍ଗଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆର୍. ଆଦିତ୍ୟ ରାଓ (୨୩)। ତାଙ୍କଠାରୁ ବ୍ୟବହୃତ ଛୁରିକୁ ଜବତ କରାଯାଇଛି। ଏନେଇ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା (ନଂ. ୩୧୬/୨୨) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ସେକ୍ ବବୁଲ ଓ ଆଦିତ୍ୟ ଦୁହେଁ ଭଲ ସାଙ୍ଗ। କୌଣସି କାରଣରୁ ଅଗଷ୍ଟ ୩୦ରେ ରାଜମହଲ ନିକଟରେ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଗତ ୨ ତାରିଖ ରାତିରେ ବବୁଲୁ ଘର ନିକଟରେ ଛିଡ଼ା ହୋଇଥିଲେ। ଆଦିତ୍ୟ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ବବୁଲୁଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ପେଟରେ ଛୁରି ଭୁସି ଦେବାରୁ ବବୁଲୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ବବୁଲୁଙ୍କ ସମ୍ପର୍କୀୟମାନେ ପିସିଆର୍‌କୁ ସୂଚନା ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଆଦିତ୍ୟଙ୍କୁ ନିଜ ହେପାଜତକୁ ନେଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁମିତ୍



@ ବଳରାମ



@ ଯାଜ୍ଞସେନୀ



@ ରମଣୀ



@ ସୁଶୀଲ



@ ପ୍ରୀତମ୍

# 'ପୁରସ୍କାର ଦ୍ୱାରା ସାମାଜିକ ଦାୟିତ୍ୱବୋଧ ବଢ଼େ'

*ନିମାପଡ଼ା,୫।୯(ଡି.ଏନ୍.ଏ.): ଚଳିତବର୍ଷ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ଈଶ୍ୱର ଚନ୍ଦ୍ର ନାୟକ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି। ପୁରୀ ଜିଲା ନିମାପଡ଼ା ବ୍ଲକ ଗଡ଼ପଦନପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍ଗୁରୁଷପାଟଣା ଗ୍ରାମରେ ଶିକ୍ଷକ ନାୟକଙ୍କ ଜନ୍ମ। ସମ୍ପ୍ରତି ସେ ନିମାପଡ଼ା ବ୍ଲକର କାନପୁର ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ରାଷ୍ଟ୍ରପତି ପୁରସ୍କାର ପାଇବା ପରେ ଶିକ୍ଷକ ନାୟକଙ୍କ ସହ ଆମ ନିମାପଡ଼ା ପ୍ରତିନିଧି ବିଚିତ୍ରାନନ୍ଦ ସାହୁଙ୍କ ସାକ୍ଷାତକାର।*





**●ଶିକ୍ଷକତା ସହ ପିଲାଙ୍କ ପାଇଁ ଆଉ କ'ଣ କରିଛନ୍ତି?**

ମୁଁ ଆମ ଗ୍ରାମରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଷ୍ଟୁଡେଣ୍ଟ ନଲେଜ ସେଣ୍ଟର ଓ ଲାଇବ୍ରେରୀ ଖୋଲିଛି। ଏହି ସେଣ୍ଟରରେ ପିଲାଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦିଆଯାଏ। ଏହି ସେଣ୍ଟରରେ କମ୍ପ୍ୟୁଟର ଶିକ୍ଷା ଲାଭ କରି ପିଲାମାନେ ବହୁ ଉପକୃତ ହେଉଛନ୍ତି। ସେହିପରି ଲାଇବ୍ରେରୀରେ ବିଭିନ୍ନ ପ୍ରକାର ପୁସ୍ତକ ଓ ପତ୍ରପତ୍ରିକା ପଢ଼ି ଜ୍ଞାନ ଆହରଣ କରିଥାନ୍ତି।

**●ବର୍ତ୍ତମାନର ପ୍ରାଥମିକ ଶିକ୍ଷା ସମ୍ପର୍କରେ ଆପଣଙ୍କ ମତ?**

ଏବେ ଜାତୀୟ ଶିକ୍ଷାନୀତି-୨୦୨୦ ଆସିଛି। ଏହି ଶିକ୍ଷାନୀତି ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଲେ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ।

**●ଶିକ୍ଷକ ବୃତ୍ତିକୁ ଆପଣାଉଥିବା ଯୁବପିଢ଼ିଙ୍କ ପାଇଁ କ'ଣ ବାର୍ତ୍ତା ଦେବେ?**

ଶିକ୍ଷକତା ଏକ ପବିତ୍ର ବୃତ୍ତି। ଶିକ୍ଷକମାନେ ଯେପରି ନିଜ ଭାବନାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଷ୍ଠାର ସହ ପ୍ରବେଶ କରାଇବେ ଏବଂ ପିଲାମାନେ ଯେଭଳି ଶିକ୍ଷକଙ୍କ ଦ୍ୱାରା ବହୁଳ ଭାବେ ପ୍ରଭାବିତ ହେବେ ସେ ଦିଗରେ କାର୍ଯ୍ୟ କରାଯିବା ଆବଶ୍ୟକ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ନିଜର ସନ୍ତାନ ଭଳି ଭଲ ପାଇବା ଉଚିତ। ଏପରି ହେଲେ ଜଣେ ଆଦର୍ଶ ଶିକ୍ଷକ ହୋଇପାରିବେ।

**●ପୂର୍ବରୁ କ'ଣ ସବୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି ?**

୨୦୧୬ ମସିହାରେ ରାଜ୍ୟ ଶିକ୍ଷକ ସମ୍ମାନ, ୨୦୧୫ରେ ଜିଲା ସୃଜନଶୀଳ ଶିକ୍ଷକ ସମ୍ମାନ, ବାଙ୍କୀ ସାରସ୍ୱତ ସମ୍ମାନ, ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ନେଶନ୍ ବିଲଡର ପୁରସ୍କାର ସମେତ ରାଜ୍ୟ ଓ ଜିଲାର ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛି।

**●ଏହି ପୁରସ୍କାର ଆପଣଙ୍କୁ ଆଗକୁ ନେବାରେ କେତେ ସହାୟକ ହେବ?**

ରାଷ୍ଟ୍ରପତି ପୁରସ୍କାର ମୋର ସାମାଜିକ ଦାୟିତ୍ୱବୋଧକୁ ବୃଦ୍ଧି କରୁଛି। ଯାହାଦ୍ୱାରା କି ମୋ' ଜୀବନ ଥିବା ପର୍ଯ୍ୟନ୍ତ ମୁଁ ସମାଜର ମଙ୍ଗଳ କରିବାରେ ବ୍ରତୀ ହେବି। ଛାତ୍ରୀଛାତ୍ର ଓ ପିଲାଙ୍କୁ ଭଲ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ମୁଁ ସର୍ବଦା ଚେଷ୍ଟା କରିବି। ଏହି ଗଢ଼ିତୋଳିବା କାର୍ଯ୍ୟ ମୋ ଜୀବନର କର୍ତ୍ତବ୍ୟବୋଧ ଭାବେ ପରିଗଣିତ ହେବ ବୋଲି ମୁଁ ମନେ କରୁଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପା ରାଜ୍ୟ ପ୍ରଭାରୀ

ପୁରୀ ଅଫିସ,୫।୯

ଭାଜପା ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ମହାପ୍ରଭୁଙ୍କ ସାନ୍ନିଧ ଲାଭ କରିବା ସହ ଆନନ୍ଦବଜାରରେ ମହାପ୍ରସାଦ ସେବନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ସାରି ସେ ଭୁବନେଶ୍ୱର ଫେରିଯାଇଛନ୍ତି। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କ ଉପସ୍ଥିତିରେ ପୁରୀ ଜିଲା ଭାଜପା ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କୌଣସି ଦଳୀୟ କାର୍ଯ୍ୟକ୍ରମରେ ନୁହେଁ ବରଂ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସେ ପୁରୀ ଆସିଥିଲେ ବୋଲି ବଂଶଲ କହିଛନ୍ତି। ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା, ଲେଖାଶ୍ରୀ ସାମନ୍ତସିଂହାର ଓ ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ ପ୍ରମୁଖ ବଂଶଲଙ୍କୁ ସ୍ୱାଗତ କରିଥିଲେ।





୨୦୦୮ ପରବର୍ତ୍ତୀ ଅଣଅନୁଦାନ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଦାବିରେ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ବିଦ୍ୟାଭବନ ପରିସରରେ ଆୟୋଜିତ ୧୧୬ତମ ଲୁପ୍ତପ୍ରାୟ କଳା କାର୍ଯ୍ୟକ୍ରମରେ କେନ୍ଦୁଝରର ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ଅନୁଷ୍ଠାନ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଉପରେ କାଠି କଣ୍ଢେଇ ନାଚ ପରିବେଷଣ କରାଯାଉଛି।



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଭାଜପା ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ଫେରୁଛନ୍ତି।

# ହିନ୍ଦୁସ୍ତାନୀ ବାଦ୍ୟ ସଙ୍ଗୀତରେ ବାନ୍ଧିହେଲେ ଶ୍ରୋତା

## ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ

### କଳା ବିକାଶର ସ୍ୱପ୍ନ ଦେଖାଏ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୫।୯(ବ୍ୟୁରୋ)

ହିନ୍ଦୁସ୍ତାନୀ ବାଦ୍ୟ ସଙ୍ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ ୩ ଶିଳ୍ପୀ। ବଂଶୀ, ଜେମ୍ବେ ଓ ତବଲାର ମୂର୍ଚ୍ଛନା ମଞ୍ଚରେ ସୃଷ୍ଟି କରିଥିଲା ନିଆରା ପରିବେଶ। ଅବସର ଥିଲା ସୃଜନ ପକ୍ଷରୁ ଆୟୋଜିତ ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ। ସୋମବାର ରବୀନ୍ଦ୍ରମଣ୍ଡପରେ ଆରମ୍ଭ ହୋଇଥିବା ଏହି ଉତ୍ସବକୁ କିମ୍ବଦନ୍ତୀ କଥକ ସଙ୍ଗୀତାଚାର୍ଯ୍ୟ ପଣ୍ଡିତ ବିର୍‌ଜୁ ମହାରାଜଙ୍କୁ ଉତ୍ସର୍ଗୀକୃତ କରାଯାଇଛି। ପଣ୍ଡିତ ରୋନୁ ମଜୁମଦାରଙ୍କ ବଂଶୀଶ୍ୱନରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିସହ ମଞ୍ଚରେ ଉପସ୍ଥିତ ଥିବା ୩ ଶିଳ୍ପୀ ଜଣକ ପରେ ଜଣେ ଭେଟି ଦେଉଥିଲେ ହିନ୍ଦୁସ୍ତାନୀ ବାଦ୍ୟଯନ୍ତ୍ରର ସୁଶୀତଳ ଅନୁଭବ, ଯାହାର ଝଙ୍କାର ଶ୍ରୋତାଙ୍କ ମନକୁ ଶାନ୍ତି ପ୍ରଦାନ କରୁଥିଲା। ବଂଶୀଶ୍ୱନ ସହ ଓସ୍ତାଦ୍ ତୌଫିକ୍ କୁରେଶଙ୍କ ଜେମ୍ବେ ଓ ଈଶାନ ଘୋଷଙ୍କ ତବଲା ବାଦନର ସମ୍ମିଶ୍ରଣ ସମସ୍ତଙ୍କୁ ଆନମନା କରିଥିଲା। ମଜୁମଦାରଙ୍କ ବାଦ୍ୟସଙ୍ଗୀତ କାନ, ମନ ଓ ଆତ୍ମାକୁ ଶାନ୍ତି ଦେଇଥିବାବେଳେ ଆଫ୍ରିକୀୟ ଯନ୍ତ୍ରାଂଶ ଜେମ୍ବେକୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରିପ୍ରେକ୍ଷୀରେ ସଞ୍ଚାଳନ କରି ସେ ବେଶ୍ ପରିଚିତ ଥିବା କୁରେଶ ତାଙ୍କ ବାଦ୍ୟ ମାଧ୍ୟମରେ ଏକ ନୂତନ ଧାରା ଓ ଭିନ୍ନ ଶୈଳୀ ଉପସ୍ଥାପନା କରିଥିଲେ। ସେମାନଙ୍କ ଦ୍ୱାରା ପ୍ରଥମେ ରାଗ ଜୟ ଜୟବନ୍ତି ପରେ ଆଲାପ ଓ ବନ୍ଦିଷ ପରିବେଷିତ ହୋଇଥିଲା। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ପରିକଳ୍ପନା ଏବଂ ସି. ଆନନ୍ଦ କୃଷ୍ଣଙ୍କ ନିରବିହୀନ ସାଉଣ୍ଡ ଇଞ୍ଜିନିୟରିଂ ଦ୍ୱାରା କଳାକାରମାନେ ତାଙ୍କର କଳା ପ୍ରଦର୍ଶନ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓଡ଼ିଶାର କଳା, ସଂସ୍କୃତି ସହ ସମ୍ପୃକ୍ତ। କଳା କାଳଜୟୀ। କଳାର ବିଲୟ ନାହିଁ କି କ୍ଷୟ ନାହିଁ। ଏହା ବିକାଶର ସ୍ୱପ୍ନ ଦେଖାଏ। ଓଡ଼ିଶୀ ସଙ୍ଗୀତ, ନୃତ୍ୟର ପ୍ରଚାର ପ୍ରସାର କରିବାରେ ଗୁରୁ କେଳୁଚରଣ ମହାପାତ୍ର ଅଗ୍ରଗଣ୍ୟ ଥିଲେ ବୋଲି ସେ କହିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ କହିଲେ, କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟର ବଡ଼ ହସ୍ତୀ ଥିଲେ। ଓଡ଼ିଶୀକୁ ବିଶ୍ୱବିଦିତ କରିବାରେ ସେ ଅନନ୍ୟ। ତାଙ୍କ ପାଇଁ ବର୍ତ୍ତମାନ ଓଡ଼ିଶୀ ନୃତ୍ୟ, ସଙ୍ଗୀତର ପ୍ରଚାର ପ୍ରସାରର ଆବଶ୍ୟକତା ପଡୁନାହିଁ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ଆର୍ . ଶର୍ମା, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଅନୁଷ୍ଠାନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଣୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିବାବେଳେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ। ଏହା ୫ଦିନ ଧରି ଚାଲିବ। ଅନ୍‌ଲାଇନ୍ ମାଧ୍ୟମରେ ଦର୍ଶକମାନେ ସୃଜନର ଫେସ୍‌ବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଷ୍ଟ୍ରିମ୍ ଦେଖିପାରିବେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକ ସହଯୋଗ କରିଥିବାବେଳେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହାର ମିଡିଆ ପାର୍ଟନର ରହିଛନ୍ତି। ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିବେ ସୁଶ୍ରୀ ସୃଷ୍ଟି ସ୍ୱରୂପା ମିଶ୍ର। ତାଙ୍କୁ ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବେହେଲାର ସୁରମଣି ରମେଶ ଚନ୍ଦ୍ର ଦାସ ସହାୟତା କରିବେ। ଏହାପରେ ଭାରତନାଟ୍ୟମ୍ ପରିବେଷଣ କରିବେ ବିଦୂଷୀ ଗୀତା ଚନ୍ଦ୍ରନ ଓ ନାଟ୍ୟ ବିକାଶ ଡ୍ୟାନ୍ସ କଲେକ୍ଟିଭ୍।



ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।


ଓସ୍ତାଦ୍ ତୌଫିକ୍ କୁରେଶ


ପଣ୍ଡିତ ରୋନୁ ମଜୁମଦାର


ଈଶାନ ଘୋଷ

## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ପରଲୋକ

କଟକ ଅଫିସ/ଭୁବନେଶ୍ୱର, ୫।୯(ବ୍ୟୁରୋ) ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି, ବିଶିଷ୍ଟ ସାହିତ୍ୟିକ ତଥା ସଙ୍ଗଠକ ଡ. ଗୁରୁ ପ୍ରସାଦ ମହାନ୍ତି(୮୫)ଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।



ସୋମବାର ସକାଳ ୯ଟାରେ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନକୁ ମରଶରୀର ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଜଣାଇ ଜନ୍ମସ୍ଥାନ ଆଳିପିଙ୍ଗଳ ଗ୍ରାମରେ ମଙ୍ଗଳବାର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ୧୯୩୮ରେ ଆଳିପିଙ୍ଗଳଠାରେ ଜନ୍ମିତ ଡା. ମହାନ୍ତି ଆମେରିକାରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ସେ ଓଡ଼ିଶାରେ ପ୍ରାଣୀ ଚିକିତ୍ସକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଭେଟେନାରି ନିର୍ଦ୍ଦେଶକ ପଦବୀକୁ ଉନ୍ନୀତ ହୋଇଥିଲେ। ଚାକିରୀରୁ ଅବସର ନେବା ପରେ ଉତ୍କଳ ସମ୍ମିଳନୀ, କଟକ ଲେଖକ ସହଯୋଗ ସମିତି, ଜୀବେ ହିତୈଷୀ ସଂଘ, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ବିଜ୍ଞାନ ପ୍ରଚାର ସମିତି ଆଦି ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ସେ ଉତ୍କଳ ସମ୍ମିଳନୀର କଟକ ଜିଲା ଶାଖାର ସଭାପତି, ରାଜ୍ୟ ଉତ୍କଳ ସମ୍ମିଳନୀର ପ୍ରଥମ ଉପସଭାପତି ପରେ ସଭାପତି ଓ ଉପଦେଷ୍ଟା ଭାବେ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ସମ୍ମିଳନୀ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ସେ ଆମେରିକାରେ ଥିବା ଓଡ଼ିଆଙ୍କଠାରୁ ସହାୟତା ପାଇ ଅନୁଷ୍ଠାନକୁ ଆଗକୁ ନେଇଥିଲେ। ଆମେରିକାରେ ଉତ୍କଳ ସମ୍ମିଳନୀର ଶାଖା ମଧ ଗଠନ କରିଥିଲେ। ତାଙ୍କ ରଚିତ 'ପାତାଳପୁରୀର ହାଲଚାଲ' ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଗୁରୁ ପ୍ରସାଦଙ୍କ ବିୟୋଗରେ ଅପୂରଣୀୟ କ୍ଷତି ହେଲା ବୋଲି ସମ୍ମିଳନୀର ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି।

### ପୋଲ୍‌ରେ ବିଜ୍ଞାପନ ଲଗାଇବାରୁ କୋଚିଂ ସେଣ୍ଟର ସିଲ୍

ଭୁବନେଶ୍ୱର,୫।୯(ବ୍ୟୁରୋ)- ପରିମଳ ବ୍ୟବସ୍ଥାକୁ ନେଇ ବିଏମ୍‌ସି ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ବ୍ୟବସାୟ ପ୍ରତିଷ୍ଠାନ ଆଖପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ହେଉ ଅବା କାନ୍ଥ ବାଡ଼, ଗଛ ଏବଂ ଇଲେକ୍ଟ୍ରି ପୋଲ୍‌ରେ ପୋଷ୍ଟର ଲଗାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମାତ୍ର ଏହାସତ୍ତ୍ୱେ କିଛି ବ୍ୟବସାୟୀ ନିୟମ ପାଳନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବିଏମ୍‌ସି ପକ୍ଷରୁ ପିରାମିଡ୍ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି। ସମ୍ପୃକ୍ତ କୋଚିଂ ସେଣ୍ଟର ପକ୍ଷରୁ ଇଲେକ୍ଟ୍ରି ପୋଲ୍‌ରେ ବେଆଇନ୍ ଭାବେ ବିଜ୍ଞାପନ ମରାଯାଇଥିଲା। ନିୟମ ଅବମାନନା କରିଥିବାରୁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରି ଉତ୍ତର ଜୋନ୍‌ର କିଟ୍ ଛକ ନିକଟରେ ଥିବା ୩ଟି ଦୋକାନକୁ ସିଲ୍ କରାଯାଇଛି। ସମ୍ପୃକ୍ତ ଦୋକାନ ପରିସର ମଧ୍ୟରେ ଅଳିଆ ଆବର୍ଜନା ପଡି ରହିଥିଲା। ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବାରୁ ଦୋକାନଗୁଡ଼ିକୁ ସିଲ୍ କରାଯାଇଛି।

## ବାଲିଯାତ୍ରାକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ପ୍ରୟାସ

- ଏନ୍‌ଜିଟି ତଦନ୍ତ ବାଧକ ନୁହେଁ: ଜିଲାପାଳ
- ଶହେ ଏକର ପଡ଼ିଆରେ ହେବ ଆୟୋଜନ

କଟକ ଅଫିସ, ୫।୯

ଐତିହ୍ୟ ବାଲିଯାତ୍ରାକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ନଭେମ୍ବର ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ହେବାକୁ ଯାଉଥିବାବେଳେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଛି। ପ୍ରଶାସନ ପକ୍ଷରୁ ଚଳିତ ଥର ଏକଶହ ଏକର ପଡ଼ିଆରେ ବାଲିଯାତ୍ରା ଆୟୋଜନ ପାଇଁ ସ୍ଥିର ହୋଇଛି। ପୂର୍ବରୁ ଏହା ୩୪ ଏକର ପରିମିତ ଜମିରେ ହେଉଥିଲା। ୩୪ ଏକର ଜମିରୁ ପରିବର୍ଦ୍ଧିତ କରି ଶହେ ଏକର ଜାଗାରେ ଆୟୋଜନ କରାଯିବା ପାଇଁ ଭିତ୍ତିଭୂମି ସଜାଡ଼ିବା ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡ଼ିଆ ସମେତ ଯୋବ୍ରାଠାରୁ ଗଡ଼ଗଡ଼ିଆ ଘାଟ ପର୍ଯ୍ୟନ୍ତ ମହାନଦୀ ପଠାକୁ ମାଟି ଓ ମୋରମ ପକାଇ ପୋତାଯାଉଛି।

ତେବେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ପକ୍ଷରୁ ଏକ ବିଶେଷଜ୍ଞ କମିଟି ସମ୍ପୃକ୍ତ ସ୍ଥାନ ଅନୁଧ୍ୟାନ କରି ନଦୀପଠା ପୋତାଯିବା ବେଆଇନ ଦର୍ଶାଇ ପ୍ରଦୂଷଣ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ, ବେଆଇନ ଭାବେ ନଦୀପଠା ପୋତାଯିବା ସହ ହାଇକୋର୍ଟଙ୍କ ଆଦେଶର ଅବମାନନା କରାଯାଇଛି। ସେହିପରି ବାଲିଯାତ୍ରା ପଡ଼ିଆକୁ ୩୪ ଏକରରୁ ଆଉ ଅଧିକ ବର୍ଦ୍ଧିତ କରା ନ ଯିବାକୁ ବିଶେଷଜ୍ଞ କମିଟି ମତ ଦେଇଛି। ଏଥିଯୋଗୁ ଜିଲା ପ୍ରଶାସନର ପରିବର୍ଦ୍ଧିତ ଯୋଜନାକୁ ଏକ ପ୍ରକାର ଝଟ୍‌କା ଲାଗିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଜିଲାପାଳ ଭବାନୀଶଙ୍କର ଚୟନୀ କହିଛନ୍ତି, ଏନ୍‌ଜିଟି ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଏଣୁ ବାଲିଯାତ୍ରା ପଡ଼ିଆରେ ଚଳିତ ବର୍ଷ ଏକଶହ ଏକର ପରିବର୍ଦ୍ଧିତ ପଠାରେ ସ୍ଥାୟୀ ଭିତ୍ତିଭୂମି ସହ କେତେକ ନୂତନ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ସେହିପରି ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କହିଛନ୍ତି, ୧୯-୨୦ ବର୍ଷରେ ବାଲିଯାତ୍ରା ରାଜ୍ୟ ଐତିହ୍ୟ ମାନ୍ୟତା ପାଇଥିଲା। ଚଳିତବର୍ଷ ସ୍ୱତନ୍ତ୍ର ଭାବେ ଇଣ୍ଡୋନେସିଆ କର୍ନର, ୱାଟର ସ୍ପୋର୍ଟ୍ସ, ଇକୋରିଟ୍ରିଟ୍, ରିଭର ପଣ୍ଡ, ପଥ ଉତ୍ସବ, ଯୋଗକ୍ୟାମ୍ପ ଇତ୍ୟାଦି କରାଯିବା ସହ ଏ ବାବଦରେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## କୂଅରେ ପଡ଼ି ବୃଦ୍ଧା ମୃତ

ଯାଁଳା,୫।୯(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ରାଉତସାହିରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। କୂଅରେ ପଡ଼ିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଲାଦେଇ ସୁନ୍ଦରାୟ (୮୦)। ସୂଚନା ମୁତାବକ, ରବିବାର ରାତିରେ ଶୌଚ ପାଇଁ ଦୁଲା ଘର ବାହାରକୁ ଆସିଥିଲେ। ବାରିପଟ ଅନ୍ଧାର ଥିବା ଯୋଗୁ ଜାଣି ନ ପାରି ସେ କୂଅରେ ପଡ଼ିଯାଇଥିଲେ। ସୋମବାର ଭୋରୁ ପରିବାର ଲୋକେ ତାଙ୍କୁ ଘରେ ନ ପାଇବାରୁ ଖୋଜାଖୋଜି କରିଥିଲେ। ପରବର୍ତ୍ତୀ ସମୟରେ କୂଅକୁ ପାଣି ପାଇଁ ପରିବାର ଲୋକେ ଯାଇଥିବା ବେଳେ ଦୁଲା ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଦୁଲାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୭% ପଦବୀ ଖାଲି

ଭୁବନେଶ୍ୱର,୫।୯ (ବ୍ୟୁରୋ)

ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ମାନବସମ୍ବଳର ଘୋର ଅଭାବ ଦେଖାଦେଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ (୨୦୨୦) ବିରୋଧରେ ଏକାଧିକ ବ୍ୟକ୍ତି ବିଭିନ୍ନ କୋର୍ଟରେ ମାମଲା କରିବା ଯୋଗୁ ନିଯୁକ୍ତି ପ୍ରକ୍ରିୟାରେ ବାଧା ଉପୁଜିଛି। ଫଳରେ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନିକଟରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୭ ପ୍ରତିଶତ ପ୍ରଫେସର, ସହଯୋଗୀ ପ୍ରଫେସର ଏବଂ ସହକାରୀ ପ୍ରଫେସରଙ୍କ ପଦବୀ ଖାଲି ପଡ଼ିଛି। ଏଠାରେ ଇତିହାସ, ପଦାର୍ଥ ବିଜ୍ଞାନ, ବାଣିଜ୍ୟ, ଗଣିତ ଆଦି

### ଆର୍‌ଟିଆଇରୁ ମିଳିଲା ତଥ୍ୟ



ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୨୫୭ ପଦବୀ ଥିବାବେଳେ ମାତ୍ର ୧୩୮ଜଣ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ୧୧୯ ପଦବୀ ବର୍ତ୍ତମାନ ଖାଲି ପଡ଼ିଛି। ତେବେ ୪୭ରୁ ୩୪ ଜଣ ପ୍ରଫେସର, ୭୬ରୁ ୪୦ ସହଯୋଗୀ ପ୍ରଫେସର ଏବଂ ୧୩୪ରୁ ୪୫ ସହକାରୀ ପ୍ରଫେସର କାର୍ଯ୍ୟରତ ଅଛନ୍ତି। କେବଳ ଶିକ୍ଷା ବିଭାଗରେ ନୁହେଁ, ଏପରିକି କର୍ମଚାରୀ କ୍ଷେତ୍ରରେ ମଧ ବହୁ ପଦବୀ ଖାଲି ପଡ଼ିଛି। ତେବେ ଗ୍ରୁପ-'ଏ'ର ବିଭିନ୍ନ ବିଭାଗରେ ଥିବା ୧୩ଟି ପଦବୀରୁ ୯ଟି ସ୍ଥାନ ଖାଲି ପଡ଼ିଛି। ସେହିପରି ଗ୍ରୁପ୍ 'ବି'ରେ ୧୧୩ ପଦବୀରୁ ୫୮, ଗ୍ରୁପ 'ସି'ରେ ୪୧୫ ପଦବୀରୁ ୨୭୬ ଏବଂ ଗ୍ରୁପ 'ଡି'ରେ ୪୩୯ ପଦବୀରୁ ୩୩୧ ସ୍ଥାନ ଖାଲି ପଡ଼ିଛି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆର୍‌ୟୁଏସ୍‌ଏ) ଯୋଜନାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୧୯ରେ ୪୧ କୋଟିରୁ ଅଧିକ ଏବଂ ୨୦୨୧ରେ ୩୩ କୋଟିରୁ ଅଧିକ ଟଙ୍କା ଗ୍ରହଣ କରିଛି। ଏନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି, ନିଯୁକ୍ତି କରିବାର କ୍ଷମତା ତାଙ୍କ ପାଖରେ ନାହିଁ। କୋର୍ଟର ମାମଲା ବିଚାର ପରେ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏହି ନିଯୁକ୍ତି ପରିଚାଳନା କରିବ ବୋଲି ସେ କହିଛନ୍ତି।


କମିଶନ୍, ଗ୍ରାଚୁଇଟି, ବୀମା ବୋନସ ବୃଦ୍ଧି, ଜିଏସ୍‌ଟି ପ୍ରତ୍ୟାହାର ଆଦି ବିଭିନ୍ନ ଦାବି ନେଇ ଏଲ୍‌ଆଇସି ଏଜେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ପରମ୍ପରାର ପ୍ରଚାର ପାଇଁ ନିଆରା ପ୍ରୟାସ

### ମହାପ୍ରଭୁଙ୍କୁ ଦର୍ଶନ କଲା ନାଗପୁର ଢୋଲ ଗ୍ରୁପ୍

- ଶ୍ରୀକ୍ଷେତ୍ରରେ କଳା ପରିବେଷଣର ଇଚ୍ଛା ପ୍ରକାଶ
- ଶିକ୍ଷାଗତ ଯୋଗ୍ୟତା ପରିସୀମାରେ କଳା ଆବଦ୍ଧ ନୁହେଁ

ପୁରୀ ଅଫିସ,୫।୯

କଟକ ମାଛୁଆବଜାର ଗଣେଶ ପୂଜାରେ ଯୋଗଦେଇଥିବା ମହାରାଷ୍ଟ୍ରର ପାରମ୍ପରିକ ଢୋଲ୍ ବାଜା ଗ୍ରୁପ୍ ସୋମବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମଧ୍ୟାହ୍ନରେ ନାଗପୁର ଶିବସାଇ ଢୋଲ ତାସା ଅନୁଷ୍ଠାନର ୭୫ ଜଣ ସଦସ୍ୟ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ୧୭ଜଣ ମହିଳା ଥିଲେ। ସାଧାରଣତଃ ଢୋଲ ବଜାଉଥିବା ଶ୍ରେଣୀର ଲୋକେ କମ୍ ଶିକ୍ଷିତ ହୋଇଥିବା ନେଇ ଏକ ଗତାନୁଗତିକ ଚିନ୍ତାଧାରା ରହିଥିବାବେଳେ ଏହି ଗ୍ରୁପ୍ ତାହାର ବ୍ୟତିକ୍ରମ। ଉକ୍ତ ଗ୍ରୁପ୍‌ରେ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ଡାକ୍ତର, ଫାର୍ମାସିଷ୍ଟ, ବ୍ୟବସାୟୀ, ଛାତ୍ର ପ୍ରଭୃତି ସବୁ ଶ୍ରେଣୀ ଓ ସବୁ ବର୍ଗର ଲୋକ ରହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ଏମାନେ ପୁରୀ ଆସିଥିବାବେଳେ ଶ୍ରୀଜଗନ୍ନାଥ ପରମ୍ପରା ସମ୍ପର୍କରେ ଅଧିକ ଜାଣିବାକୁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି। ଗ୍ରୁପ୍ ଲିଡର୍ ତଥା ଶିବସାଇ ଢୋଲ ତାସା ଅନୁଷ୍ଠାନର ମୁଖ୍ୟ ଉତ୍ତମ ଗୁର୍ବେ କହିଛନ୍ତି, ମହାରାଷ୍ଟ୍ରରେ ଗଣେଶ ମହୋତ୍ସବ ୧୦ ଦିନ ଧରି ପାଳନ ହୁଏ। ଓଡ଼ିଶାରେ ଏହା ୩ଦିନ ହୋଇଥାଏ ବୋଲି ଜାଣିବାକୁ ପାଇଲୁ। କଟକର ବିଭିନ୍ନ କ୍ଲବ୍‌ର ନିମନ୍ତ୍ରଣ ରକ୍ଷା କରି କଳା ପ୍ରଦର୍ଶନ ଉଦ୍ଦେଶ୍ୟରେ ଆସିଥିଲୁ। କଳା ପ୍ରଦର୍ଶନ ସାରିବା ପରେ ମହାପ୍ରଭୁଙ୍କ ସାନିଧ ଲାଭ ପାଇଁ ପୁରୀ ଆସିଛୁ। ଶିକ୍ଷାଗତ ଯୋଗ୍ୟତାର ପରିସୀମା ମଧ୍ୟରେ କୌଣସି କଳା ଆବଦ୍ଧ ହୋଇ ରହିପାରିବ ନାହିଁ। ନିଜ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଶିକ୍ଷା ଯଦି ବାଧକ ସାଜୁଛି ତେବେ ସେଭଳି ଶିକ୍ଷା ମୂଲ୍ୟହୀନ। ମହାରାଷ୍ଟ୍ରର ଗୌରବ ଶିବାଜୀ ମହାରାଜଙ୍କ ଗୌରବମୟ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଆମେ ସବୁବେଳେ ପ୍ରୟାସ କରିଆସୁଛୁ। ସର୍ବଭାରତୀୟ ସ୍ତରରେ ଆମ କଳା ଓ ସଂସ୍କୃତିକୁ ଲୋକେ ଚିହ୍ନନ୍ତୁ ଓ ସମ୍ମାନ ଦିଅନ୍ତୁ, ଏହା ହିଁ ଆମ ପ୍ରାଥମିକତା। ଢୋଲ ବଜାଇବା ହିଁ ମହାରାଷ୍ଟ୍ର ପ୍ରତି ଆମର ଭଲପାଇବା। ଏଣୁ ଏହାକୁ ନେଇ ଲଜ୍ଜିତ ଅନୁଭବ କରିବାର ପ୍ରଶ୍ନ ଉଠୁନାହିଁ। ସେହିଭଳି ଫାର୍ମାସିଷ୍ଟ ଶାନ୍ତନୁ କୁମାର କହିଛନ୍ତି, ଓଡ଼ିଶା ହେଉଛି ସଂସ୍କୃତି ଓ କଳାପ୍ରେମୀଙ୍କ ରାଜ୍ୟ। ମୋର ପ୍ରଥମ ଅନୁଭୂତି ଚମତ୍କାର ରହିଛି। ମହାରାଷ୍ଟ୍ର ଭଳି ଏଠାରେ ମଧ ଲୋକେ ନିଜ ପରମ୍ପରା ଓ କଳାକୁ ପ୍ରୋତ୍ସାହିତ କରୁଛନ୍ତି। କଟକରେ କଳା ପ୍ରଦର୍ଶନ କରିବା ପ୍ରେରଣାଦାୟକ ଥିଲା। ସେହିଭଳି ଛାତ୍ର ଚେତନ ସାଭରକର କହିଛନ୍ତି, ହିନ୍ଦୁ ଭାବେ ଆମେ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଗର୍ବିତ। ଓଡ଼ିଶା ଆସି ମହାପ୍ରଭୁଙ୍କ ଦର୍ଶନ ନ କରି ଯିବା କେବେ ହେଲେ ସମ୍ଭବ ନୁହେଁ। ପୁରୀରେ ମଧ କଳା ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଛୁ। କେବେ ସୁଯୋଗ ମିଳିଲେ ମହାପ୍ରଭୁଙ୍କ ଧାମରେ ଢୋଲ କଳା ପ୍ରଦର୍ଶନ କରିବୁ। ତେବେ ଏହି ଗ୍ରୁପ୍ ପୁରୀରେ ନିଜର କଳା ପ୍ରଦର୍ଶନ କରିନାହାନ୍ତି। ମହାପ୍ରଭୁଙ୍କ ଦର୍ଶନ ସାରି ଭୁବନେଶ୍ୱର ଫେରିଯାଇଛନ୍ତି।


କଟକରେ ଗଣେଶ ମେଢ଼ ଭସାଣିରେ ନାଗପୁର ଶିବସାଇ ଢୋଲ ତାସା ଅନୁଷ୍ଠାନର ନୃତ୍ୟ ପରିବେଷଣ।

## ୪୪୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ:** ବିଦେଶୀ ବଜାରରେ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ସୋମବାର ଭାରତୀୟ ଶେୟାର ବଜାରରେ ଭଲ କାରବାର ହୋଇଛି। ଫଳରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ଇଣ୍ଡେକ୍ସ ୪୪୨.୬୫ ପଏଣ୍ଟ ବୃଦ୍ଧି ପାଇ କାରବାର ଶେଷ ବେଳକୁ ୫୯,୨୪୫.୯୮ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୧୨୬.୩୫ ପଏଣ୍ଟ ବୃଦ୍ଧି ପାଇ ୧୭,୬୬୫.୮୦ ପଏଣ୍ଟରେ ପହଞ୍ଚିଛି। ଏସିଆ ବଜାରରେ ଭଲ ପ୍ରଦର୍ଶନ ଦେଖିବାକୁ ମିଳିଥିବାବେଳେ ଦୁର୍ବଳ ୟୁରୋପୀୟ ବଜାର ନିବେଶକଙ୍କ ମନୋଭାବକୁ ପ୍ରଭାବିତ କରିଥିଲା। ସେମାନେ ମେଟାଲ, ବ୍ୟାଙ୍କିଂ ଏବଂ କ୍ୟାପିଟାଲ ଗୁଡ୍ସ ଷ୍ଟକ୍ ଉପରେ ବାଜି ଲଗାଇଥିଲେ।

**ସଂକ୍ଷେପରେ**

## କୋଟାକ ମ୍ୟୁଚୁଆଲ ଫଣ୍ଡର ସ୍ମାର୍ଟ ସୁବିଧା

**ନୂଆଦିଲ୍ଲୀ,୫।୯:** କୋଟାକ ମ୍ୟୁଚୁଆଲ ଫଣ୍ଡ ସମସ୍ତ ନିବେଶକଙ୍କ ନିମନ୍ତେ ଏସ୍ଆଇପି, ଏସ୍‌ଟିପି ଏବଂ ଏସ୍‌ଡବ୍ଲ୍ୟୁପି ପାଇଁ ସ୍ମାର୍ଟ ସୁବିଧା ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ବୈଶିଷ୍ଟ୍ୟ ପାରମ୍ପରିକ ଏସ୍ଆଇପି-ଏସ୍‌ଟିପି-ଏସ୍‌ଡବ୍ଲ୍ୟୁପି ସୁବିଧାକୁ ଆଉ ପାଦେ ଆଗେଇ ନେଉଛି,ଯେଉଁଠାରେ ନିବେଶକଙ୍କର କିସ୍ତି ବଜାର ମୂଲ୍ୟାୟନ ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ। ଏହି ନୂଆ ସୁବିଧା ସମସ୍ତ ଓପନ ଏଣ୍ଡେଡ୍ ଯୋଜନା ସମୂହ, ଇକ୍ୱିଟି ଇଣ୍ଡେକ୍ସ ଫଣ୍ଡ ଏବଂ କୋଟାକ ଇକ୍ୱିଟି ହାଇବ୍ରିଡ୍ ଫଣ୍ଡ ନିମନ୍ତେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀର ଗ୍ରୁପ୍ ପ୍ରେସିଡେଣ୍ଟ ନୀଲେଶ ଶାହ କହିଛନ୍ତି, କୋଟାକ ମ୍ୟୁଚୁଆଲ ଫଣ୍ଡର 'ସ୍ମାର୍ଟ ସୁବିଧା' ଦୀର୍ଘାବଧି ଲକ୍ଷ୍ୟ ନିମନ୍ତେ ଏକ ଇକ୍ୱିଟି ମୂଲ୍ୟାୟନ ଆଧାରିତ ନିବେଶ ଆଭିମୁଖ୍ୟ ରଖୁଥିବା ନିବେଶକଙ୍କୁ ସହାୟକ ହେବ।

## ଆକ୍ସିସ୍‌ର ନୂତନ ଫଣ୍ଡ୍ ଶୁଭାରମ୍ଭ

**ନୂଆଦିଲ୍ଲୀ,୫।୯:** ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଆକ୍ସିସ୍ ସିଲ୍‌ଭର୍ ଇଟିଏଫ୍ ଓ ଆକ୍ସିସ୍ ସିଲ୍‌ଭର ଫଣ୍ଡ ଅଫ୍ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ୍ ଏଣ୍ଡେଡ୍ ସ୍କିମ୍ ଯାହା ଦେଶ ଭିତରେ ରୁପା ଦାମ୍‌କୁ ଟ୍ରାକ୍ କରିଥାଏ। ସେହିପରି ଆକ୍ସିସ୍ ସିଲ୍‌ଭର ଫଣ୍ଡ ଅଫ୍ ଫଣ୍ଡ ହେଉଛି ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ ଅଫ୍ ଫଣ୍ଡ ସ୍କିମ୍ ଯେଉଁଥିରେ ଆକ୍ସିସ୍ ସିଲ୍‌ଭର୍ ଇଟିଏଫ୍ ୟୁନିଟ୍‌ଗୁଡ଼ିକରେ ନିବେଶ କରାଯାଏ। ଏଥିରେ ସର୍ବନିମ୍ନ ଆବେଦନ ରାଶି ପରିମାଣ ଆବେଦନ ପିଛା ୫୦୦ ଟଙ୍କା ରହିଛି ଏବଂ ଏହା ପରେ ୧ ଟଙ୍କାର ଗୁଣିତକ ହିସାବରେ ତାହାକୁ ବୃଦ୍ଧି କରାଯାଇପାରିବ। ସବ୍‌ସ୍କ୍ରିପ୍‌ସନ୍ ପାଇଁ ଉଭୟ ଫଣ୍ଡର ଏନ୍‌ଏଫ୍ଓ ୨ରୁ ଖୋଲିଛି ଓ ୧୫ ତାରିଖରେ ବନ୍ଦ ହେବ। ଇଟିଏଫ୍ ଜରିଆରେ ରୁପାରେ ନିବେଶ ସୁବିଧା ନିବେଶକ ହାସଲ କରିଥିବାରୁ ଭବିଷ୍ୟତରେ ଏକ ପ୍ରତିଶ୍ରୁତିପୂର୍ଣ୍ଣ ସମ୍ପତ୍ତି ଭାବେ ଏହି ଧାତୁର ମୂଲ୍ୟ ଆହୁରି ବୃଦ୍ଧି ପାଇବ ବୋଲି ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଚନ୍ଦ୍ରେଶ ନିଗମ କହିଛନ୍ତି।

### ଓପେକ୍‌ର ଉତ୍ପାଦନ ହ୍ରାସ ନିଷ୍ପତ୍ତି

# ମହଙ୍ଗା ହେବ ତେଲ



ନୂଆଦିଲ୍ଲୀ,୫।୯

ପେଟ୍ରୋଲିୟମ ରପ୍ତାନି ରାଷ୍ଟ୍ର ସଂଘ (ଓପେକ୍) ଏବଂ ଏହାର ସହଯୋଗୀ ତୈଳ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଭାରତରେ ପେଟ୍ରୋଲ ଓ ଡିଜେ ଦର ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଓପେକ୍ ଦୈନିକ ଲକ୍ଷେ ବ୍ୟାରେଲ୍ ତୈଳ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଅକ୍ଟୋବର ୫ରେ ବୈଠକରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ୩.୪୩ ଡଲାର ବୃଦ୍ଧି ପାଇ ୯୬.୪୫ ଡଲାର ହୋଇଛି। ସେହିପରି ଆମେରିକା ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ କ୍ରୁଡ୍ ୨.୯୪ ଡଲାର ଅର୍ଥାତ୍ ୩.୪ ପ୍ରତିଶତ ବୃଦ୍ଧି ପାଇ ୮୯.୮୭ ଡଲାର ହୋଇଥିବା ଜଣାପଡ଼ିଛି। ମାନ୍ଦାବସ୍ଥା ଆଶଙ୍କାରେ ଅଶୋଧିକ ତୈଳ ହ୍ରାସ ପାଇଥିବାରୁ ଉତ୍ପାଦନକାରୀ ରାଷ୍ଟ୍ର ଅସନ୍ତୁଷ୍ଟ ଥିଲେ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ପରେ ରୁଷିଆ ସମେତ ଓପେକ୍ ରାଷ୍ଟ୍ର ତୈଳ ଉତ୍ପାଦନ କମାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯେକୌଣସି ସମୟରେ ତୈଳ ଉତ୍ପାଦନ ହ୍ରାସ ପାଇଁ ନିଷ୍ପତ୍ତି ହୋଇପାରେ ବୋଲି ଗତ ମାସରେ ସାଉଦି ଆରବ ଶକ୍ତି ମନ୍ତ୍ରୀ ସୂଚନା ଦେଇଥିଲେ।

## ୱିଣ୍ଡଫଲ୍ ଟ୍ୟାକ୍ସକୁ ଅର୍ଥମନ୍ତ୍ରୀଙ୍କ ସମର୍ଥନ

**ନୂଆଦିଲ୍ଲୀ,୫।୯(ପି.ଟି.):** ପେଟ୍ରୋଲିୟମ ସାମଗ୍ରୀ ଏବଂ ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ଅତିରିକ୍ତ ନୁହେଁ, ଶିଳ୍ପସଂସ୍ଥା ସହ ନିୟମିତ ପରାମର୍ଶକ୍ରମେ ଏହି ଟିକସ ଲାଗୁ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ୱିଣ୍ଡଫଲ୍ ଟ୍ୟାକ୍ସକୁ ଆଡ୍‌ହକ ବା ଅନୈପଚାରିକ ଟିକସ କହିବା ଠିକ୍ ନୁହେଁ। ୱିଣ୍ଡଫଲ୍ ଟ୍ୟାକ୍ସ ପ୍ରସ୍ତାବ ଆସିବା ବେଳେ ଏନେଇ ପେଟ୍ରୋଲିୟମ ଶିଳ୍ପ ସହ ଆଲୋଚନା କରାଯାଇଥିଲା। ପ୍ରତି ୧୫ ଦିନରେ ଥରେ ଟ୍ୟାକ୍ସ ହାରରେ ସଂଶୋଧନ କରାଯିବ ବୋଲି ସେମାନଙ୍କୁ ଜଣାଇ ଦିଆଯାଇଥିଲା। ସେହି ଅନୁଯାୟୀ ସରକାର ଟ୍ୟାକ୍ସ ଧାର୍ଯ୍ୟ କରୁଛନ୍ତି।

## ଯଶ୍‌ପ୍ରୀତ୍ ବୁମ୍‌ରା ପରଫର୍ମ୍ୟାକ୍ସ ଆକ୍ଟିଭ୍‌ୱେୟାରର ବ୍ରାଣ୍ଡ୍ ଆମ୍ବାସାଡର

ମୁମ୍ବାଇ,୫।୯




ରିଲାଏନ୍ସ ରିଟେଲ୍‌ର ଫ୍ୟାଶନ ଓ ଲାଇଫ୍‌ଷ୍ଟାଇଲ୍ ପୋର୍ଟଫୋଲିଓର ସ୍ପୋର୍ଟସ୍ ବ୍ରାଣ୍ଡ୍ ପରଫର୍ମ୍ୟାକ୍ସ ଆକ୍ଟିଭ୍‌ୱେୟାର ପକ୍ଷରୁ ଭାରତୀୟ କ୍ରିକେଟର ଯଶ୍‌ପ୍ରୀତ୍ ବୁମ୍‌ରାଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପରଫର୍ମ୍ୟାକ୍ସ ହେଉଛି ଏକ ଭାରତୀୟ ବ୍ରାଣ୍ଡ୍ ଯାହା ବିଶ୍ୱର ସ୍ପୋର୍ଟସ୍ ୱେୟାର ଓ ଆକ୍ଟିଭ୍ ୱେୟାର ବଜାରରେ ନିଜ ସ୍ଥିତି ଦୃଢ଼ କରିବାକୁ ଚାହୁଁଛି। ରିଲାଏନ୍ସ ରିଟେଲ୍‌ର ଫ୍ୟାଶନ ଓ ଲାଇଫଷ୍ଟାଇଲ୍‌ର ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ଯଶ୍‌ପ୍ରୀତ୍‌ଙ୍କ ସହିତ ସହଯୋଗିତା ବିଷୟରେ ଘୋଷଣା କରୁଥିବାରୁ ଆମେ ବହୁତ ଖୁସି । ଯଶ୍‌ପ୍ରୀତ୍ କିଛି ବର୍ଷ ଧରି ଭାରତର ଦ୍ରୁତ ବୋଲିଂ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି । ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ହାସଲ କରିଥିବା ପ୍ରଥମ ଭାରତୀୟ ସ୍ପୋର୍ଟସ୍ ବ୍ରାଣ୍ଡ୍ ଭାବେ ଆମେ ପରଫର୍ମ୍ୟାକ୍ସକୁ ଉପସ୍ଥାପନ କରିବାକୁ ଚାହୁଁଛୁ। ସେହିଭଳି ଯଶ୍‌ପ୍ରୀତ୍ ବୁମ୍‌ରା କହିଛନ୍ତି, ଜଣେ ଖେଳାଳି ଭାବେ ମୁଁ ସେହି ଗିୟରକୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରେ, ଯାହାର ଠିକ୍ ଫିଟିଂ ମୋ ଖେଳକୁ ଆହୁରି ଉନ୍ନତ କରିବାରେ ସହାୟକ ହୋଇଥାଏ।

## ଏମ୍‌ଜି ପକ୍ଷରୁ 'ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍' ଉନ୍ମୋଚିତ

ନୂଆଦିଲ୍ଲୀ,୫।୯




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମୋରିସ ଗ୍ୟାରେଜ (ଏମ୍‌ଜି)ର ବହୁ ପ୍ରତୀକ୍ଷିତ ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏମ୍‌ଜି ମୋଟର ପକ୍ଷରୁ ନିକଟରେ 'ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍'ର ସର୍ବଭାରତୀୟସ୍ତରରେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଭାରତର ପ୍ରଥମ ଅଟୋନୋମସ୍ (ଲେଭେଲ୍-୧) ପ୍ରିମିୟମ ଏସ୍‌ୟୁଭି ଏବେ ନୂଆ ଓ ଆଡ୍‌ଭାନ୍ସଡ୍ ସେଫ୍ଟି, ଷ୍ଟାଇଲ୍ ଓ ଟେକ୍ନୋଲୋଜି ଏନ୍‌ହାନ୍ସମେଣ୍ଟ ସହ ଆସିଛି। ଗ୍ଲୋଷ୍ଟର୍‌ର ଆଡ୍‌ଭାନ୍ସଡ୍ ଡ୍ରାଇଭର ଆସିଷ୍ଟ ସିଷ୍ଟମ (ଏଡିଏଏସ୍)ରେ ଡୋର୍ ଓପନ୍ ୱାର୍ନିଂ (ଡିଓଡବ୍ଲ୍ୟୁ), ରିୟର କ୍ରସ୍ ଟ୍ରାଫିକ୍ ଆଲର୍ଟ (ଆର୍‌ସିଟିଏ) ଓ ଲେନ୍ ଚେଞ୍ଜ୍ ଆସିଷ୍ଟ (ଏଲ୍‌ସିଏ) ଭଳି ଅତିରିକ୍ତ ଫିଚର ରହିଛି। ୩୦ଟି ଷ୍ଟାଣ୍ଡାର୍ଡ ସେଫ୍ଟି ଫିଚର ସହ ଅନ୍ତର୍ଭୁକ୍ତ ନୂଆ ଫିଚରଗୁଡ଼ିକ ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍‌କୁ ଏକ ସୁରକ୍ଷିତ ଓ ସୁଗମ ଡ୍ରାଇଭ୍‌ରେ ପରିଣତ କରିଛି। ନୂଆକରି ଶୁଭାରମ୍ଭ ହୋଇଥିବା 'ଡିପ୍ ଗୋଲ୍ଡେନ୍' ରଙ୍ଗ ବିକଳ୍ପରେ ଏହାକୁ ଏବେ ପ୍ରଦାନ କରାଯାଉଛି, ଯାହା ଏସ୍‌ୟୁଭିର ବିଳାସପୂର୍ଣ୍ଣ ଆବେଦନକୁ ଉନ୍ନତ କରୁଛି। ଏହା ପୂର୍ବରୁ ବିଦ୍ୟମାନ ଥିବା ମେଟାଲ ବ୍ଲାକ୍, ମେଟାଲ୍ ଆଶ୍ ଓ ୱାର୍ମ ହ୍ୱାଇଟ୍ ରଙ୍ଗରେ ସାମିଲ ରହିଛି। ଏମ୍‌ଜି ମୋଟର ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜୀବ ଛାବା କହିଛନ୍ତି, ଏଥିରେ ବୈଷୟିକ ବ୍ୟାଘାତ, କ୍ରମାଗତ ବିବର୍ତ୍ତନ ଓ ସର୍ବୋତ୍ତମ ଶ୍ରେଣୀର ଗ୍ରାହକ ଅଭିଜ୍ଞତା ଆଦି ଆମ ପାଇଁ ପ୍ରମୁଖ ପ୍ରାଥମିକତା । ଏହାର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ ଶୋ'ରୁମ୍ ନୂଆଦିଲ୍ଲୀ) ୩୧.୯୯ ଲକ୍ଷ ଟଙ୍କା ରହିଛି।

## ଋଣମେଳାକୁ ବ୍ୟାଙ୍କ ୟୁନିୟନର ବିରୋଧ

ମୁମ୍ବାଇ,୫।୯(ପି.ଟି.)

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆୟୋଜିତ ଋଣ ମେଳାକୁ ମହାରାଷ୍ଟ୍ର ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଉପଯୁକ୍ତ ଅନୁଧ୍ୟାନ କରା ନ ଯାଇ ମେଳା ଜରିଆରେ ଋଣ ପ୍ରଦାନ କରାଯିବା ଦ୍ୱାରା ଅଣକାର୍ଯ୍ୟକାରୀ ପୁଞ୍ଜି (ଏନ୍‌ପିଏ) ପରିମାଣ ବଢ଼ିଚାଲିଥିବା ଫେଡେରେଶନ ପକ୍ଷରୁ ଦର୍ଶାଇଛନ୍ତି। ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଏକ ଋଣମେଳାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨,୯୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏଭଳି ଋଣ ନେଉଥିବା ଲୋକେ ପରିଶୋଧ କରୁନାହାନ୍ତି। ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଋଣ ଛାଡ଼ ଦାବି କରୁଥିବାରୁ ଋଣ ଆଦାୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ୟୁନିୟନ କହିଛି।

## ଓରିହୋମ୍ ପକ୍ଷରୁ ଗୃହ ନିର୍ମାଣ ସଲ୍ୟୁଶନ

ଭୁବନେଶ୍ୱର,୫।୯(ବ୍ୟୁରୋ)

ORI-HOME Plan Smarter, Build Better...

ରାଜ୍ୟର ପ୍ରଥମ ଟେକ୍ନୋଲୋଜିଭିତ୍ତିକ କନ୍‌ଷ୍ଟ୍ରକ୍‌ଶନ କମ୍ପାନୀ ଓରିହୋମ୍ କନ୍‌ଷ୍ଟ୍ରକ୍‌ଶନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୃହ ନିର୍ମାଣ ସଲ୍ୟୁଶନ ସମ୍ପର୍କରେ ଘୋଷଣା ହୋଇଛି। କମ୍ପାନୀ ବିଶେଷ କରି ୪ ପ୍ରମୁଖ ସେବା ଯୋଗାଉଛି। ଏହା ମଧ୍ୟରେ ନୂଆ ଘର ନିର୍ମାଣ, ଇଣ୍ଟେରିୟର ଏବଂ ଏକ୍ସଟେରିୟର, ଜମି ସହ କଷ୍ଟମାଇଜ ପ୍ରପର୍ଟି ଏବଂ ମେଣ୍ଟେନାନ୍ସ ଓ ରିନୋଭେସନ ରହିଛି। ଗ୍ରାହକମାନେ ବାସଗୃହ ନିର୍ମାଣ ସହ ଅନ୍ୟ ଆନୁଷଙ୍ଗିକ ସୁବିଧା ଏକ ସଙ୍ଗରେ ପାଇପାରିବେ। ଏକ ପ୍ରଫେଶନାଲ ସଂସ୍ଥା ଭାବେ ଲୋକଙ୍କ ବାସଗୃହ ନିର୍ମାଣର ବିଭିନ୍ନ ଦିଗକୁ ଧ୍ୟାନରେ ରଖି ସେବା ଯୋଗାଣ କରାଯାଉଥିବା କମ୍ପାନୀ ପକ୍ଷକୁ କୁହାଯାଇଛି। ଘର ନିର୍ମାଣ ପାଇଁ ମାଟି ପରୀକ୍ଷା ସହ ପ୍ରାୟ ୩୦୦ ଅତ୍ୟାଧୁନିକ ଟେଷ୍ଟ ସାମିଲ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ କମ୍ପାନୀ ଏହାର ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ପ୍ରଫେଶନାଲ ଇଞ୍ଜିନିୟରିଂ ଜ୍ଞାନକୌଶଳ ସହିତ ଜର୍ମାନ ଟେକ୍ନୋଲୋଜି ଗ୍ରାହକଙ୍କର ଗୃହ ନିର୍ମାଣରେ ବ୍ୟବହାର କରାଯାଉଛି। ଲୋକମାନେ ଯେପରି ବିଶ୍ୱସ୍ତରୀୟ ଅନୁଭୂତି ଲାଭ କରିପାରିବେ ତାକୁ ଧ୍ୟାନରେ ରଖାଯାଉଥିବା ଓରିହୋମ୍ ପକ୍ଷରୁ କୁହାଯାଇଛି। ଗ୍ରାହକ ଉତ୍ପାଦ ଏବଂ ସେବା ସମ୍ପର୍କିତ ସୂଚନା ପାଇଁ ଟୋଲ ଫ୍ରି ନଂ.- ୧୮୦୦୩୦୯୪୩୦୨ରେ ଯୋଗାଯୋଗ କରିପାରିବେ କିମ୍ବା ଖାରପଡାସ୍ଥିତ ଭଗବାନ ଟାୱାର କାର୍ଯ୍ୟାଳୟ ସହ ସମ୍ପର୍କ କରିପାରିବେ ବୋଲି କମ୍ପାନୀର କମର୍‌ସିଆଲ ମୁଖ୍ୟ ଇଂ. ବର୍ଷା ଦାସ୍‌ଙ୍କ ପକ୍ଷରୁ ସୂଚନା ମିଳିଛି।

**ଫୁରସତ୍**

# ଡିଏନ୍‌ଏ ମରାମତି କରିପାରେ ଜେଲିଫିଶ୍

### ଅମର ହେବା ପଛର କାରଣ ଖୋଜିଲେ ବୈଜ୍ଞାନିକ



**ମାଡ୍ରିଡ୍:** ପୃଥିବୀରେ ଜନ୍ମ ମାନେ ମୃତ୍ୟୁ ସୁନିଶ୍ଚିତ। କିନ୍ତୁ ଜେଲିଫିଶ୍‌ର ଏକ ପ୍ରଜାତି ନିକଟରେ ବୁଢ଼ା ନ ହେବା ଏବଂ ଅମର ହେବା ଭଳି ବିଶେଷ ଗୁଣ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ କରାଯାଇଥିବା ଏକ ଅଧ୍ୟୟନରେ ଏହି ଜେଲିଫିଶ୍ ନ ମରିବା ଭଳି ପ୍ରକୃତିର କାରଣ ବାବଦରେ ଗବେଷକମାନେ ଜାଣିବାକୁ ପାଇଛନ୍ତି। ସ୍ପେନ୍ ବୈଜ୍ଞାନିକଙ୍କ ଏହି ରିସର୍ଚ୍ଚ ରିପୋର୍ଟ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ରେ ପ୍ରକାଶ ପାଇଛି। କେତେକ ଜେଲିଫିଶ୍ ବାରମ୍ବାର ବୃଦ୍ଧାବସ୍ଥାରୁ ନିଜ ଯୁବ ଅବସ୍ଥାକୁ ଫେରିପାରିଥାନ୍ତି। ନିଜ ଡିଏନ୍‌ଏର ଅବିକଳ କପି ବନାଇବା ସହ ଆବଶ୍ୟକସ୍ଥଳେ ଏହାକୁ ମରାମତି କରିପାରିଥାନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି। ଟୁରିଟୋପିସିସ୍ ଡୋହର୍‌ନି ପ୍ରଜାତିର ଜେଲିଫିଶ୍ ଅମର ହେବା ପଛର କାରଣ ଜାଣିବା ପାଇଁ ଜେନେଟିକ୍ ସିକ୍ୱେନ୍ସିଂ କରାଯାଇଥିଲା। ସେଥିରେ ଏକ ସ୍ୱତନ୍ତ୍ର ଜିନୋମ ରହିଛି ଯାହାକି କେବଳ ବୃଦ୍ଧାବସ୍ଥାକୁ ରୋକେ ନାହିଁ ବରଂ ମୃତ୍ୟୁ ହେବାରୁ ମଧ୍ୟ ବଞ୍ଚାଇଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

ଟୁରିଟୋପିସିସ୍ ଡୋହର୍‌ନି ସମେତ ପ୍ରାୟ ସମସ୍ତ ଜେଲିଫିଶ୍ ୨ଟି ଜୀବନ ଚକ୍ର ଦେଇ ଗତିକରିଥାନ୍ତି। ଏହାର ଆସେକ୍ସୁଆଲ ବା ଯୌନ ପ୍ରଜନନ ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଖାଦ୍ୟାଭାବ ପରିସ୍ଥିତିରେ ଜେଲିଫିଶ୍ ସମୁଦ୍ର ଚଟାଣରେ ପଡ଼ିରହି ଜୀବିତ ରହିଥାଏ। ଯେତେବେଳେ ପରିସ୍ଥିତି ଅନୁକୂଳ ହୁଏ ଜେଲିଫିଶ୍ ଯୌନ ପ୍ରଜନନ କରିପାରେ। ଅନେକ ଜେଲିଫିଶ୍ ସେମାନଙ୍କ ଜୀବନର ପୂର୍ବାବସ୍ଥା ଏପରିକି ଲାର୍ଭା ଅବସ୍ଥାକୁ ଯାଇପାରନ୍ତି। କିନ୍ତୁ ଯୌନ ପରିପକ୍ୱତା ଅବସ୍ଥାରେ ପହଞ୍ଚିବା ପରେ ଅଧିକାଂଶ ଜେଲିଫିଶ୍‌ଙ୍କଠାରେ ଏହି କ୍ଷମତା ହ୍ରାସ ପାଇଥାଏ। ତେବେ ଟୁରିଟୋପିସିସ୍ ଡୋହର୍‌ନି ପ୍ରଜାତିର ଜେଲିଫିଶ୍‌ଠାରେ ଏହାର ବ୍ୟତିକ୍ରମ ଘଟିଥାଏ। ଏହାର କାରଣ ଜାଣିବା ପାଇଁ ବୈଜ୍ଞାନିକମାନେ ଉକ୍ତ ପ୍ରଜାତି ଏବଂ ଯୌନ ପ୍ରଜନନ ପରେ ଯୁବାବସ୍ଥାକୁ ଫେରିବା କ୍ଷମତା ହରାଉଥିବା ଟୁରିରୋପ୍‌ସିସ୍ ରୁବ୍ରା ପ୍ରଜାତିର ଜେନେଟିକ୍ ସିକ୍ୱେନ୍ସକୁ ତୁଳନା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ଟୁରିଟୋପିସିସ୍ ଡୋହର୍‌ନିର ଜିନୋମ୍‌ଠାରେ କେତେକ ବ୍ୟତିକ୍ରମ ରହିଛି, ଯାହା କି ଏହି ପ୍ରଜାତିର ଡିଏନ୍‌ଏକୁ ଆହୁରି ବିକଶିତ କରି ତାହାର ନକଲ ବନାଇବା ଏବଂ ଆବଶ୍ୟକସ୍ଥଳେ ଡିଏନ୍‌ଏ ମରାମତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାବାଦ୍ ଏକ ନିର୍ଦ୍ଦିଷ୍ଟ କ୍ରୋମୋଜୋମ୍ 'ଟେଲୋମିଅର୍ସ'ର ଲମ୍ବ ବଜାୟ ରଖିଥାଏ। ସାଧାରଣତଃ ମଣିଷ କ୍ଷେତ୍ରରେ ବୟସ ବଢ଼ିବା ସାଙ୍ଗକୁ ଟେଲୋମିଅର ଲମ୍ବ କମିଯାଇଥାଏ।

## ୨୩ରେ 'ବବ୍‌ଲି ବାଉନ୍ସର'

**ମୁମ୍ବାଇ:** ଆଉ ଏକ ଦମଦାର ଫିଲ୍ମ ସହ ନୂଆ ଲୁକ୍‌ରେ ନଜରକୁ ଆସୁଛନ୍ତି ଅଭିନେତ୍ରୀ ତମ୍ମନା ଭାଟିଆ। ଛୋଟ ସହରର ଜଣେ ଝିଅଙ୍କ ଚରିତ୍ରରେ ସେ 'ବବ୍‌ଲି ବାଉନ୍ସର'ରେ ନଜର ଆସିବେ। ସୋମବାର ଏହାର ଟିଜର ରିଲିଜ ହୋଇଛି। ଟ୍ରେଲରରେ ଦେଖିବାକୁ ମିଳିଛି, ଆସୋଲା ଫତେପୁରର ଝିଅ ବବ୍‌ଲି ଚାକିରି ପାଇଁ ଦିଲ୍ଲୀ ଯାଇଛନ୍ତି। ଦିଲ୍ଲୀର ଏକ କ୍ଲବରେ ତାଙ୍କୁ ବାଉନ୍ସର ଚାକିରି ମିଳିଛି। ଏଥିରେ ତମନ୍ନାଙ୍କ କେତେକ ଆକ୍ସନ ସିନ୍ ମଧ୍ୟ ରହିଛି। ତାଙ୍କ ମା' ବାପା ବବ୍‌ଲିଙ୍କ ବିବାହ କରିଦେବାକୁ ଚାହୁଁଥିବାବେଳେ ସେ ଏଥିପାଇଁ ରାଜି ନ ହୋଇ ନିଜ ଜୀବନରେ ଆଗକୁ ବଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ସିନେମା ଆସନ୍ତା ୨୩ରେ ଓଟିଟି ପ୍ଲାଟଫର୍ମ 'ହଟ୍‌ଷ୍ଟାର'ରେ ହିନ୍ଦୀ, ତେଲୁଗୁ, ତାମିଲ ଭାଷାରେ ରିଲିଜ୍ ହେବାକୁ ଯାଉଛି। ମଧୁର ଭଣ୍ଡାରକର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିନିତ ଜୈନ, ଷ୍ଟାର ଷ୍ଟୁଡିଓ, ଅମ୍ରିତା ପାଣ୍ଡେ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଅଭିନେତ୍ରୀ ତମ୍ମନା ଏ ପର୍ଯ୍ୟନ୍ତ ଅନେକ ତେଲୁଗୁ, ତାମିଲ, ହିନ୍ଦୀ ସିନେମାରେ ରୋମାଣ୍ଟିକ ଚରିତ୍ରରେ ନଜରକୁ ଆସିଥିବାବେଳେ ଆଗାମୀ ଫିଲ୍ମ ଏଥର ତାଙ୍କୁ ଜଣେ ବାଉନ୍ସରଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ତମ୍ମନାଙ୍କ ସମେତ ସୌରଭ ଶୁକ୍ଲା, ଅଭିଷେକ୍ ବଜାଜ୍, ସାହିଲ ବୈଦ, ସୁପ୍ରିୟା ଶୁକ୍ଲା, ପ୍ରିୟମ୍ ଶାହା, ସୁନିଲ ଯାଦବ, ୟୋହାନୀ ପ୍ରମୁଖ ନଜରକୁ ଆସିବେ। ସେହିପରି ସମାନ ତାରିଖରେ ତମନ୍ନାଙ୍କ ଅଭିନୀତ ଆଉ ଏକ ରୋମାଣ୍ଟିକ୍ ଡ୍ରାମା 'ଗୁରତୁଣ୍ଡ ସୀତକାଳ' ମୁକ୍ତିଲାଭ କରିବାକୁ ଯାଉଛି।



ତମ୍ମନା ଭାଟିଆ

## କାଫେରେ ବାଥ୍‌ରୁମ୍ ବିଲ୍

**ଆଗ୍ରା:** ଆଜିକାଲି ସମୟରେ କୌଣସି ସାମଗ୍ରୀ ମାଗଣାରେ ମିଳିବା କଷ୍ଟକର। ପିଇବା ପାଣି ସହ ଶୌଚାଳୟ ପାଇଁ ମଧ୍ୟ ମୂଲ୍ୟ ଦେବାକୁ ପଡିଥାଏ। ହେଲେ ସାଧାରଣତଃ କୌଣସି ରେଷ୍ଟୁରାଣ୍ଟକୁ ଯାଇଥିବାବେଳେ ସେଠାରେ ଟଏଲଟ୍ କିମ୍ବା ବାଥ୍‌ରୁମ୍ ବ୍ୟବାହାର ବାବଦରେ ଅର୍ଥ ଦେବା ଘଟଣା ବିରଳ। ଆଗ୍ରା ରେଲ୍‌ୱେ ଷ୍ଟେଶନରେ ଏକ କାଫେରେ ଜଣେ ବ୍ୟକ୍ତିଙ୍କୁ ଏପରି କିଛି ସାମ୍ନା କରିବାକୁ ପଡିଛି। ସେ କାଫେକୁ କିଛି ଖାଇବାକୁ ଯାଇଥିଲେ। ଖାଇବା ପରେ ସେ ବିଲ୍ ମଗାଇଥିଲେ। ହେଲେ ବିଲ୍ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବିଲ୍‌ରେ ତାଙ୍କ ଖାଇବା ମୂଲ୍ୟ ସହିତ ବାଥ୍‌ରୁମ୍ ଯିବା ବବାଦ ଅର୍ଥ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ବିଲ୍‌ର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ବିଭିନ୍ନ ପ୍ରକାର କମେଣ୍ଟ ଦେଇଛନ୍ତି। ପ୍ରତିକ୍ରିୟା ରଖି ଜଣେ ବ୍ୟକ୍ତି କହିଛନ୍ତି, କାଫେରେ କିପରି ପବନ ପାଇଁ ମୂଲ୍ୟ ନେଇ ନାହାନ୍ତି ତାହା ଆଶ୍ଚର୍ଯ୍ୟକର।

# ୫ ହଜାର କାର୍ ଚୋରି କରିଛନ୍ତି ଅଟୋ ଚାଳକ

ନୂଆଦିଲ୍ଲୀ



■୨୭ ବର୍ଷ ହେଲା ଚୋରି, ଅସ୍ତ୍ରଶସ୍ତ୍ର କାରବାର

■ଅଛନ୍ତି ୩ ସ୍ତ୍ରୀ, ୭ ସନ୍ତାନ

୨୭ ବର୍ଷ ଧରି କାର୍ ଚୋରି, ଦିଲ୍ଲୀ, ମୁମ୍ବାଇ ସମେତ ଭାରତର ବିଭିନ୍ନ ସ୍ଥାନରେ ସମ୍ପତ୍ତି, ୩ ସ୍ତ୍ରୀଙ୍କ ସହ ବିଳାସପୂର୍ଣ୍ଣ ଜୀବନ କାଟୁଥିବା ଜଣେ ଅଟୋ ରିକ୍ସା ଚାଳକ ଦିଲ୍ଲୀ ପୋଲିସ ହାତରେ ଧରାପଡ଼ିଛନ୍ତି। ୧୯୯୫ରୁ ଅଦ୍ୟାବଧି ୫ ହଜାରରୁ ଅଧିକ କାର୍ ଚୋରି କରିଥିବା ଅନିଲ ଚୌହାନ(୫୨)ଙ୍କୁ ପୋଲିସ ଭାରତର ସବୁଠୁ ବଡ଼ କାର୍ ଚୋର ବୋଲି କହିଛି। ସୂଚନା ପାଇ ସେଣ୍ଟ୍ରାଲ ଦିଲ୍ଲୀ ପୋଲିସର ସ୍ପେଶାଲ ଷ୍ଟାଫ୍ ତାଙ୍କୁ ଦେଶ ବନ୍ଧୁ ଗୁପ୍ତା ରୋଡ୍‌ରୁ ଗିରଫ କରିଛି। ସେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ କହିଛି। ଉତ୍ତରପ୍ରଦେଶରୁ ଅସ୍ତ୍ରଶସ୍ତ୍ର ନେଇ ଉତ୍ତରପୂର୍ବ ରାଜ୍ୟରେ ନିଷିଦ୍ଧ ଘୋଷଣା କରାଯାଇଥିବା ସଙ୍ଗଠନଗୁଡ଼ିକୁ ଯୋଗାଉଥିଲେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଅନିଲ ପୂର୍ବରୁ ଦିଲ୍ଲୀର ଖାନ୍‌ପୁର ଅଞ୍ଚଳରେ ଅଟୋ ଚଳାଉଥିଲେ। ୧୯୯୫ ପରେ ସେ କାର୍ ଚୋରି ଆରମ୍ଭ କରିଥିଲେ। ସେହି ସମୟରେ ସେ କେବଳ ମାରୁତି ୮୦୦ ଗାଡ଼ିକୁ ଟାର୍ଗେଟ କରୁଥିଲେ। ଭାରତର ବିଭିନ୍ନ ସ୍ଥାନରୁ କାର୍ ଚୋରି କରି ସେ ସେଗୁଡ଼ିକୁ ଜମ୍ମୁ-କଶ୍ମୀର, ଉତ୍ତର ପୂର୍ବ ରାଜ୍ୟ ସମେତ ଦେଶ ବାହାରକୁ ପଠାଇଦେଉଥିଲେ। ଚୋରି ବେଳେ ସେ ଅନେକ ଟାକ୍ସି ଡ୍ରାଇଭରଙ୍କୁ ମଧ୍ୟ ହତ୍ୟା କରିଛନ୍ତି। ପରେ ସେ ଆସାମ ଯାଇ ସେଠାରେ ବସବାସ କରୁଥିଲେ। ଚୋରି ଅର୍ଥରେ ସେ ଅନେକ ସ୍ଥାନରେ ଜମି ଓ ଅନ୍ୟାନ୍ୟ ସମ୍ପତ୍ତି କିଣିଛନ୍ତି। ତାଙ୍କ ନାଁରେ ୧୮୦ ମାମଲା ରହିଛି। ୨୦୧୫ରେ ତାଙ୍କୁ ଗିରଫ କରାଯାଇଥିବାବେଳେ ୫ ବର୍ଷ ଜେଲ୍‌ରେ ରହି ମୁକୁଳିଥିଲେ। ତାଙ୍କର ୩ ସ୍ତ୍ରୀ ଓ ୭ ସନ୍ତାନ ରହିଥିବା ପୋଲିସ କହିଛି। ଅନିଲଙ୍କଠାରୁ ୬ ପିସ୍ତଲ ଏବଂ ୭ କ୍ୟାଟ୍ରିଜ୍ ଜବତ କରାଯାଇଛି। ଆସାମ ସରକାରଙ୍କ ସେ ଜଣେ କଣ୍ଟ୍ରାକ୍ଟର ରହିବା ସହ ଅନେକ ସ୍ଥାନୀୟ ନେତାଙ୍କ ସହ ସମ୍ପର୍କରେ ଥିଲେ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୯।୨୦୨୨

| | |
|---|---|
| ୨,୮୬,୯୭୫ ଟଙ୍କା | |
| ସୁନା | ୪୧.୬୦୦ ଗ୍ରାମ |
| ରୁପା | ୩୨.୧୦୦ ଗ୍ରାମ |

# ୬୨ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ଗଣଶିକ୍ଷା ମନ୍ତ୍ରୀ

### ଚାରିଛକ ପ୍ରେସକ୍ଲବ ପକ୍ଷରୁ ଗୁରୁପୂଜନ, ପ୍ରତିଭା ସମ୍ମାନ ସମାରୋହ

ନିମାପଡ଼ା,୫।୯(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅଧୀନ ଚାରିଛକ ପ୍ରେସକ୍ଲବ ପକ୍ଷରୁ ସୋମବାର ଗୁରୁଦିବସ ଅବସରରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ତୁଳସୀପୁରସ୍ଥିତ କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ପ୍ରେସ୍‌କ୍ଲବ ଉପଦେଷ୍ଟା ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର, ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର, ପ୍ରଫେସର ଗୋପୀନାଥ କର, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଦିବସ, ଗୁରୁ ପୂଜନର ତାତ୍ପର୍ଯ୍ୟର ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କ୍ଲବର ବିଭିନ୍ନ ଜନହିତକର, ସେବାମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସମାରୋହରେ ବିଦ୍ୟାଳୟର ୭ଜଣ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷାକ୍ଷେତ୍ରରେ ୧୯ ଜଣ କୃତୀ ଛାତ୍ରୀଛାତ୍ର, ସାମ୍ବାଦିକତା କ୍ଷେତ୍ରରେ ଜଣେ ବୟୋଜ୍ୟେଷ୍ଠ ଗଣମାଧ୍ୟମ ପ୍ରତିନିଧି, କଳା କ୍ଷେତ୍ରରେ ୧୧ଜଣ, ଚାରିଛକ ୨୧ ନଂ. ଜୋନର ନିର୍ବାଚିତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ସେବା ସମବାୟ ସମିତିର ସଭାପତିଙ୍କ ସମେତ ମୋଟ ୬୨ ଜଣ କୃତୀ ପ୍ରତିଭାଙ୍କୁ ମନ୍ତ୍ରୀ ଦାଶ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏଥିରେ ବହୁ ଶିକ୍ଷାବିତ୍, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ, ଚାରିଛକ ପ୍ରେସ୍‌କ୍ଲବ ସମ୍ପାଦକ ବସନ୍ତ ଦାସ, କେଦାର ନାଥ ସାହୁ, ପ୍ରଫୁଲ୍ଲ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରେସ୍‌କ୍ଲବ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।

## ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ଗୋପ,୫।୯(ଡି.ଏନ୍.ଏ.) କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗୋପ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅଞ୍ଚଳର ମାନସ ଦୁବେ। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଅଭିଯୁକ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଶନିବାର ନୟାହାଟ ଅଞ୍ଚଳର ୩ଜଣ ଛାତ୍ରୀ ଚାରିଛକ କଲେଜରୁ ଘରକୁ ଫେରୁଥିଲେ। ଏହି ସମୟରେ ନୟାହାଟ-ନାଗପୁର ରାସ୍ତାରେ ଅଭିଯୁକ୍ତ ଏକ ନମ୍ବର ବିହିନ ବାଇକ୍‌ରେ ଯାଇ ଛାତ୍ରୀମାନଙ୍କୁ ଅଶ୍ଳୀଳ ଆଚରଣ ଦେଖାଇଥିଲା। ୩ଜଣ ଛାତ୍ରୀଙ୍କ ମଧ୍ୟରୁ ଜଣେ ଛାତ୍ରୀ ଆଗୁଆ ଯାଇ ଗାଁ ଲୋକଙ୍କୁ କହିଥିଲେ। ପରେ ଗାଁ ଲୋକେ ଯୁବକଙ୍କୁ ଧରି ଉତ୍ତମ ମଧ ଦେଇ ନୟାହାଟ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ଅଭିଯୋଗ ଉପରେ ଗୋପ ପୋଲିସ ନଂ.୩୨୬/୨୨ ମାମଲା ରୁଜୁ କରି ସୋମବାର କୋଣାର୍କ କୋର୍ଟକୁ ପଠାଇଥିଲେ। ସେହିପରି ନୟାହାଟ ବଜାରରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ ମାରିବା ଅଭିଯୋଗରେ ଗୋପ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାହାଟ ଅଞ୍ଚଳର ତ୍ରିଲୋଚନ ଭୋଇ।ଏ ନେଇ ପୋଲିସ ଏକ ମାମଲା(ନଂ.୩୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ପଠାଯାଇଥିବା ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।

## ବିସର୍ଜନବେଳେ ଗଣ୍ଡଗୋଳ: ୨ ଗୁରୁତର

ନିମାପଡ଼ା,୫।୯(ଡି.ଏନ୍.ଏ.): ନିମାପଡ଼ା ଅନ୍ତର୍ଗତ ଅଲଣ୍ଡା ଗ୍ରାମପଞ୍ଚାୟତର ମଣିଜଙ୍ଗ ଗ୍ରାମରେ ରବିବାର ଗଣେଶ ମୂର୍ତ୍ତି ବିସର୍ଜନବେଳେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗ୍ରାମର ପ୍ରଭାତ ରାୟ ଓ ତାଙ୍କ ପୁଅ ମୀନକେତନ ରାୟ ଗୁରୁତର ଭାବେ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୀନକେତନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ପ୍ରଭାତ ୩ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ମନୋରଞ୍ଜନ ଛାଟୋଇ ଓରଫ୍ କୁନୁ, ପପୁ ରଞ୍ଜନ ଛାଟୋଇ ଓରଫ୍ ବୁଲୁ, ମିହିର ରଞ୍ଜନ ଛାଟୋଇ ଓରଫ୍ ଇଲୁ। ପୋଲିସ ଏନେଇ ଏକ ମାମଲା (ନଂ.୩୦୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମର ୨ ପରିବାର ମଧ୍ୟରେ ଉତ୍ତେଜନା ଲାଗି ରହିଛି।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ୨ ଗିରଫ

ଡେଲାଙ୍ଗ,୫।୯(ଡି.ଏନ୍.ଏ.)- ଚୋରି ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ସୋମବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିପୁର ଗ୍ରାମର ହାପି ଓରଫ ଅନୀଲ କୁମାର ବଳିୟାରସିଂହ(୨୬), ସଦାନନ୍ଦ ଶ୍ରୀଚନ୍ଦନ(୨୭)। ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଜେରକ୍ସ ମେଶିନ ଓ ଅଟାକଳ ଜବତ କରାଯାଇଛି। ନିପୁର ଗ୍ରାମର ଭିକାରୀ ସୁବୁଦ୍ଧଙ୍କ ଦୋକାନ ଘରୁ ଗତ୨ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ଅଟାକଳ ଓ ଜେରକ୍ସ ମେଶିନ ଚୋରି କରି ନେଇଥିବା ୩ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୨୪୭/୨୨ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଗ୍ରାମର ହାପି ଓ ସଦାନନ୍ଦ ଚୋରିରେ ସମ୍ପୃକ୍ତ ଥିବା କୌଣସି ସୂତ୍ରରୁ ପୋଲିସ ଖବରପାଇ ଉଠାଇ ଆଣି ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନେ ସ୍ୱୀକାର କରିବା ପରେ ସୋମବାର ଗିରଫ କରାଯାଇଛି।

### ରଟିଲୋ ଛକରୁ ବାଇକ୍ ଲୁଟ୍

ନିମାପଡ଼ା,୫।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଜନଗହଳିପୂର୍ଣ୍ଣ ରଟିଲୋ ଛକରୁ ପୂର୍ବାହ୍ନ ୧୧ଟା ସମୟରେ ବାଇକ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଥାନା ଅନ୍ତର୍ଗତ ଓଡଖଣ୍ଡି ଗ୍ରାମର ଦାମୋଦର ପ୍ରଧାନ ତାଙ୍କ ବାଇକ୍‌କୁ ରଟିଲୋ ଛକସ୍ଥିତ ଏକ ଜନସେବା କେନ୍ଦ୍ରରେ ରଖି କୌଣସି କାର୍ଯ୍ୟରେ ଯାଇଥିଲେ। କିଛି ସମୟ ପରେ ଦାମୋଦର କାମ ସାରି ବାଇକ୍ ପାଖକୁ ଆସିବା ବେଳକୁ ସେଠାରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ସେ ବାଇକ୍ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏସମ୍ପର୍କରେ ଥାନାରେ କୌଣସି ମାମଲା ହୋଇନାହିଁ। ନିମାପଡ଼ା ଅଞ୍ଚଳରେ ଗତ କିଛି ଦିନ ହେବ ଅନେକ ବାଇକ୍ ଚୋରି ହେବାର ଅଭିଯୋଗ ହେଉଛି। କିଛିଦିନ ତଳେ ନିମାପଡ଼ା ଛକରୁ ୩ଟି ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିବାବେଳେ ଜଣେ ହେଲେ ବାଇକ୍ ଲୁଟେରାଙ୍କୁ ଧରିବାରେ ପୋଲିସ ଏପର୍ଯ୍ୟନ୍ତ ସକ୍ଷମ ହୋଇ ନାହାନ୍ତି। ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବାକୁ ବିଭିନ୍ନ ମହଲରୁ ଥାନା ଅଧିକାରୀଙ୍କ ନିକଟରେ ଦାବି ହେଉଛି।




ନିର୍ଭୟ ଅନୁଷ୍ଠାନ ପକ୍ଷରୁ ସୋମବାର ପୁରୀ ଟାଉନ ହଲରେ ଆୟୋଜିତ ଗୁରବେ ନମଃ କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଗୁରୁ ହିଁ ସମୃଦ୍ଧ, ଶୃଙ୍ଖଳିତ ସମାଜ ଗଠନ କରିପାରନ୍ତି

ପୁରୀ ଅଫିସ, ୫।୯: ନିର୍ଭୟ ଅନୁଷ୍ଠାନ ପକ୍ଷରୁ ସୋମବାର ଟାଉନ ହଲରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ତଥା ଗୁରୁଦିବସ ପାଳନ ସହ ଗୁରବେ ନମଃ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ସୂର୍ଯ୍ୟ ରଥ, ଶଶାଙ୍କ ଚୂଡ଼ାମଣି ପ୍ରମୁଖ ଯୋଗଦେଇ ଗୁରୁ ହିଁ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ କରିପାରନ୍ତି ବୋଲି କହିଥିଲେ। ପୁରୀ ସଦରରେ ଶିକ୍ଷା ବିକାଶ ସହ ଗୁରୁଙ୍କ ସମ୍ମାନ ବୃଦ୍ଧି ପାଇଁ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ବାବାଜୀ ଚରଣ ମହାନ୍ତି, ଗୋପୀନାଥ ଦାଶ, ବସନ୍ତ କୁମାର ମିଶ୍ର, ରାଜେନ୍ଦ୍ର ପଟନାୟକ, ଲକ୍ଷ୍ମୀ ଦେବୀ, ସ୍ନେହଲତା ମିଶ୍ର, ବିଇଓ ନମିତା ପାଣିଗ୍ରାହୀ, ଉଷାରାଣୀ ମହାନ୍ତି, କାଞ୍ଚନବାଳା ଦଳାଇ, ହରପ୍ରିୟା ସାହୁ, ଭଗବାନ ସାହୁ, ଅଞ୍ଜଳି ରଥ, ପାଣ୍ଡବ ପ୍ରଧାନ, ପତିତପାବନ ଜଗଦେବ, ମିନତୀ ବେହେରା, ସଙ୍ଗୀତ ଗୁରୁ କାର୍ତ୍ତିକ ଚନ୍ଦ୍ର ସାହୁ, ନୃତ୍ୟଗୁରୁ ଅଶୋକ ଦାସ, ଭୀମସେନ ବେହେରା, ଗୀତିକାର ଗୁରୁ ଶତପଥୀ, କ୍ରୀଡ଼ାଗୁରୁ କୃଷ୍ଣଚନ୍ଦ୍ର ପଣ୍ଡା, ରଘୁନାଥ ସାହୁ, ଗୋମୀ ପଣ୍ଡା, ସୁଦର୍ଶନ ମହାନ୍ତି, ବାବନ ରାଉତ ଏବଂ ସଂସ୍କୃତି ଗୁରୁ ରାଜେଶ୍ କୁମାର ମହାନ୍ତିଙ୍କ ସମେତ ୬୧ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସମବେତ ଗୁରୁ ବନ୍ଦନା ଗାନ କରାଯାଇଥିଲା। ରାଜକିଶୋର ମହାନ୍ତିଙ୍କ ନେତୃତ୍ୱରେ ଇଷ୍ଟଦତ୍ତ ମହାପାତ୍ର, ଅନୀତା ପଟ୍ଟନାୟକ, ସୌମ୍ୟା ମିଶ୍ର, ଉମାକାନ୍ତ ମହାପାତ୍ର, ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଇନ୍ଦା ଅଧିକାରୀଙ୍କୁ ନିଶାବେପାରୀଙ୍କ ଆକ୍ରମଣ

### ମାମଲାକୁ ହାଲ୍‌କା ନେଉଛି ପୋଲିସ

ପୁରୀ ଅଫିସ,୫।୯: ପୁରୀ ଜିଲାର ଜଣେ ଗୋଇନ୍ଦା ଅଧିକାରୀଙ୍କୁ ଆକ୍ରମଣ କରାଯାଇଛି। ନୀଳାଞ୍ଚଳ ପଲେଇ ନାମକ ଜଣେ ନିଶାବେପାରୀ ଗୋଇନ୍ଦା ଅଧିକାରୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ଅଧିକାରୀ ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଅଣ୍ଟା ତଳକୁ ଜଙ୍ଘରେ ତିନୋଟି ବଡ଼ କ୍ଷତସ୍ଥାନ ହୋଇଥିବା ସୂଚନା ମିଳିଛି। ବ୍ରହ୍ମଗିରି ଥାନା ଅଧୀନ ବଡ଼ବେଣାକୁଦି ଅଞ୍ଚଳରେ ଏଭଳି କାଣ୍ଡ ଘଟିଛି।

ସୂଚନା ଅନୁଯାୟୀ, ୪ ତାରିଖ ରାତ୍ର ୧୧ଟା ୩୦ରେ ଗୋଇନ୍ଦା ଅଧିକାରୀ ନିଜ ଗ୍ରାମରେ ଥିବା ବେଳେ ତାଙ୍କୁ ନୀଳାଞ୍ଚଳ ଖଣ୍ଡାରେ ଆକ୍ରମଣ କରିଥିଲେ। ନୀଳାଞ୍ଚଳଙ୍କ ନିଶା କାରବାର ସମ୍ପର୍କିତ ତଥ୍ୟ ସଂପୃକ୍ତ ଗୁଇନ୍ଦା ଅଧିକାରୀ ଲିକ୍ କରୁଥିବା ତାଙ୍କର ଅନେକ ଦିନ ହେବ ସନ୍ଦେହ ଥିଲା। ଗତ କିଛି ମାସ ମଧ୍ୟରେ ସଂପୃକ୍ତ ନିଶା ବେପାରୀ ୩ଥର ଅବକାରୀ ବିଭାଗ ଅଧିକାରୀଙ୍କ ହାବୁଡ଼ରେ ପଡ଼ିସାରିଲେଣି। ଏଭଳି ସ୍ଥଳେ ଗୋଇନ୍ଦା ଅଧିକାରୀଙ୍କ ଉପରେ ରାଗ ରଖି ସେ ଆକ୍ରମଣ କରିଛନ୍ତି। ଏନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ ପରେ ପୋଲିସ ଏକ କେସ୍ (ନଂ. ୨୦୫/୨୨) ରୁଜୁ କରିଛି। ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ଚୁପ୍ ବସିଛି। ଫେରାର ଅଭିଯୁକ୍ତଙ୍କୁ ପୋଲିସ ତୁରନ୍ତ ଗିରଫ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଆଇଆଇସି ମନୋଜ ଶତପଥୀ କହିଛନ୍ତି, ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଅଭିଯୁକ୍ତ ଫେରାର୍ ଅଛନ୍ତି। ଆମେ ତାଙ୍କୁ ଖୋଜିବାକୁ ଉଦ୍ୟମ ଜାରି ରଖିଛୁ। ଖୁବଶୀଘ୍ର ଠାବ କରି ଗିରଫ କରିବୁ।




ପୁରୀ ସହରସ୍ଥ ଜୀବନବୀମା ନିଗମ କାର୍ଯ୍ୟାଳୟ ଆଗରେ ଏଜେଣ୍ଟମାନେ ବିଭିନ୍ନ ଦାବିନେଇ ଧାରଣା ଦେଇଛନ୍ତି ।

# ଶୀଘ୍ର ଦାବି ପୂରଣ ସହ ୨୨ ସମସ୍ୟାର ସମାଧାନ କରାଯାଉ

### ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଭାଜପା ଯୁବମୋର୍ଚ୍ଚା

ପୁରୀ ଅଫିସ,୫।୯: ପୁରୀ ଜିଲାର ପ୍ରମୁଖ ୨୨ଟି ସମସ୍ୟାର ସମାଧାନ ଲାଗି ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର କ'ଣ ପଦକ୍ଷେପ ନେବେ ତାହା ସ୍ପଷ୍ଟ କରନ୍ତୁ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ଦାବି କରିଛନ୍ତି। ଶ୍ରୀମନ୍ଦିର ରତ୍ନଅଳଙ୍କାର ଗଣନା ଓ ମରାମତି ପାଇଁ ଭିତର ରତ୍ନଭଣ୍ଡାର ଖୋଲାଯିବା ସହ ସେବାୟତ ବର୍ଗର ପିଲାଙ୍କ ଲାଗି ନିର୍ମାଣ ହେଉଥିବା ଆଦର୍ଶ ଗୁରୁକୁଳ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଉ। ସେହିଭଳି ଜିଲାରେ ବନ୍ୟା ସ୍ଥିତିର ସ୍ଥାୟୀ ସମାଧାନ, ନଦୀବନ୍ଧ ଦୃଢ଼ୀକରଣ ସହ ନିର୍ମାଣ, ଶିଳ୍ପ ଉଦ୍ୟୋଗ, କୋଲ୍ଡ ଷ୍ଟୋରେଜ୍ ନିର୍ମାଣ, ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜିଲାବାସୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ପୁନଃ ଗହମ ଯୋଗାଇବା, ସାତପଡ଼ାରୁ କୃଷ୍ଣପ୍ରସାଦ ମଧ୍ୟରେ ସେତୁ ନିର୍ମାଣ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଭୂତଳୀକରଣ, ପୁରୀ-କୋଣାର୍କ ଓ ଚିଲିକା ମଧ୍ୟରେ ଜଳ ପର୍ଯ୍ୟଟନର ବିକାଶ, ମତ୍ସ୍ୟଜୀବୀଙ୍କ ପାଇଁ ବନ୍ଦର, ବ୍ରହ୍ମଗିରି, ସାକ୍ଷୀଗୋପାଳ, ପିପିଲି, କାକଟପୁର, ଅସ୍ତରଙ୍ଗରେ ନିତିଦିନିଆ ବସଷ୍ଟାଣ୍ଡ ନିର୍ମାଣ, ପ୍ରାଚୀନଦୀର ପୁନରୁଦ୍ଧାର, ଅସ୍ତରଙ୍ଗରେ ବନ୍ଦର ନିର୍ମାଣ କରାଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଡାକ୍ତରୀ ପଦବୀ ପୂରଣ, ମେଡିକାଲରେ ୨୪ ଘଣ୍ଟିଆ ଡାକ୍ତର ରହଣି ବ୍ୟବସ୍ଥା, ଅଠରନଳାର ପୁନରୁଦ୍ଧାର, ସିଦ୍ଧ ମହାବୀର ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଓ ଜମି ବିବାଦର ସମାଧାନ ସହ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ଦାବି କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ଦାଶ କହିଛନ୍ତି, ରାଜ୍ୟ ସରକାର ପୁରୀର ବିକାଶକୁ ପ୍ରାଥମିକତା ଦେଉଥିବା କହୁଥିଲେ ମଧ ଏହା ସତ୍ୟ ନୁହେଁ। ପୁରୀରେ ଖାଦ୍ୟ, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଦ୍ୟୁତ ସେବା ଭଳି ମୌଳିକ ସୁବିଧା ସୁଯୋଗ ଏପର୍ଯ୍ୟନ୍ତ ବ୍ୟବସ୍ଥିତ ହୋଇପାରିନାହିଁ। ଏସବୁ ସମସ୍ୟା ଓ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦାଶ କହିଛନ୍ତି। ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ପଦାଧିକାରୀ ସୌମ୍ୟରଞ୍ଜନ ଲେଙ୍କା, ଉପସଭାପତି ରାଜପ୍ରିତମ୍ ମହାପାତ୍ର, କୋଷାଧ୍ୟକ୍ଷ ସଂଗ୍ରାମ ପରିଡ଼ା, ବାଲିଗୁଆଳି ମଣ୍ଡଳ ସଭାପତି ତଥା ଆଇନଜୀବୀ ମିଥୁନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
No.C-1146: P. H. DIVISION, CUTTACK
e-mail ID:eephctcii@gmail.com, sephdctc521@gmail.com
e-procurement Notice for Bid identification No.
SEPH-DIVISION, CTC- 24 of 2022-23

1. Name of the work :- 3 Nos of P.H. work
2. Estimated cost :- Rs.41.15 to 60.79 Lakhs
3. Period of completion :- 12 Months
4. Date & time of availability of bid document in the portal :- From 11.00 AM of 07.09.2022 to 5.00PM of 17.09.2022
5. Last date / time of receipt of bids in the portal :- 5.00 PM of 17.09.2022
6. Date & time of opening of bids :- 11.00 AM of 19.09.2022
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.
Sd./-Superintending Engineer, P.H.Division, Cuttack
OIPR-13009/11/0017/2223

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No. CAD-1693
TENDER ALERT
1)Tender Call Notice No.07/2022-23: Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
2)Tender Call Notice No.08/2022-23: Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
3)Tender Call Notice No.05/2022-23: Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
4)Tender Call Notice No.RKL-11/2022-23: Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
5)E-Tender Call Notice No.18/2022-23: Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.
For more details please visit OPTCL's website: www.optcl.co.in. OIPR-04011/11/0088/2223 FIPR-38/2022-23

JOIN INDIAN ARMY
No.KK-139
AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR
PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms) | 17 1/2 to 23 Years # | 01 October 1999 to 01 April 2005 |
| Agniveer (Technical) (All Arms) | | |
| Agniveer (Clerk/Store Keeper Technical) (All Arms) | | |
| Agniveer Tradesmen 10th Pass (All Arms) | | |
| Agniveer Tradesmen 8th Pass (All Arms) | | |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)
OIPR-44014/11/0002/2223 Sd./- Collector & Dist. Magistrate, Sambalpur

# ଝଲସିବ ବାରାଣାସୀ ଗଙ୍ଗାଘାଟ

**ପାର୍ବଣ ଋତୁରେ ମା'ଙ୍କ ଆଗମନ ପାଇଁ ରାଜଧାନୀରେ ଆରମ୍ଭ ହୋଇଗଲାଣି ପୂଜା ପ୍ରସ୍ତୁତି। କରୋନା ପାଇଁ ୨ ବର୍ଷ ହେବ କଟକଣାରେ କେବଳ ବିଧିରକ୍ଷା ପୂର୍ବକ ଦଶହରା ପାଳନ କରାଯାଉଥିଲା। ମାତ୍ର ଚଳିତ ଥର କଟକଣା ନ ଥିବାରୁ ଦେବୀ ଦୁର୍ଗାଙ୍କୁ ଆବାହନ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। କିଏ କେମିତି ଓ କେତେ ସୁନ୍ଦର ଭାବେ ମା'ଙ୍କ ମୃଣ୍ମୟୀ ପ୍ରତିମା ଗଢିବ ଏବଂ ତୋରଣ ସଜାଇବ ସେନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି କ୍ରମରେ ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଉଛି।**




### ୧୪ ଟଙ୍କାରେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା

୧୯୫୫ ମସିହାରେ ମାତ୍ର ୧୪ ଟଙ୍କା ବଜେଟ୍‌ରେ ଆରମ୍ଭ ହୋଇଥଲା ପୂଜା। ରସୁଲଗଡ଼, ଚକେଇସିଆଣି, ଝାରପଡା, ଲକ୍ଷ୍ମୀସାଗର, ବରଗଡ଼, କେସୁରା ଆଦି ୧୦ଖଣ୍ଡ ଗାଁକୁ ନେଇ ଷ୍ଟେସନ ବଜାର ପୂଜା କମିଟି ଆରମ୍ଭ ହୋଇଥିଲା। ସମୟକ୍ରମେ ଏ ସବୁ ଅଲଗା ହୋଇ ଭିନ୍ନ ଭିନ୍ନ ଭାବେ ମା'ଙ୍କ ପୂଜା କରୁଛନ୍ତି। ତେବେ ଷ୍ଟେସନ ବଜାର ପୂଜା କମିଟି ଚଳିତ ବର୍ଷ ୬୭ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷର ବଜେଟ୍ ୫୦ ଲକ୍ଷରୁ ଟଙ୍କାରୁ ଅଧିକ ରହିଛି। ଏଥର ପୂଜାରେ ଝଲମଲ କରିବ ଉତ୍ତରପ୍ରଦେଶ ବାରଣାସୀ ଗଙ୍ଗାଘାଟ। ଗଙ୍ଗା ନଦୀକୂଳର ଘାଟ ସହିତ ମଠ, ମନ୍ଦିର, କୋଠାବାଡ଼ି ଏବଂ ଧ୍ୟାନରତ ସାଧୁସନ୍ଥଙ୍କ ପ୍ରତିଛବି ଦେଖିବାକୁ ମିଳିବ। ଏଥିସହ ଆକର୍ଷଣ ସାଜିବ ବହୁ ପରିଚିତ ବିକ୍ରମ ବେତାଳର ଦୃଶ୍ୟ। ଏହା କୌଣସି ମୂର୍ତ୍ତି ବା ଯନ୍ତ୍ର ସାହାଯ୍ୟରେ ପରିବେଷଣ କରାଯିବ ନାହିଁ। ଜୀବନ୍ତ ବ୍ୟକ୍ତି ବିକ୍ରମ ଏବଂ ବେତାଳ ହୋଇ ଲାଇଭ୍ ଶୋ ଦେଖାଇବେ। ବେତାଳ କିପରି ଉଡିକି ଯିବ ପୁଣି ବିକ୍ରମ ପିଠିରେ ଆସି ଝୁଲିବ ଏ ସବୁର ବ୍ୟବସ୍ଥା ସ୍ୱତନ୍ତ୍ର କ୍ରେନ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ସାହାଯ୍ୟରେ କରାଯିବ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ୨୪ଘଣ୍ଟିଆ ଶୋ' କରାଯିବ। ଏଥିପାଇଁ ୧୫ ଦିନ ହେବ କାମ ଆରମ୍ଭ ହୋଇ ଗଲାଣି। ତୋରଣ ନିର୍ମାଣର ଦାୟିତ୍ୱ ଭୁବନେଶ୍ୱରର ଶିଳ୍ପୀ ସୁବାଷ ବେହେରା ନେଇଥିବାବେଳେ ମା'ଙ୍କ ପ୍ରତିମା ଗଢିବାର ଦାୟିତ୍ୱ ନେଇଛନ୍ତି କଟକ ଝାଞ୍ଜିରମଙ୍ଗଳା କାରୀଗର ରାଜୁ ମହାରଣା। ଚଳିତ ବର୍ଷ ମା'ଙ୍କ ମୃଣ୍ମୟୀ ପ୍ରତିମାର ଉଚ୍ଚତା ୧୬ ଫୁଟ ରଖାଯାଇଛି। କ୍ୱିଣ୍ଟାଲ ୧୫ କେଜି ରୂପା ଏବଂ ୭୫୦ ଗ୍ରାମ ସୁନାରେ ମା' ଏବଂ ପାର୍ଶ୍ୱ ଦେବାଦେବୀ ସଜ୍ଜିତ ହେବେ। ୫ ଦିନ ପର୍ଯ୍ୟନ୍ତ ୪ରୁ ୫ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ଅଷ୍ଟମୀ ଦିନ ସ୍ୱତନ୍ତ୍ର ଭାବେ ଦିନବେଳା ଅନାଥ ଶିଶୁମାନଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା ଏବଂ ସେମାନଙ୍କ ହାତରେ ଅଷ୍ଟମୀ ପୂଜା କରାଯିବ। ୫ରାତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଚଳିତ ବର୍ଷ ପ୍ରବଳ ଟ୍ରାଫିକ୍ ଜାମ ହେବାର ସମ୍ଭାବନା ରହିଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ସମିତି ପକ୍ଷରୁ ଶହେରୁ ଊର୍ଦ୍ଧ୍ୱ ଭଲ୍ୟୁଣ୍ଟରଙ୍କୁ ନିୟୋଜିତ କରାଯିବ।

### ଭକ୍ତଙ୍କ ପାଇଁ ରହଣି ବ୍ୟବସ୍ଥା କରାଯିବ



"ଭୁବନେଶ୍ୱର ବାହାରୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କ ପାଇଁ ରହିବା ବ୍ୟବସ୍ଥା କରାଯିବ। ଯେଉଁମାନେ ରାତି ରହଣି ପାଇଁ ଇଚ୍ଛା କରିବେ ସେମାନଙ୍କ ପାଇଁ ଷ୍ଟେଶନ ବଜାର ନିକଟସ୍ଥ ହୋଟେଲରେ ରୁମ୍ ବୁକ୍ କରାଯିବ। ଏଥିପାଇଁ ସମିତି ପକ୍ଷରୁ ସ୍ୱତନ୍ତ୍ର ଇମେଲ୍ ଆଇଡି ଜାରି କରାଯିବ। ପାର୍କିଂ ପାଇଁ ମଧ୍ୟ ବନ୍ଦୋବସ୍ତ କରାଯିବ।

–ଗଣେଶ ପ୍ରସାଦ ସାହୁ, ସଭାପତି

### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି



"୨ବର୍ଷ ହେବ ଲୋକ ପୂଜାକୁ ଉପଭୋଗ କରି ନାହାନ୍ତି। ଏଥିପାଇଁ ଚଳିତ ବର୍ଷ ୨୪ଘଣ୍ଟିଆବ୍ୟବସ୍ଥା କରାଯାଇଛି। ପୋଲିସ ପ୍ରଶାସନ ଏବଂ ଭଲ୍ୟୁଣ୍ଟରଙ୍କୁ ନେଇ ଭିଡ଼ ନିୟନ୍ତ୍ରଣ କରାଯିବ। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। ୫୦ଟି ସିସିଟିଭି କ୍ୟାମେରା ଲଗାଯିବ। ପ୍ରତି ଘଣ୍ଟାରେ ସକାଳୁ ରାତି ପର୍ଯ୍ୟନ୍ତ ସାନିଟେସନ୍ କରାଯିବ। ଏଥିସହ ବିକ୍ରମ ବେତାଳ ଥିମ୍ ଲୋକଙ୍କୁ ଆକୃଷ୍ଟ କରିବ।

–ଦୀପକ କୁମାର ଜେନା, ସମ୍ପାଦକ

# ଝୁଲନ୍ତା ଅବସ୍ଥାରେ ରାଜମିସ୍ତ୍ରିଙ୍କ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୫।୯ (ବ୍ୟୁରୋ)

**ରାଜଧାନୀରେ ଆଉ ଏକ ଘଟଣା**

- ■ନନ୍ଦ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ
- ■ଆର୍ଥିକ ସମସ୍ୟାରୁ ଆତ୍ମହତ୍ୟା ସନ୍ଦେହ

ରାଜଧାନୀ ଭୁବନେଶ୍ୱର କ୍ରମଶଃ ଆତ୍ମହତ୍ୟାପ୍ରବଣ ହୋଇପଡୁଛି। ରବିବାର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ସୋମବାର ଭରତପୁର ଥାନାଞ୍ଚଳର ଏକ ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ବୈକୁଣ୍ଠ ତରାଇ। ସେ ଜଣେ ରାଜମିସ୍ତ୍ରି ବୋଲି ଜଣାପଡିଛି। ଖବର ପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ବିଭୂତି ରାଉତ କହିଛନ୍ତି, ମୃତଦେହଟି ୩ଦିନ ତଳର। ଆର୍ଥିକ ସମସ୍ୟା ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷରେ ପରିବାର ଲୋକେ କାହାକୁ ଦାୟୀ କରି ନ ଥିବାବେଳେ ଠିକ ତଦନ୍ତ କରି କାରଣ ଜାଣିବାକୁ ପୋଲିସକୁ କହିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮୮/୨୨) ରୁଜୁ କରି ତଦନ୍ତ ଚଳାଇବା ସହ ବୈକୁଣ୍ଠଙ୍କ ମୋବାଇଲ ଫୋନ ଜବତ କରିଛି। ତେବେ ବୈକୁଣ୍ଠଙ୍କ ଆତ୍ମହତ୍ୟା ପଛରେ ପ୍ରେମ କାହାଣୀ ଲୁଚି ରହିଥିବା ସ୍ଥାନୀୟ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ସୂଚନାନୁସାରେ, ବୈକୁଣ୍ଠ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ–୭ରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ବିଶେଷକରି ସେ ଏକ କାରଖାନାରେ ନନ୍ଦ ତିଆରି କରୁଥିଲେ। ଗତ ସପ୍ତାହରେ ବୈକୁଣ୍ଠ ଗାଁରେ ଛାତ ପକାଇ ଭୁବନେଶ୍ୱର ଆସିଥିଲେ। ଶନିବାର ରାତିରେ ପରିବାର ସହ କଥା ହୋଇଥିଲେ ବୈକୁଣ୍ଠ। ରବିବାରଠାରୁ ତାଙ୍କ ଘର କବାଟ ବନ୍ଦ ରହିଥିଲା। ସୋମବାର ସକାଳେ ଉକ୍ତ ଘରୁ ଦୁର୍ଗନ୍ଧ ବାହାରିବାରୁ ପଡୋଶୀ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ମୃତଦେହକୁ ଜବତ କରିଥିଲା।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P. H. DIVISION, CUTTACK**

No.C-1146:

e-mail ID:eephctcii@gmail.com, sephdctc521@gmail.com

**e-procurement Notice for Bid identification No. SEPH-DIVISION, CTC- 24 of 2022-23**

1. Name of the work :- 3 Nos of P.H. work
2. Estimated cost :- Rs.41.15 to 60.79 Lakhs
3. Period of completion :- 12 Months
4. Date & time of availability of bid document in the portal :- From 11.00 AM of 07.09.2022 to 5.00PM of 17.09.2022
5. Last date / time of receipt of bids in the portal :- 5.00 PM of 17.09.2022
6. Date & time of opening of bids :- 11.00 AM of 19.09.2022
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./-Superintending Engineer, P.H.Division, Cuttack
OIPR-13009/11/0017/2223


# ସମାଜକୁ ଦିଗ୍‌ଦର୍ଶନ ଦିଏ ଗୁରୁଶିଷ୍ୟ ପରମ୍ପରା



ଲୟୋଲାରେ ସୋମବାର ଗୁରୁଦିବସ ପାଳନ ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍. ମିସ୍‌କୁଇଥ୍, ଉପାଧ୍ୟକ୍ଷ ନନ୍ଦିତା ପଟ୍ଟନାୟକ ଓ ଅନ୍ୟମାନେ।

## ଓଡିଏମ୍‌ରେ 'ଗୁରୁ ସମ୍ବର୍ଦ୍ଧନା' ଉତ୍ସବ

ଭୁବନେଶ୍ୱର,୫।୯(ବ୍ୟୁରୋ)

ପୂର୍ବତନ ରାଷ୍ଟ୍ରପତି, ଦାର୍ଶନିକ ତଥା ଶିକ୍ଷାଧାରାର ପ୍ରବର୍ତ୍ତକ ରାଷ୍ଟ୍ରଗୁରୁ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ତଥା ଗୁରୁଦିବସ ପଟିଆସ୍ଥିତ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇଆଇଏମ୍‌ଟି ଭୁବନେଶ୍ୱରର ଚେୟାରମ୍ୟାନ୍ ତଥା ସୋଆ ୟୁନିଭର୍‌ସିଟି ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ମୀନକେତନ, ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଇଓ ସ୍ୱୟନ୍ ସତ୍ୟେନ୍ଦୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଗୁରୁବନ୍ଦନା କରିଥିଲେ। ପ୍ରାଚୀନ ଗୁରୁକୁଳ ରୀତିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୂଲ୍ୟବୋଧଭିତ୍ତିକ ସଙ୍ଗୀତ ପରିବେଷଣ କରାଯାଇଥଲା। ଅଧ୍ୟକ୍ଷ ଡ. ମୀନକେତନ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଶିକ୍ଷକଙ୍କ ଗୁରୁଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧକୁ ପ୍ରଶଂସା କରିଥିଲେ। ଗୁରୁଶିଷ୍ୟ ପରମ୍ପରାରେ ଆଜିର ଏହି ଦିବସର ମହତ୍ତ୍ୱ ରହିଛି ଏବଂ ସବୁଦିନ ପାଇଁ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରୁଥିବ ବୋଲି କହିଥିଲେ। ଏହି ଉପଲକ୍ଷେ 'ଗୁରୁଣାଂ ଗୁରୁ'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଏମ୍ ସ୍କୁଲ୍ ପରିସରରେ ସୋବାର ଅନୁଷ୍ଠିତ 'ଗୁରୁ ସମ୍ବର୍ଦ୍ଧନା' ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

## ଲୟୋଲାରେ ଗୁରୁଦିବସ

ଭୁବନେଶ୍ୱର,୫।୯(ବ୍ୟୁରୋ)

ଗୁରୁଙ୍କ ସମ୍ମାନାର୍ଥେ ଲୟୋଲା ସ୍କୁଲ ପକ୍ଷରୁ ସୋମବାର ଗୁରୁଦିବସ ପାଳନ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍ ମିସ୍‌କୁଇଥ, ଉପାଧ୍ୟକ୍ଷ ନନ୍ଦିତା ପଟ୍ଟନାୟକ ପ୍ରମୁଖ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଜୁନିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଜୀବନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ସିନିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ଅର୍ପିତା ସିଂ ଧନ୍ୟବାଦ ଦେବା ସହ ଗୁରୁଙ୍କ ପାଇଁ ତାଙ୍କ ଛାତ୍ରୀଛାତ୍ର କେତେ ପ୍ରିୟ ସେ ସମ୍ପର୍କରେ ଏକ କବିତାପାଠ କରାଯାଇଥିଲା।


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No. CAD-1693

**TENDER ALERT**

1)**Tender Call Notice No.07/2022-23:** Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
2)**Tender Call Notice No.08/2022-23:** Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
3)**Tender Call Notice No.05/2022-23:** Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
4)**Tender Call Notice No.RKL-11/2022-23:** Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
5)**E-Tender Call Notice No.18/2022-23:** Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.

For more details please visit OPTCL's website: **www.optcl.co.in.** OIPR-04011/11/0088/2223 FIPR-38/2022-23


## ଟିଏସ୍‌ଜି ଗୁରୁକୁଳରେ ଗୁରୁଦିବସ

ଭୁବନେଶ୍ୱର,୫।୯(ବ୍ୟୁରୋ)

ଟିଏସ୍‌ଜି ଗୁରୁକୁଳରେ ସୋମବାର ଗୁରୁଦିବସ ପାଳିତ ହୋଇଯାଇଛି। ଭୋରରୁ ଛାତ୍ରୀଛାତ୍ର ନିତ୍ୟକର୍ମ କରିବା ପରେ ଗୀତା ପାଠ କରିଥିଲେ। ଏହା ପରେ ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଶିକ୍ଷକଙ୍କ ଜ୍ଞାନରୂପୀ ଜ୍ୟୋତି କିପରି ଶିକ୍ଷା ସହ ନୈତିକତା ଓ ଚରିତ୍ର ଗଠନରେ ସହାୟକ ହୋଇଥାଏ ଏନେଇ ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରିଥିଲେ। ଗୁରୁକୂଳ ପରମ୍ପରା ସ୍ଥାପନ ଓ ମୂଲ୍ୟବୋଧ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକମାନେ କହିଥିଲେ। ଗୁରୁଙ୍କ ଆଶୀର୍ବାଦ ନେଇ ବିଦ୍ୟାର୍ଥୀ ଉପବାସ ଭଙ୍ଗ କରିଥିଲେ। ସେହିପରି ଗୋଠପାଟଣା ଓ ବାଳକାଟୀ ଟିଏସ୍‌ଜି ଗୁରୁକୂଳରେ ଗୁରୁଦିବସ ପାଳନ ହୋଇଥିଲା।




ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ତରଫରୁ ରବିବାର ଆୟୋଜିତ 'ପୂଜ୍ୟପୂଜା ସମ୍ମାନ' ସମାରୋହ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି–ଜନଜାତି ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟବକ୍ତା ଭାବେ ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି, ପୂର୍ବତନ କୁଳପତି ଗୋକୁଳାନନ୍ଦ ଦାଶ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ଏବଂ ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ।


**JOIN INDIAN ARMY** No.KK-139

**AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR**

PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms)<br>Agniveer (Technical) (All Arms)<br>Agniveer (Clerk/Store Keeper Technical) (All Arms)<br>Agniveer Tradesmen 10th Pass (All Arms)<br>Agniveer Tradesmen 8th Pass (All Arms) | 17 1/2 to 23 Years # | 01 October 1999 to 01 April 2005 |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)

OIPR-44014/11/0002/2223 Sd./- Collector & Dist. Magistrate, Sambalpur

## ସଂକ୍ଷେପରେ

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

**ଭୁବନେଶ୍ୱର,୫।୯(ବ୍ୟୁରୋ):** ଗାଡି ସାଇଡ କରିବାକୁ ମନା କରିବାରୁ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସୋମବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ଅଞ୍ଚଳର ପୁରୁଷୋତ୍ତମ ସାହୁ। ଜଣେ ଟ୍ରକ ଡ୍ରାଇଭର ଡୁମୁଡୁମା ପାଲାମଣ୍ଡପ ପର୍ଯ୍ୟନ୍ତ ରାସ୍ତା ପାଉ ନ ଥିବାରୁ ମଳୟ ପୁରୋହିତ ତାଙ୍କୁ ରାସ୍ତା ଦେଖାଇଥିଲେ। ଏହି ସମୟରେ ପୁରୁଷୋତ୍ତମ ଓ ତାଙ୍କର କିଛି ସହଯୋଗୀ ଏକ ସ୍କୁଟି ଯୋଗେ ଉକ୍ତ ରାସ୍ତାରେ ଯାଉଥିଲେ। କିଡ୍‌ସ ଛକ ନିକଟରେ ପୁରୁଷୋତ୍ତମ ଟ୍ରକ ଡ୍ରାଇଭରଙ୍କୁ ଗାଡି ସାଇଡ କରିବାକୁ କହିଥିଲେ। ଉପସ୍ଥିତ ମଳୟ ପୁରୁଷୋତ୍ତମଙ୍କୁ ଗାଡି ସାଇଡ୍‌ରେ ବାଟ ଥିବାରୁ ସେହି ବାଟେ ଯିବାକୁ କହିଥିଲେ। ପୁରୁଷୋତ୍ତମ ଗାଡି ସାଇଡ ନ କଲେ ସେଠାରୁ ଯିବେନି ବୋଲି କହିଥିଲେ।

### ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ନିରାକାରପୁର,୫।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଡ. ସଞ୍ଜୟ କୁମାର ମହାପାତ୍ର ସୋମବାର ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଏହି କଲେଜରେ ଅଧକ୍ଷ ଥିବା ରଞ୍ଜିତ୍ କୁମାର ତ୍ରିପାଠୀଙ୍କ ନୀଳମାଧବ କଲେଜ କଣ୍ଟିଲୋକୁ ବଦଳି ହୋଇଛି। ପୂର୍ବରୁ ମହାପାତ୍ର କୁହୁଡ଼ିର ଜନତା କଲେଜରୁ ଏଠାକୁ ଅଧକ୍ଷ ଭାବେ ଆସିଛନ୍ତି।

### ମିଡିଏଟର ସଂଘର ନୂତନ କର୍ମକର୍ତ୍ତା ଚୟନ

**ନିରାକାରପୁର,୫।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୂଳୀଝରଗଡ଼ ସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ମିଡିଏଟର ସଂଘର ନାମକରଣ ସହ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ମିଡିଏଟରମାନେ ସେମାନଙ୍କ ମତାମତ ପ୍ରଦାନ କରିବା ସହ ଆଗାମୀ ଦିନରେ ଯେପରି କୌଣସି ମାତାପିତା ଠକାମିର ଶିକାର ନ ହେବେ ଏବଂ ବିବାହ ପ୍ରସ୍ତାବ ମେଳକ ହୋଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ଏହାକୁ ନେଇ ମ୍ୟାନେଜିଙ୍ଗ୍ ଓ କୋର୍ ନାମରେ ଦୁଇଟି କମିଟି ଗଠନ କରାଯାଇଛି। ଏହି କମିଟିରେ ମାନସ ରଞ୍ଜନ ପ୍ରଧାନ ସଭାପତି, ରଙ୍କନାଥ ସେଠୀ ସମ୍ପାଦକ, ଅରୂପା କର ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି କୋର୍ କମିଟିର ସଭ୍ୟ ଭାବେ ସୁକାନ୍ତ ପାତ୍ର, ଅରବିନ୍ଦ ସାହୁ, ନିରଞ୍ଜନ ଦାସ, ସୂର୍ଯ୍ୟମଣି ମାର୍ଥା, ପ୍ରଦୀପ ନାୟକ, ପ୍ରକାଶ ସାହୁ, ଅନିତା ପଟ୍ଟନାୟକ, ରାଜଲକ୍ଷ୍ମୀ ରଣସିଂହ, ସ୍ମିତା ଘଡ଼େଇ ପ୍ରମୁଖ ମନୋନୀତ ହୋଇଛନ୍ତି। ସଂଘ ପକ୍ଷରୁ ୧୫ଟି ନିୟମାବଳୀ ଉପସ୍ଥାପନ କରାଯାଇଥିଲା ଏବଂ ଏହାକୁ ସମସ୍ତେ ମାନିବା ପାଇଁ ମତପ୍ରକାଶ ପାଇଥିଲା। ପରେ ନିଖିଳ ଓଡ଼ିଶା ମିଡିଏଟର ମହାସଂଘରେ ନାମିତ କରାଯାଇଥିଲା।

### ସବ୍‌ଇନ୍ସପେକ୍ଟର ସ୍ୱାଗତିକାଙ୍କ ବିୟୋଗରେ ସ୍ମୃତି ସଭା

**ନିରାକାରପୁର,୫।୯(ଡି.ଏନ୍.ଏ.):** କନ୍ଧମାଳର ଜି.ଉଦୟଗିରି ଥାନାର ସବଇନ୍‌ସ୍ପେକ୍ଟର ସ୍ୱାଗତିକା ବେହେରାଙ୍କ ବିୟୋଗରେ ସୋମବାର ତାଙ୍କ ଜନ୍ମମାଟିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ନୂଆଗଡ ସମିତି ସଭ୍ୟ ଗୀତାଞ୍ଜଳି ପାଟ୍ଟଶାଣୀ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ଶୁଭମ ଦାଶ ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

### ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ହେଲେ ହେମନ୍ତ

**ଟାଙ୍ଗୀ(ଖୋର୍ଦ୍ଧା),୫।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ହେମନ୍ତ କୁମାର ବେହେରା ଟାଙ୍ଗୀ ବ୍ଲକ ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି। ଏମ୍‌ପି ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୨୫୨୫ରେ ହେମନ୍ତଙ୍କୁ ଟାଙ୍ଗୀ ବ୍ଲକ ପ୍ରତିନିଧି ଭାବେ ମନୋନୀତ କରାଯାଇଥିବା ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ବ୍ଲକ ପ୍ରତିନିଧି ଭାବେ ମନୋନୀତ ହୋଇଥିବାରୁ ସେ ଏମ୍‌ପି ଷଡ଼ଙ୍ଗୀ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଓ ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା'

**ପରମାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ**

**ବୋଲଗଡ଼,୫।୯(ଡି.ଏନ୍.ଏ.)**



ଅତିଥିମାନେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସମ୍ପର୍କ'କୁ ଉନ୍ମୋଚନ କରୁଛନ୍ତି।

ଗୁରୁଦିବସ ଅବସରରେ ସୋମବାର ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହର ପ୍ରାରମ୍ଭରେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନୂତନ ଶ୍ରେଣୀ ପ୍ରକୋଷ୍ଠକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଛାତ୍ରୀଛାତ୍ରମାନେ ପ୍ରଫେସର ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ ପରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସମ୍ପର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିକ୍ଷା ଏକ ନୀରବଚ୍ଛିନ୍ନ ଓ ଜୀବନବ୍ୟାପୀ ପ୍ରକ୍ରିୟା। ପ୍ରତ୍ୟେକ ଗୁରୁ ଶିକ୍ଷାର୍ଥୀ ମନୋଭାବ ରଖିଲେ ଜଣେ ଶ୍ରେଷ୍ଠ ଗୁରୁ ହୋଇପାରିବେ। ସ୍ଥାନୀୟ ବ୍ଲକ ଏବିଡିଓ ଡ. ରତିକାନ୍ତ ମିଶ୍ର ମୁଖ୍ୟ ବକ୍ତା, ବୋଲଗଡ଼ ପଞ୍ଚାୟତ ସମିତି ଅଧକ୍ଷା ହ୍ଲାସ ପ୍ରଧାନ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। +୩ ଏବଂ +୨ କଳା ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଜ୍ଞା ପ୍ରଣୟିନୀ ରଥ ଓ କାଜଲ ପ୍ରଧାନଙ୍କୁ ସୁବାସ ଚନ୍ଦ୍ର ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି +୩ ଓ +୨ ବିଜ୍ଞାନ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ପାଇଥିବା ଛାତ୍ର ଗଣେଶ ସ୍ୱାଇଁ ଓ ସୁନୀଲ କୁମାର ରାଉତଙ୍କ ପ୍ରଣତି ନାୟକ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ପଦାର୍ଥ ବିଜ୍ଞାନର ଗଣେଶ ସ୍ୱାଇଁ ଓ ରସାୟନ ବିଜ୍ଞାନର ବିଶ୍ୱ ପ୍ରଜ୍ଞାସିଂଙ୍କୁ ଯଥାକ୍ରମେ ନିତ୍ୟାନନ୍ଦ ସୁବୁଦ୍ଧି ଓ ବାସନ୍ତୀ ସାହୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଛାତ୍ର ପ୍ରକାଶ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଗଣେଶ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମାଲ୍ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶୀର୍ଷରେ

**ଜଟଣୀ, ୫।୯(ଡି.ଏନ୍.ଏ.)**



ପୂର୍ବତଟ ରେଲ୍‌ୱେର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ୨୦୨୨ ଅଗଷ୍ଟରେ ଭାରତୀୟ ରେଳ ମଧ୍ୟରେ ମାଲ୍ ପରିବହନରେ ଶୀର୍ଷ ସ୍ଥାନ ହାସଲ କରିଛି। ଅଗଷ୍ଟ ୨୦୨୨ରେ ଏହି ମଣ୍ଡଳ ୧୩.୨୭ ମିଲିୟନ୍ ଟନ୍ ମାଲ ପରିବହନ କରିଛି, ଯାହା ଗତବର୍ଷର ଅଗଷ୍ଟ-୨୦୨୧ରେ ଲୋଡିଂଠାରୁ ୧.୩୮% ଅଧିକ। ରାଜସ୍ୱ ବାବଦ ୧୨୭୮ କୋଟି ଟଙ୍କା ଆୟ ହୋଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୧ ଏପ୍ରିଲ୍-୨୦୨୨ରୁ ୩୧ ଅଗଷ୍ଟ-୨୦୨୨ ମଧ୍ୟରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ମୋଟ ୬୩.୮୯ ମିଲିୟନ୍ ଟନ୍ ମାଲ୍ ଲୋଡ୍ ପରିବହନ କରିଛି। ୨୦୨୨-୨୩ ବର୍ଷ ସମନ୍ୱିତ ଲୋଡିଂରେ ଭାରତୀୟ ରେଳବାଇରେ ତୃତୀୟ ସ୍ଥାନ ହାସଲ କରିଛି। ଅଗଷ୍ଟ ୨୦୨୨ରେ ତାଳଚେର, ପାରାଦୀପ, ଧାମରା, ମେରାମୁଣ୍ଡଳି ଆଦି ବିଭିନ୍ନ ଲୋଡିଂ ପଏଣ୍ଟରୁ ଡିଭିଜନ୍ ଦ୍ୱାରା ଦୈନିକ ହାରାହାରି ୧୧୬ ର୍‍ୟାକ୍ ମାଲ୍ ପରିବହନ କରାଯାଇଥିଲା। କୋଇଲା, ସାର, ସିମେଣ୍ଟ, କଞ୍ଚାମାଲ ଆଦି ବିଭିନ୍ନ ପାୱାର ହାଉସ୍, ଉତ୍ପାଦନକାରୀ କମ୍ପାନୀ, ଉତ୍ପାଦନ ୟୁନିଟ୍ ଏବଂ ଇଣ୍ଡଷ୍ଟ୍ରିଜ୍‌କୁ ପରିବହନ କରାଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ହିତାଧିକାରୀ ତଥା ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କଞ୍ଚାମାଲ ପରିବହନରେ ଦିନରାତି ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କୁ ପ୍ରଶଂସା କରିଛନ୍ତି।

# ଯୁବକଙ୍କ ହାତ ହାଣିଦେଲେ

**ଜଟଣୀ,୫।୯(ଡି.ଏନ୍.ଏ.)**

ରାସ୍ତାରେ ମାଟି ପକାଇବାକୁ ନେଇ ଜଟଣୀ ପୌରାଞ୍ଚଳ ନିକଟ ମଧୁସୂଦନ ନଗର ଅଞ୍ଚଳରେ ଜଣେ ବ୍ୟକ୍ତି ମାରଣାସ୍ତ୍ରରେ ଯୁବକଙ୍କୁ ଆକ୍ରମଣ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାସ୍ତାରେ ପାଣି ଯାଉଥିବାରୁ ଯୁବକ ଜଣକ ଉକ୍ତ ସ୍ଥାନରେ ମାଟି ପକାଉଥିଲେ। ଏହି ସମୟରେ ଆକ୍ରମଣକାରୀ ଘର ଆଗରେ ମାଟି କାହିଁକି ପକାଉଛୁ କହି ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତି ଜଣକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

**ଜଙ୍କିଆ ପଲ୍ଲୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା**

# ମନ ଜିଣିଲା ସିଂଘମ୍ ନୃତ୍ୟ



ସୋମବାର ଜଙ୍କିଆ ପଲ୍ଲୀ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ନିରାକାରପୁର, ୫।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡିଆ ବାସନ୍ତୀ ପଡ଼ିଆରେ ଓଁ ଶ୍ରୀ ଗ୍ରୁପ୍ ଆନୁକୂଲ୍ୟରେ ଚାଲିଥିବା ପଲ୍ଲୀ ମହୋତ୍ସବର ସୋମବାର ଥିଲା ଷଷ୍ଠ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥିଭାବେ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା ଜିଲା ଛାତ୍ର ବିଜେଡି ସଭାପତି ବିଶ୍ୱଜିତ୍ ପ୍ରଧାନ, ସାମାଜିକ କର୍ମୀ ଅକ୍ଷୟ ଉଦୟସିଂହ, ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଁ ଶ୍ରୀ ଗ୍ରୁପ୍ ଗଣେଶ ପୂଜା କମିଟିର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ଉତ୍ସବରେ ପୌରୋହିତ୍ୟ କରିଥିଲେ। ପରେ ବାଙ୍କୀ ଏବଂ ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ପଟ୍ଟନାୟକଙ୍କ ସମେତ ଓଁ ଶ୍ରୀ ଯୁବ ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ।

# ୧୦ରୁ ଅରାଙ୍ଗରେ ଭାଗବତ ସପ୍ତାହ

**ଖୋର୍ଦ୍ଧା ଅଫିସ,୫।୯**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅରାଙ୍ଗ ଗୋଡ଼ିସାହିରେ ଷଷ୍ଠବାର୍ଷିକ ଶ୍ରୀମଦ୍ ଭାଗବତ ସପ୍ତାହ ଓ ପ୍ରବଚନ ଜ୍ଞାନଯଜ୍ଞ ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଆଧ୍ୟାତ୍ମିକ ଜ୍ଞାନଯଜ୍ଞରେ ପ୍ରବଚକ ଭାବେ ବଡ଼ମ୍ବା ଭଟ୍ଟାରିକାର ସନ୍ଥ କୃପାସିନ୍ଧୁ ଦାସ, ଜଟଣୀ ହରିପୁର ମଠର ସନ୍ଥ ସଦାନନ୍ଦ ଦାସ, ପଞ୍ଚରିଡ଼ା ମାନପୁରର ଭଗବାନ ଦାସ, ଚାନ୍ଦପୁର ରାଧା ନିକୁଞ୍ଜ ବିହାରୀ ମଠର ରାଧାଚରଣ ଦାସ ମହାରାଜ ପ୍ରମୁଖ ଯୋଗଦେଇ ନିଜର ଦିବ୍ୟଜ୍ଞାନ ପ୍ରଦାନ କରିବେ।

ପୂଜକ ପୁରୀ ଜିଲା ମନ୍ଦାରବସ୍ତର ଅମୂଲ୍ୟ ରତ୍ନ ତ୍ରିପାଠୀ, ଖୋର୍ଦ୍ଧା ମହୁଲର ମୁରଲୀ ମୋହନ ମିଶ୍ର ପ୍ରମୁଖ ଯୋଗଦେଇ ହୋମଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିବେ। ଏହା ପ୍ରତିଦିନ ରାତି ୭ରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିବ। ଭଗବାନ ବାସୁଦେବଙ୍କ ଅମୃତ ବାଣୀକୁ ଶୁଣିବା ପାଇଁ ଶ୍ରଦ୍ଧାଳୁମାନେ ଯୋଗଦେବାକୁ ଅରାଙ୍ଗ ଗ୍ରାମବାସୀ ନିବେଦନ କରିଛନ୍ତି।

# ୮୮ ଅଭିଯୋଗରୁ ୫ ତତ୍କାଳ ସମାଧାନ

**ଖୋର୍ଦ୍ଧା ଅଫିସ,୫।୯**



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୯୩ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୮୮ଟି ଅଭିଯୋଗ ବ୍ୟକ୍ତିଗତ ଓ ୫ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ଈପ୍‌ସିତ ସାହୁ, ସୁଚେତା ମହାପାତ୍ରଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଜଟଣୀ,୫।୯(ଡି.ଏନ୍.ଏ.)**

ଦୟାନଦୀରେ ବନ୍ୟାପାଣି ପ୍ରବାହିତ ହେବା ଫଳରେ ଏହାର ଶାଖା ରାଜୁଆ ନଦୀରେ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଜଟଣୀ ବ୍ଲକ ଅଧୀନ ତିରିମଲ୍ଲ ପଞ୍ଚାୟତର ବୁଢ଼ଙ୍ଗରା ଏବଂ ଜୋରକଣି ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ସୋମବାର ବନ୍ୟା ବିପନ୍ନଙ୍କୁ ଜଟଣୀ ପୌରାଞ୍ଚଳ ଅଧୀନ ଗାନ୍ଧୀନଗରର ସାଇ ସୁଭଦ୍ରା ମହିଳା ଆଞ୍ଚଳିକ ମହାସଂଘ ପକ୍ଷରୁ ସଭାନେତ୍ରୀ ସସ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ଶୁଖିଲା ଖାଦ୍ୟ ସହିତ ପାଣି, ମହମବତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ମଙ୍ଗଳା, ଉଗ୍ରତାରା, ଦକ୍ଷିଣକାଳୀ, ପଦ୍ମାଳୟା, ମହାଲକ୍ଷ୍ମୀ, ଶ୍ରୀଗଣେଶ, ତାରିଣୀ, ତ୍ରିଶକ୍ତି, ରାଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସହଯୋଗ କରିଥିଲେ।

# ଥମୁନି ବ୍ରାଉନ୍‌ସୁଗାର କାରବାର

- ବଢୁଛି ଯୁବପିଢ଼ି, ମହିଳାଙ୍କ ସମ୍ପୃକ୍ତି
- ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ

**ଖୋର୍ଦ୍ଧା ଅଫିସ,୫।୯**

ଖୋର୍ଦ୍ଧା ବ୍ରାଉନସୁଗାର କାରବାରର ହବ୍ ପାଲଟିଛି। କୋଲକାତା, ଜଳେଶ୍ୱର, ବାଲେଶ୍ୱର ଆଦି ଅଞ୍ଚଳରୁ ଗଳାବାଟ ଦେଇ ଏଠାକୁ ବିପୁଳ ପରିମାଣର ବ୍ରାଉନସୁଗାର ଆସୁଛି। ଏଠାରୁ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ପଠାଯାଉଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢି, ମହିଳା ଏଥିରେ ସାମିଲ ହେଉଛନ୍ତି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଜିଲା ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବା ପରିବର୍ତ୍ତେ ବଢ଼ିଚାଲିଛି।

ଏସ୍‌ଟିଏଫ୍ ଗତବର୍ଷ ଜଣେ ଏମ୍‌ଟେକ ଛାତ୍ରଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଖୋର୍ଦ୍ଧା ଟାଉନ ପୋଲିସ ଏବଂ ଅବକାରୀ ବିଭାଗ ବର୍ଷକ ମଧ୍ୟରେ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ଅନେକ ବେପାରୀଙ୍କୁ ଗିରଫ କରିଛି। ତେବେ ଗିରଫ ଅଭିଯୁକ୍ତ ଯୁବବର୍ଗର ହୋଇଥିବା ବେଳେ ଏମାନଙ୍କ ବୟସ ୨୦ରୁ ୨୫ ବର୍ଷ। ସାମନ୍ତପୁର, ଠେଙ୍ଗାହାଟ ପରେ ଏବେ ଗୁରୁଜଙ୍ଗ ଏହି କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଅନ୍ୟପଟେ ବ୍ରାଉନସୁଗାର କାରବାରରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ମହିଳା ରହିଛନ୍ତି। ମହିଳାମାନଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସରକାର ପଦକ୍ଷେପ ନେଉଥିବା ବେଳେ ଖୋର୍ଦ୍ଧାରେ ମହିଳାମାନେ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତି ରହୁଛନ୍ତି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ମେ' ୨୩ରେ ଗୁରୁଜଙ୍ଗରୁ ଟାଉନ ପୋଲିସ ଏବଂ କଟକ ଅବକାରୀ ଗୋଇନ୍ଦା ବିଭାଗ ପୃଥକ ଭାବେ ଚଢ଼ାଉ କରି ୩୧୦ ଏବଂ ୨୦୦ ଗ୍ରାମ ବ୍ରାଉନସୁଗାର ଜବତ ସହ ୨ଜଣ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲେ। ଖୋର୍ଦ୍ଧାରୁ ବ୍ରାଉନସୁଗାର କାରବାରକୁ ମୂଳୋତ୍ପାଟନ ଲାଗି ସମୂହ ଉଦ୍ୟମ ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏହି କାରବାରରେ ପୋଲିସ କେତେଜଣ ଛୋଟ ବେପାରୀଙ୍କୁ ଧରୁଥିବା ବେଳେ କାରବାର ପଛର ମାଷ୍ଟରମାଇଣ୍ଡଙ୍କୁ ଧରିପାରୁନାହିଁ। ଜଣେ ମହିଳା ବିଭିନ୍ନ ଛକ ସ୍ଥାନ, ଶୂନଶାନ ଜାଗାରେ ଗ୍ରାହକଙ୍କୁ ବ୍ରାଉନସୁଗାର ପହଞ୍ଚାଉଥିବା ସହରରେ ଚର୍ଚ୍ଚା ହେଉଛି। ଠେଙ୍ଗାହାଟ, ସାମନ୍ତରାପୁର ଅଞ୍ଚଳରୁ ବ୍ରାଉନସୁଗାର ଆଣି ବେପାର ଚଳାଇଥିବା ଖବର ସତ୍ତ୍ୱେ ପୋଲିସ ଗୁରୁତ୍ୱ ଦେଉନାହିଁ। ଅବକାରୀ ଅଧୀକ୍ଷକ ଜଶକେତନ ବେଉରା କୁହନ୍ତି, ଖୋର୍ଦ୍ଧାକୁ ନିଶା ମୁକ୍ତ କରିବା ଲାଗି ଚେଷ୍ଟା ଜାରି ରହିଛି। ଅବକାରୀ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଚାଲିଛି। ନିଶାମୁକ୍ତ ଲାଗି ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**No.C-1146: P. H. DIVISION, CUTTACK**
e-mail ID:eephctcii@gmail.com, sephdctc521@gmail.com
**e-procurement Notice for Bid identification No. SEPH-DIVISION, CTC- 24 of 2022-23**

| | | |
|---|---|---|
| 1. | Name of the work | :- 3 Nos of P.H. work |
| 2. | Estimated cost | :- Rs.41.15 to 60.79 Lakhs |
| 3. | Period of completion | :- 12 Months |
| 4. | Date & time of availability of bid document in the portal | :- From 11.00 AM of 07.09.2022 to 5.00PM of 17.09.2022 |
| 5. | Last date / time of receipt of bids in the portal | :- 5.00 PM of 17.09.2022 |
| 6. | Date & time of opening of bids | :- 11.00 AM of 19.09.2022 |
| 7. | Name and address of the officer inviting bid | :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in.
**Sd./-Superintending Engineer, P.H.Division, Cuttack**
**OIPR-13009/11/0017/2223**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

No. CAD-1693
**TENDER ALERT**
**1)Tender Call Notice No.07/2022-23:** Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
**2)Tender Call Notice No.08/2022-23:** Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
**3)Tender Call Notice No.05/2022-23:** Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
**4)Tender Call Notice No.RKL-11/2022-23:** Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
**5)E-Tender Call Notice No.18/2022-23:** Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.
For more details please visit OPTCL's website: **www.optcl.co.in.** OIPR-04011/11/0088/2223 **FIPR-38/2022-23**

**JOIN INDIAN ARMY** No.KK-139
**AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR**
PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms) | 17 1/2 to 23 Years # | 01 October 1999 to 01 April 2005 |
| Agniveer (Technical) (All Arms) | | |
| Agniveer (Clerk/Store Keeper Technical) (All Arms) | | |
| Agniveer Tradesmen 10th Pass (All Arms) | | |
| Agniveer Tradesmen 8th Pass (All Arms) | | |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)
OIPR-44014/11/0002/2223 **Sd./- Collector & Dist. Magistrate, Sambalpur**

## ବାଇକ୍ ଲୁଟ୍ ଅଭିଯୋଗରେ ୩ ଗିରଫ : ୨ ଗାଡ଼ି ଜବତ

**ମାହାଙ୍ଗା,(ସ୍ୱ.ପ୍ର.):** ଗାଡ଼ି ଚୋରି ଅଭିଯୋଗରେ ମାହାଙ୍ଗା ଥାନା ଅନ୍ତର୍ଗତ ମଣିଯୋରୀ ଗ୍ରାମର ଜଗନ୍ନାଥ ରାଉତ, ହରିଭକ୍ତପୁର ଗ୍ରାମର ବାଦଲ ମଲିକ ,ଶୁଖୁଆପଡା ଗ୍ରାମର ନରେନ୍ଦ୍ର ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଥାନା ଅଞ୍ଚଳରୁ ଏକ ଟିଭିଏସ୍ ଆପାଚି ବାଇକ ସମେତ ସାଲେପୁର କୋର୍ଟ ପରିସରରୁ ଏକ ହୋଣ୍ଡା ୟୁନିକର୍ନ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ୩ ସପ୍ତାହ ମଧ୍ୟରେ ଯୁଗ୍ମ କମିଟି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

## ଏନ୍‌ଜିଟିରେ ବରଗଡ଼ ମ୍ୟୁନିସିପାଲିଟି ମାମଲା

■ଜନବସତି ନିକଟରେ ଗଦା ହେଉଛି ଆବର୍ଜନା

■ପ୍ରଦୂଷଣ ପ୍ରମାଣିତ ହେଲେ କ୍ଷତିପୂରଣ ଦେବ ବରଗଡ଼ ମ୍ୟୁନିସିପାଲିଟି

କଟକ ଅଫିସ,୫।୯

ବରଗଡ଼ ମ୍ୟୁନିସିପାଲିଟିର ୧୫ ନଂ.ୱାର୍ଡ ଅନ୍ତର୍ଗତ ୩ଟି ପ୍ଲଟ୍‌ରେ ଜନବସତି ନିକଟରେ ଆବର୍ଜନା ପଡ଼ିରହୁଛି। ଏଥିଯୋଗୁ ମାଟି, ଜଳ ଓ ବାୟୁ, ପରିବେଶ ପ୍ରଦୂଷିତ ହେଉଥିବାରୁ ଲୋକଙ୍କ ଜୀବନଧାରଣ କଷ୍ଟକର ହେଉଛି। ଏ ନେଇ ରମାକାନ୍ତ ରାଉତଙ୍କ ପକ୍ଷରୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଆଗତ ମାମଲାର ଶୁଣାଣି କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ କମିଟି ଗଠନ କରି ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖାତା ନଂ. ୨୬ରେ ଥିବା ପ୍ଲଟ ନଂ ୮୩୫୫, ୮୩୫୭ ଓ ୮୩୬୦ରେ ୧.୫୬ ଏକ ପରିମିତ ଜମିରେ ଆବର୍ଜନା ଗଦା କରାଯାଉଛି। ବରଗଡ଼ ମ୍ୟୁନିସିପାଲିଟିରୁ ଦୈନିକ ୨୦ ମେଟ୍ରିକ ଟନ ଆବର୍ଜନା ବାହାରୁଥିବା ବେଳେ ୧୫ ମେଟ୍ରିକ ଟନ୍ ଆବର୍ଜନା ସଂଗ୍ରହ କରାଯାଉଛି। ୨୦୧୧ ଜନଗଣନା ଅନୁସାରେ ଏଠାକାର ଜନସଂଖ୍ୟା ୮୦,୬୨୫। ସହର ହେଉଥିବା ବେଳେ ଏହି ନଦୀରେ ଆବର୍ଜନା ଓ ସହରରୁ ନିର୍ଗତ ବର୍ଜ୍ୟଜଳ ଅବାଧରେ ଛାଡ଼ି ଦିଆଯାଉଛି। ଏଥିସହ ଜୀବଜନ୍ତୁଙ୍କର ମୃତଦେହ ମଧ୍ୟ ନଦୀରେ ଭସାଯାଉଛି। ନଦୀପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା ଓ ପାଇଖାନା ମଳ ଜମା କରାଯାଉଥିବା ବେଳେ ଏହାର ନିରାକରଣ ଦିଗରେ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆବର୍ଜନାଗୁଡ଼ିକୁ ନିଆଁ ଲଗାଇ ଦିଆଯାଉଥିବା କାରଣରୁ ସେଥିରୁ ନିର୍ଗତ ବିଷାକ୍ତ ଧୂଆଁ ଦ୍ୱାରା ବାୟୁ ପ୍ରଦୂଷିତ ହେଉଛି। ତେଣୁ ଏ ସଂକ୍ରାନ୍ତରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋର୍ଟଙ୍କ ନିକଟରେ ସତ୍ୟପାଠ ଦାଖଲ ପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ତେବେ ବରଗଡ଼ ଜିଲାପାଳ କିମ୍ବା ତାଙ୍କ ପ୍ରତିନିଧି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକ ଏବଂ ବରଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରି ଆଗାମୀ ୩ ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଦେବା ପୂର୍ବରୁ ଉକ୍ତ କମିଟି ଆବର୍ଜନା ଗଦା ହେଉଥିବା ସ୍ଥାନ ପରିଦର୍ଶନ କରିବା ସହ ସବିଶେଷ ତଥ୍ୟ ଅନୁଧ୍ୟାନ କରିବେ। ଏଥିସହ ପାଣିର ମାନ ପରୀକ୍ଷଣ କରାଯିବ। କମିଟି ଆବଶ୍ୟକ ପ୍ରସ୍ତାବ ଦେବା ସହ କ୍ଷତିପୂରଣର ଆକଳନ କରିବ। ଯଦି ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ହେଉଥିବା ଜଣାଯାଏ ତା'ହେଲେ ୨୦୨୦ ଏପ୍ରିଲ ପହିଲାରୁ ଏଯାବତ ବରଗଡ଼ ମ୍ୟୁନିସିପାଲିଟି ପ୍ରତି ମାସକୁ ୧ ଲକ୍ଷ ଟଙ୍କା ହିସାବରେ କ୍ଷତିପୂରଣ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### କାର୍ ସହ ୪୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ ଅଫିସ,୫।୯:** ଅବକାରୀ ବିଭାଗର ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଛକରେ ଚଢ଼ାଉ କରାଯାଇ କାର୍(ନଂ.ଓଡି୦୬ଟି୧୧୫) ସହ ୪୪ କେଜି ଗଞ୍ଜେଇ ସୋମବାର ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ହରିଘାଟ ଥାନା ଅନ୍ତର୍ଗତ ନାପିତ ସାତବେରିଆର ସମିରୁଲ ଗୋଲଦାର(୩୫), ଉତ୍ତର ୨୪ ପ୍ରଗଣା ଜିଲା ଅଶୋକ ନଗର ଥାନା ଅନ୍ତର୍ଗତ ଦକ୍ଷିଣପଡ଼ାର ଖଟେକୁଲ ଅଙ୍କୁଞ୍ଜି(୨୭) ଓ ହାଫିଜୁଦ୍ଦିନ(୩୨)। ବିଭାଗରେ କେସ ନଂ. ୨୫୧/୨୨ ରୁଜୁ ହୋଇଛି। ଅଭିଯୁକ୍ତମାନେ ଗଞ୍ଜେଇକୁ ଫୁଲବାଣୀରୁ କୋଲକାତା ନେଉଥିଲେ। ଅବକାରୀ ଆଇଆଇସି ଦିଲୀପ କୁମାର ବେହେରା, ଏସ୍‌ଆଇ ସଚୀନ ବେହେରା ଓ ନଟବର ମଲ୍ଲିକଙ୍କ ସମେତ ଅନ୍ୟମାନେ ଚଢ଼ାଉରେ ସାମିଲ ଥିଲେ ।

### କଟକରେ ମହିଳା ଓ ଛାତ୍ରୀ ଅସୁରକ୍ଷିତ

**କଟକ ଅଫିସ,୫।୯:** କଟକ ନଗର ଭଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗୋପାଳଜୀଉ ମଣ୍ଡପରେ ଜିଲା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ନଗର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ ଯୋଗଦେଇ ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ମହିଳା ବିରୋଧୀ ଅପରାଧରେ ଆମ ରାଜ୍ୟ ପଞ୍ଚମ ସ୍ଥାନରେ ଥିବା ନେଇ କ୍ଷୋଭ ପ୍ରକାଶ କରିବା ସହ କଟକରେ ମହିଳା ଓ ଛାତ୍ରୀ ଅସୁରକ୍ଷିତ ବିଷୟ ଚର୍ଚ୍ଚା କରିଥିଲେ। ଏହାକୁ ନେଇ ରାଜ୍ୟ ଆଗାମୀ ଦିନରେ କଟକ ନଗର ମହିଳା ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତାରାଣୀ ଦାସ, କଳ୍ପନା ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦିକା ସଂଯୁକ୍ତା ମିଶ୍ର,ବାରବାଟୀ ମଣ୍ଡଳ ସଭାପତି ନମିତା ମିଶ୍ର, ମନୋରମା ରାଉତ, ଅଳକା ମହାନ୍ତି, ପ୍ରତିମା ସ୍ୱାଇଁ, ପ୍ରିୟଦର୍ଶିନୀ ସାହୁ, ଅନିତା ବେହେରା, ଦେବାନନ୍ଦ ସିଂ, ଜିଲା ମିଡିଆ ସଂଯୋଜକ ସୁବାସ ମହାନ୍ତି, ଶରତ ଭୋଳ ପ୍ରମୁଖ ଯୋଗଦେଇଥିଲେ।

### ମେଧାବୀ ପ୍ରତିଭା ସମ୍ମାନ, ଗୁରୁପୂଜନ ଉତ୍ସବ

**ନିଆଳି,୫।୯(ଡି.ଏନ୍.ଏ.):** ନିଆଳି ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛାତ୍ର ଯୁବ ବିକାଶ ପରିଷଦ ପକ୍ଷରୁ ମେଧାବୀ ପ୍ରତିଭା ସମ୍ମାନ ଓ ଗୁରୁପୂଜନ ଉତ୍ସବ କସର୍ଦାସ୍ଥିତ ଶ୍ରୀଗୋପାଳଜୀଉ କଲ୍ୟାଣୀ ମଣ୍ଡପରେ ପାଳିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡା.ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆପେକ୍ସ ଆଇଟିଆଇ ଅଧକ୍ଷ ସନ୍ନ୍ୟାସୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଓ ଅକ୍ଷୟ କୁମାର ମହାନ୍ତି, ନିଆଳି ବିଇଓ ପ୍ରତିମା ମହାନ୍ତି, ସାମାଜିକ କର୍ମୀ ଯୋଗେଶ୍ ମହାପାତ୍ର, ଚିତ୍ତରଞ୍ଜନ ସେବାସଦନର ସିଇଓ ସୌମ୍ୟରଞ୍ଜନ ମିଶ୍ର, ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର ପ୍ରମୁଖ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ନିମନ୍ତେ ପରିଷଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଳା ସଂସ୍କୃତି ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୦ଜଣ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୧୨ଜଣ ମେଧାବୀ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ମଧୁସ୍ମିତା ସ୍ୱାଇଁଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ନେତା ତ୍ରିଲୋଚନ ମହାନ୍ତି, ରାଣିଓଲା ସରପଞ୍ଚ ତ୍ରିନାଥ ମହାନ୍ତି ଓ କସର୍ଦା ସରପଞ୍ଚ ସୁରେନ୍ଦ୍ର ପଟ୍ଟନାୟକ, ବାହାରଣା ସରପଞ୍ଚ ବିଜୟରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଗଣେଶଙ୍କ ଆଞ୍ଜା ଲଡୁ ନିଲାମ

ଟିଗିରିଆ,୫।୯(ଡି.ଏନ.ଏ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଷ୍ଟ୍ରିମ ଲାଇନ କ୍ଲବ ତରଫରୁ ଗଣେଶ ପୂଜା ଭସାଣି ଅବସରରେ ନିର୍ମାଣ କରାଯାଇଥିବା ଆଞ୍ଜା ଲଡୁ ସୋମବାର ନିଲାମ ହୋଇଛି। ୨୫ କିଲୋ ଓଜନର ଏହି ଲଡୁକୁ ନୂଆପାଟଣାସ୍ଥିତ ସୁନୀତା ହୋମ ଆପ୍ଲିଆନ୍ସର ମାଲିକ ନୀଳମଣି ସାହୁ ୫୬୦୩ ଟଙ୍କାରେ ନେଇଥିଲେ। ଏନେଇ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ କୁଣ୍ଡୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନୂଆପାଟଣା ସେବା ସମବାୟ ସମିତି ସଭାପତି ଧ୍ରୁବଚରଣ ଦାସ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ଓ ବିଜୟ କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ।




ଗୁରୁଦିବସ ଅବସରରେ କଟକ ମିଶନରୋଡ଼ସ୍ଥିତ ନ୍ୟୁ ଷ୍ଟୁଆର୍ଟ ସ୍କୁଲ ପରିସରରେ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ର ନିକଟରେ ଛାତ୍ରୀଛାତ୍ରମାନେ ପୂଜା କରୁଛନ୍ତି।

## ଗୁରୁଙ୍କୁ ପୂଜିଲେ ଛାତ୍ରୀଛାତ୍ର

କଟକ ଅଫିସ,୫।୯

ରେଭେନ୍‌ଶା କଲିଜିଏଟ୍ ସ୍କୁଲର ନେତାଜୀ ଅଡିଟୋରିୟମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସର୍ବପ୍ରଥମେ ଛାତ୍ରୀଛାତ୍ରମାନେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜନ କରିଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ନାୟକ, ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ପରେଶ୍ ମଲ୍ଲ, ସୁପ୍ରଭା ସେନାପତି, ସଂଘମିତ୍ରା ପଟ୍ଟନାୟକ, ମଧୁସ୍ମିତା ମହାନ୍ତି, ଚାରୁଲତା ସିଂ, ଜ୍ଞାନ ରଞ୍ଜନ ଧଳ, ପୁଷ୍ପାଞ୍ଜଳି ବେହେରା, ଦିଲୀପ ଜେନା ପ୍ରମୁଖ ଆଶୀର୍ବାଦ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ ସଭାପତି ଅଭିଭାଷଣ ଦେଇଥିଲେ।

## ଡିଜିପିଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

**କଟକ ଅଫିସ,୫।୯:** କେନ୍ଦୁଝର ଜିଲା ଆନନ୍ଦପୁର ପଞ୍ଚାୟତ ସମିତିର ହୋଇଥିବା ବୈଠକରେ ଭାଜପା ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ରଙ୍କୁ ଶାସକ ବିଜେଡିର ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ଡିଜିପିଙ୍କୁ ଭେଟି ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବିଧାୟକ ସେଠୀଙ୍କ ନାମରେ ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ନହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦଳରେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲି, ହେମନ୍ତ ମଲିକ, ଯୁଧିଷ୍ଠିର ମହାରଣା, ଅସୀମା ମିଶ୍ର ପ୍ରମୁଖ ସାମିଲ ଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
P. H. DIVISION, CUTTACK
No.C-1146:
e-mail ID:eephctcii@gmail.com, sephdctc521@gmail.com
e-procurement Notice for Bid identification No.
SEPH-DIVISION, CTC- 24 of 2022-23

1. Name of the work :- 3 Nos of P.H. work
2. Estimated cost :- Rs.41.15 to 60.79 Lakhs
3. Period of completion :- 12 Months
4. Date & time of availability of bid document in the portal :- From 11.00 AM of 07.09.2022 to 5.00PM of 17.09.2022
5. Last date / time of receipt of bids in the portal :- 5.00 PM of 17.09.2022
6. Date & time of opening of bids :- 11.00 AM of 19.09.2022
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./-Superintending Engineer, P.H.Division, Cuttack
OIPR-13009/11/0017/2223

## କଟୁରି ଚୋଟରେ ନାବାଳକ ମୃତ

### ୨ ଗୁରୁତର, ଜଣେ ଆହତ

ମାହାଙ୍ଗା,୫।୯(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ପୋଡ଼ାମରାଇ ପଞ୍ଚାୟତ ଏରକଣା ଗ୍ରାମରେ ଜଣେ ଯୁବକଙ୍କ କଟୁରି ଚୋଟରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ଜଣ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଏରକଣା ଗ୍ରାମର ଅକ୍ଷୟ ପଲେଇଙ୍କ ପୁତ୍ର ସୌମ୍ୟରଞ୍ଜନ(୧୬)। ଗୁରୁତର ହେଲେ ଗ୍ରାମର କୈବଲ୍ୟ ପଲେଇ ଓ ଚିନ୍ମୟ ମଲ୍ଲିକ। ସେମାନଙ୍କ ସାଙ୍ଗରେ ଯାଇଥିବା ସେହି ଗ୍ରାମର ଜ୍ଞାନରଞ୍ଜନ ପଲେଇ ନାଳକୁ ଡେଇଁ ପଡ଼ିବାରୁ ପଥରରେ ଛେଚିହୋଇ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ଯାଇଥିବା ଜଣାଯାଇଛି। ପୋଲିସ ଆକ୍ରମଣକାରୀ ଯୁବକ ସିନ୍ଧୁପୁର ଗ୍ରାମର ସନ୍ତୋଷ କୁମାର ସେଠୀ(୨୭)ଙ୍କୁ ଗିରଫ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ତେବେ ସେ କାହିଁକି ସେମାନଙ୍କୁ ଆକ୍ରମଣ କଲେ ତାହା ଜଣାପଡ଼ି ନାହିଁ। ସୂଚନା ମୁତାବକ, ରବିବାର ରାତିରେ ପୋଡ଼ାମରାଇଠାରେ ଗଣେଶ ଭସାଣି ଦେଖି ୫ଜଣ ଯୁବକ ଘରକୁ ଫେରୁଥିଲେ। ଏହି ସମୟରେ ସନ୍ତୋଷ ହଠାତ୍ ଏକ କଟୁରିରେ ସୌମ୍ୟରଞ୍ଜନ, କୈବଲ୍ୟ ଓ ଚିନ୍ମୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ନଂ.୨୫୪/୨୨ ରୁଜୁ ହୋଇଛି।

## ଏଲ୍‌ଆଇସି ଏଜେଣ୍ଟଙ୍କ ଅସହଯୋଗ ଆନ୍ଦୋଳନ

**ସାଲେପୁର,୫।୯(ଡି.ଏନ୍.ଏ.):** ଅଲ୍ ଇଣ୍ଡିଆ ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନ୍‌ର ନିଷ୍ପତ୍ତି ମୁତାବକ ୧୬ ଦଫା ଦାବି ନେଇ ସାଲେପୁର ଶାଖା କାର୍ଯ୍ୟାଳୟରେ କାର୍ଯ୍ୟରତ ଏଜେଣ୍ଟମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅସହଯୋଗ ଆନ୍ଦୋଳନ କରିଥିଲେ। ଏଲ୍‌ଆଇସି ଏଜେଣ୍ଟମାନଙ୍କ ଦାବି ମଧ୍ୟରେ ପଲିସି ହୋଲ୍‌ଡରମାନଙ୍କ ବୋନସ ବୃଦ୍ଧି, ଏଜେଣ୍ଟଙ୍କ କମିଶନ୍ ବୃଦ୍ଧି, ଜିଏସ୍‌ଟି ଉଚ୍ଛେଦ କରିବା, ଏଜେଣ୍ଟମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସୁବିଧା କରିବା, ପେନ୍‌ସନ୍ ଯୋଜନା ଲାଗୁ କରିବା ଓ ଜନକଲ୍ୟାଣ ପାଣ୍ଠି ସୃଷ୍ଟି କରିବା ଆଦି ଅନ୍ତର୍ଭୁକ୍ତ। ଏସବୁ ଦାବି ନେଇ ସାଲେପୁରର ଏଜେଣ୍ଟମାନେ ସକାଳୁ କଳାବ୍ୟାଜ ପିନ୍ଧି ଆନ୍ଦୋଳନ କରିଥିଲେ। ଏଥିରେ ଜୟଦେବ ପଣ୍ଡା, ଭାଗ୍ୟଧର ମହାନ୍ତି, ସୁକଦେବ ସାହୁ, ବୀରକିଶୋର ଦାଶ, ଚିରଞ୍ଜନ ବିଶ୍ୱାଳ, ସୁଜିତ୍ ବାରିକ, ତପନ ପାତ୍ର, ମାନସ କର, ସତ୍ୟବାଦୀ ଦାସ, ମନୋଜ ରାଉତରାୟ ସାମିଲ ଥିଲେ।

## ଗୁରୁ ଦିବସରେ ସମ୍ବର୍ଦ୍ଧନା

କଟକ ସଦର,୫।୯(ଡି.ଏନ୍.ଏ.)

ଗୁରୁ ଦିବସ ଉପଲକ୍ଷେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଅଶୋକ କୁମାର ସାହୁ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତରାୟ, ଶୋଭାରାଣୀ ଆଚାର୍ଯ୍ୟ, ସୁଶ୍ରୀ ମହାନ୍ତି ଓ ଶିକ୍ଷକ ସୋମନାଥ ବିଶାଳ, ଗଙ୍ଗାଧର ଦାଶ ପ୍ରଫୁଲ୍ଲ ଦାସ, ବିକ୍ରମ କେଶରୀ ନନ୍ଦ, ମହେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦିଲୀପ ଜେନା ମାନପତ୍ର ପାଠ କରିଥିବା ବେଳେ ଅଶୋକ ପଟ୍ଟନାୟକ ମଞ୍ଚ ପରିଚାଳନା ଓ ପ୍ରକାଶ ଚନ୍ଦ୍ର ସେଠୀ ସାମିଲ ଥିଲେ। ସେହିପରି କିଶୋର ନଗରରେ ଗୁରୁଦିବସରେ ସରପଞ୍ଚ ସୁଜାତା ସେଠୀ, ଧରଣୀଧର ଜେନା ଓ କାଙ୍ଗାଳିଚରଣ ବେହେରା ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
OPTCL Lifeline of Odisha

No. CAD-1693
TENDER ALERT

1)Tender Call Notice No.07/2022-23: Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
2)Tender Call Notice No.08/2022-23: Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
3)Tender Call Notice No.05/2022-23: Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
4)Tender Call Notice No.RKL-11/2022-23: Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
5)E-Tender Call Notice No.18/2022-23: Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.
For more details please visit OPTCL's website: www.optcl.co.in. OIPR-04011/11/0088/2223 FIPR-38/2022-23

## ଅଟୋ ଚାଳକ ଅବଦୁଲ କାଦର ହତ୍ୟା ମାମଲା: ୨ ଗିରଫ

କଟକ ସଦର,୫।୯(ଡି.ଏନ୍.ଏ.)

କିଶନ ନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋ ଚାଳକ ଅବଦୁଲ କାଦର (୪୬) ହତ୍ୟା ମାମଲାରେ ପୋଲିସ ସୋମବାର ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗ୍ରାମର ସେକ ଶାହାବୁଦ୍ଦିନ(୨୦) ଓ ଜଗତସିଂହପୁର ଜିଲା ମାର୍କଣ୍ଡପୁରର ତାହିତ ସାହା (୨୧)। ଏ ନେଇ ପୋଲିସ ଏକ ମାମଲା (ନଂ. ୧୪୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଉଭୟ ଅଭିଯୁକ୍ତ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରଣଜିତ ପୃଷ୍ଟି ସୂଚନା ଦେଇଛନ୍ତି। ଏଯାବତ୍ ଏହି ହତ୍ୟା ଘଟଣାରେ ମୋଟ ୬ଜଣ ଗିରଫ ହୋଇଛନ୍ତି। ଅଗଷ୍ଟ ୧୯ରେ ଜଣେ ନାବାଳକ ସମେତ ସେକ ସକିଲ, ଗୁଲସନ ପରବିନ ଓ ସାହିନ ପରବିନ ଗିରଫ ହୋଇଥିଲେ। ଏହି ସମୟରେ ସେକ ସକିଲଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇ ପୋଲିସ ୩ ତାରିଖରେ ତାଙ୍କର ପଲିଗ୍ରାଫ ଟେଷ୍ଟ କରିଥିଲା। ହେଲେ ଏଯାବତ ରିପୋର୍ଟ ଆସିନାହିଁ ବୋଲି ଡିଏସ୍‌ପି ପୃଷ୍ଟି କହିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ୧୦ ରାତିରେ ଅଟୋ ଚାଳକ କାଦର୍‌ଙ୍କ ଗଳା କାଟି ହତ୍ୟା କରି ନିକଟସ୍ଥ ଏକ ପଡ଼ିଆରେ ଫିଙ୍ଗି ଦିଆଯାଇଥିଲା। ପରଦିନ ମୃତକଙ୍କ ସ୍ତ୍ରୀ ୱାହିଦା ଖାତୁନ ଏତଲା ଦେବାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଅଗଷ୍ଟ ୧୯ରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରି ହତ୍ୟାସ୍ଥଳରେ ଡେମୋ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ଗ୍ରାମବାସୀ ପୋଲିସକୁ ଘେରାଉ କରିଥିଲେ। କାରଣ ଅଭିଯୁକ୍ତ ଜଣକ ଭିନ୍ନକ୍ଷମ ଥିଲେ। ପରେ ଲୋକଙ୍କ ଚାପ ଯୋଗୁ କଟକ ଗ୍ରାମାଞ୍ଚଳ ଏସପି ବି.ଯୁଗଲ କିଶୋର ତଦନ୍ତ କରି ଅଧିକାରୀଙ୍କୁ ବଦଳାଇ ଡିଏସ୍‌ପି ପୃଷ୍ଟିଙ୍କୁ ଦାୟିତ୍ୱ ଦେଇଥିଲେ।



କଟକସ୍ଥିତ ତ୍ରିମ୍ପସ ଉଚ୍ଚ ମାଧ୍ୟମିକ ସ୍କୁଲରେ ସୋମବାର ଗୁରୁଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅତିଥିମାନେ।

JOIN INDIAN ARMY
No.KK-139
AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR

PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms)<br>Agniveer (Technical) (All Arms)<br>Agniveer (Clerk/Store Keeper Technical) (All Arms)<br>Agniveer Tradesmen 10th Pass (All Arms)<br>Agniveer Tradesmen 8th Pass (All Arms) | 17 1/2 to 23 Years # | 01 October 1999 to 01 April 2005 |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)
OIPR-44014/11/0002/2223
Sd./- Collector & Dist. Magistrate, Sambalpur

## ସଂକ୍ଷେପରେ

### ୮ରେ ସେଣ୍ଟ୍ରାଲ ଭିଷ୍ଟା ଆଭେନ୍ୟୁ ଉଦ୍‌ଘାଟନ

ନୂଆଦିଲ୍ଲୀ,୫।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୮ ତାରିଖରେ ବିଜୟ୍ ଚୌକରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଭିଷ୍ଟା ଆଭେନ୍ୟୁର ଉଦ୍‌ଘାଟନ କରିବେ। ସେଥିପାଇଁ କେନ୍ଦ୍ରୀୟ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ଟ୍ରାଫିକ କଟକଣା ଲାଗୁ ହୋଇଛି। ଗୁରୁବାର ଜରୁରୀ ଆବଶ୍ୟକ ନ ଥିବା କର୍ମଚାରୀ ଘରେ ରହି କାର୍ଯ୍ୟ କରିବାକୁ ଏବଂ ଅଧିକାଂଶ କର୍ମଚାରୀଙ୍କୁ ବ୍ୟକ୍ତିଗତ ଗାଡ଼ି ପରିବର୍ତ୍ତେ ସର୍ବସାଧାରଣ ଯାନ ବ୍ୟବହାର କରିବାକୁ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ଏଥିସହିତ ମଧ୍ୟାହ୍ନ ଭୋଜନ ପରେ ଅଫିସଗୁଡ଼ିକୁ ବନ୍ଦ କରିଦେବା ଲାଗି ଦିଲ୍ଲୀ ପୋଲିସ କହିଛି। ସି-ହେକ୍ସାଗନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନ ଉତ୍ସବରେ ବହୁସଂଖ୍ୟାରେ ଭିଭିଆଇପିମାନେ ଯୋଗଦେବା ଆଶା କରାଯାଉଛି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ୮ ତାରିଖ ସନ୍ଧ୍ୟା ୬ରୁ ରାତି ୯ ପର୍ଯ୍ୟନ୍ତ ବିଭିନ୍ନ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବ। ସେଦିନ ଇଣ୍ଡିଆ ଗେଟ୍‌ରୁ ମାନସିଂ ରୋଡ ମଧ୍ୟରେ ଲୋକଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ସେଣ୍ଟ୍ରାଲ ଭିଷ୍ଟା ଆଭେନ୍ୟୁରେ ବ୍ୟାପକ ପୋଲିସ ଓ ସୁରକ୍ଷା ବଳ ମୁତୟନ କରାଯିବ।

### ସଞ୍ଜୟ୍ ରାଉତଙ୍କ ହାଜତ ମିଆଦ ୧୪ ଦିନ ବଢ଼ିଲା

**ମୁମ୍ବାଇ,୫।୯:** ପତ୍ରା ଚଲ୍ ଜମି ଦୁର୍ନୀତି ମାମଲାରେ ମୁମ୍ବାଇର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ସୋମବାର ଶିବସେନା ଏମ୍‌ପି ସଞ୍ଜୟ୍ ରାଉତଙ୍କ ବିଚାର ବିଭାଗୀୟ ହାଜତ ମିଆଦ ଆଉ ୧୪ ଦିନ ବଢ଼ାଇଛନ୍ତି। ଗତ ଅଗଷ୍ଟ ୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସଞ୍ଜୟଙ୍କୁ ଗିରଫ କରିଥିଲା। ଗୋରେଗାଁଓର ପତ୍ରା ଚଲ୍ ପୁନର୍ବିକାଶ କାର୍ଯ୍ୟରେ ଆର୍ଥିକ ଅନିୟମିତତାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଛି। ସଞ୍ଜୟଙ୍କ ହାଜତ ମିଆଦ ସୋମବାର ଶେଷ ହେଉଥିବାରୁ ତାଙ୍କୁ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ବିଚାରପତି ଏମ୍.ଜି. ଦେଶପାଣ୍ଡେଙ୍କ କୋର୍ଟରେ ହାଜର କରାଯାଇଥିଲା।

### ଲିଙ୍ଗାୟତ ସନ୍ଥଙ୍କ ଆତ୍ମହତ୍ୟା

**ବେଲଗାଭି, ୫।୯:** କର୍ନାଟକର ବେଲଗାଭି ଜିଲାରେ ଥିବା ଶ୍ରୀଗୁରୁ ମାଦିୱାଲୋଶ୍ୱର ମଠରୁ ଲିଙ୍ଗାୟତ ସନ୍ଥ ବାସବ ସିଦ୍ଧାଲିଙ୍ଗ ସ୍ୱାମୀଙ୍କ ମୃତଦେହ ଜବତ ହୋଇଛି। ତାଙ୍କୁ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ପୋଲିସ କହିଛି। ଏକ ଭିଡିଓରେ ଦୁଇ ମହିଳା କେତେକ ମଠରେ ଚାଲିଥିବା ଯୌନ ନିର୍ଯାତନା ଘଟଣାକୁ ନେଇ ଆଲୋଚନା କରୁଥିବା ଦେଖାଦେଇଥିଲା। ଏଥିରେ ସେମାନେ ସନ୍ଥ ବାସବଙ୍କ ନାଁ ମଧ୍ୟ ନେଇଥିଲେ। ଏହାକୁ ନେଇ ସନ୍ଥ କିଛି ଦିନ ହେଲା ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

### ହୋଟେଲରେ ନିଆଁ: ୪ ମୃତ

**ଲକ୍ଷ୍ନୌ,୫।୯:** ଲକ୍ଷ୍ନୌର ଏକ ହୋଟେଲରେ ସୋମବାର ସକାଳେ ନିଆଁ ଲାଗି ୪ ଜଣଙ୍କ ମୃତ୍ୟୁ ହେବା ସହ ୧୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହୋଟେଲର ଦୁଇ ମାଲିକ ଓ ପରିଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ବେଆଇନ ଭାବେ ନିର୍ମିତ ଉକ୍ତ ୪ ମହଲା ବିଲ୍ଡିଂକୁ ତୁରନ୍ତ ଭାଙ୍ଗିଦେବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ବ୍ରାଜିଲର ସାଓ ପାଉଲୋରେ ଇଣ୍ଡିଜେନସ୍ ୱିମେନ୍ସ ଡେ' ତଥା ଆମାଜନ ଦିବସ ପାଳନ ବେଳେ ସୋମବାର ଆଦିବାସୀ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭୂକମ୍ପରେ ଥରିଲା ଚାଇନା: ୪୬ ମୃତ

**ବେଜିଂ, ୫।୯**

ଚାଇନାର ସିଚୁଆନ୍ ପ୍ରଦେଶରେ ସୋମବାର ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଏଥିଯୋଗୁ ଅନ୍ୟୂନ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଏହାର ତୀବ୍ରତା ୬.୮ ରହିଛି। ୨୦୧୭ ପରଠାରୁ ଏହି ଅଞ୍ଚଳରେ ଏହା ସବୁଠାରୁ ବଡ଼ ଧରଣର ଭୂକମ୍ପ। ଭୂକମ୍ପର ପ୍ରଭାବ ଅନ୍ୟ ପ୍ରଦେଶରେ ମଧ୍ୟ ଅନୁଭୂତ ହୋଇଛି। କେତେକ ସ୍ଥାନରେ ଭୂସ୍ଖଳନ ହୋଇ ରାସ୍ତାଘାଟ ଦବି ଯାଇଥିବାବେଳେ ଘରଦ୍ୱାର ଭାଙ୍ଗି ଯାଇଛି। ଲଡିଂ ସହରରେ ପ୍ରାୟ ୧୦ କି.ମି. ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଥିଲା ବୋଲି ଜଣାପଡ଼ିଛି। ଦକ୍ଷିଣ ପଶ୍ଚିମ ସିଚୁଆନ୍‌ରେ ଅନେକ ସମୟରେ ଭୂକମ୍ପ ଝଟ୍‌କା ଅନୁଭୂତ



ହୋଇଥାଏ। ୨୦୧୭ ଅଗଷ୍ଟରେ ଏଠାରେ ୭.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହା ପୂର୍ବରୁ ୨୦୦୮ ମେ'ରେ ଚାଇନା ସବୁଠୁ ଭୟଙ୍କର ଭୂକମ୍ପ ବିପର୍ଯ୍ୟୟର ସାମ୍ନା କରିଥିଲା। ୱେନ୍‌ଚୁଆନ୍ କେନ୍ଦ୍ରସ୍ଥଳରେ ସୃଷ୍ଟି ୮.୦ ତୀବ୍ରତାର ଭୂକମ୍ପ ଯୋଗୁ ପ୍ରାୟ ୭୦ ହଜାର ଲୋକଙ୍କ ଜୀବନ ଯିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିଲା।

ପ୍ରାୟ ୨ କୋଟି ଲୋକସଂଖ୍ୟାର ସହର ତଥା ସିଚୁଆନ୍‌ର ରାଜଧାନୀ ଚେଙ୍ଗ୍‌ଡୁରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ଗତ ସପ୍ତାହରେ ସେଠାରେ ଲକ୍‌ଡାଉନ କଟକଣା ଜାରି କରାଯାଇଛି। ଲୋକେ ଘରେ ଥିବାବେଳେ ସେମାନେ ହଠାତ୍ ଭୂମିକମ୍ପ ଝଟକା ପାଇ ବାହାରକୁ ବାହାରି ଆସିଥିଲେ। କେବଳ ୟାନ୍ ସହରରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗାଞ୍ଜିରେ ୨୯ ଜଣ ପ୍ରାଣ ହରାଇଛନ୍ତି। ୧୬ ଜଣ ନିଖୋଜ ଅଛନ୍ତି। ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି। ଗାଞ୍ଜି ଏବଂ ୟାନ୍‌ରେ ପାୱାର ଷ୍ଟେଶନ ବନ୍ଦ କରିଦିଆଯାଇଛି। ଭୂମିକମ୍ପ କେନ୍ଦ୍ରସ୍ଥଳ ନିକଟକୁ ୫୦୦ରୁ ଊର୍ଦ୍ଧ୍ୱ ଉଦ୍ଧାରକାରୀ କର୍ମଚାରୀଙ୍କୁ ପଠାଯାଇଛି।

# ବେଙ୍ଗାଲୁରୁ ଜଳାର୍ଣ୍ଣବ

**୮ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା**



**ବେଙ୍ଗାଲୁରୁ, ୫।୯**

କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ରବିବାର ସନ୍ଧ୍ୟାରୁ ଲଗାଣ ବର୍ଷା ଯୋଗୁ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ଅନୁସାରେ ୧୩୧.୬ ମି.ମି. ବର୍ଷା ହୋଇଛି, ଯାହା କି ଗତ ୮ ବର୍ଷର ରେକର୍ଡ ଭାଙ୍ଗିଛି। ୨୦୧୪ରେ ବେଙ୍ଗାଲୁରୁରେ ୧୩୨.୩ ମି.ମି. ବର୍ଷା ହୋଇଥିଲା। ମଙ୍ଗଳବାର ମଧ୍ୟ ବର୍ଷା ଲାଗି ରହିବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ହ୍ୱାଇଟ୍‌ଫିଲ୍ଡ, ଇନ୍ଦିରାନଗର, କେଙ୍ଗେରି, ଆର୍ ଆର୍ ନଗର, ବୋମାନାହାଲ୍ଲି, ମରାଠାଲ୍ଲି, ମହାଦେବପୁରା ଆଦି ସହର ଅଧିକ ପ୍ରଭାବିତ ହୋଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପାଣିରେ ବୁଡ଼ି ଯାଇଥିବାବେଳେ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି। ପମ୍ପ ଷ୍ଟେଶନଗୁଡ଼ିକ ପାଣିରେ ବୁଡ଼ି ଯାଇଥିବାରୁ ସହରରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି।

### ୫୯ ବର୍ଷରେ ବିବାହ କଲେ ବିଚାରପତି



**ପାଟନା,୫।୯**

ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ଦୁଇଥର ଦୋଷୀସାବ୍ୟସ୍ତ କରିଥିବା ବିହାରର ପୂର୍ବତନ ସ୍ୱତନ୍ତ୍ର ସିବିଆଇ ବିଚାରପତି ଶିବପାଲ ସିଂ ୫୯ ବର୍ଷ ବୟସରେ ବିବାହ କରିଛନ୍ତି। ତାଙ୍କ ସ୍ତ୍ରୀ ହୋଇଥିବା ନୂତନ ତିୱାରୀ(୫୦) ଜଣେ ଆଇନଜୀବୀ ଏବଂ ଭାଜପା ନେତ୍ରୀ। ଶିବପାଲ ଏବେ ଗୋଣ୍ଡା ଜିଲା କୋର୍ଟରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଥିବାବେଳେ ନୂତନ ମଧ୍ୟ ସେହି କୋର୍ଟରେ ଆଇନ ବ୍ୟବସାୟ କରିଥାନ୍ତି। ଶିବପାଲଙ୍କ ପ୍ରଥମ ସ୍ତ୍ରୀଙ୍କର ୨୦୦୬ରେ ମୃତ୍ୟୁ ହୋଇଥିବାବେଳେ ନୂତନ ମଧ୍ୟ ଏକ ଦୁର୍ଘଟଣାରେ ତାଙ୍କ ପୂର୍ବ ସ୍ୱାମୀଙ୍କୁ ହରାଇଥିଲେ। ଉଭୟ ପରିବାରର ସହମତିକ୍ରମେ ସେମାନେ ବିବାହ କରିଛନ୍ତି।

# ରୁଷିଆ ଦୂତାବାସରେ ଆତ୍ମଘାତୀ ବିସ୍ଫୋରଣ: ୨ କୂଟନୀତିଜ୍ଞ ନିହତ

**କାବୁଲ, ୫।୯**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ରୁଷିଆ ଦୂତାବାସ ନିକଟରେ ସୋମବାର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ଦୂତାବାସର ୨ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ମୃତକ ଆଫ୍‌ଗାନର ହୋଇଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଆଫ୍‌ଗାନମାନେ ଭିଜା ପାଇଁ ଅପେକ୍ଷା କରିଥିବାବେଳେ ଦୂତାବାସର କନ୍‌ସୁଲାର ବିଭାଗ ପ୍ରବେଶ ପଥ ନିକଟରେ ବିସ୍ଫୋରଣ ଘଟିଥିଲା ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଏଥିପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ୨୦୨୧ ଅଗଷ୍ଟ ୧୫ରେ ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବାପରଠାରୁ କୌଣସି ବାହାର ଦେଶର ଦୂତାବାସ ନିକଟରେ ବିସ୍ଫୋରଣ ପ୍ରଥମ ଘଟଣା। ତାଲିବାନ୍ ନେତା ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମସ୍‌ଜିଦ୍‌କୁ ଟାର୍ଗେଟ କରି ଲଗାତର ଆକ୍ରମଣ କରାଯାଉଛି। ଅଧିକାଂଶ ଘଟଣାରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିଆସୁଛି। ତେବେ କାହିଁକି ରୁଷିଆ ଦୂତାବାସକୁ ଟାର୍ଗେଟ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। କାବୁଲକୁ ତାଲିବାନ୍ ଦଖଲ ପରେ ଅଧିକାଂଶ ଦେଶ ସେଠାରେ ନିଜ ଦୂତାବାସଗୁଡ଼ିକୁ ବନ୍ଦ ରଖିଥିବାବେଳେ ରୁଷିଆ କିନ୍ତୁ ଏହାର ଦୂତାବାସକୁ ଚାଲୁ ରଖିଛି। ସେଠାରେ ଏପରି ଆତଙ୍କବାଦୀ ଆକ୍ରମଣକୁ କେବେ ବରଦାସ୍ତ କରାଯିବନାହିଁ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି।

# ଦିଲ୍ଲୀରେ ଶେଖ୍ ହାସିନା

**ଦରଘା ବୁଲିଲେ, ଜୟଶଙ୍କରଙ୍କୁ ଭେଟିଲେ**



**ନୂଆଦିଲ୍ଲୀ, ୫।୯**

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସୋମବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବୟନଶିଳ୍ପ, ରେଳପଥ ରାଷ୍ଟ୍ରମନ୍ତ୍ରୀ ଦର୍ଶନ ବିକ୍ରମ ଜର୍ଦ୍ଦୋଶ ତାଙ୍କୁ ସ୍ୱାଗତ କରିଥିଲେ। ୪ ଦିନିଆ ଗସ୍ତର ପ୍ରଥମ ଦିନରେ ହାସିନା ପ୍ରସିଦ୍ଧ ସୁଫି ସନ୍ଥ ନିଜାମୁଦ୍ଦିନ୍ ଔଲିଆ ଦରଘାକୁ ଯାଇ ପ୍ରାର୍ଥନା କରିଥିଲେ। ପରେ ଭାରତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ପ୍ରତିରକ୍ଷା ସହଯୋଗ, ଆଞ୍ଚଳିକ ଯୋଗାଯୋଗ ଅଭିଯାନ ବିସ୍ତାର, ଦକ୍ଷିଣ ଏସିଆରେ ସ୍ଥିରତା ଆଦି ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଗସ୍ତବେଳେ ହାସିନା ଭାରତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ୨୦୨୧ରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବାଂଲାଦେଶ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ପାଳନ କରିଥିଲେ। ଏହି ଅବସରରେ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଲାଗି ରହିଥିବା ଜଳବଣ୍ଟନ ବିବାଦର ସମାଧାନ ପ୍ରସଙ୍ଗ ଆଲୋଚନାରେ ସ୍ଥାନିତ ହେବ।

# ପିଏମ୍-ଶ୍ରୀ ଯୋଜନା: ୧୪,୫୦୦ ସ୍କୁଲ୍‌ର ଉନ୍ନତୀକରଣ ହେବ

**ନୂଆଦିଲ୍ଲୀ,୫।୯(ପି.ଟି.)**

ଭାରତର ୧୪,୫୦୦ ସ୍କୁଲ୍‌ର ବିକାଶ ତଥା ଉନ୍ନତୀକରଣ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପିଏମ୍-ଶ୍ରୀ (ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ) ଯୋଜନା ଘୋଷଣା କରିଛନ୍ତି। ଗୁରୁ ଦିବସ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ପିଏମ୍-ଶ୍ରୀ ସ୍କୁଲ୍ ଦେଶରେ ମଡେଲ ସ୍କୁଲ୍ ହେବ। ଏହି ସ୍କୁଲ୍‌ଗୁଡ଼ିକରେ ଆବିଷ୍କାର ଏବଂ ଶିକ୍ଷଣ କୈନ୍ଦ୍ରିକ ପଦ୍ଧତିରେ ଶିକ୍ଷାଦାନ କରାଯିବ। ବିଦ୍ୟାଳୟଗୁଡ଼ିକରେ ନୂଆ ଟେକ୍‌ନୋଲୋଜି, ସ୍ମାର୍ଟ ଶ୍ରେଣୀଗୃହ, କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦି ଆଧୁନିକ ଭିତ୍ତିଭୂମିକୁ ସାମିଲ କରାଯିବ ବୋଲି ମୋଦି କହିଛନ୍ତି। ନୂଆ ଜାତୀୟ ଶିକ୍ଷା ନୀତି ଦେଶର ଶିକ୍ଷା ସେକ୍ଟରରେ ବଡ଼ ପରିବର୍ତ୍ତନ ଆଣିଛି। ପିଏମ୍-ଶ୍ରୀ ସ୍କୁଲଗୁଡ଼ିକ ଦେଶର ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଉପକୃତ କରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ରାଜ୍ୟ ଖବର

# ଝାଡ଼ାବାନ୍ତିରେ ୨ମୃତ, ୨୫ ଆକ୍ରାନ୍ତ

**ଖପ୍ରାଖୋଲ, ୫।୯(ଡି.ଏନ.ଏ.)**

■ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ
■ ପ୍ରଭାବିତ ଗାଁରେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ମେଡିକାଲ ଟିମ୍

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଅନ୍ତର୍ଗତ ଦେଦର୍ହ ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ କୁମାରୀ ମେହେର (୪୮) ଓ ତାଙ୍କ ୧୦ ବର୍ଷର ନାତି ବବୁଲୁ। ନୂଆଁଖାଇ ପରେ ଗାଁର କେତେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କୁମାରୀ, ବବୁଲୁଙ୍କ ସହ ୪ଜଣ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ କୁମାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସୋମବାର ସକାଳେ ଡାକ୍ତର ବବୁଲୁଙ୍କୁ ମୃତ ଘୋଷିତ କରିଥିଲେ। ଏବେ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ପାଟଣାଗଡରେ ଏବଂ ଅନ୍ୟ ୨୩ଜଣ ଘରେ ଚିକିତ୍ସିତ ହେଉଛନ୍ତି।

ସୋମବାର ସକାଳେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. ସୁରଜ ଦୀପଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ଦେଦର୍ହ ଗାଁରେ ପହଞ୍ଚି ଥିଲା। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ନଳକୂପ, ଖୋଲାକୂପ ଓ ଜଳଯୋଗାଣ ପ୍ରକଳ୍ପ କୂପରେ ବ୍ଲିଚିଂ ପାଉଡର ପକାଯାଇଥିଲା। ଝାଡ଼ାବାନ୍ତି କିପରି ଅଧିକ ନ ବ୍ୟାପିବ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଅପରାହ୍ନରେ ଜିଲାପାଳ ଚଞ୍ଚଳ ରାଣା ଦେଦର୍ହରେ ପହଞ୍ଚି ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୫ହଜାର ଟଙ୍କାର ଚେକ ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ସେ ପ୍ରଦାନ କରିଥିଲେ।

# ନିଖୋଜ ଗଣବଳାତ୍କାର ପୀଡ଼ିତା ଘରକୁ ଫେରିଲେ

## ଟାହିଟାପରା ସହି ନ ପାରି ଆତ୍ମହତ୍ୟା ଉଦ୍ୟମ କରିଥିଲେ

**ପାରାଦୀପ,୫।୯(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଗତମାସ ୨୬ ତାରିଖରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ଆଶାକର୍ମୀ ୩ ତାରିଖରୁ ଘରୁ କାର୍ଯ୍ୟସ୍ଥଳ ଅଭିମୁଖେ ବାହାରି ଆଉ ଫେରି ନ ଥିଲେ। ତାଙ୍କ ବାପା ଜଟାଧାରମୁହାଁଣ ସାମୁଦ୍ରିକ ଥାନାରେ ଝିଅ ନିଖୋଜ ବୋଲି ଅଭିଯୋଗ କରିଥିଲେ। ହେଲେ ଆଶାକର୍ମୀ ଜଣକ ଟାହିଟାପରା ସହି ନ ପାରି ଆତ୍ମହତ୍ୟା ଉଦ୍ୟମ କଲାବେଳେ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗଣବଳାତ୍କାର ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇ କୁଜଙ୍ଗ ସମାଗୋଳ ଜେଲରେ ଅଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ୧ ତାରିଖରେ ପ୍ରଥମ ଦୁଇଜଣ ଅଭିଯୁକ୍ତଙ୍କୁ ନେଇ ଟିଆଇ ପରେଡ କରାଯାଇଥିଲା। ୨ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଟିଆଇ ପରେଡ କୋର୍ଟ ବନ୍ଦ ଯୋଗୁ ବାତିଲ ହୋଇଥିଲା। ୩ ତାରିଖରେ ଟିଆଇ ପରେଡ ନିମନ୍ତେ ଆଶାକର୍ମୀ କୋର୍ଟ ଯିବା ପାଇଁ ପାରାଦୀପ ଆଦର୍ଶଥାନା ପୋଲିସ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଧରି ନ ଥିଲେ। ପୋଲିସ ତାଙ୍କ ଘରେ ପହଞ୍ଚି ବାପାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। ସେତେବେଳେ ତାଙ୍କ ବାପା କହିଥିଲେ ଝିଅ ଡ୍ୟୁଟି ଯାଇଛନ୍ତି। ରବିବାର ତାଙ୍କ ବାପା ଆଦର୍ଶ ଥାନା ବଦଳରେ ଜଟାଧାରମୁହାଁଣ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋମବାର ସକାଳୁ ପୀଡ଼ିତା ଆଶାକର୍ମୀ ଘରକୁ ଫେରିଛନ୍ତି। ଏହାପରେ ସେ ବାପାଙ୍କ ସହ ଜଟାଧାରମୁହାଁଣ ଥାନାରେ ଦେଇଥିବା ଅଭିଯୋଗକୁ ଫେରସ୍ତ ନେବା ପାଇଁ କହିଥିଲେ। ପୋଲିସ ଷ୍ଟେସନ ଡାଏରୀ (୮/୨୨)କରି ବୟାନ ରେକର୍ଡ କରିଥିଲା। ଗଣମାଧ୍ୟମକୁ ଆଶାକର୍ମୀଙ୍କ କହିବାନୁଯାୟୀ, ଶନିବାର ସାହି ପଡ଼ିଶା ଲୋକେ ଯାବତୀୟ କଥା କହିବାରୁ ସେ ଘର ଛାଡି ପଳାଇଥିଲେ। ଏପରିକି ଆତ୍ମହତ୍ୟା କରିବା ପାଇଁ ସେ କୁଜଙ୍ଗ ଷ୍ଟେଶନ ପାଖରେ ଉଦ୍ୟମ କରିଥିଲେ। ସେଠାରେ ଦୁଇଜଣ ଯୁବକ ତାଙ୍କୁ ବୁଝାଇ ଗଡକୁଜଙ୍ଗ ପାଖରେ ଜଣେ ମାଉସୀଙ୍କ ଘରେ ଆଶ୍ରୟ ଦେଇଥିଲେ। ସୋମବାର ଘର ଲୋକେ ଯିବାରୁ ଫେରିଥିଲେ ବୋଲି ଆଶାକର୍ମୀ ଜଣକ କହିଛନ୍ତି।

# ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ବନ୍ଦ ହେବ ଓଡ଼ିଶା ଆକ୍ୱା

**ସମ୍ବେଦନଶୀଳ ଅଞ୍ଚଳରେ ଚିଙ୍ଗୁଡ଼ିଘେରି ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୫।୯**

ରାଜ୍ୟର ମେସର୍ସ ଓଡ଼ିଶା ଆକ୍ୱା ଟ୍ରେଡର୍ସ ଆଣ୍ଡ ମେରାଇନ ଏକ୍ସପୋର୍ଟସ ପ୍ରାଇଭେଟ କମ୍ପାନୀକୁ ଲୋକାୟୁକ୍ତରୁ ବଡ଼ ଧକ୍କା ଲାଗିଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଣପଦାଠାରେ ଚିଙ୍ଗୁଡ଼ି ଫାର୍ମ କରିବା ପାଇଁ ୧୫ ବର୍ଷିଆ ଲିଜ୍‌କୁ ଲୋକାୟୁକ୍ତ ବାତିଲ କରିଛନ୍ତି। ଗତ ୪ ତାରିଖ ସୁଦ୍ଧା ଲିଜ୍ ବାତିଲ ସହ ରାଜ୍ୟ ସରକାରଙ୍କ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ର ଦେୟ ପ୍ରଦାନ ପାଇଁ ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲାର ତତ୍କାଳୀନ ଆବାହକ ସ୍ୱର୍ଗତ ରଞ୍ଜନ କୁମାର ଦାସଙ୍କ ମୂଳ ମାମଲା ଶୁଣାଣି କରି ଲୋକାୟୁକ୍ତ ଅଗଷ୍ଟ ୨୨ରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର କେନ୍ଦ୍ରାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ମାମଲା (କେସ୍ ନଂ.୧୭୦/୨୦)ର ପରିଚାଳନା ଅଭିଯୋଗକାରୀ ଓସାର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ କହିଛନ୍ତି ଯେ, ଓଡ଼ିଶା ଆକ୍ୱା ଓ ଫାଲ୍‌କନ ମେରାଇନ ଏକ୍ସପୋର୍ଟସ ଲିମିଟେଡ ନାମକ ୨ କମ୍ପାନୀ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଣପଦା ଓ ଜଗତଜୋରରେ ଚିଙ୍ଗୁଡି ଚାଷ ପାଇଁ ୨୦୧୬ରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ସହ ଏକ ଏମ୍‌ଓୟୁ କରିଥିଲେ। ଏହି ଏମ୍‌ଓୟୁ ବଳରେ ଫାଲ୍‌କନ ଜଗତଜୋରଠାରେ ଏବଂ ଓଡ଼ିଶା ଆକ୍ୱା ନିଜର ଭିତ୍ତିଭୂମି ବଣପଦାଠାରେ ୨୦୧୭ରୁ ୧୧୩୭ ଏକର ଜମି ଉପରେ ପ୍ରତିଷ୍ଠା କରିଥିଲେ। ତେବେ ଏହି ଦୁଇ ସ୍ଥାନ ଭିତରକନିକା ପରିବେଶ ସମ୍ବେଦନଶୀଳ ଜୋନ୍ ମଧ୍ୟରେ ଆସୁଛି। ଚିଙ୍ଗୁଡ଼ିଘେରିର କୁପ୍ରଭାବ ସ୍ଥାନୀୟ ବାସିନ୍ଦା ଓ ଭିତରକନିକା ସଂରକ୍ଷିତ ଅଞ୍ଚଳରେ ପଡ଼ିବା ଆଶଙ୍କାରେ ୨୦୨୦ ଜାନୁୟାରୀ ୨୭ରେ ରଞ୍ଜନ ଦାସ ଲୋକାୟୁକ୍ତରେ ମାମଲା କରିଥିଲେ। ତେବେ ଏହାର ୪ ଦିନ ପରେ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଦୁଇ କମ୍ପାନୀ ମାମଲାକୁ ବିରୋଧ କରି ଏମ୍‌ଓୟୁ ଅନୁଯାୟୀ ୧୫ ବର୍ଷ ପର୍ଯ୍ୟନ୍ତ ଲିଜ୍ ବାତିଲ ନ କରିବାକୁ ଯୁକ୍ତି ବାଢ଼ିଥିଲେ। ତେବେ ପରବର୍ତ୍ତୀ ସମୟରେ ଫାଲ୍‌କନ ଏଥିରୁ ଓହରି ଯାଇଥିବା ଲୋକାୟୁକ୍ତଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜ୍ୟ ମତ୍ସ୍ୟ ବିଭାଗ ଓ ଲୋକାୟୁକ୍ତଙ୍କ ତଦନ୍ତ ରିପୋର୍ଟ ପରେ ଓଡ଼ିଶା ଆକ୍ୱାକୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଗୁରୁ ଦିବସ ପାଳିତ**

କାକଟପୁର,(ଡି.ଏନ୍.ଏ.): କାକଟପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ଅବସରରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଧୀରେନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷା ଅଧିକାରୀ ମନ୍ଦରଧର ମହାନ୍ତି, ମୁଖ୍ୟବକ୍ତା ଶିକ୍ଷାବିତ୍ ଲକ୍ଷ୍ମୀଧର ଖୁଣ୍ଟିଆ, ସମ୍ମାନିତ ଅତିଥି ସ୍ୱପ୍ନେଶ୍ୱର ସାହୁ, ନିରୋଦ ବରଣ ମହାନ୍ତି, ଭୋଳାନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗୁରୁଦିବସ ତାତ୍ପର୍ଯ୍ୟ ଉପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ପୋଷାକ ବିତରଣ କରାଯାଇଥିଲା। କାର୍ଯ୍ୟନିର୍ବାହୀ ପ୍ରଧାନ ଶିକ୍ଷକ ପ୍ରତାପ ରାଉତ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ପରଲୋକ



ଅସ୍ତରଙ୍ଗ, ୫।୯(ଡି.ଏନ୍.ଏ.)- ଅସ୍ତରଙ୍ଗ ମାଛଧରା ବନ୍ଦର ପ୍ରତିଷ୍ଠା କ୍ଷେତ୍ରରେ ଯଥେଷ୍ଟ ଅବଦାନ ଥିବା ଓ କାକଟପୁର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଝାଡ଼ଲିଙ୍ଗ ଗ୍ରାମର ପ୍ରତାପ ଚନ୍ଦ୍ର ବାରିକ (୭୫)ଙ୍କ ଦେହାନ୍ତ ହୋଇଯାଇଛି। ସେ ଜଣେ ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ଥିଲେ। ଏଥିସହ ସ୍ୱର୍ଗତ ବାରିକ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହିତ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡିତ ରହି ବିଭିନ୍ନ ପଦପଦବୀରେ ଥିଲେ। କାକଟପୁର ଅସ୍ତରଙ୍ଗ ଅଞ୍ଚଳରେ ପ୍ରଥମ ଯାତ୍ରା ରଙ୍ଗମଞ୍ଚ ଝିଲି ମିଲି ଅପେରା ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ମନୋଜ ମୁଖାଗ୍ନି ଦେଇଥିଲେ।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

ଡେଲାଙ୍ଗ,୫।୯(ଡି.ଏନ୍.ଏ.)- ଚୋରି ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ସୋମବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିପୁର ଗ୍ରାମର ହାପି ଓରଫ ଅନିଲ କୁମାର ବଳିୟାରସିଂହ(୨୬), ସଦାନନ୍ଦ ଶ୍ରୀଚନ୍ଦନ(୨୭)। ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଜେରକ୍ସ ମେଶିନ ଓ ଅଟାକଳ ଜବତ କରାଯାଇଛି। ନିପୁର ଗ୍ରାମର ଭିକାରୀ ସୁବୁଧିଙ୍କ ଦୋକାନ ଘରୁ ଗତ୨ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ଅଟାକଳ ଓ ଜେରକ୍ସ ମେଶିନ ଚୋରି କରି ନେଇଥିବା ୩ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୨୪୭/୨୨ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଗ୍ରାମର ହାପି ଓ ସଦାନନ୍ଦ ଚୋରିରେ ସମ୍ପୃକ୍ତ ଥିବା କୌଣସି ସୂତ୍ରରୁ ପୋଲିସ ଖବରପାଇ ଉଠାଇ ଆଣି ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନେ ସ୍ୱୀକାର କରିବା ପରେ ସୋମବାର ଗିରଫ କରାଯାଇଛି।

# ସେବା ଯୋଗାଇ ପାରୁନି ଆମ୍ବୁଲାନ୍ସ

## ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହଇରାଣ

ଗୋପ,୫।୯(ଡି.ଏନ୍.ଏ.)




ରାଜ୍ୟ ସରକାର ଜରୁରିକାଳୀନ ରୋଗୀ ସେବା ପାଇଁ ଯୋଗାଇ ଦେଇଛନ୍ତି ୧୦୮ ଆମ୍ବୁଲାନ୍ସ। ମାତ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଗୋଟିଏ ୧୦୮ ଆମ୍ବୁଲାନ୍ସ ଦ୍ୱାରା ସେବା ଯୋଗାଇ ହୋଇପାରୁନାହିଁ। ରୋଗୀ ସଂଖ୍ୟା ବଢ଼ିଯାଉଥିବା ବେଳେ ଗାଡ଼ି ଅଭାବ ରହୁଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ତେଣୁ ଏଠାରେ ଜିଲା ପ୍ରଶାସନ ପକ୍ଷରୁ ଆଉ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଏକ ପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇ ଥିବା ବେଳେ ଏହି ଡାକ୍ତରଖାନା ଉପରେ ଦୈନିକ ଶତାଧିକ ରୋଗୀ ନିର୍ଭର କରିଥାନ୍ତି। ଦୀର୍ଘଦିନ ଧରି ଆଉ ଗୋଟିଏ ୧୦୮ ଆମ୍ବୁଲାନ୍ସ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦେବାକୁ ଦାବି କରା ଯାଉଛି। ପ୍ରତ୍ୟେକ ଦିନ ୧୦୮ ଆମ୍ବୁଲାନ୍ସ ଓଡି-୦୨-ବିଜେ-୬୭୫୧ ଟି ଦୀର୍ଘ ଦିନ ଧରି ଚାଲୁଥିବା ବେଳେ କିଛିଦିନ ହେବ ଗାଡ଼ିର ପଛଚକ ପାଖରେ ଏକ ତାର ବାହାରି ପଡ଼ିଛି। ଏହାକୁ ଦେଖି ରୋଗୀ ସେଥିରେ ଯିବାକୁ ଅମଙ୍ଗ ହେଉଛନ୍ତି। ଏପରିକି ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀ ଏଠାକୁ ଆସୁ ନ ଥିବାବେଳେ ଆମ୍ବୁଲାନ୍ସ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଗାଡ଼ିର ମରାମତି କରାଯିବା ସହିତ ନୂଆ ଆମ୍ବୁଲାନ୍ସ ଆସିବ ବୋଲି କହିଛନ୍ତି।



ପୁରୀ ଘୋଡାବଜାରସ୍ଥିତ ସରସ୍ୱତୀ ଜ୍ଞାନ ମନ୍ଦିରରେ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ ।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସତ୍ୟବାଦୀ ବ୍ଲକ ଶାଖା ପୁନଃଗଠିତ

ପୁରୀ ଅଫିସ, ୫।୯:

ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସତ୍ୟବାଦୀ ବ୍ଲକ୍ ଶାଖା ପୁନଃଗଠିତ ହୋଇଛି। ମଞ୍ଚର ସଭାପତି ଭାବେ ବୀରେନ୍ଦ୍ର ଭୂଷଣ ହୋତା, ଯୁଗ୍ମଉପସଭାପତି ବାଳକୃଷ୍ଣ ମହାପାତ୍ର ଓ ଦେବେନ୍ଦ୍ର ମହାପାତ୍ର, ସମ୍ପାଦକ କାହ୍ନୁ ଚରଣ ପ୍ରଧାନ, ସହସମ୍ପାଦକ ବସନ୍ତ ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମହିଳା ମୋର୍ଚ୍ଚା ସଂଯୋଜିକା ଭାବେ ସରସ୍ୱତୀ ରାଉତ, ଯୁବମୋର୍ଚ୍ଚା ସଂଯୋଜକ ଶରତ କୁମାର ମାଝି, କାର୍ଯ୍ୟକାରୀ କମିଟି ସଭ୍ୟ ବିପିନ ପରଡ଼ା, ଶେଖର ଗୁରୁ ଏବଂ ଛବି ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ସତ୍ୟବାଦୀର ଯେଉଁ ଅନୁଷ୍ଠାନରେ ଦୁର୍ନୀତି ହେଉଥିବ ତାହାର ଉପଯୁକ୍ତ ପ୍ରମାଣ ସହ ସଭାପତିଙ୍କୁ ମୋବାଇଲ ଫୋନ୍ ନଂ. ୮୪୮୦୩୪୬୮୮୭ ମାଧ୍ୟମରେ ଜଣାଇବାକୁ କୁହାଯାଇଛି।

## ଅଠେଇଶ ଜଗନ୍ନାଥ ମନ୍ଦିରରେ ରତ୍ନମୁଦ

ସାକ୍ଷୀଗୋପାଳ, ୫।୯(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଠେଇଶ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ରତ୍ନମୁଦ ଓ ଦଧିନଉତି ସ୍ଥାପନ ଅବସରରେ ସମ୍ପୂର୍ଣ୍ଣ ଗ୍ରାମଟି ଉତ୍ସବମୁଖର ହୋଇଥିଲା। ଏହି ଅବସରରେ ପ୍ରତ୍ୟୁଷରୁ ମନ୍ଦିରରେ ଠାକୁରଙ୍କ ସତନ୍ତ୍ର ଦେବନୀତି କରାଯାଇଥିଲା। ସୁଗନ୍ଧିତ ଜଳ କଳସୀରେ ଠାକୁରଙ୍କୁ ଅଭିମନ୍ତ୍ରିତ କରାଯାଇଥିଲା। ପରେ ସିଂହାସନ ରୂଢ଼ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା'ସୁଭଦ୍ରାଙ୍କୁ ନୂତନ ବସ୍ତ୍ର ପରିଧାନ ସହ ସୁଗନ୍ଧିତ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ହୋମ ଯଜ୍ଞ ସହିତ ହରିନାମ, ହୁଳ ହୁଳି ଓ ଘଣ୍ଟ ଘଣ୍ଟା ଶବ୍ଦରେ ଗ୍ରାମ ଉତ୍ସବ ମୁଖରିତ ହୋଇଉଠିଥିଲା। ରତ୍ନମୁଦ ପାଇଁ ଶ୍ରଦ୍ଧାଳୁମାନେ ଦାନ କରିଥିବା ସୁନା, ରୁପା, କଂସା, ପିତଳ, ଧାନ, ମୁଗ, ବିରି ଓ ବିଭିନ୍ନ ପଦାର୍ଥକୁ ଉପସ୍ଥିତ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ସଂସ୍କାର କରାଯାଇ ବେଦପାଠ ଉଚ୍ଚାରଣ ଓ ପୂଜାର୍ଚ୍ଚନା ପରେ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିର ଉପରେ ରତ୍ନମୁଦ ଦିଆଯାଇ ଦଧିନଉତି ଖଞ୍ଜାଯାଇଥିଲା। ଗ୍ରାମର ରାଜେନ୍ଦ୍ର ମହାପାତ୍ର, ଜୟପୁର ଗ୍ରାମର ଦିବାକର ଶତପଥୀ ଓ ସ୍ଥାନୀୟ ଗୁରୁକୁଳ ଅନୁଷ୍ଠାନର କୋଚ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ପୂଜକ ଭାସ୍କର ଦୀକ୍ଷିତ ଓ ମନ୍ଦିର ପରିଚାଳନା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ ଠାକୁରଙ୍କ ସେବା କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ।



ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଓ ଗୁରୁଦିବସ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

## ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ଗୁରୁଦିବସ ସମାରୋହ

ପୁରୀ ଅଫିସ ୫।୯

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଏବଂ ଗୁରୁଦିବସ ସମାରୋହ ସୋମବାର ଯୁଥ ହଷ୍ଟେଲ ସଭାଗୃହ ପରିସରରେ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରଫେସର ଅଦ୍ୱୈତ ଚରଣ ଧଳ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଜଗନ୍ନାଥ ବସ୍ତିଆ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ସାମାଜିକ ଜୀବନରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ଦୁଃଖ, ଯନ୍ତ୍ରଣା ଓ ଦୁର୍ଭାଗ୍ୟଜନକ ଘଟଣା। ଏଭଳି ସ୍ଥିତିରୁ ସାମାଜିକ ଜୀବନକୁ ସୁନିୟନ୍ତ୍ରିତ କରିବାରେ ଗୁରୁମାନଙ୍କର ଭୂମିକା ରହିଛି। ଏଣୁ ଗୁରୁମାନେ ସମାଜ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଅବସରରେ ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଅନିଲ କୁମାର ବିଶ୍ୱାଳ, ଦାମୋଦର ପାଢ଼ୀ, ବିଶ୍ୱମ୍ଭର ସାହୁ, ମୀନା କୁମାରୀ ପ୍ରଧାନ, ସନ୍ତୋଷ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀଧର କର ସ୍ମୃତି ସମ୍ମାନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମିଶ୍ର ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସମ୍ପାଦକୀୟ ବିବରଣୀ ଉପସ୍ଥାନ କରିଥିଲେ। ସଦାଶିବ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ, ରମେଶ ଚନ୍ଦ୍ର ବଳିୟାର ସିଂହ, ବିଜୟ କୁମାର ପଣ୍ଡା ଓ ଅନିଲ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମନୋଜ କୁମାର ସାମନ୍ତରାୟ, ପ୍ରଫେସର ଚିତ୍ରସେନ ପ୍ରଧାନ, ବାମଦେବ ରାଉତରାୟ, ବ୍ରହ୍ମାନନ୍ଦ ଦାସ, ଆଶାଲତା ପ୍ରଧାନ, ଦୁର୍ଗାବତୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣେଶ୍ୱର ମହାପାତ୍ର, ଅଭିରାମ ଜେନା, ଚନ୍ଦ୍ରଶେଖର ମିଶ୍ର ଓ ଦାସରଥୀ ମହାପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ। ସଦାଶିବ ମିଶ୍ର ଓ ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଗୁରୁଦିବସ ପାଳିତ

ଡେଲାଙ୍ଗ,୫।୯(ଡି.ଏନ୍.ଏ.)

ଡେଲାଙ୍ଗର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ଲିପ୍ସା ଏଜୁକେଶନ ଟ୍ରଷ୍ଟ ଓ ଆଶା ଫାଉଣ୍ଡେଶନ ସହଯୋଗରେ ଗୁରୁଦିବସ ପାଳିତ ହୋଇଛି। ଶିକ୍ଷକ ବଳଭଦ୍ର ବରେଇଙ୍କ ସଭାପତିତ୍ୱରେ ଅନାମ ମଲ୍ଲିକ, ଅନୁଷ୍ଠାନ ସଭାପତି ପୂର୍ଣ୍ଣେନ୍ଦୁ ପ୍ରଧାନ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ଗୁରୁ ଦିବସର ଉଦ୍ଦେଶ୍ୟ ଓ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁ, ସନ୍ତୋଷ ପ୍ରଧାନ, ଶିକ୍ଷୟିତ୍ରୀ ଜୟନ୍ତୀ ଜେନା, ମିନତି ବାରିକ, ରୁକୁନି ମହାପାତ୍ର, ଝୁନୁ ବେହେରା ଓ ପରିବେଶ ପ୍ରେମୀ ହୃଷୀକେଶ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା।

## ମଦ ଜବତ ଜଣେ ଗିରଫ

ଡେଲାଙ୍ଗ,୫।୯(ଡି.ଏନ୍.ଏ.)

ଚୋରାମଦ କାରବାର ଘଟଣାରେ ଡେଲାଙ୍ଗ ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟାଙ୍ଗିଭଁସର ଗ୍ରାମର ପ୍ରଭାକର ବେହେରା(୩୫)। ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଓ ଗୋଟିଏ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ପୋଲିସ ନଂ.୨୪୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ସନ୍ଧ୍ୟା ସମୟରେ ବାଇକରେ ୧୫ ଲିଟର ମଦ ଧରି ହରିରାଜପୁର ଅଭିମୁଖେ ଯାଉଥିଲେ। ପୋଲିସ ପାଟ୍ରୋଲିଂ ଗାଡି ଅଟକାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

**NOTICE**

**No. 670/Agril** **Dated: 03.09.2022**

No. L-73: This is to inform all concern that EOI Notice No. 640 dated 24.08.2022 may kindly be viewed and downloaded all documents and DTCN from **agrisnetodisha.ori.nic.in** instead of **agriodisha.nic.in**.

**Sd./- Executive Engineer (Agril)**
**Agriculture Engg. Division, Nayagarh**
OIPR-01449/11/0003/2223

# ପ୍ରଶାସନ ଶୁଣିଲାନି: ରାସ୍ତାରୋକୋ କଲେ ଚାଷୀ

ବଳଙ୍ଗା,୫।୯(ଡି.ଏନ୍.ଏ.):

ପ୍ରଶାସନ ପ୍ରତିଶ୍ରୁତି ଦେଇ ତାହା ରଖିଲାନି। ଫଳରେ ବଳଙ୍ଗା ଥାନା ଅନ୍ତର୍ଗତ ତରୋଇ ଶାସନ ଓ ରେସିଙ୍ଗା ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଚାଷୀ ବଳଙ୍ଗା- ନିମାପଡ଼ା ମୁଖ୍ୟ ରାସ୍ତାକୁ ଦ୍ୱିତୀୟ ଥର ପାଇଁ ୨ଘଣ୍ଟା ଧରି ଅବରୋଧ କରିଥିଲେ। ରୋଇ ଲକ୍ଷ୍ମୀ ନୃସିଂହ ହାଇସ୍କୁଲଠାରେ ହୋଇଥିବା ଅବରୋଧ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ନିମାପଡ଼ା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଓ ବଳଙ୍ଗା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣା ସ୍ଥଳରେ ପହଞ୍ଚିଥିଲେ। ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରି ଆସନ୍ତା ୩ ଦିନ ମଧ୍ୟରେ ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ମୁତାବକ, ହାଇସ୍କୁଲ ପାର୍ଶ୍ୱ ଦେଇ ଦନ୍ଦିପୁରକୁ ଯାଇଥିବା ନୂତନ ରାସ୍ତା ଯୋଗୁ ତରୋଇ ଏବଂ ରେସିଙ୍ଗା ଗ୍ରାମର ୨୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଚାଷଜମି ଜଳମଗ୍ନ ହୋଇ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ପ୍ରଶାସନ ପକ୍ଷରୁ ଜମିରୁ ଜଳ ନିଷ୍କାସନ ପାଇଁ ଚାଷୀ ଗତ ଜୁଲାଇ ୨୩ ରେ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ଗତ ଜୁଲାଇ ୩୦ରେ ଚାଷୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ୧୫ ଦିନ ଭିତରେ ସମାଧାନ କରିବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ତେବେ ପ୍ରତିଶ୍ରୁତି ଦେବାର ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାକୁ ଚାଷୀ ସୋମବାର ପୁନଃ ରାସ୍ତାରୋକୋ କରିଥିଲେ।



ଆନ୍ଦୋଳନକାରୀଙ୍କ ସହ ପୋଲିସ ଆଲୋଚନା କରୁଛି ।

## ଶିକ୍ଷାନୁଷ୍ଠାନରେ ଗୁରୁ ପୂଜନ

ଅସ୍ତରଙ୍ଗ,୫।୯(ଡି.ଏନ୍.ଏ.):

ଅସ୍ତରଙ୍ଗ ବ୍ଲକ ଶିକ୍ଷା ସର୍କଲର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ର ସେମାନଙ୍କ ଆସନରେ ବସାଇ ପୂଜନ କରିଥିଲେ। ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ସ୍ମୃତି ଚାରଣ କରିଥିଲେ। ଅସ୍ତରଙ୍ଗ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ସେନାପତି, ସହକାରୀ ଶିକ୍ଷକ ନିରଞ୍ଜନ ବେହେରା, ଯତିନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ରନାଥ ବିଶ୍ୱାଳ, ଶିକ୍ଷୟିତ୍ରୀ ରଙ୍ଗଲତା ସ୍ୱାଇଁ, ସୁପ୍ରଭା ପ୍ରଧାନ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି, ପ୍ରିୟବ୍ରତ ପରିଡା, ବାଜପୁର ଭଗବତୀ ନୋଡ଼ାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଚପଳା ବେହେରା, ଦିଲୀପ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୁନ୍ଦର ସୁରେନ୍ଦ୍ର ନାଥ ବିଦ୍ୟାପୀଠ, ଅସ୍ତରଙ୍ଗ ଶିଶୁ ମନ୍ଦିର, ବିଭିନ୍ନ ବେସରକାରୀ ଅନୁଷ୍ଠାନଗୁଡିକରେ ମଧ୍ୟ ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଥିଲା।

**OFFICE OF THE SUPERINTENDING ENGINEER**
**JHARSUGUDA(R&B) DIVISION**
E-mail ID: eepwdjsg2014@gmail.com
Telephone: 06645-271242, Kalimandir Road, Jharsuguda, 768202
No.3459, Dt.26.08.22

**1st Corrigendum to e- Procurement Notice**
**BID No- EE R&B- JSG-10 of 2022-23**

**No.B-543:**The e- Procurement Notice BID No- EE R&B- JSG-10 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is here by extended from **10.00 A.M. 12.09.22 to 17.00 Hrs** 22.09.22 and critical date hereby modified as **10.00 A.M 26.08.2022 to 17.00 Hours 05.09.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt. 23.09.22 in place of Dt.06.09.2022.
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

**Sd./- Executive Engineer, Jharsuguda (R&B) Division**
OIPR-34094/11/0011/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

**RFP No. 42326** **Date: 02.09.2022**

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1141: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 03.09.2022 at 12.00 Noon onwards. The pre-bid meeting is scheduled to be held on Dt.12.09.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 19.09.2022. For any clarification, an e-mail may be sent on **bmcpmu@bmc.gov.in**.

By Order
OIPR-13002/11/0086/2223 **Sd./- Dy. Commissioner (ABC)**

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11520** **Dated: 02.09.2022**
**Bid Identification No. MC/RMC/71/2022**

No. C-1137: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/71/2022 for 02 Nos. Civil work with value of Rs.56.75 lakh to 71.04 lakh.

1. Bid documents will be available in website **www.tendersorissa.gov.in** from 03.09.2022.
2. Bids must be submitted on "Online" on or before 13.09.2022 by 17.00 hours.
3. Bids shall be opened at 11.00 hours on 14.09.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0094/2223

**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**

No. CAD-1692: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2471 Dt.03.09.2022, Kaptipada Sub-Division (Tender No. 2472 Dt.03.09.2022), Panchpir Sub-Division (Tender No. 2473 Dt.03.09.2022) & (Tender No. 2474 Dt.03.09.2022) under Mayurbhanj District.**
Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.13.09.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 27.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.28.09.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.28.09.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO-cum-District Manager**
**OSCSC Ltd., Mayurbhanj**
OIPR-07046/11/0004/2223

**NOTICE INVITING TENDER**
**Office of Chief CSO/CSO-cum-District Managers**
**Odisha State Civil Supplies Corporation Ltd. District- Jajpur**
**Tender No.3414, Dated: 05.09.2022**
**Cost of Tender Document:- Rs.5900/- Inclusive of GST for each UNIT**

**No.CAD-1696:**Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.06.09.2022 Downloadable from website www.oscsc.in & www.tendersodisha.gov.in. |
| 2 | Date, Time & Venue for Pre-bid conference | On dt.09.09.2022 at 11.00 AM Office of CSO-cum-DM, OSCSC Ltd., Jajpur |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 21.09.2022 at 5.00 PM |
| 4 | Date, Time and Venue for Opening of Technical Bid by the Tender Committee | On dt.23.09.2022 at 11.00 AM at Collectorate, Jajpur |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt.23.09.2022 at 11.00 AM onwards At Collectorate, Jajpur |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO/CSO-cum-District Managers, OSCSC Ltd.**
OIPR-07016/11/0003/2223

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHAMPUR - 760004, GANJAM, ODISHA**
Tel.: 0680-2292624, Fax: 0680-2292752
E-mail: supdtmkcg@gmail.com, supdtmkcg-bam@gov.in
No. 12175 MCH/CS/2022 Date: 05.09.2022

**1st CORRIGENDUM TO THIS OFFICE TENDER CALL NOTICE No. - 11332, Dt. 20.08.2022 (Supply of Medicine and Injectable Items a) published in Odiya daily The Dharitri and English daily The New Indian Express on 21.08.2022**

No. E-440: The bidders should not quote the items listed as Annexure - X(Donwload from **www.ganjam.nic.in**) in this tender as these are already exists and tender period is not expired.
The other specification, terms and conditions remain unchanged.

**Sd./- Superintendent**
**M.K.C.G. Medical College Hospital**
**Berhampur**
OIPR-10028/11/0009/2223

## ସଂକ୍ଷେପରେ

### ଗାଡି ସାଇଡ୍ ନ କରିବାରୁ ଖଣ୍ଡା ଚୋଟ

**ଭୁବନେଶ୍ୱର,୫।୯(ବ୍ୟୁରୋ):** ଗାଡି ସାଇଡ କରିବାକୁ ମନା କରିବାରୁ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସୋମବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ଅଞ୍ଚଳର ପୁରୁଷୋତ୍ତମ ସାହୁ (୩୨)। ପୋଲିସ ତାଙ୍କଠାରୁ ବ୍ୟବହୃତ ଖଣ୍ଡାକୁ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୪୫୬/୨୨) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଏକ ଟ୍ରକ ଡ୍ରାଇଭର ଡୁମୁଡୁମା ପାଲାମଣ୍ଡପ ପର୍ଯ୍ୟନ୍ତ ରାସ୍ତା ପାଉ ନ ଥିବାରୁ ମଳୟ ପୁରୋହିତ ତାଙ୍କୁ ରାସ୍ତା ଦେଖାଉଥିଲେ। ସେହି ସମୟରେ ପୁରୁଷୋତ୍ତମ ଓ ତାଙ୍କର କିଛି ସହଯୋଗୀ ଏକ ସ୍କୁଟି ଯୋଗେ ଉକ୍ତ ରାସ୍ତାରେ ଯାଉଥିଲେ। କିଡ୍ସ ଛକ ନିକଟରେ ପୁରୁଷୋତ୍ତମ ଟ୍ରକ ଡ୍ରାଇଭରଙ୍କୁ ଗାଡି ସାଇଡ କରିବାକୁ କହିଥିଲେ। ଉପସ୍ଥିତ ମଳୟ ପୁରୁଷୋତ୍ତମଙ୍କୁ ଗାଡି ସାଇଡ୍‌ରେ ବାଟ ଥିବାରୁ ସେହି ବାଟେ ଯିବାକୁ କହିଥିଲେ। ହେଲେ ପୁରୁଷୋତ୍ତମ ଗାଡି ପୁରା ସାଇଡ ନ କଲେ ସେଠାରୁ ଯିବେନି ବୋଲି କହିଥିଲେ। ମଳୟଙ୍କୁ ଗାଡି ସାଇଡ ହେବାକୁ ସମୟ ଲାଗିବ ବୋଲି ମଳୟ କହିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। କ୍ରୋଧାନ୍ୱିତ ହୋଇ ପୁରୁଷୋତ୍ତମ ସାଙ୍ଗରେ ଧରିଥିବା ଏକ ଖଣ୍ଡା ସାହାଯ୍ୟରେ ମଳୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ଏନେଇ ମଳୟଙ୍କ ବାପା ପରମାନନ୍ଦ ପୁରୋହିତ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ପୁରୁଷୋତ୍ତମ ଗିରଫ କରିଥିଲା।

### ୪୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ ଅଫିସ,୫।୯:** ଅବକାରୀ ବିଭାଗର ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଛକରେ ଚଢ଼ାଉ କରାଯାଇ କାର୍(ନଂ.ଓଡି୦୬ଠ୬୧୧୫) ସହ ୪୪ କେଜି ଗଞ୍ଜେଇ ସୋମବାର ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ହରିଘାଟ ଥାନା ଅନ୍ତର୍ଗତ ନାପିତ ସାତବେରିଆର ସମିରୁଲ ଗୋଲଦାର, ଉତ୍ତର ୨୪ ପ୍ରଗଣା ଜିଲା ଅଶୋକ ନଗର ଥାନା ଅନ୍ତର୍ଗତ ଦକ୍ଷିଣପଡ଼ାର ଖଟେକୁଲ ଅଙ୍କୁଞ୍ଜି ଓ ହାଫିଜୁଦ୍ଦିନ।

# ନିଦ ନ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ କୁନି

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି ବରକୁଦାସ୍ଥିତ ଏକ ଘରୋଇ ନର୍ସିଂ କଲେଜର ପ୍ରଥମବର୍ଷ ଛାତ୍ରୀ କୁନି କହଁର(୨୩) ରବିବାର ଆତ୍ମହତ୍ୟା କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସୋମବାର ପୂର୍ବାହ୍ନରେ ପରିବାର ଲୋକଙ୍କ ଉପସ୍ଥିତିରେ କମିଶନରେଟ ପୋଲିସ କୁନିଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୦୨୨) ରୁଜୁ କରି ତଦନ୍ତ କରାଯାଉଥିବା ବେଳେ କୁନିଙ୍କ ହଷ୍ଟେଲ ରୁମ୍‌ରୁ ପୋଲିସ ଏକ ହାତଲେଖା ନୋଟ୍ ଜବତ କରିଛି। ନିଦ ହେଉ ନ ଥିବାରୁ କୁନି ଏଭଳି ଚରମ ନିଷ୍ପତ୍ତି ନେଇଥିବା ଉକ୍ତ ଚିଠିରୁ ଜଣାପଡିଛି।

ଚିଠି ଆରମ୍ଭରୁ ଆଦିବାସୀ ଭାଷାରେ ଉଲ୍ଲେଖ ରହିଛି 'ମା, ପରିବାର, ସାଙ୍ଗସାଥୀ ସମସ୍ତଙ୍କୁ ମୁଁ କ୍ଷମା ମାଗୁଛି। ଏଥିରେ କାହାର ଦୋଷ ନାହିଁ। ମୋତେ ନିଦ ନ ହେବାରୁ ଶୋଇପାରୁନାହିଁ। କଷ୍ଟ ଲାଗୁଛି। ଆଉ କିଛି କରିବାର ଇଚ୍ଛା ବି ନାହିଁ। ମୁଁ କ'ଣ କରିବି କିଛି ବୁଝିପାରୁ ନାହିଁ। ଭଗବାନ ମୋତେ ନେଇଯାଅ, ସରି ସରି, କାହାର କିଛି ଭୁଲ୍ ନାହିଁ, ପୋଲିସ କିଛି ନ କରିବାକୁ ଚିଠିରେ ଅନୁରୋଧ କରାଯାଇଛି। ତେବେ ହାତଲେଖାଟି କୁନିଙ୍କର ନା ନୁହେଁ, ତାହା ଜାଣିବାକୁ ଉକ୍ତ ଚିଠିକୁ ଲାବ୍‌କୁ ପଠାଯିବ ବୋଲି ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏଥିସହ ମାମଲାର ତଦନ୍ତ ଚାଲିଥିବାବେଳେ ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରାଯାଉଛି। ଏଥିସହ ପୋଷ୍ଟମର୍ଟମ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଥିବା ଥାନାଧିକାରୀ କହିଛନ୍ତି। ଏପଟେ କୁନିଙ୍କ ବାପା କହିଛନ୍ତି, ଝିଅକୁ ନେଇଯିବାକୁ କଲେଜ କର୍ତ୍ତୃପକ୍ଷ ମୋତେ କହିଥିଲେ। କୁନିଙ୍କୁ ରାତି ସାରା ନିଦ ହେଉନାହିଁ। ହଷ୍ଟେଲ ବିଭିନ୍ନ ମହଲାରୁ ସେ ତଳ ଉପର ହେଉଛନ୍ତି। ତେଣୁ ଅନ୍ୟ ଝିଅମାନେ ତାଙ୍କୁ ଜଗି ରହୁଛନ୍ତି ବୋଲି କଲେଜ କର୍ତ୍ତୃପକ୍ଷ ଜଣାଇଥିବା ସେ କହିଛନ୍ତି। ତେବେ ନିଦ ନ ହେବା କାରଣରୁ ଜଣେ ଛାତ୍ରୀ ଏଭଳି ଚରମ ନିଷ୍ପତ୍ତି ନେବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ନିଦ୍ରାରୋଗ ବିଶେଷଜ୍ଞ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ କହିଛନ୍ତି, ଯେତେ ପ୍ରକାରର ନିଦ୍ରା ରୋଗ ଅଛି, ତାହା ଭିତରୁ ସବୁଠୁ ଭୟାନକ ରୋଗ ହେଉଛି ସ୍ଲିପ୍ ଅନ୍‌ସେଟ୍ ଇନ୍‌ସୋମ୍ନିଆ। ଏହାଦ୍ୱାରା ଜଣେ ଆତ୍ମହତ୍ୟା କରିବାର ସମ୍ଭାବନା ଥିବା ବୈଜ୍ଞାନିକଙ୍କ ମତ ରହିଛି। ସାଧାରଣତଃ ଅତ୍ୟଧିକ ମୋବାଇଲ ବ୍ୟବହାରରୁ ଏଭଳି ରୋଗ ହେଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ମୃତା ଛାତ୍ରୀ କୁନିଙ୍କ ଘର ବଲାଙ୍ଗୀର ଜିଲା ମୁରିବାହାଲ ଥାନା ବନବାହାଲ ଗ୍ରାମରେ। କୁନି ରବିବାର ଉକ୍ତ ନର୍ସିଂ କଲେଜର କମନ୍ ରୁମ୍‌ରେ ଏକ ଓଢ଼ଣି ଦ୍ୱାରା ଝୁଲି ପଡ଼ିଥିବା କର୍ମଚାରୀ ଦେଖିଥିଲେ। କଲେଜ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୋଲିସ କଲେଜରେ ପହଞ୍ଚି କୁନିଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଉକ୍ତ ରୁମ୍‌କୁ ତାଲା ପକାଇ ରଖିଥିଲା।





କୁନି କହଁର ଏବଂ ପୋଲିସ ଜବତ କରିଥିବା ହାତଲେଖା ଚିଠି।

**ରାଜଧାନୀରେ ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**
- ହଷ୍ଟେଲ ରୁମ୍‌ରୁ ମିଳିଲା ହାତଲେଖା ନୋଟ୍
- ଲେଖାଅଛି 'ଭଗବାନ ମତେ ନେଇଯାଅ'
- ପୂର୍ବରୁ ଅଭିଭାବକଙ୍କୁ ଜଣାଇଥିଲେ କଲେଜ କର୍ତ୍ତୃପକ୍ଷ



ସ୍ଥାୟୀ ଚାକିରି, ନିୟମିତ ଦରମା ସମେତ ୬ ଦଫା ଦାବିରେ ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

## ରାଜଧାନୀ-୯୧ ପକ୍ଷରୁ ଗୁରୁ ଦିବସ

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ରାଜଧାନୀ ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଟ୍ରଷ୍ଟ ରାଜଧାନୀ-୯୧ ପକ୍ଷରୁ ସୋମବାର ଗୁରୁ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ.ହେମନ୍ତ କୁମାର ପରିଜା, ଡ.ବନମାଳୀ ବାରିକ୍, ଜିତେନ୍ଦ୍ର ନାରାୟଣ ଦାଶ,(ଦାଶ୍ ବେନ୍ହୁର), ସଚ୍ଚିଦାନନ୍ଦ ତ୍ରିପାଠୀ, ଡ.କମଳାକାନ୍ତ ବଳ ଓ ଜୟନ୍ତୀ ପଣ୍ଡା ଆଦି ଗୁରୁମାନେ ଏହି ଅବସରରେ ଯୋଗଦେଇ ନିଜ ନିଜର ଆଲୋଚନାରେ ରାଜଧାନୀ ମହାବିଦ୍ୟାଳୟରେ ବିତାଇଥିବା ମୁହୂର୍ତ୍ତ ଓ ପ୍ରିୟ ଛାତ୍ରୀଛାତ୍ରଙ୍କ ସଂପର୍କରେ ସ୍ମୃତି ମନ୍ଥନ କରିଥିଲେ। ରାଜଧାନୀ-୯୧ର ସଭାପତି ଦେବ ପ୍ରସାଦ ପରିଜା,ଉପ ସଭାପତି ଅପୂର୍ବ କୁମାର ମହାନ୍ତି, ସଂପାଦିକା ରଞ୍ଜିତା ପାଣିଗ୍ରାହୀ ଓ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ସତ୍ୟପ୍ରିୟ ସାହୁ ପ୍ରମୁଖଙ୍କ ସମେତ ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

## ମାଲ୍ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶୀର୍ଷରେ





**ଜଟଣୀ, ୫।୯(ଡି.ଏନ୍.ଏ.)**

ପୂର୍ବତଟ ରେଲ୍‌ୱେର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ୨୦୨୨ ଅଗଷ୍ଟରେ ଭାରତୀୟ ରେଳ ମଧ୍ୟରେ ମାଲ୍ ପରିବହନରେ ଶୀର୍ଷ ସ୍ଥାନ ହାସଲ କରିଛି। ଅଗଷ୍ଟ ୨୦୨୨ରେ ଏହି ମଣ୍ଡଳ ୧୩.୨୭ ମିଲିୟନ୍ ଟନ୍ ମାଲ ପରିବହନ କରିଛି, ଯାହା ଗତବର୍ଷର ଅଗଷ୍ଟ-୨୦୨୧ରେ ଲୋଡିଂଠାରୁ ୧.୩୮% ଅଧିକ। ରାଜସ୍ୱ ବାବଦ ୧୨୭୮ କୋଟି ଟଙ୍କା ଆୟ ହୋଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୧ ଏପ୍ରିଲ୍-୨୦୨୨ରୁ ୩୧ ଅଗଷ୍ଟ-୨୦୨୨ ମଧ୍ୟରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ମୋଟ ୬୩.୮୯ ମିଲିୟନ୍ ଟନ୍ ମାଲ୍ ଲୋଡ୍ ପରିବହନ କରିଛି। ୨୦୨୨-୨୩ ବର୍ଷ ସମନ୍ୱିତ ଲୋଡିଂରେ ଭାରତୀୟ ରେଳବାଇରେ ତୃତୀୟ ସ୍ଥାନ ହାସଲ କରିଛି। ଅଗଷ୍ଟ ୨୦୨୨ରେ ତାଳଚେର, ପାରାଦୀପ, ଧାମରା, ମେରାମୁଣ୍ଡଳି ଆଦି ବିଭିନ୍ନ ଲୋଡିଂ ପଏଣ୍ଟରୁ ଡିଭିଜନ୍ ଦ୍ୱାରା ଦୈନିକ ହାରାହାରି ୧୧୬ ର୍ୟାକ୍ ମାଲ୍ ପରିବହନ କରାଯାଇଥିଲା। କୋଇଲା, ସାର, ସିମେଣ୍ଟ, କଞ୍ଚାମାଲ ଆଦି ବିଭିନ୍ନ ପାୱାର ହାଉସ୍, ଉତ୍ପାଦନକାରୀ କମ୍ପାନୀ, ଉତ୍ପାଦନ ୟୁନିଟ୍ ଏବଂ ଇଣ୍ଡଷ୍ଟ୍ରିଜ୍‌କୁ ପରିବହନ କରାଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ହିତାଧିକାରୀ ତଥା ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କଞ୍ଚାମାଲ ପରିବହନରେ ଦିନରାତି ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କୁ ପ୍ରଶଂସା କରିଛନ୍ତି।

## ଯୁବକଙ୍କ ହାତ ହାଣିଦେଲେ

**ଜଟଣୀ,୫।୯(ଡି.ଏନ୍.ଏ.)**

ରାସ୍ତାରେ ମାଟି ପକାଇବାକୁ ନେଇ ଜଟଣୀ ପୌରାଞ୍ଚଳ ନିକଟ ମଧୁସୂଦନ ନଗର ଅଞ୍ଚଳରେ ଜଣେ ବ୍ୟକ୍ତି ମାରଣାସ୍ତ୍ରରେ ଯୁବକଙ୍କୁ ଆକ୍ରମଣ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାସ୍ତାରେ ପାଣି ଯାଉଥିବାରୁ ଯୁବକ ଜଣକ ଉକ୍ତ ସ୍ଥାନରେ ମାଟି ପକାଉଥିଲେ। ଏହି ସମୟରେ ଆକ୍ରମଣକାରୀ ଘର ଆଗରେ ମାଟି କାହିଁକି ପକାଉଛୁ କହି ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବ୍ୟକ୍ତି ଜଣକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।


**NOTICE**

**No. 670/Agril** **Dated: 03.09.2022**

No. L-73: This is to inform all concern that EOI Notice No. 640 dated 24.08.2022 may kindly be viewed and downloaded all documents and DTCN from **agrisnetodisha.ori.nic.in** instead of **agriodisha.nic.in**.

**Sd./- Executive Engineer (Agril)**
**Agriculture Engg. Division, Nayagarh**
OIPR-01449/11/0003/2223


# ୬୫ବର୍ଷୀୟ ଇରାକୀୟଙ୍କ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ସମ୍ ଅଲ୍ଟିମେଟ୍ ମେଡିକେୟାର (ସମମ୍)ରେ ଜଣେ ୬୫ବର୍ଷୀୟ ଇରାକୀ ନାଗରିକଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ସେ ହେଲେ ଅବଦୁଲ ଖାଲେକ ଆବେଦ ଇମ୍ରାନ ଅଲ୍ କନନ୍। ସେ ସେଣ୍ଟ୍ରାଲ ସ୍କଲ୍ ବେସ୍ ଓଷ୍ଟିଓମାଇଲିଟିକ୍ ସମସ୍ୟାରେ ପୀଡ଼ିତ ଥିଲେ। ଇରାକରେ ଏହି ଜଟିଳ ରୋଗର ଚିକିତ୍ସା ସୁବିଧା ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ। ଚିକିତ୍ସାରେ ବିଳମ୍ବ ହେବାରୁ ଧୀରେ ଧୀରେ ତାଙ୍କ ମୁହଁ ବଙ୍କା ହୋଇଥିଲା ଓ ମୁଣ୍ଡରେ ଯନ୍ତ୍ରଣା ମଧ୍ୟ ବଢ଼ିଥିଲା। ଭାରତ ଆଣି ବାପାଙ୍କ ଚିକିତ୍ସା କରିବା ପାଇଁ ପୁଅ ସାଫା ଅବଦୁଲ ଖାଲେକ ଆବେଦ ଇଚ୍ଛା ପ୍ରକାଶ କରିଥିଲେ। ଭାରତରେ ବହୁ ହସ୍ପିଟାଲ ସନ୍ଧାନ ପରେ ସେ ଭୁବନେଶ୍ୱର ସମ୍ ଅଲ୍ଟିମେଟ୍‌ରେ ଚିକିତ୍ସା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଠାରେ ପହଞ୍ଚିବା ପରେ ଇଏନ୍‌ଟି ଆଣ୍ଡ ସ୍କଲ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଣ୍ଟ ତଥା ମୁଖ୍ୟ ଡା. ରାଧାମାଧବ ସାହୁଙ୍କ ଅଧୀନରେ ଚିକିତ୍ସା ପାଇଁ ଇମ୍ରାନ ଭର୍ତ୍ତି ହୋଇଥିଲେ। କେତେକ ପରୀକ୍ଷା କରାଯିବା ପରେ ତୁରନ୍ତ ତାଙ୍କର ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଅସ୍ତ୍ରୋପଚାର ସଫଳ ହୋଇଛି। ଏବେ ଧୀରେ ଧୀରେ ତାଙ୍କ ମୁହଁର ଅବସ୍ଥା ସୁସ୍ଥ ହେବାରେ ଲାଗିଛି ବୋଲି ଡା. ସାହୁ କହିଛନ୍ତି। ରୋଗ ସମ୍ପର୍କରେ ସେ କହିଛନ୍ତି, ଏହି ବିରଳ ରୋଗରେ ଜୀବନ ପ୍ରତି ବିପଦ ଥାଏ। ଅସ୍ଥିମଜ୍ଜାରେ ବ୍ୟାକ୍ଟେରିଆ ବା ଫଙ୍ଗସ ଯୋଗୁ କାନ ଓ ନାକରେ ଏହାର ସଂକ୍ରମଣ ହୋଇଥାଏ। କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ଓ ବହୁଳ ମାତ୍ରାରେ ମଧୁମେହରରେ ପୀଡ଼ିତ ଥିବା ବ୍ୟକ୍ତି ଏହି ସଂକ୍ରମଣର ଶିକାର ହୁଅନ୍ତି ବୋଲି ଡା. ସାହୁ କହିଛନ୍ତି। ସମ୍ ଅଲ୍ଟିମେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଶ୍ୱେତପଦ୍ମା ଦାସ କହିଛନ୍ତି, ବିଦେଶୀ ରୋଗୀଙ୍କ ଉତ୍ତମ ଚିକିତ୍ସା ଓ ପୂର୍ବାଞ୍ଚଳରେ ଚିକିତ୍ସା ପର୍ଯ୍ୟଟନକୁ ଆଗକୁ ନେବା ପାଇଁ ଆମେ ଖୁବ୍‌ଶୀଘ୍ର ଏକ ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ଥିବା ଏକ ସ୍ୱତନ୍ତ୍ର ୟୁନିଟ୍ ପ୍ରସ୍ତୁତ କରିବୁ।



### ମଦନପୁର ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟ: ବଜରଙ୍ଗବାଲି କ୍ଲବ ବିଜୟୀ

**ଯାଁଳା,୫।୯(ଡି.ଏନ୍.ଏ.):** ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ବଜରଙ୍ଗବାଲି ଘାଟିକିଆ ଏବଂ ୟଙ୍ଗ ଉତ୍କଳ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଉତ୍କଳ ଟିମ୍ କୌଣସି ଗୋଲ୍ ଦେଇ ନ ପାରିଥିବା ବେଳେ ବଜରଙ୍ଗବାଲି କ୍ଲବ ପକ୍ଷରୁ ୨୮ ଓ ୩୫ ମିନିଟରେ ତୋଫାନ ନାୟକ ୨ଟି ଗୋଲ ଦେଇଥିଲେ। ଫଳରେ ବଜରଙ୍ଗବାଲି କ୍ଲବ ବିଜୟୀ ହେବା ସହ ୧ ପଏଣ୍ଟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଖଣ୍ଡଗିରି କ୍ଲବ ଜାଗମରା ଓ ଇଲେଭେନ ଷ୍ଟାର ବେଣାଝୁରୀ ମଧ୍ୟରେ ହୋଇଥିଲା। ମ୍ୟାଚର ୧୫ ମିନିଟରେ ଖଣ୍ଡଗିରି କ୍ଲବ ପକ୍ଷରୁ ଅମୂଲ୍ୟ ଜେନା ଗୋଟିଏ ଗୋଲ ଦେଇଥିଲେ। ଜବାବରେ ୨୮ ମିନିଟରେ ଇଲେଭେନ ଷ୍ଟାର ପକ୍ଷରୁ ବାଷା ଖାନ୍ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଡ୍ର ହେବାରୁ ଉଭୟ ଟିମ୍ ୧ ପଏଣ୍ଟ ଲେଖାଏ ହାସଲ କରିଥିଲେ।


**OFFICE OF THE SUPERINTENDING ENGINEER**
**JHARSUGUDA(R&B) DIVISION**
E-mail ID: eepwdjsg2014@gmail.com
Telephone: 06645-271242, Kalimandir Road, Jharsuguda, 768202
No.3459, Dt.26.08.22

**1st Corrigendum to e- Procurement Notice**
**BID No- EE R&B- JSG-10 of 2022-23**

**No.B-543:**The e- Procurement Notice BID No- EE R&B- JSG-10 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is here by extended from **10.00 A.M. 12.09.22 to 17.00 Hrs** 22.09.22 and critical date hereby modified as **10.00 A.M 26.08.2022 to 17.00 Hours 05.09.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt. 23.09.22 in place of Dt.06.09.2022.
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

**Sd./- Executive Engineer, Jharsuguda (R&B) Division**
OIPR-34094/11/0011/2223



**Bhubaneswar Municipal Corporation**
*Progress through Partnership for better Bhubaneswar*

**RFP No. 42326** **Date: 02.09.2022**

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1141: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 03.09.2022 at 12.00 Noon onwards. The pre-bid meeting is scheduled to be held on Dt.12.09.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 19.09.2022. For any clarification, an e-mail may be sent on **bmcpmu@bmc.gov.in**.

By Order
OIPR-13002/11/0086/2223 **Sd./- Dy. Commissioner (ABC)**



**NOTICE INVITING TENDER**
**Office of Chief CSO/CSO-cum-District Managers**
**Odisha State Civil Supplies Corporation Ltd. District- Jajpur**
**Tender No.3414, Dated: 05.09.2022**
**Cost of Tender Document:- Rs.5900/- Inclusive of GST for each UNIT**

**No.CAD-1696:**Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.06.09.2022 Downloadable from website www.oscsc.in & www.tendersodisha.gov.in. |
| 2 | Date, Time & Venue for Pre-bid conference | On dt.09.09.2022 at 11.00 AM Office of CSO-cum-DM, OSCSC Ltd., Jajpur |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 21.09.2022 at 5.00 PM |
| 4 | Date, Time and Venue for Opening of Technical Bid by the Tender Committee | On dt.23.09.2022 at 11.00 AM at Collectorate, Jajpur |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt.23.09.2022 at 11.00 AM onwards At Collectorate, Jajpur |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO/CSO-cum-District Managers, OSCSC Ltd.**
OIPR-07016/11/0003/2223



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11520** **Dated: 02.09.2022**
**Bid Identification No. MC/RMC/71/2022**

No. C-1137: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/71/2022 for 02 Nos. Civil work with value of Rs.56.75 lakh to 71.04 lakh.

1. Bid documents will be available in website **www.tendersorissa.gov.in** from 03.09.2022.
2. Bids must be submitted on "Online" on or before 13.09.2022 by 17.00 hours.
3. Bids shall be opened at 11.00 hours on 14.09.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0094/2223



**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHAMPUR - 760004, GANJAM, ODISHA**
**Tel.: 0680-2292624, Fax: 0680-2292752**
**E-mail: supdtmkcg@gmail.com, supdtmkcg-bam@gov.in**
**No. 12175 MCH/CS/2022** **Date: 05.09.2022**

**1st CORRIGENDUM TO THIS OFFICE TENDER CALL NOTICE No. - 11332, Dt. 20.08.2022 (Supply of Medicine and Injectable Items a) published in Odiya daily The Dharitri and English daily The New Indian Express on 21.08.2022**

No. E-440: The bidders should not quote the items listed as Annexure - X(Donwload from **www.ganjam.nic.in)** in this tender as these are already exists and tender period is not expired.
The other specification, terms and conditions remain unchanged.

**Sd./- Superintendent**
**M.K.C.G. Medical College Hospital**
**Berhampur**
OIPR-10028/11/0009/2223



**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**

No. CAD-1692: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2471 Dt.03.09.2022, Kaptipada Sub-Division (Tender No. 2472 Dt.03.09.2022), Panchpir Sub-Division (Tender No. 2473 Dt.03.09.2022) & (Tender No. 2474 Dt.03.09.2022) under Mayurbhanj District.**
Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.13.09.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 27.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.28.09.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.28.09.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO-cum-District Manager**
**OSCSC Ltd., Mayurbhanj**
OIPR-07046/11/0004/2223

# ଜୱାଦ୍ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି ସହାୟତା

## ତହସିଲ କାର୍ଯ୍ୟାଳୟ ଆଗରେ କୃଷକ ସଙ୍ଗଠନର ବିକ୍ଷୋଭ

ବୋଲଗଡ଼,୫ା୯(ଡି.ଏନ୍.ଏ.)

ବାତ୍ୟା ଜୱାଦ୍ ପ୍ରଭାବରେ ଚାଷୀଙ୍କ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିଲା। ଏପରି କି ଧାନଗଛ ପାଣିରେ ପଡ଼ି ଗଜା ହୋଇଯାଇଥିଲା। ଉକ୍ତ ସମୟରେ କ୍ଷତିପୂରଣ ଦାବିରେ ଚାଷୀମାନେ ଆନ୍ଦୋଳନ କରିବା ସହ ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସରକାର ନିଷ୍ପତ୍ତି ନେବା ସହ ଏଥିନେଇ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆବେଦନକୁ ୮ ମାସ ବିତିଯାଇଥିଲେ ସୁଦ୍ଧା ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀଙ୍କୁ କ୍ଷତିପୂରଣ ସହାୟତା ମିଳିପାରିନାହିଁ। ଅନ୍ୟପଟେ ସରକାରଙ୍କ ପକ୍ଷରୁ ଚାରି ମାସ ହେବ ସହାୟତା ରାଶି ଆସି ତହସିଲ ଆକାଉଣ୍ଟରେ ଜମାହୋଇ ପଡିରହିଥିବା ଜଣାପଡ଼ିବା ପରେ ଆବେଦନ କରିଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଶତାଧିକ ଚାଷୀ ବୋଲଗଡ଼ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ସହାୟତା ରାଶି ପ୍ରଦାନ ଦାବିରେ ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ, ବୋଲଗଡ଼ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ସହସଂଯୋଜକ କାହ୍ନୁଚରଣ ବେହେରା ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏକ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ତହସିଲଦାର ଦାସ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ନିୟୋଜିତ ହୋଇଥିଲେ।



ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମଦନପୁର ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟ: ବଜରଙ୍ଗବାଲି କ୍ଲବ ବିଜୟୀ

ଯାଁଳା,୫ା୯(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ବଜରଙ୍ଗବାଲି ଘାଟିକିଆ ଏବଂ ୟଙ୍ଗ ଉତ୍କଳ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଉତ୍କଳ ଟିମ୍ କୌଣସି ଗୋଲ୍ ଦେଇ ନ ପାରିଥିବା ବେଳେ ବଜରଙ୍ଗବାଲି କ୍ଲବ ପକ୍ଷରୁ ୨୮ ଓ ୩୫ ମିନିଟରେ ତୋଫାନ ନାୟକ ୨ଟି ଗୋଲ ଦେଇଥିଲେ। ଫଳରେ ବଜରଙ୍ଗବାଲି କ୍ଲବ ବିଜୟୀ ହେବା ସହ ୧ ପଏଣ୍ଟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଖଣ୍ଡଗିରି କ୍ଲବ ଜାଗମରା ଓ ଇଲେଭେନ ଷ୍ଟାର ବେଣାଞ୍ଜୁରୀ ମଧ୍ୟରେ ହୋଇଥିଲା। ମ୍ୟାଚର ୧୫ ମିନିଟରେ ଖଣ୍ଡଗିରି କ୍ଲବ ପକ୍ଷରୁ ଅମୂଲ୍ୟ ଜେନା ଗୋଟିଏ ଗୋଲ ଦେଇଥିଲେ। ଜବାବରେ ୨୮ ମିନିଟରେ ଇଲେଭେନ ଷ୍ଟାର ପକ୍ଷରୁ ବାଷା ଖାନ୍ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଡ୍ର ହେବାରୁ ଉଭୟ ଟିମ୍ ୧ ପଏଣ୍ଟ ଲେଖାଏ ହାସଲ କରିଥିଲେ। ତୋଫାନ ଓ ଅମୂଲ୍ୟ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଆନନ୍ଦ ନାୟକ, ମନୋରଞ୍ଜନ ଖୁଣ୍ଟିଆ ଓ ଲଳିତ ମୋହନ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୁରୁଦିବସରେ ଚାରା ରୋପଣ

କୃଷ୍ଣପ୍ରସାଦ,୫ା୯(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପୀନାଥ ଦେବ ବିଦ୍ୟାପୀଠରେ ଗୁରୁପୂଜନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତା ଏଥିରେ ଅଧକ୍ଷତା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସୀମାଞ୍ଚଳ ସାହୁ, ବିଦ୍ୟାଧର ମହାନ୍ତି, ପ୍ରମୋଦ ସାହୁ, ସଞ୍ଜୟ ଜେନା, ପୁରାତନ ଛାତ୍ର ବିଷ୍ଣୁ ପ୍ରସାଦ ବେହେରା, ଶଙ୍କର୍ଷଣ ପଲେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୁରୁ ହିଁ ସାକ୍ଷାତ୍ ଈଶ୍ୱର ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁପର ୩୦ ଗ୍ରୀନ୍ ଓଡ଼ିଶା ମିଶନ ଏବଂ ଗ୍ରୀନ୍ ପାରିକୁଦର ଆବାହକ ହିମାଂଶୁ ଶେଖର ନାୟକଙ୍କ ସହଯୋଗରେ ସଙ୍ଗଠନର ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଗ୍ରୀନ୍ ପାରିକୁଦର ସଦସ୍ୟା କଳାବତୀ ସାହୁ, ନକୁଳ ସୁନ୍ଦରା, କାଳୁଚରଣ ଦାସ, ଧୁଣାସନ ତରେଇ, ବିକାଶ ପଲେଇଙ୍କ ସହଯୋଗରେ କଦମ୍ବ, ନିମ୍ବ, ଚନ୍ଦନ, ପିସ୍ତାବାଦାମ, ଆମ୍ବ, ଲେମ୍ବୁ, ଅଁଳା ଆଦି ଶହେରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ସେହିପରି ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, ସାଇ ଇଣ୍ଟରନ୍ୟାଶନାଲ ପ୍ଲେ ସ୍କୁଲ ଟୁବୁକା, ପାରିକୁଦ ସରସ୍ୱତୀ ଶିଶୁ ମନ୍ଦିର, ଉଠାଣିକୁଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଇପିଙ୍ଗ ବାଉରିପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାଇ ପାଠଶାଳା, ବାଲିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ମାଲୁଦ ଠାରେ ଗୁରୁଦିବସ ପାଳିତ ହୋଇଥିଲା।

### ବିଭିନ୍ନ ସ୍ଥାନରେ ଗୁରୁଦିବସ

ଜଟଣୀ/ବାଣପୁର,୫ା୯(ଡି.ଏନ୍.ଏ.): ଜଟଣୀ ସହରର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷା ଅନୁଷ୍ଠାନରେ ସୋମବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ଉତ୍କଳ ପବ୍ଲିକ୍ ସ୍କୁଲ ଏବଂ ଶ୍ରେଜନକୁଞ୍ଜ ବିଦ୍ୟାଳୟର ୧୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଗୁରୁ-ଶିଷ୍ୟ ସମ୍ପର୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ସୀମା ପନ୍ୱର, ସମ୍ପାଦିକା ପଲ୍ଲବୀ ଚୌହାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ବାଣପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୋମବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋଦାବରୀଶ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୁରୁ ଦିବସ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମାୟାଧର ବେହେରା, ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ଅନିଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।



ଖୋର୍ଦ୍ଧା: ଗୁରୁଦିବସ ଅବସରରେ ସୋମବାର ସିଗ୍‌ମା ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## ଶିକ୍ଷକଙ୍କୁ ପୂଜିଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା ଅଫିସ,୫ା୯

ଭାରତ ବର୍ଷରେ ଗୁରୁ ପରମ୍ପରା ଅତି ମହାନ୍ ଓ ପ୍ରାଚୀନ। ଯୁଗେ ଯୁଗେ ଗୁରୁଙ୍କ ସ୍ଥାନ ଉଚ୍ଚରେ। ଗୁରୁଙ୍କୁ ନ ମଣିବ ନର, ଗୁରୁ ଯେ ସାକ୍ଷାତ୍ ଈଶ୍ୱର। ଏହି ଭକ୍ତିରେ ସୋମବାର ଗୁରୁଦିବସ ପାଳନ କରିଥିଲେ ଖୋର୍ଦ୍ଧା ସିଗ୍‌ମା ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର। ସ୍କୁଲ ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କହିଥିଲେ, ଗୁରୁ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ଗୁରୁଙ୍କ ଆଶୀର୍ବାଦ ରହିଲେ ଜଣେ ବ୍ୟକ୍ତି ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଫୁଲ, ପୁଷ୍ପ, ଚନ୍ଦନ ଲଗାଇ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ। ପିଲାମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ପରିବେଷଣ କରାଯାଇଥିଲା। ହାପି ଟିଚର୍ସ ଡେ' କେକ୍ କଟାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶିକ୍ଷକମାନେ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ପିଲାମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀ ଫର୍‌ଜାହାନ ବେଗମ୍ ଏବଂ ଆଦ୍ୟାଶା ଦୀକ୍ଷିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ପ୍ରାଚୁର୍ଯ୍ୟା ଆଚାର୍ଯ୍ୟ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୁରୁବନ୍ଦନା ପରିବେଷଣ କରିଥିଲେ।

## 'ଗୁରୁଙ୍କ ଆଦେଶ ମାନିଲେ ସଫଳତା ମିଳେ'

ବୋଲଗଡ଼,୫ା୯(ଡି.ଏନ୍.ଏ.)

ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ସଂପୁର ସ୍ଥିତ ଚତୁର୍ଭୁଜ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଗୁରୁପୂଜନ ସମାରୋହରେ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଶିକ୍ଷକ ଭିକାରୀ ପୃଷ୍ଟି ମୁଖ୍ୟ ବକ୍ତା, ଦେଉଳି ସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ବଟକୃଷ୍ଣ ସାହୁ, ଶିକ୍ଷକ କାହ୍ନୁ ଚରଣ ମହାନ୍ତି, ବିଦ୍ୟାଳୟ ପରିଚାଳନା ପରିଷଦ ଅଧକ୍ଷା ବିନୋଦିନୀ ଦତ୍ତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁମିତ ରଞ୍ଜନ ମହାପାତ୍ର, ସ୍ୱର୍ଣ୍ଣଲତା ଦାସ ଏବଂ ଅଂଶୁମାନ ଡିଆଁବାଘଙ୍କୁ ପ୍ରମାଣ ପତ୍ର ଓ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ଛାତ୍ର ହର ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ଟାଙ୍ଗୀସାହି ସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁ ଦିବସ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଭାକାର ସାହୁ ଅଧକ୍ଷତାରେ କରିଥିଲେ। ଆୟୋଜିତ ସଭାରେ ସତ୍ୟବାଦୀ ଦାସ, ବାଲ୍ମିକୀ ବଳିୟାରସିଂହ, ନୀଳକଣ୍ଠ ହୋତା, ଉଦ୍ୟନାଥ ସ୍ୱାଇଁ, ପର୍ଶୁରାମ ମୁଦୁଲି, ମଦନ ମୋହନ, ଦୁର୍ଯ୍ୟୋଧନ ସୁବୁଦ୍ଧି, ଗୀତାଞ୍ଜଳି ମହାପାତ୍ର, ବୈଦ୍ୟନାଥ ପାଇକରାୟଙ୍କ ସମେତ ସ୍କୁଲ ଆଲୁମିନି କମିଟିର ସଭାପତି ବାସୁଦେବ ସାମନ୍ତରାୟ, ସମ୍ପାଦକ କାର୍ତ୍ତିକ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ଶେଷଦେବ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବାମନ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିଟୁକୁଳି, ବାଙ୍କୋଇ, କଳାଙ୍ଗ, ଡାବରଧୁଆ, କଡବ, ଦେଉଳି, ଧଳାପଥର, ସାଗରଗୁଆଁ, ଆରିକମା, ତାଳତୁମ୍ବ ଗ୍ରାମସ୍ଥିତ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଥିଲା।

## ଓଁ ଗୁରବେ ନମଃ ସମ୍ବର୍ଦ୍ଧନା ଉତ୍ସବ

ବୋଲଗଡ଼, ୫ା୯(ଡି.ଏନ୍.ଏ.)

ବୋଲଗଡ଼ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଓଁ ଗୁରବେ ନମଃ ସମ୍ବର୍ଦ୍ଧନା ଉତ୍ସବ ସଂଘ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ନବକିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ୧୨ ଜଣ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଦ୍ୟନାଥ ପାଇକରାୟ, କାହ୍ନୁଚରଣ ବେହେରା, କୁବେର ପ୍ରଧାନ, ଅପର୍ତ୍ତି ମଲିକ, ଯୋଗେନ୍ଦ୍ର ବେହେରା ଦୁର୍ଯ୍ୟୋଧନ ସୁବୁଦ୍ଧି, କୈଳାସ ଚନ୍ଦ୍ର ତ୍ରିପାଠୀ, ପୁରେନ୍ଦ୍ର ବେହେରା, ସୁଢଳ ଚନ୍ଦ୍ର ପଟ୍ଟନାୟକ, ବୈରାଗୀ ଚରଣ ଛୁଆଳସିଂହ, ଜୟକୃଷ୍ଣ ଫତେସିଂହ, ଭକ୍ତବଲ୍ଲଭ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଡ. ବିଜୟ କୁମାର ଚୌଧୁରୀ, ଅତିଥିଭାବେ ଡ. ସତ୍ୟନାରାୟଣ ରଥ, ରଘୁନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ସେବତୀ ପରିଡା ଏବଂ ଗୀତାଞ୍ଜଳି ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷାବିତ୍ ହରିବନ୍ଧୁ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ରଘୁନାଥ ଦଳବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଲ୍ମୀକି ବଳିୟାରସିଂହ ଧନ୍ୟବାଦ ପ୍ରଦାନ କରିଥିଲେ।

## ଝୁଲନ୍ତା ଅବସ୍ଥାରେ ରାଜମିସ୍ତ୍ରିଙ୍କ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୫ା୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର କ୍ରମଶଃ ଆତ୍ମହତ୍ୟାପ୍ରବଣ ହୋଇପଡୁଛି। ରବିବାର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ସୋମବାର ଭରତପୁର ଥାନାଞ୍ଚଳର ଏକ ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ବୈକୁଣ୍ଠ ତରାଇ। ସେ ଜଣେ ରାଜମିସ୍ତ୍ରି ବୋଲି ଜଣାପଡିଛି। ଖବର ପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ବିଭୂତି ରାଉତ କହିଛନ୍ତି, ମୃତଦେହଟି ୩ଦିନ ତଳର। ଆର୍ଥିକ ସମସ୍ୟା ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷରେ ପରିବାର ଲୋକେ କାହାକୁ ଦାୟୀ କରି ନ ଥିବାବେଳେ ଠିକ ତଦନ୍ତ କରି କାରଣ ଜାଣିବାକୁ ପୋଲିସକୁ କହିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮୮/୨୨) ରୁଜୁ କରି ତଦନ୍ତ ଚଳାଇବା ସହ ବୈକୁଣ୍ଠଙ୍କ ମୋବାଇଲ ଫୋନ ଜବତ କରିଛି। ତେବେ ବୈକୁଣ୍ଠଙ୍କ ଆତ୍ମହତ୍ୟା ପଛରେ ପ୍ରେମ କାହାଣୀ ଲୁଚି ରହିଥିବା ସ୍ଥାନୀୟ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ସୂଚନାନୁସାରେ, ବୈକୁଣ୍ଠ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୭ରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ସେ ଏକ କାରଖାନାରେ ନଦ ତିଆରି କରୁଥିଲେ। ଗତ ସପ୍ତାହରେ ବୈକୁଣ୍ଠ ଗାଁରେ ଛାତ ପକାଇ ଭୁବନେଶ୍ୱର ଆସିଥିଲେ।


**NOTICE**

**No. 670/Agril** **Dated: 03.09.2022**

No. L-73: This is to inform all concern that EOI Notice No. 640 dated 24.08.2022 may kindly be viewed and downloaded all documents and DTCN from **agrisnetodisha.ori.nic.in** instead of **agriodisha.nic.in**.

**Sd./- Executive Engineer (Agril)**
**Agriculture Engg. Division, Nayagarh**
OIPR-01449/11/0003/2223

**OFFICE OF THE SUPERINTENDING ENGINEER JHARSUGUDA(R&B) DIVISION**
E-mail ID: eepwdjsg2014@gmail.com
Telephone: 06645-271242, Kalimandir Road, Jharsuguda, 768202
No.3459, Dt.26.08.22

**1st Corrigendum to e- Procurement Notice BID No- EE R&B- JSG-10 of 2022-23**

**No.B-543:**The e- Procurement Notice BID No- EE R&B- JSG-10 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is here by extended from **10.00 A.M. 12.09.22 to 17.00 Hrs** 22.09.22 and critical date hereby modified as **10.00 A.M 26.08.2022 to 17.00 Hours 05.09.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt. 23.09.22 in place of Dt.06.09.2022.
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

**Sd./- Executive Engineer, Jharsuguda (R&B) Division**
OIPR-34094/11/0011/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

**RFP No. 42326** **Date: 02.09.2022**

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1141: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 03.09.2022 at 12.00 Noon onwards. The pre-bid meeting is scheduled to be held on Dt.12.09.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 19.09.2022. For any clarification, an e-mail may be sent on **bmcpmu@bmc.gov.in**.

By Order
OIPR-13002/11/0086/2223 **Sd./- Dy. Commissioner (ABC)**

**NOTICE INVITING TENDER**
**Office of Chief CSO/CSO-cum-District Managers**
**Odisha State Civil Supplies Corporation Ltd. District- Jajpur**
**Tender No.3414, Dated: 05.09.2022**
**Cost of Tender Document:- Rs.5900/- Inclusive of GST for each UNIT**

**No.CAD-1696:**Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.06.09.2022 Downloadable from website www.oscsc.in & www.tendersodisha.gov.in. |
| 2 | Date, Time & Venue for Pre-bid conference | On dt.09.09.2022 at 11.00 AM Office of CSO-cum-DM, OSCSC Ltd., Jajpur |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 21.09.2022 at 5.00 PM |
| 4 | Date, Time and Venue for Opening of Technical Bid by the Tender Committee | On dt.23.09.2022 at 11.00 AM at Collectorate, Jajpur |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt.23.09.2022 at 11.00 AM onwards At Collectorate, Jajpur |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO/CSO-cum-District Managers, OSCSC Ltd.**
OIPR-07016/11/0003/2223

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11520** **Dated: 02.09.2022**
**Bid Identification No. MC/RMC/71/2022**

No. C-1137: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/71/2022 for 02 Nos. Civil work with value of Rs.56.75 lakh to 71.04 lakh.

1. Bid documents will be available in website **www.tendersorissa.gov.in** from 03.09.2022.
2. Bids must be submitted on "Online" on or before 13.09.2022 by 17.00 hours.
3. Bids shall be opened at 11.00 hours on 14.09.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0094/2223

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHAMPUR - 760004, GANJAM, ODISHA**
**Tel.: 0680-2292624, Fax: 0680-2292752**
**E-mail: supdtmkcg@gmail.com, supdtmkcg-bam@gov.in**
**No. 12175 MCH/CS/2022** **Date: 05.09.2022**

**1st CORRIGENDUM TO THIS OFFICE TENDER CALL NOTICE No. - 11332, Dt. 20.08.2022 (Supply of Medicine and Injectable Items a) published in Odiya daily The Dharitri and English daily The New Indian Express on 21.08.2022**

No. E-440: The bidders should not quote the items listed as Annexure - X(Donwload from **www.ganjam.nic.in**) in this tender as these are already exists and tender period is not expired.
The other specification, terms and conditions remain unchanged.

**Sd./- Superintendent**
**M.K.C.G. Medical College Hospital**
**Berhampur**
OIPR-10028/11/0009/2223

**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**

No. CAD-1692: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2471 Dt.03.09.2022, Kaptipada Sub-Division (Tender No. 2472 Dt.03.09.2022), Panchpir Sub-Division (Tender No. 2473 Dt.03.09.2022) & (Tender No. 2474 Dt.03.09.2022) under Mayurbhanj District.**
Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.13.09.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 27.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.28.09.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.28.09.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO-cum-District Manager**
**OSCSC Ltd., Mayurbhanj**
OIPR-07046/11/0004/2223

**ଗୋଚର ଜମିରୁ ମେଶିନରେ ଗଛ କଟା ଅଭିଯୋଗ**

**ମାହାଙ୍ଗା (ସ୍ୱ.ପ୍ର.):** ମାହାଙ୍ଗା ତହସିଲ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତ ତଥା ଲଳିତଗିରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ପୁରୁଷୋତ୍ତମପୁର ତାରିଣୀ ପଡ଼ିଆରେ ଥିବା ଗୋଚର ଜମିରେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜେସିବି ମେଶିନ ଲଗାଇ ସେଠାରେ ବଡ ବଡ ଗଛକୁ ଉପାଡିବା ଓ କାଟୁଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ରାଜସ୍ୱ ନିରୀକ୍ଷକ ,ଗ୍ରାମ ରୋଜଗାର ସେବକ ଓ ଏପିଓଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏହି ବେଆଇନ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ୱାର୍ଡର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲେ କଂଗ୍ରେସ କର୍ମୀ

**ଫୁଲନଖରା,୫।୯(ଡି.ଏନ୍.ଏ.):** ସିଏମ୍‌ସି ୫୮ ୱାର୍ଡସ୍ଥିତ ମା' ସିନ୍ଦୁରେଇ ମନ୍ଦିର ପ୍ରାଙ୍ଗଣରେ ୱାର୍ଡ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପୂର୍ବତନ ୱାର୍ଡ ସଭାପତି ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୮ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ପୀତବାସ ମହାପାତ୍ର, ପ୍ରମୋଦ ବେଉରା, ନାରାୟଣ ରାଉତ, ଗତେଶ୍ୱର ଶତପଥୀ, ମହମ୍ମଦ ଇସଲାମ, ପରମାନନ୍ଦ ଭଞ୍ଜ, ଭଜମନ ବେହେରା, ଅନନ୍ତ ବେହେରା, ଶ୍ରୀଚରଣ ବେହେରା, ସୁରେନ୍ଦ୍ର ସାହୁ, ବିଜନ ରାଉତରାୟ, ସନ୍ତୋଷ ଲେଙ୍କା ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ। କିପରି ଭାବେ ୱାର୍ଡରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା, ରାସ୍ତାଘାଟ ଆଲୋକୀକରଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ସାମିଲ କରାଯିବ ସେଥିପାଇଁ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ୱାର୍ଡରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା।

### ୨ ଲୁଟେରା ଗିରଫ, ୨ ମୋବାଇଲ ଜବତ

**କଟକ ଅଫିସ,୫।୯:** ମୋବାଇଲ୍ ଲୁଟ୍ କରୁଥିବା ୨ ଯୁବକଙ୍କୁ ସିଡିଏ ଫେଜ-୨ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ରାଣୀପଡ଼ାର ଚିନ୍ମୟ ଖୁଣ୍ଟିଆ(୨୮) ଓ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ମୁନା ଦାସ(୨୫)। ଏ ନେଇ ନଂ. ୮୦/୨୨ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁସାରେ ନୟାଗଡ଼ ଜିଲା ଚାନ୍ଦପୁରର ଲକ୍ଷ୍ମୀପ୍ରିୟା ପଲେଇଙ୍କ ନାବାଳକ ପୁତ୍ର ସିଡିଏ ଅଞ୍ଚଳର ବିରେନ୍ ମିତ୍ର ପାର୍କ ନିକଟରେ ଏକ ସାଇକେଲରେ ଯାଉଥିବା ବେଳେ ଧରିଥିବା ମୋବାଇଲକୁ ଏକ କଲ ଆସିଥିଲା। ଲକ୍ଷ୍ମୀପ୍ରିୟା ମୋବାଇଲ ବାହାର କରିବା ବେଳେ ହଠାତ୍ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ମୋବାଇଲକୁ ଛଡ଼ାଇ ନେଇ ପଳାଇଥିଲେ। ଲକ୍ଷ୍ମୀପ୍ରିୟା ଘଟଣା ସମ୍ପର୍କରେ ଫେଜ୍-୨ ଥାନାରେ ଜୁଲାଇ ୨୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଚିନ୍ମୟ ଓ ମୁନାଙ୍କୁ ଧରିବା ସହ ୨ ଲୁଟ ମୋବାଇଲ ଫୋନ ଜବତ କରିଛି ।

# ଭୋଜି କରିବାକୁ ଯାଇ ଫେରିଲେନି ଯୁବକ

- ପୋଖରୀରୁ ମିଳିଲା ମୃତଦେହ
- ହତ୍ୟା ଅଭିଯୋଗ, ୩ ଅଟକ

**ବାଙ୍କୀ,୫।୯(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତ ତାଳବସ୍ତ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ସୋମବାର ଗାଁ ପୋଖରୀରୁ ମିଳିଛି। ସେ ହେଲେ ଗ୍ରାମର ଅଚ୍ୟୁତ ସାହୁ(୪୦)। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ତାଳବସ୍ତ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଅମର ଦାସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ବାଙ୍କୀ ଥାନାରେ ନଂ.୨୯୨/୨୨ରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପରେ ପୋଲିସ ମୃତ ଅଚ୍ୟୁତଙ୍କ ୩ ସାଙ୍ଗ ପ୍ରକାଶ ପ୍ରଧାନ, ଛବି ପ୍ରଧାନ ଓ ବାବୁ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଅଚ୍ୟୁତଙ୍କ ସ୍ତ୍ରୀ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରବିବାର ରାତିରେ ଅଚ୍ୟୁତ ଉପରୋକ୍ତ ଯୁବକମାନଙ୍କ ସହିତ ଭୋଜି କରିବାକୁ ଯାଇଥିଲେ। ମାତ୍ର ଘରକୁ ଫେରି ନ ଥିଲେ। ପରିବାର ଲୋକେ ସକାଳେ ଆଖପାଖ ଅଞ୍ଚଳ ଖୋଜାଖୋଜି କରିବା ବେଳେ ଗାଁର ମହାଜନ ପୋଖରୀ କୂଳରେ ତାଙ୍କ ସାଇକେଲ ଓ ଚପଲ ପଡ଼ିଥିବା ଦେଖିବାକୁ ପାଇଥିଲେ। ସନ୍ଦେହହେବାରୁ ପୋଖରୀ ଭିତରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଅଚ୍ୟୁତଙ୍କ ମୃତଦେହ ସେଠାରୁ ମିଳିଥିଲା। ତେବେ ତାଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସମାଧିପୀଠର ଦୁରବସ୍ଥା ବ୍ୟଥିତ କରିଛି: ଶ୍ୟାମାମଣି ଦେବୀ



ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**କଟକ ଅଫିସ,୫।୯**

**ମଧୁସ୍ମୃତି ସୁରକ୍ଷା ମଞ୍ଚର ନିତ୍ୟ ପୂଜ୍ୟପୂଜା ଶୁଭାରମ୍ଭ**

ଏଣିକି ଆଉ ମଧୁବାବୁଙ୍କ ସମାଧିପୀଠ ଅବହେଳିତ ହୋଇ ରହିବନି। ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ବ୍ୟତୀତ ଅନ୍ୟଦିନରେ ବି ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପୂଜ୍ୟପୂଜା ହେବ। ମଧୁସ୍ମୃତି ସୁରକ୍ଷା ମଞ୍ଚ ଏହି ନିଷ୍ପତ୍ତି ନେଇଛି। ମଞ୍ଚ ପକ୍ଷରୁ ପ୍ରତିଦିନ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସୋମବାର ମଞ୍ଚ ପକ୍ଷରୁ ମଧୁବାବୁଙ୍କ ସମାଧି ପୀଠରେ ଆୟୋଜିତ ନିତ୍ୟ ପୂଜ୍ୟପୂଜା ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକ ଯୋଗ ଦେଇ ସମାଧିପୀଠର ଦୁରବସ୍ଥା ତାଙ୍କୁ ବ୍ୟଥିତ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମେୟର୍ ସୁବାସ ସିଂ ଯୋଗଦେଇ ଖୁବଶୀଘ୍ର ସିଏମ୍‌ସି ପକ୍ଷରୁ ସମାଧି ପୀଠର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଯୋଗଦେଇ ଏ ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରାଯାଇଥିବା ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର୍ ନଟବର ଶତପଥୀ ଯୋଗଦେଇ ସ୍କୁଲସ୍ତରରେ ଛାତ୍ରୀଛାତ୍ରଙ୍କୁ ମଧୁବାବୁଙ୍କ ଜୀବନୀ ସମ୍ବନ୍ଧରେ ଶିକ୍ଷା ଦିଆଯିବା ଉଚିତ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ କର୍ପୋରେଟର ରମଜାନ୍ ଖାନ, ଡ. ନୀଳିମା ପ୍ରିୟଦର୍ଶିନୀ, ୧୪ ନମ୍ବର ୱାର୍ଡ କର୍ପୋରେଟର୍ ବସନ୍ତ ବେହେରା, ରାକେଶ ପାତ୍ର, ସନ୍ତୋଷ କୁମାର ମହାରଣା, ଅଧିବକ୍ତା ଜଗନ୍ନାଥ ମହାନ୍ତି, ସତ୍ୟଜିତ ଗୋସ୍ୱାମୀ, ଜ୍ଞାନରଞ୍ଜନ ବେହେରା, କବିନ୍ଦ୍ର ବେହେରା, ଅକ୍ଷୟ ଆଚାର୍ଯ୍ୟ, ଦେବୀ ପ୍ରସାଦ ସେଠୀ, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମାଧି ପୀଠକୁ ଜାତୀୟ ସ୍ମାରକୀ ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ କ୍ୟାମ୍ପେନ୍‌ର ଶୁଭାରମ୍ଭ କରାଯାଇଥିଲା।

# ଗୁରୁ ଯୁଗେ ଯୁଗେ ପୂଜିତ

**ସାଲେପୁର/ନିଶ୍ଚିନ୍ତକୋଇଲି, ୫।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ରାଜ୍ୟସ୍ତରୀୟ ଗୁରୁପୂଜନ ସମିତି ସାଲେପୁର ପକ୍ଷରୁ ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ବ୍ରହ୍ମ ଅବଧୂତ ସୁକାନ୍ତ ଦାସ୍‌ଜୀ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଗୁରୁ ଯୁଗେଯୁଗେ ପୂଜିତ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏସ୍‌ପି ବିକାଶ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ନୟାଗଡ଼ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷା ମେଜର ଡ.ମଞ୍ଜୁଶ୍ରୀ ପତି ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ସାଲେପୁର ବିଇଓ ଜଗବନ୍ଧୁ ଶତପଥୀ, ମନୋରଞ୍ଜନ ବାରିକ, ନିଶ୍ଚିନ୍ତକୋଇଲି ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୪୦ ଜଣ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁରୁପ୍ରତିଭା ସମ୍ମାନ ସମିତି ଟାଙ୍ଗୀ-ସାଲେପୁର ପକ୍ଷରୁ ଗୁରୁପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକ୍ ଶିକ୍ଷାମଣ୍ଡଳ ପକ୍ଷରୁ ବ୍ଲକ୍‌ର ୭୭ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗୁରୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ୭୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଇଓ ଜଗବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ସାଲେପୁର ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଗୁରୁପୂଜନ କମିଟି ଆନୁକୂଲ୍ୟରେ ଗୁରୁଦିବସ ପାଳିତ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅହେମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଡିଇଓ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଅଧ୍ୟକ୍ଷ, ଅଧ୍ୟାପକ, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।



କଟକ ଟାଉନହଲ୍‌ରେ ଶନିବାର ଅନୁଷ୍ଠିତ ଉତ୍କଳ ବିଦ୍ୟା ଗୌରବ ପରିଷଦର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଉପସ୍ଥିତ ଅତିଥିମାନେ।

## ପୂର୍ବତନ ବାଚସ୍ପତି ଶରତ କରଙ୍କ ଜୟନ୍ତୀ ଉତ୍ସବ

**ମାହାଙ୍ଗା,୫।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ମାଳିହତାସ୍ଥିତ ମା'କ୍ଷେତ୍ରପାଳିନୀଙ୍କ ପୀଠ ପରିସରରେ ଶରତ କର ଓ ଅନିମା କର ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ବାଚସ୍ପତି ଶରତ କରଙ୍କ ୮୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ୍ ହୃଷୀକେଶ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥିଭାବେ ରାଜକୁମାର ବେହେରା, ବାଦଲ ମିଶ୍ର, ସୁନ୍ଦରରାମ ସାହୁ, ମନୋରଞ୍ଜନ ବିଶ୍ୱାଳ, ଗିରିଜାପ୍ରସାଦ ମିଶ୍ର, ବିଭୂତି ଭୂଷଣ ସ୍ୱାଇଁ, ଗୌରାଙ୍ଗ ଚରଣ ମହାନ୍ତି, ସମସେର ଅଲି ଖାଁ, ସେକ ଅବଦୁଲ ଗୁଫାର, ପ୍ରଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଶୁଭେନ୍ଦୁ ସାମଲ ଧନ୍ୟବାଦ ଦେଇଥିଲେ।

## ନାଟି ଗ୍ରାମରୁ ହରିଣ ଉଦ୍ଧାର

**ନିଆଳି,୫।୯(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର ନାଟି ଗ୍ରାମ ନିକଟରୁ ଏକ ହରିଣ ଉଦ୍ଧାର କରାଯାଇଛି। ସୋମବାର ମଧ୍ୟାହ୍ନରେ ଦେବୀନଦୀରେ ଭାସି ଯାଉଥିବା ଏହି ହରିଣକୁ ନାଟି ଗ୍ରାମର କେତେଜଣ ଲୋକ ଦେଖିଥିଲେ। ଏହାପରେ ଗ୍ରାମର ଯୁବକମାନେ ନଦୀରୁ ଉକ୍ତ ହରିଣକୁ ଉଦ୍ଧାର କରି ଗ୍ରାମରେ ରଖି ଫୁଲନଖରା ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଆସି ହରିଣକୁ ଉଦ୍ଧାର କରିଛି।

**NOTICE**

**No. 670/Agril** **Dated: 03.09.2022**

No. L-73: This is to inform all concern that EOI Notice No. 640 dated 24.08.2022 may kindly be viewed and downloaded all documents and DTCN from **agrisnetodisha.ori.nic.in** instead of **agriodisha.nic.in**.

**Sd./- Executive Engineer (Agril)**
**Agriculture Engg. Division, Nayagarh**
OIPR-01449/11/0003/2223

# ମିଶନ ଶକ୍ତି ଗୃହ ନିର୍ମାଣ ନେଇ ବିବାଦ

**ଧରିଣା ପଞ୍ଚାୟତ**

**କଟକ ସଦର,୫।୯(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ କମରପଦା ମୌଜାର ଏକ ସରକାରୀ ଜାଗାରେ ମିଶନ ଶକ୍ତି ଗୃହ ନିର୍ମାଣ ନେଇ ବିବାଦ ଦେଖାଦେଇଛି। ପ୍ରାୟ ୮୦୦ ବର୍ଗଫୁଟ ଜାଗାରେ ୧୦ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ଦିନଠାରୁ ଏହି ଜାଗାକୁ ନେଇ ବିବାଦ ଲାଗି ରହିଛି। କାରଣ ଉକ୍ତ ଜାଗାରେ ପୂର୍ବରୁ ଏକ ବେଆଇନ ମଠ ନିର୍ମାଣ କରାଯାଇଥିଲା। ୨୦୧୫ରେ ତତ୍କାଳୀନ ତହସିଲଦାର ଉକ୍ତ ଘରଟିକୁ ଭାଙ୍ଗି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏବେ କଟକ ସଦର ବିଡିଓ ଏହି ମଠ ଘରକୁ ବିନା ଲିଖିତ ନିର୍ଦ୍ଦେଶରେ ରୂପାନ୍ତରିତ କରି ମିଶନ ଶକ୍ତି ଗୃହ କରିଥିବାକୁ ନେଇ ବିବାଦ ଲାଗି ରହିଥିଲା। ଏଥିପାଇଁ ଜିଲାସ୍ତରରେ କେଉଁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନାଥାଉକି, ଉକ୍ତ ଜାଗା ଉପରେ ପୂର୍ବରୁ ମଠ, ଆଶ୍ରମ, ମନ୍ଦିର ଓ ପୋଖରୀ ପାଇଁ ଖୋଲାଯାଇଥିଲା। ତେଣୁ ୨୦୧୫ରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଏକ ନିର୍ଦ୍ଦେଶନାମା ଜାରି କରି ସରକାରୀ ଜାଗାରେ ଥିବା ମଠ, ମନ୍ଦିର ଭାଙ୍ଗିବା ପାଇଁ ସମସ୍ତ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କିଶନ ନଗର ତହସିଲଦାର ଉକ୍ତ ଜାଗାରେ ଥିବା ଆଶ୍ରମର ମହନ୍ତ ବାଉରୀବନ୍ଧୁ ବାରିକଙ୍କ ନାମରେ ଏକ ଅବରୋଧ ମାମଲା ନଂ. ୩୪୩/୧୫- ୧୬ରେ ରୁଜୁ କରିଥିଲେ। ଏହି ମାମଲାର ୭।୯।୨୦୧୫ରେ ଶୁଣାଣି କରି ୧୦ହଜାର ଟଙ୍କା ଜରିମାନା କରି ଘରକୁ ଭାଙ୍ଗି ଦେବା ପାଇଁ ମହନ୍ତକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମହନ୍ତ ମଠ ନ ଭାଙ୍ଗି ଆଶ୍ରମ ପରିତ୍ୟାଗ କରି ଚାଲିଯାଇଥିଲେ। ଫଳରେ ଅକ୍ଟୋବର ୮ରେ ତହସିଲଦାର ନିଜେ ପୋଲିସ ସହାୟତାରେ ମନ୍ଦିରକୁ ସିଲ୍ କରିଥିଲେ। କିନ୍ତୁ କଟକ ସଦର ବିଡିଓ ପରବର୍ତ୍ତୀ ମୁହୂର୍ତ୍ତରେ କିଛି ନ ବୁଝି ବିବାଦୀୟ ସ୍ଥାନରେ ପୁନଃନିର୍ମାଣ କରିଥିଲେ। ଯାହାକି ଗତ ୩ମାସ ତଳେ ମିଶନ ଶକ୍ତି ଗୃହ ହୋଇଛି। କିନ୍ତୁ ଏହି ନିର୍ମାଣକୁ ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପତ୍ର ସଂଖ୍ୟା ୫/୩।୧।୨୨ରେ ବିଡିଓ ପରିଡ଼ାଙ୍କୁ କୈଫିୟତ ମାଗିଲେ। ଶେଷରେ ଉପଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶ ଅନୁଯାୟୀ ଗୃହ ନିର୍ମାଣ କରିଥିବା ବିଡିଓ ପରିଡ଼ା କହିଛନ୍ତି। ଏହି ସ୍ପଷ୍ଟୀକରଣକୁ ନେଇ ବିବାଦ ଦେଖାଦେଇଛି। କାରଣ କନ୍ଦରପୁର ପଞ୍ଚାୟତରେ ସରକାରୀ ଜାଗାରେ କୋଠା ନିର୍ମାଣ ପାଇଁ ନିଜେ ଅନୁମତି ଦେଇଛନ୍ତି ବୋଲି ବିଡିଓ କହିସାରିଛନ୍ତି। ହେଲେ ଧରିଣାରେ କାହିଁକି ଉପଜିଲାପାଳଙ୍କୁ ଅନୁମତି ମାଗିଲେ ତାହା ସ୍ପଷ୍ଟ ହୋଇପାରୁନି।

## 'ଓଡ଼ିଆ ସାହିତ୍ୟର ପ୍ରାଣକେନ୍ଦ୍ର ଶ୍ରୀମଦ୍ ଭାଗବତ'

**କଟକ ଅଫିସ, ୫।୯**

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ସମିତି ସଭାଗୃହରେ ସୋମବାର ଓଡ଼ିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ବାବାଜୀ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଜ୍ଞାନୀ ଦେବାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀମଦ୍ ଭାଗବତ ହେଉଛି ଓଡ଼ିଆ ସାହିତ୍ୟର ପ୍ରାଣକେନ୍ଦ୍ର ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଡା. ନିମାଇଁ ଚରଣ ପରିଜା, ବିଚିତ୍ରାନନ୍ଦ ମିଶ୍ର, ପଣ୍ଡିତ ପ୍ରଦୀପ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ମିଶ୍ର, ନକୁଳ ଚନ୍ଦ୍ର ମହାରଣା, କବି ଲକ୍ଷ୍ମୀଛଡ଼ା, ବୈଷ୍ଣବ ପରିଡ଼ା, ପ୍ରତିମା ଶତପଥୀ, ସୁକାନ୍ତି ମହାନ୍ତି, କୋକିଳସ୍ୱରା ପାତ୍ର, ଉପସଭାପତି ଅରୁଣା ସାମନ୍ତରାୟ ସାମିଲ ଥିଲେ।

**OFFICE OF THE SUPERINTENDING ENGINEER**
**JHARSUGUDA(R&B) DIVISION**
E-mail ID: eepwdjsg2014@gmail.com
Telephone: 06645-271242, Kalimandir Road, Jharsuguda, 768202
No.3459, Dt.26.08.22

**1st Corrigendum to e- Procurement Notice**
**BID No- EE R&B- JSG-10 of 2022-23**

**No.B-543:**The e- Procurement Notice BID No- EE R&B- JSG-10 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is here by extended from **10.00 A.M. 12.09.22 to 17.00 Hrs** 22.09.22 and critical date hereby modified as **10.00 A.M 26.08.2022 to 17.00 Hours 05.09.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt. 23.09.22 in place of Dt.06.09.2022.
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

**Sd./- Executive Engineer, Jharsuguda (R&B) Division**
OIPR-34094/11/0011/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

**RFP No. 42326** **Date: 02.09.2022**

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1141: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 03.09.2022 at 12.00 Noon onwards. The pre-bid meeting is scheduled to be held on Dt.12.09.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 19.09.2022. For any clarification, an e-mail may be sent on **bmcpmu@bmc.gov.in**.

By Order
OIPR-13002/11/0086/2223 **Sd./- Dy. Commissioner (ABC)**

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11520** **Dated: 02.09.2022**
**Bid Identification No. MC/RMC/71/2022**

No. C-1137: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/71/2022 for 02 Nos. Civil work with value of Rs.56.75 lakh to 71.04 lakh.

1. Bid documents will be available in website **www.tendersorissa.gov.in** from 03.09.2022.
2. Bids must be submitted on "Online" on or before 13.09.2022 by 17.00 hours.
3. Bids shall be opened at 11.00 hours on 14.09.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0094/2223

**NOTICE INVITING TENDER**
**Office of Chief CSO/CSO-cum-District Managers**
**Odisha State Civil Supplies Corporation Ltd. District- Jajpur**
**Tender No.3414, Dated: 05.09.2022**

**Cost of Tender Document:- Rs.5900/- Inclusive of GST for each UNIT**

**No.CAD-1696:**Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.06.09.2022 Downloadable from website www.oscsc.in & www.tendersodisha.gov.in. |
| 2 | Date, Time & Venue for Pre-bid conference | On dt.09.09.2022 at 11.00 AM Office of CSO-cum-DM, OSCSC Ltd., Jajpur |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 21.09.2022 at 5.00 PM |
| 4 | Date, Time and Venue for Opening of Technical Bid by the Tender Committee | On dt.23.09.2022 at 11.00 AM at Collectorate, Jajpur |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt.23.09.2022 at 11.00 AM onwards At Collectorate, Jajpur |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO/CSO-cum-District Managers, OSCSC Ltd.**
**OIPR-07016/11/0003/2223**

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHAMPUR - 760004, GANJAM, ODISHA**
**Tel.: 0680-2292624, Fax: 0680-2292752**
**E-mail: supdtmkcg@gmail.com, supdtmkcg-bam@gov.in**
**No. 12175 MCH/CS/2022** **Date: 05.09.2022**

**1st CORRIGENDUM TO THIS OFFICE TENDER CALL NOTICE No. - 11332, Dt. 20.08.2022 (Supply of Medicine and Injectable Items a) published in Odiya daily The Dharitri and English daily The New Indian Express on 21.08.2022**

No. E-440: The bidders should not quote the items listed as Annexure - X(Donwload from **www.ganjam.nic.in**) in this tender as these are already exists and tender period is not expired.
The other specification, terms and conditions remain unchanged.

**Sd./- Superintendent**
**M.K.C.G. Medical College Hospital**
**Berhampur**
OIPR-10028/11/0009/2223

**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**

No. CAD-1692: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2471 Dt.03.09.2022, Kaptipada Sub-Division (Tender No. 2472 Dt.03.09.2022), Panchpir Sub-Division (Tender No. 2473 Dt.03.09.2022) & (Tender No. 2474 Dt.03.09.2022) under Mayurbhanj District.**
Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.13.09.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 27.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.28.09.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.28.09.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO-cum-District Manager**
**OSCSC Ltd., Mayurbhanj**
OIPR-07046/11/0004/2223

# ସୋସିଆଲ ମିଡିଆରେ ଅର୍ଶଦୀପଙ୍କୁ ଆକ୍ଷେପ

ନୂଆଦିଲ୍ଲୀ, ୫।୯ (ପି.ଟି.)

୩୬ବର୍ଷ ପୂର୍ବେ ଚେତନ ଶର୍ମାଙ୍କର ଯାହା ଘଟିଥିଲା ଏବେ ଅର୍ଶଦୀପ ସିଂଙ୍କ କ୍ଷେତ୍ରରେ ତାହା ଦେଖିବାକୁ ମିଳିଛି। ସମାନ ଦଳ ପାକିସ୍ତାନ ବିପକ୍ଷରେ ପୁଣି ତାହା ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ। ଅବଶ୍ୟ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ରୂପରେଖ ଏବେ ବଦଳିଯାଇଛି। ୧୯୮୬ ଅଷ୍ଟ୍ରାଲ-ଏସିଆ କପ୍ ଫାଇନାଲ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ମ୍ୟାଚ ଶେଷ ବଲ ପର୍ଯ୍ୟନ୍ତ ଚାଲିଯାଇଥିଲା। ମ୍ୟାଚ ଜିତିବା ଲାଗି ପାକିସ୍ତାନ ଅନ୍ତିମ ବଲ୍‌ରେ ୬ରନ ଆବଶ୍ୟକ କରୁଥିଲା। ସେତେବେଳେ କ୍ରିଜ୍‌ରେ ରହିଥିଲେ ପାକିସ୍ତାନର ଷ୍ଟାର ବ୍ୟାଟ୍ସମ୍ୟାନ ଜାଭେଦ ମିଆଁଦାଦ। ଭାରତ ତରଫରୁ ବୋଲିଂ କରୁଥିଲେ ଚେତନ ଶର୍ମା। ଚେତନ ୟର୍କର ପକାଇବାକୁ ଯୋଜନା କରିଥିଲେ, ଦୈବାତ ଫୁଲ୍‌ଟସ ପଡ଼ିଯାଇଥିଲା। ଏହାର ସୁଯୋଗରେ ମିଆଦାଦ ଛକା ଲଗାଇ ତାଙ୍କ ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଏହି ତ୍ରୁଟି ପାଇଁ ସେତେବେଳେ ଭାରତୀୟ କ୍ରିକେଟପ୍ରେମୀଙ୍କ ଦ୍ୱାରା ଚେତନ ଶର୍ମା ଖୁବ୍ ସମାଲୋଚିତ ହୋଇଥିଲେ। ଏବେ ମଧ୍ୟ ତାହା ଲୋକମାନଙ୍କ ମନରୁ ପାସୋରି ଯାଇନାହିଁ। ରବିବାର ଚଳିତ ଏସିଆ କପ୍ କ୍ରିକେଟ ସୁପର ଫୋର୍ ପର୍ଯ୍ୟାୟ ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତ ଅଳ୍ପକେ ହାରିଯିବା ପରେ ଅର୍ଶଦୀପ ସମାଲୋଚନାର ଶିକାର ହୋଇଛନ୍ତି। ଅନେକଙ୍କ ବିଚାରରେ ସେ ଅସିଫ୍ ଅଲିଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାଚ ହାତଛଡ଼ା କରିବାରୁ ଭାରତ ପରାଜୟ ଦ୍ୱାରକୁ ଠେଲି ହୋଇଗଲା। ଯେଉଁମାନେ ସମାଲୋଚନା କରୁଛନ୍ତି ସେମାନଙ୍କର ବୋଧହୁଏ ଏଥିପ୍ରତି ନଜର ନାହିଁ ଯେ, ୨୩ ବର୍ଷୀୟ ଅର୍ଶଦୀପ ଏଭଳି ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଯିଏକି ନିକଟ ଭବିଷ୍ୟତରେ ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଟି୨୦ ଡେଥ୍ ବୋଲର ଭାବେ ଉଭା ହେବାକୁ ଯାଉଛନ୍ତି। ଚେତନ ଶର୍ମା ବର୍ତ୍ତମାନ ଚୟନ କମିଟି ମୁଖ୍ୟ ଅଛନ୍ତି। ଲର୍ଡ୍ସରେ ଏକ ଟେଷ୍ଟ ମ୍ୟାଚରେ ଜଣେ ଭାରତୀୟ ବୋଲର ହିସାବରେ ୫ ଉଇକେଟ ହାସଲ କରି ସେ ବିରଳ ସଫଳତା ହାସଲ କରିଥିଲେ। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ପ୍ରଥମ ବୋଲର ହିସାବରେ ହ୍ୟାଟ୍ରିକ ଅର୍ଜନ କରିବାରେ ରେକର୍ଡ ତାଙ୍କ ନାମରେ ରହିଛି। ଲୋକେ କିନ୍ତୁ ୧୯୮୬ ଅଷ୍ଟ୍ରାଲ-ଏସିଆ କପ୍ ଫାଇନାଲରେ ମାନବୀୟ ତ୍ରୁଟି ଜନିତ ସିଙ୍ଗଲ ଡେଲିଭରିକୁ ମନେ ରଖିଛନ୍ତି।

ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚ ପରେ କେତେକ ତଥାକଥିତ କ୍ରିକେଟପ୍ରେମୀ ସୋସିଆଲ ମିଡିଆରେ ଅର୍ଶଦୀପଙ୍କ ପ୍ରତି ତାଚ୍ଛଲ୍ୟକରି ଟିପ୍ପଣୀ ଦେଇଥିଲେ। ଏପରିକି କେତେଜଣ ସୀମା ଟପି ଯାଇଥିଲେ। ବୋଲରଙ୍କ ୱିକିପିଡ଼ିଆ ପେଜ୍ ହ୍ୟାକ୍ କରି ତାଙ୍କ ନାମ ସହିତ ଆପତ୍ତିଜନକ 'ଖଲିସ୍ତାନୀ' ଶବ୍ଦ ଯୋଡ଼ି ଦେଇଥିଲେ। ହ୍ୟାକର ଜଣକ ଅର୍ଶଦୀପଙ୍କ ନାମ ପରିବର୍ତ୍ତନ କରି ମେଜର ଅର୍ଶଦୀପ ସିଂ ଲାଙ୍ଗ୍ରା ଏବଂ ପରେ ମେଜର ଅର୍ଶଦୀପ ସିଂ ବାଜୱା କରିଦେଇଥିଲେ। ଏହି କ୍ରିକେଟରଙ୍କୁ ନେଇ ତ୍ରୁଟିପୂର୍ଣ୍ଣ ସୂଚନା ସ୍ଥାନ ପାଇଥିବାରୁ ଭାରତ ସରକାର ସୋମବାର ୱିକିପିଡିଆକୁ କଡ଼ା ସମାଲୋଚନା କରିଥିଲେ। ଏଥିରେ ଅର୍ଶଦୀପଙ୍କୁ ବିଚ୍ଛିନ୍ନତାବାଦୀ ଖଲିସ୍ତାନ ଆନ୍ଦୋଳନ ସହ ଯୋଡ଼ା ଯାଇଛି। ଏହା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ କେନ୍ଦ୍ର ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଟୁଇଟ୍ କରିଥିଲେ। ଫଳସ୍ୱରୂପ ୱିକିପିଡ଼ିଆ କର୍ତ୍ତୃପକ୍ଷ ୧୫ ମିନିଟ୍ ଭିତରେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିଥିଲେ।



ଅର୍ଶଦୀପ ସିଂ

**ପାକିସ୍ତାନ ବିପକ୍ଷ ମ୍ୟାଚ**
**ଅତୀତରେ ଚେତନ ଶର୍ମା ଏବେ ଅର୍ଶଦୀପ**

## ଅକ୍ଟୋବର ୧ରୁ ଇରାନୀ କପ୍

**ନୂଆଦିଲ୍ଲୀ, ୫।୯(ପି.ଟି.):** ପୂର୍ବତନ ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ଓ ଅବଶିଷ୍ଟ ଭାରତୀୟ ଏକାଦଶ ମଧ୍ୟରେ ଇରାନୀ କପ୍ ମ୍ୟାଚ୍ ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ହେବ। ସୌରାଷ୍ଟ୍ର ଏହାର ଆୟୋଜକ ହେବ। କୋଭିଡ୍ ମହାମାରୀ ଯୋଗୁ ସମଗ୍ର ଦେଶ ଲକ୍‌ଡାଉନ ହେବାରୁ କିଛିଦିନ ପୂର୍ବରୁ ୨୦୨୦ ମାର୍ଚ୍ଚରେ ବେଙ୍ଗଲକୁ ପରାସ୍ତ କରି ସୌରାଷ୍ଟ୍ର ପ୍ରଥମଥର ରଣଜୀ ଟାଇଟଲ ହାସଲ କରିଥିଲା। ଏହି ସିଜନରେ ପ୍ରଥମଥର ଟାଇଟଲ ଜିତିଥିବା ମଧ୍ୟପ୍ରଦେଶ କିନ୍ତୁ ଆସନ୍ତା ବର୍ଷ ଇରାନୀ କପ୍ ଖେଳିବ। ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ୧୩ରେ ଟିମ୍ ସୌରାଷ୍ଟ୍ର ୨୦୧୯-୨୦ ରଣଜୀ ଟ୍ରଫି ଚାମ୍ପିୟନ ହେବା ପରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ଷ୍ଟାଡିୟମରେ ୨୦୨୦ ମାର୍ଚ୍ଚ ୧୮ରୁ ଇରାନୀ କପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ଦୁର୍ଭାଗ୍ୟଜନକ ଭାବେ ଏହା ଆୟୋଜନ ହୋଇପାରି ନ ଥିଲା। ଏହା ପୂର୍ବରୁ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଇରାନୀ କପ୍ ୨୦୧୮-୧୯ ରଣଜୀ ଟ୍ରଫି ଖେଳାଯାଇଥିଲା।

## ଅଧିନାୟକ ରହିବେ ଧୋନୀ

**ନୂଆଦିଲ୍ଲୀ, ୫।୯:** ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଆଉଥରେ ଅଧିନାୟକତ୍ୱ ଭାର ସମ୍ଭାଳିବେ। ନିଜ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗସ୍ (ସିଏସ୍‌କେ) ପାଇଁ ଆସନ୍ତା ସିଜନରେ ଧୋନୀ ଅଧିନାୟକତ୍ୱ ଦାୟିତ୍ୱ ସମ୍ଭାଳିବେ ବୋଲି ସିଇଓ କାଶୀ ବିଶ୍ୱନାଥ ସ୍ପଷ୍ଟ କରିଛନ୍ତି। ଆସନ୍ତା ସିଜନ୍ ବେଳକୁ ଧୋନୀ ୪୨ ବର୍ଷରେ ପଦାର୍ପଣ କରିଥିବେ। ଧୋନୀଙ୍କ ନେତୃତ୍ୱରେ ସିଏସ୍‌କେ ୪ ଥର ଆଇପିଏଲ୍ ଚାମ୍ପିୟନ୍ ହୋଇସାରିଛି। ଗତବର୍ଷ ଧୋନୀଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜାଙ୍କୁ ଅଧିନାୟକ ଘୋଷଣା କରାଯାଇଥିଲା। ତେବେ ଖରାପ ପ୍ରଦର୍ଶନ କାରଣରୁ ସିଜନ ଅଧାରୁ ଧୋନୀଙ୍କ ହାତକୁ ପୁଣିଥରେ ଯାଇଥିଲା ଅଧିନାୟକ ଭାର। ଚଳିତ ବର୍ଷର ଆଇପିଏଲ୍ ଭାରତରେ ଖେଳାଯିବାକୁ ଥିବା ବେଳେ ଘରୋଇ ଦର୍ଶକଙ୍କ ଆଗରେ ଖେଳି ଧୋନୀ ବିଦାୟ ନେବେ ବୋଲି ସୂଚନା ଦେଇଛନ୍ତି ବିଶ୍ୱନାଥ।

## ପୁରସ୍କାର ପାଇଁ ରୋଡ୍ରିଗ୍ସେଜ୍‌ଙ୍କ ନାମ ସୁପାରିସ

**ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍**

ଦୁବାଇ, ୫।୯ (ପି.ଟି.)

ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ପାଇଁ ଭାରତୀୟ ଷ୍ଟାର ମହିଳା ବ୍ୟାଟର ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ନାମ ସୁପାରିସ ହୋଇଛି। ଅଗଷ୍ଟରେ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ପୁରସ୍କାର ପାଇଁ ସୁପାରିସ ହୋଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ସ୍ୱର୍ଣ୍ଣ ବିଜୟୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଦୁଇ ଖେଳାଳି ବେଥ୍ ମୁନି ଓ ତାହଲିଆ ମ୍ୟାକ୍‌ଗ୍ରାଥ୍। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳ ପାଇଁ ବ୍ୟାଟିଂରେ ରୋଡ୍ରିଗ୍ସେଜ୍‌ଙ୍କ ବିଶେଷ ଅବଦାନ ରହିଥିଲା। ସେ ୫ଟି ମ୍ୟାଚରେ ୧୪୬ ରନ କରିଥିଲେ। ଟୁର୍ଣ୍ଣାମେଣ୍ଟର ରନ୍ ସ୍କୋରରମାନଙ୍କ ମଧ୍ୟରେ ସେ ୫ମ ସ୍ଥାନରେ ରହିଥିଲେ। ବାର୍ବାଡୋସ୍ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ରୋଡ୍ରିଗ୍ସେଜ୍ ୪୬ ବଲ୍‌ରୁ ୫୬ ରନ କରିଥିଲେ। ଏହି ମ୍ୟାଚ ଜିତି ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ମୁନି ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସର୍ବାଧିକ ରନ୍ ସ୍କୋରର ଥିଲେ। ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆର ଫାଇନାଲ ଗ୍ରୁପ୍ 'ଏ' ଗେମ୍‌ରେ ସେ ୪୯ ବଲ୍‌ରୁ ୭୦ରନ କରି ଅପରାଜିତ ରହିଥିଲେ। ପରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମୁକାବିଲାରେ ଧୈର୍ଯ୍ୟପୂର୍ଣ୍ଣ ୨୯ ବଲ୍‌ରୁ ୩୬ ରନ ସଂଗ୍ରହ କରିଥିଲେ। ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ସେ ଉଦ୍ଧାର କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ସାମିଲ କରାଯାଇଥିବା ମହିଳା କ୍ରିକେଟରେ ମ୍ୟାକ୍‌ଗ୍ରାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଅଷ୍ଟ୍ରେଲିଆ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ସେ ୫ ମ୍ୟାଚରେ ୮ ଉଇକେଟ ନେଇ ମିଳିତ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ଇଂଲଣ୍ଡ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ, ଜିମ୍ବାୱେର ସିକନ୍ଦର ରାଜା ଏବଂ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ମିଚେଲ ସାଣ୍ଟନରଙ୍କ ନାମ ସୁପାରିସ କରାଯାଇଛି।


ଜେମିମା ରୋଡ୍ରିଗ୍ସେଜ୍



କ୍ୟୁବାର ଲୁଇସ୍ ଓର୍ଟିଜ ଓ ଆମେରିକାର ଆଣ୍ଡି ରୁଇଜ୍‌ଙ୍କ ମଧ୍ୟରେ ଲଢ଼େଇ।

## ଅରବିନ୍ଦଙ୍କୁ ଦୁବାଇ ଓପନ୍ ଚେସ୍ ଟାଇଟଲ୍

**ନୂଆଦିଲ୍ଲୀ,୫।୯:** ଦୁଇଥର ଜାତୀୟ ଚାମ୍ପିୟନ୍ ଅରବିନ୍ଦ ଚିଦାମ୍ବରମ ଦୁବାଇ ଓପନ ଚେସ୍ ଟାଇଟଲ୍ ହାସଲ କରିଛନ୍ତି। ଶନିବାର ଅର୍ଜୁନ ଏରିଗାସୀଙ୍କୁ ପରାସ୍ତ କରି ଅଗ୍ରଣୀ ହାସଲ କରିଥିବା ଅରବିନ୍ଦ ରବିବାର ଅନ୍ତିମ ରାଉଣ୍ଡ ମୁକାବିଲା ଡ୍ର ରଖିଛନ୍ତି। ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦଙ୍କ ବିପକ୍ଷ ମ୍ୟାଚରେ ପଏଣ୍ଟ ବାଣ୍ଟିବା ସହିତ ଟାଇଟଲ ହାତେଇ ନେଇଛନ୍ତି। ୧୩ ତମ ସିଡ୍ ଅରବିନ୍ଦ ୯ ରାଉଣ୍ଡ ଖେଳରେ ୭.୫ ପଏଣ୍ଟ ହାସଲ କରିଥିଲେ। ଟପ୍ ସିଡେଡ୍ ରୁଷିଆର ଆଲେକଜାଣ୍ଡର ପ୍ରେଡକେ ୭ ପଏଣ୍ଟ ସହିତ ରନର୍ସ ଅପ୍ ରହିଥିଲେ। ଦୁବାଇ ଓପନ ବିଜେତା ଅରବିନ୍ଦଙ୍କୁ ୧୩ ହଜାର ଡଲାରର ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଟପ୍ ଟେନ୍ ମଧ୍ୟରେ ସମୁଦାୟ ୭ ଜଣ ଭାରତୀୟ ସ୍ଥାନ ପାଇଥିଲେ।

## ଅନିସ୍କା ଜିତିଲେ ସ୍ୱର୍ଣ୍ଣ

ମୁମ୍ବାଇ, ୫।୯ (ପି.ଟି.)

କୁଆଲାଲମ୍ପୁରରେ ଅନୁଷ୍ଠିତ ମାଲେସିଆନ୍ ଏଜ୍ ଗ୍ରୁପ୍ ରାପିଡ୍ ଚେସ୍ ଚାମ୍ପିୟନଶିପ୍‌ରେ ୬ ବର୍ଷୀୟା ବାଳିକା ଅନିସ୍କା ବିୟାନୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନିସ୍କା ମୁମ୍ବାଇସ୍ଥିତ ଧୀରୁଭାଇ ଅମ୍ବାନୀ ସ୍କୁଲର ଜଣେ ପ୍ରଥମ ଗ୍ରେଡ୍ ଛାତ୍ରୀ। ସେ ୬ ବର୍ଷରୁ କମ୍ ଓପନ୍ କାଟେଗୋରିରେ ସମ୍ଭାବ୍ୟ ୬ରୁ ୪ ପଏଣ୍ଟ ସ୍କୋର କରି ବାଳିକା ବର୍ଗରେ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୮ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ହାଇଦ୍ରାବାଦର ୟୁସୁଫଗୁଡ଼ାଠାରେ ଅନୁଷ୍ଠିତ ସର୍ବଭାରତୀୟ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟରେ ଜଣେ ୭ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟତା ଅର୍ଜନ କରିଥିଲେ। ଅନିସ୍କା ବର୍ତ୍ତମାନ ଆଗାମୀ ସିଙ୍ଗାପୁର ଓପନ୍ ନ୍ୟାଶନାଲ ଏଜ୍ ଗ୍ରୁପ୍ ଚାମ୍ପିୟନଶିପ୍ ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି।

## ମାଷ୍ଟରକାର୍ଡ ବିସିସିଆଇର ଟାଇଟଲ ପ୍ରାୟୋଜକ

ନୂଆଦିଲ୍ଲୀ, ୫।୯ (ପି.ଟି.)

ଗ୍ଲୋବାଲ ପେମେଣ୍ଟ୍ସ ଆଣ୍ଡ ଟେକ୍ନୋଲୋଜି କମ୍ପାନୀ ମାଷ୍ଟରକାର୍ଡ ଆଗାମୀ ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଟାଇଟଲ ପ୍ରାୟୋଜକ ହୋଇଛି। ମାଷ୍ଟରକାର୍ଡ ପେଟିଏମ୍‌ର ସ୍ଥାନ ନେଇଛି । ପ୍ରାୟୋଜକ ଅଧିକାର ଟ୍ରାନ୍ସଫରକୁ ନେଇ ବିସିସିଆଇ କର୍ମକର୍ତ୍ତାଙ୍କ ସହ ପେଟିଏମ୍‌ର ବିସ୍ତୃତ ଆଲୋଚନା ପରେ ଏହି ପରିବର୍ତ୍ତନ କରାଯାଇଛି। "ଘରୋଇ ପଡ଼ିଆରେ ହେବାକୁଥିବା ସମସ୍ତ ଅନ୍ତର୍ଜାତୀୟ (ଉଭୟ ମହିଳା ଓ ପୁରୁଷ) ମ୍ୟାଚ ଏବଂ ବିସିସିଆଇ ଆନୁକୂଲ୍ୟରେ ହେବାକୁଥିବା ଇରାନୀ ଟ୍ରଫି, ଦୁଲୀପ ଟ୍ରଫି ଓ ରଣଜୀ ଟ୍ରଫି ପରି ସମସ୍ତ ଘରୋଇ କ୍ରିକେଟ ମ୍ୟାଚ ସହ ସମସ୍ତ ଜୁନିୟର କ୍ରିକେଟ (୧୯ ଓ ୨୩ ବର୍ଷରୁ କମ୍) ମ୍ୟାଚରେ ମାଷ୍ଟରକାର୍ଡ ଟାଇଟଲ ପ୍ରାୟୋଜକ ରହିବ" ବୋଲି ଏକ ବିବୃତିରେ ପ୍ରକାଶ କରାଯାଇଛି। "ଦେଶରେ ଖେଳାଯିବାକୁଥିବା ସମସ୍ତ ଅନ୍ତର୍ଜାତୀୟ ମ୍ୟାଚ ସମେତ ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ଭାରତକୁ ଏକ ଶକ୍ତିଶାଳୀ ଅନ୍ତର୍ଜାତୀୟ ଦଳରେ ପରିଣତ ହେବାରେ ସହାୟକ ହୋଇଥାଏ" ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଗତ ୪ବର୍ଷ ଧରି ମାଷ୍ଟରକାର୍ଡର ଆମ୍ବାସାଡର ଅଛନ୍ତି। "ବିସିସିଆଇର ସମସ୍ତ ଘରୋଇ କ୍ରିକେଟ ମ୍ୟାଚ ବିଶେଷକରି ଜୁନିୟର ଓ ମହିଳା କ୍ରିକେଟ ପାଇଁ ମାଷ୍ଟରକାର୍ଡ ପ୍ରାୟୋଜକ ହୋଇଥିବାରୁ ମୁଁ ବହୁତ ଖୁସି। ବର୍ତ୍ତମାନର ରଣଜୀ ଏବଂ ଜୁନିୟର ଖେଳାଳିମାନେ ସମସ୍ତଙ୍କୁ ଗର୍ବିତ କରିବେ" ବୋଲି ଧୋନୀ କହିଛନ୍ତି।

## ଓର୍ଟିଜଙ୍କୁ ହରାଇଲେ ରୁଇଜ

ଲସ୍ଏଞ୍ଜେଲ୍ସ, ୫।୯ (ଏ.ପି.)

କ୍ୟୁବାର ଲୁଇସ୍ ଓର୍ଟିଜଙ୍କୁ ପରାସ୍ତ କରିବା ଦ୍ୱାରା ଆମେରିକା ପ୍ରଫେସନାଲ ବକ୍ସର ଆଣ୍ଡି ରୁଇଜ୍‌ଙ୍କ ପାଇଁ ପୁନର୍ବାର ହେଭିୱେଟ୍ ବକ୍ସିଂ ଚାମ୍ପିୟନ ହେବା ଲାଗି ସୁଯୋଗ ସୃଷ୍ଟି ହୋଇଛି। ରବିବାର ରାତିରେ ସର୍ବସମ୍ମତିକ୍ରମେ ବିଜୟ ହାସଲ କରିଥିବା ରୁଇଜ ଲଢ଼େଇ ସମୟରେ ୩ଥର ଓର୍ଟିଜଙ୍କୁ ନକ୍‌ଡାଉନ୍ କରିଦେଇଥିଲେ। ୪୩ ବର୍ଷୀୟ ଓର୍ଟିଜ ହେଉଛନ୍ତି ଦୁଇଥର ବିଶ୍ୱ ଟାଇଟଲ ଚ୍ୟାଲେଞ୍ଜର। ସଦର୍ନ କାଲିଫର୍ନିଆର ରୁଇଜ୍ ତାଙ୍କୁ ଦ୍ୱିତୀୟ ରାଉଣ୍ଡରେ ଦୁଇଥର ଏବଂ ପୁଣି ୭ମ ରାଉଣ୍ଡରେ ନକ୍‌ଆଉଟ କରିଦେଇଥିଲେ। ଜଜ୍‌ମାନେ ରୁଇଜ ସପକ୍ଷରେ ୧୧୪-୧୧୧, ୧୧୪-୧୧୧ ଓ ୧୧୩-୧୧୨ ସ୍କୋର ଦେଇଥିଲେ। ଲଢେଇ ବେଳେ ରୁଇଜଙ୍କ ଏକ ଶକ୍ତିଶାଳୀ ପଞ୍ଚ୍‌ରେ କ୍ୟୁବା ବକ୍ସରଙ୍କ ବାମ ଆଖି ଉପରିଭାଗ ଫୁଲି ଯାଇଥିଲା। ରୁଇଜ କହିଛନ୍ତି, ଓର୍ଟିଜ ଜଣେ ଭଲ ଯୋଦ୍ଧା ବୋଲି ସେ ଜାଣିଥିଲେ। ସେଥିଲାଗି ତାଙ୍କୁ କଠିନ ଅଭ୍ୟାସ କରିବାକୁ ହୋଇଥିଲା। ହେଭିୱେଟ୍‌ର ନିକଟ ଅତୀତ ଇତିହାସରେ ରୁଇଜ ଏକ ବଡ଼ ବିପର୍ଯ୍ୟୟ ଘଟାଇଥିଲେ ୨୦୧୯ରେ। ସେତେବେଳେ ସେ ଆନ୍ଥୋନୀ ଜୋଶୁଆଙ୍କୁ ପରାସ୍ତ କରି ୩ ଚାମ୍ପିୟନଶିପ୍ ବେଲ୍ଟ ଅକ୍ତିଆର କରିନେଇଥିଲେ। ହେଲେ ଏହାର ୬ ମାସ ପରେ ସେ ତାଙ୍କ ବ୍ରିଟିଶ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରିଯାଇଥିଲେ। ଏବେ କଠିନ ଅଭ୍ୟାସ କରି ସେ ପୁଣି ଏହି ବେଲ୍ଟଗୁଡ଼ିକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।

## ଶ୍ରେଷ୍ଠ ସିଂ, ଶୋଭନଦେବଙ୍କୁ ୬ ଉଇକେଟ


ଶ୍ରେଷ୍ଠ ସିଂ


ଶୋଭନଦେବ ବେହେରା

ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ସୋମବାର ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଅଧିକାଂଶ ମ୍ୟାଚ୍‌ରେ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଥିବା ପରିଲକ୍ଷିତ ହୋଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ କଳାହାଣ୍ଡି ବିପକ୍ଷରେ ସମ୍ବଲପୁରର ଶ୍ରେଷ୍ଠ ସିଂ ଏବଂ ସନ୍‌ସାଇନ୍ ପଡ଼ିଆରେ ଜଗତ୍‌ସିଂହପୁର ବିରୋଧରେ ବୌଦ୍ଧର ଶୋଭନଦେବ ବେହେରା ୬ ଉଇକେଟ ଲେଖାଏ ହାସଲ କରିଛନ୍ତି। ସେହିପରି ସେଞ୍ଚୁରିଅନ ପଡ଼ିଆରେ କେନ୍ଦୁଝର ବିପକ୍ଷରେ ରାଉରକେଲାର ଅମନ ସୋନକାର, ରେଲ୍‌ୱେ ଗ୍ରାଉଣ୍ଡରେ ରାୟଗଡ଼ା ବିପକ୍ଷରେ କୋରାପୁଟର ଆଦିତ୍ୟ ଶତପଥୀ, ଅଡ଼ଶପୁର ପଡ଼ିଆରେ ବରଗଡ଼ ବିପକ୍ଷ ମ୍ୟାଚ୍‌ରେ ଝାରସୁଗୁଡ଼ାର ରୋହନ ରାମ ୫ ଉଇକେଟ ସଫଳତା ପାଇଛନ୍ତି।

## ବୋଲିଂରେ ସନ୍ତୁଳନ ଉପରେ ଗୁରୁତ୍ୱ

**ଏସିଆ କପ୍**
**ଭାରତ-ଶ୍ରୀଲଙ୍କା ମ୍ୟାଚ ଆଜି**

ଦୁବାଇ, ୫।୯ (ପି.ଟି.)

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପର ଫୋର୍‌ରେ ମଙ୍ଗଳବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଭାରତ ନିଜର ପ୍ରଥମ ମ୍ୟାଚ ପାକିସ୍ତାନଠାରୁ ହାରି ଯାଇଛି। ତେଣୁ ଆଗାମୀ ମ୍ୟାଚରେ ଟିମ୍ ଇଣ୍ଡିଆ ପାଇଁ ନିହାତି ବିଜୟ ଆବଶ୍ୟକ ହୋଇପଡ଼ିଛି। ତେଣୁ ଅଧିକ ପରୀକ୍ଷା ନିରୀକ୍ଷା ନ କରି ବୋଲିଂରେ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ଜରୁରୀ ହୋଇଛି। ଆହତ ରବୀନ୍ଦ୍ର ଜାଡେଜା, ହର୍ଷଲ ପଟେଲ ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ବୋଲିଂ ବିଭାଗରେ ଭାରତ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ନାହିଁ। ଗତ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତ ୫ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ମାତ୍ର ଏହା କାମ ଦେଇ ନ ଥିଲା। ଭୁବନେଶ୍ୱର କୁମାର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ପାକିସ୍ତାନ ବିପକ୍ଷରେ ବିଜୟ ପରଠାରୁ ଭାରତର ବୋଲିଂ ଭଲ ରହିନାହିଁ। ହାର୍ଦ୍ଦିକ ପାଣ୍ଡ୍ୟା ଓ ଯୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ୫ ବୋଲର ଥିଓରି ହାର୍ଦ୍ଦିକଙ୍କ ୪ ଓଭରକୁ ଅଧିକ ଜଟିଳ କରି ଦେଉଛି। ତେଣୁ ଜାଡେଜାଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ଅକ୍ଷର ପଟେଲଙ୍କୁ ନିଆଯାଇ ସନ୍ତୁଳନ ରକ୍ଷା କରାଯାଇପାରେ। ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିବା ଆଭେଶ ଖାଁଙ୍କୁ ମଧ୍ୟ ତୃତୀୟ ସ୍ୱଶାଳିଷ୍ଟ ପେସରଭାବେ ସୁଯୋଗ ଦିଆଯାଇପାରେ। ଆସନ୍ତା ବିଶ୍ୱକପ ପୂର୍ବରୁ ଶ୍ରେଷ୍ଠ ଏକାଦଶ ଚୟନ ଉପରେ କୋଚ୍ ରାହୁଲ ଦ୍ରାବିଡ ଗୁରୁତ୍ୱ ଦେଉଛନ୍ତି। ତେଣୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପରୀକ୍ଷା ନିରୀକ୍ଷାକୁ ଜାରି ରଖିପାରେ।

ଉଇକେଟ କିପର ଦୀନେଶ କାର୍ତ୍ତିକ ଓ ରିଷଭ ପନ୍ତଙ୍କୁ ନେଇ ବିତର୍କ ଜାରି ରହିଛି। କାର୍ତ୍ତିକଙ୍କ ସ୍ଥାନରେ ଦୀପକ ହୁଡାଙ୍କୁ ସାମିଲ ନିଷ୍ପତ୍ତି ମଧ୍ୟ କାମ ଦେଇ ନ ଥିଲା। ଭାରତ ନିକଟରେ ସମ୍ପ୍ରତି ବୋଲିଂ ବିଭାଗକୁ ନେଇ ପର୍ଯ୍ୟାପ୍ତ ବିକଳ୍ପ ନାହିଁ। ମାତ୍ର ଯଥାଶୀଘ୍ର ମିଡିଲ ଅର୍ଡର ବ୍ୟାଟିଂ ସୁଧାରିବା ଆବଶ୍ୟକ ହୋଇଛି। ପାକିସ୍ତାନ ବିପକ୍ଷ ମ୍ୟାଚରେ ସକାରାତ୍ମକ ଦିଗ ହେଲା ଟପ୍ ଅର୍ଡରର ୩ ଖେଳାଳି ରୋହିତ, ଲୋକେଶ ରାହୁଲ ଓ ବିରାଟ କୋହଲି ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତକୁ ଦ୍ରୁତ ଆରମ୍ଭ ଦେଇଥିଲେ। ଏସିଆ କପ୍‌ରେ କୋହଲି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ନିଜ ସମାଲୋଚକଙ୍କ ମୁହଁ ବନ୍ଦ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଏହି ୩ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରନ୍ତୁ ବୋଲି ପ୍ରଶଂସକମାନେ ଆଶା ରଖିଛନ୍ତି।

ପ୍ରଥମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ସଫଳ ଚେଜ୍ କରି ଶ୍ରୀଲଙ୍କା ଟ୍ରାକ୍‌କୁ ଫେରିଛି। ଚରିଥ ଆଶାଲଙ୍କାଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ଅଧିନାୟକ ଦସୁନ ଶନକା, କୁସାଲ ମେଣ୍ଡିସ, ଦନୁସ୍କା ଗୁଣତିଳକା ଓ ଭାନୁକା ରାଜପାକ୍ସା ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେଣୁ ଭାରତ ଆଗାମୀ ମ୍ୟାଚକୁ ଗୁରୁତ୍ୱ ଦେଇ ଖେଳିବ। କାରଣ ଆଉ ଏକ ପରାଜୟ ଭାରତକୁ ଫାଇନାଲ ଖେଳିବାଠାରୁ ଦୂରରେ ରଖିବା ସମ୍ଭାବନା ରହିଛି।



ଅକ୍ଷର ପଟେଲ

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୡସତ୍ୟ ଗୋପାଳ ଦାସ
ଟଙ୍କପାଣି ରୋଡ୍, ଜଗନ୍ନାଥ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୭।୦୮।୨୦୨୨
ଆପଣଙ୍କ ଆଶୀର୍ବାଦ, ପ୍ରେରଣା ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ଜଗନ୍ନାଥ କଲୋନୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର ସଭ୍ୟବୃନ୍ଦ ।
ଧ-୭୦୬୦୩

ଫ୍ୟାଶନ୍

# ଆପଣ ପତଳା ହୋଇଥିଲେ...



➜ବ୍ଲାକ୍ ଟି' ଶର୍ଟ୍ସ ସହିତ ରାପିଂ ସ୍କର୍ଟ ଆପଣଙ୍କୁ ଭଲ ମାନିବ। ଏହା ଆପଣଙ୍କ ପର୍ସନାଲିଟିକୁ ବହୁତ ବୋଲ୍ଡ ଦେଖାଯିବାରେ ସାହାଯ୍ୟ କରିବ। ଆପଣ ଏହି ଆଉଟ୍‌ଫିଟ୍ ସହିତ ବ୍ଲାକ୍ ବୁଟ୍ ପିନ୍ଧିପାରିବେ, ଯାହା ଆପଣଙ୍କୁ ଅଧିକ ଷ୍ଟାଇଲିଶ୍ ଦେଖାଯିବାରେ ସାହାଯ୍ୟ କରିବ।

➜ଯଦି ଆପଣଙ୍କୁ ରେଟ୍ରୋ ଲୁକ୍ ପସନ୍ଦ, ତେବେ ତାକୁ ଆପଣ ଆଉଟ୍‌ଫିଟ୍‌ରେ ସାମିଲ କରିପାରିବେ।

➜ଆପଣଙ୍କ ଲୁକ୍‌କୁ ଅଧିକ ଷ୍ଟାଇଲିଶ୍ କରିବାକୁ ଚାହୁଁଛନ୍ତି କି, ତେବେ ଜିନ୍ସ ସହ ଆପଣ ଡେନିମ୍ ଜ୍ୟାକେଟ୍ କିମ୍ବା ଶ୍ରଗ୍‌କୁ ପେୟାର କରି ପିନ୍ଧିପାରିବେ।

➜ଶାଢ଼ି ଯଦି ଆପଣଙ୍କୁ ପସନ୍ଦ, ତେବେ ହ୍ୱାଇଟ୍ ଶାଢ଼ି ପିନ୍ଧିପାରିବେ। ଏହାକୁ ଆପଣ ଡେ' ଆଣ୍ଡ ନାଇଟ୍ ଇଭେଣ୍ଟରେ ପିନ୍ଧିପାରିବେ।

➜ବୋଲ୍ଡ ଲୁକ୍ ପାଇବାକୁ ହେଲେ ବୋଲ୍ଡ ପ୍ରିଣ୍ଟ ଡ୍ରେସ୍ ପିନ୍ଧନ୍ତୁ, ଯଦ୍ୱାରା ଆପଣ ଫ୍ରେଶ୍ ଲୁକ୍ ପାଇପାରିବେ।

## ଘରୋଇ ଉପାୟରେ ଟାଇଲ୍‌କୁ ଚମକାନ୍ତୁ



ସଫାସୁତୁରା ରହିବାକୁ ସମସ୍ତଙ୍କୁ ପସନ୍ଦ। କିନ୍ତୁ କେବେ ଭାବିଛନ୍ତି କି ଟାଇଲ୍‌ଗୁଡ଼ିକର କିପରି ଯତ୍ନ ନିଆଯିବ। ଟାଇଲ୍‌ର ଯଦି ଉପଯୁକ୍ତ ଯତ୍ନ ନିଆଯିବ, ତେବେ ଘର ଦେଖାଯିବ ସବୁବେଳେ ଚକାଚକ୍। ଏମିତିରେ ପୂରା ଘରକୁ ଆପଣ ଛୁଟିଦିନରେ ଚମକାଇ ପାରିବେ। ଯଦି ଏହାକୁ ଠିକ୍ ସମୟରେ ସଫା ନ କରାଯାଏ, ତେବେ ଏଥିରେ ଦାଗ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହାକୁ ଠିକ୍ ସମୟରେ ସଫା କରିବା ଜରୁରୀ।

– ବାଥ୍‌ରୁମ୍‌ରେ ଲାଗିଥିବା ଟାଇଲ୍‌ର ଅପରିଷ୍କାରକୁ ସଫା କରିବାକୁ ହେଲେ ଏକ ପାତ୍ର ନିଅନ୍ତୁ। ସେଥିରେ କିଛି ବେକିଂ ସୋଡ଼ା ନିଅନ୍ତୁ। ଏବେ ଏହି ବେକିଂ ସୋଡ଼ାକୁ ଓଦା ସ୍ପଞ୍ଜ ସାହାଯ୍ୟରେ ଘଷନ୍ତୁ। କାନ୍ଥ ସଫା କରିବା ପରେ ତାକୁ ଗରମ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

– ଟାଇଲ୍‌ଗୁଡ଼ିକୁ ସଫା କରିବାକୁ ହେଲେ ସିର୍‌କାକୁ ପ୍ରଭାବଶାଳୀ ବୋଲି କୁହାଯାଇପାରେ। ଏବେ ସିର୍‌କା ଓ ପାଣିର ସମାନ ମାତ୍ରା ନିଅନ୍ତୁ। ଏହାକୁ ଟାଇଲ୍ସ ଉପରେ ସ୍ପ୍ରେ କରନ୍ତୁ। ସ୍ପ୍ରେ ହୋଇଥିବା ଟାଇଲ୍‌କୁ କିଛି ସମୟ ଛାଡ଼ିଦିଅନ୍ତୁ। ଏହା କିଛି ସମୟ ରହିବା ପରେ ତାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ।

– ବାଥ୍‌ରୁମ୍ ଟାଇଲ୍‌କୁ ଚକାଚକ୍ କରିବାକୁ ହେଲେ ଏକ ସଫା କପଡ଼ା ନିଅନ୍ତୁ। ସେଥିରେ କିଛି ଲୁଣ ପକାଇ ଟାଇଲ୍ ଉପରେ ରଗଡ଼ନ୍ତୁ। ଏହାକୁ ଗୋଟିଏ ରାତି ସେମିତି ଛାଡ଼ିଦିଅନ୍ତୁ। ସକାଳୁ ତାକୁ ବ୍ରଶ୍ ସାହାଯ୍ୟରେ ସଫା କରନ୍ତୁ। ଦେଖିବେ ଦାଗ ଲାଗିଥିବା ଟାଇଲ୍‌ଗୁଡ଼ିକ ସଫା ଦେଖାଯାଉଛି।

ଖାଦ୍ୟରୁଚି

## ନଡ଼ିଆ ସୁଜି ହାଲ୍‌ୱା

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ସୁଜି, କୋରା ହୋଇଥିବା ନଡ଼ିଆ ଦୁଇ ଚାମଚ, ଏକ କପ୍ ଦେଶୀ ଘିଅ, ଦୁଇ କପ୍ ଚିନି, ୫-୬ଟି ଛେଚା ହୋଇଥିବା ପିସ୍ତା ବାଦାମ, ୧୫-୨୦ଟି କିସ୍‌ମିସ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ଚୁଲା ଅନ୍ କରି ସେଥିରେ କଡ଼େଇ ବସାନ୍ତୁ। ଏବେ ଏହି କଡ଼େଇରେ ଘିଅ ପକାଇ ସେଥିରେ ଏକ କପ୍ ସୁଜି ପକାଇ ଭାଜନ୍ତୁ, ଯେପର୍ଯ୍ୟନ୍ତ ସୁଜି ବ୍ରାଉନ୍ କଲର ନ ହୋଇଛି। ଭଜା ସୁଜିକୁ କାଢ଼ି ଏକ ପାତ୍ରରେ ରଖନ୍ତୁ। କଡ଼େଇ ବସାଇ ସେଥିରେ ଅଳ୍ପ ମାତ୍ରାରେ ଲୁଣ, ଚିନି ଓ ପାଣିକୁ ଏକ ସଙ୍ଗରେ ପକାନ୍ତୁ। ପାଣି ଫୁଟିବା ଆରମ୍ଭ କଲେ ଏଥିରେ ଭଜା ସୁଜିକୁ ପକାଇ ବାରମ୍ବାର ଚଲାନ୍ତୁ, ନହେଲେ ଏହା ବିଣ୍ଡା ହୋଇଯିବ। ଏବେ ଫୁଟା ହୋଇଥିବା କ୍ଷୀରକୁ ପକାନ୍ତୁ। ଚୁଲାରେ ବସିଥିବା କଡ଼େଇକୁ ଟିକେ ସିମ୍ କରିଦିଅନ୍ତୁ। ଯେତେବେଳେ ସୁଜି ଘିଅ ଛାଡ଼ିବା ଆରମ୍ଭ କରିବ, ସେଥିରେ ନଡ଼ିଆ ପକାଇ ଆଞ୍ଚରୁ କାଢ଼ିଦିଅନ୍ତୁ। ଏବେ ତା' ଉପରେ ପିସ୍ତା ବାଦାମ, କିସ୍‌ମିସ୍ ପକାନ୍ତୁ। ତା'ପରେ ଗରମ ଗରମ ପରଷନ୍ତୁ।



ସୌନ୍ଦର୍ଯ୍ୟ

# ସୁସ୍ଥ କେଶ ପାଇଁ ପିଆଜ ରସ



**ଯଦି ଆପଣଙ୍କର କେଶ ପତଳା ହୋଇଥାଏ, ତେବେ ପିଆଜ ସାହାଯ୍ୟରେ କିପରି କେଶକୁ ମୋଟା କରିବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...**

➤ପିଆଜ ରସରେ ଥିବା ସଲ୍‌ଫର କେଶକୁ ମୋଟା ଓ ଲମ୍ବା କରିବାରେ ସାହାଯ୍ୟ କରିଥାଏ।

➤ପିଆଜ ରସକୁ ହାତ ସାହାଯ୍ୟରେ ମୁଣ୍ଡରେ ଗୋଲ ଗୋଲ କରି ମସାଜ୍ କରନ୍ତୁ। ଏହାକୁ ମସାଜ୍ କରିବାର ଘଣ୍ଟାଏ ପରେ ଅଳ୍ପ ସାମ୍ପୋ ସାହାଯ୍ୟରେ ମୁଣ୍ଡକୁ ସଫା କରିଦିଅନ୍ତୁ। ଏପରି ସପ୍ତାହରେ ୨-୩ଥର କରନ୍ତୁ।

➤ପିଆଜ ତେଲ କେଶକୁ ମଜଭୁତ କରିବା ସହ ଝଡ଼ିବା ସମସ୍ୟା ଦୂର ହୋଇଥାଏ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ନଡ଼ିଆ ତେଲରେ ଛୋଟଛୋଟ ପିଆଜ ଖଣ୍ଡ ପକାଇ ଟିକେ ଫୁଟାଇ ଦିଅନ୍ତୁ। ଏହା ଫୁଟିଗଲା ପରେ ତାକୁ ଛାଣି ରଖିଦିଅନ୍ତୁ। ଏହି ତେଲ ଥଣ୍ଡା ହେଲା ପରେ ତାକୁ ମୁଣ୍ଡରେ ଲଗାଇ ହାଲୁକା ମସାଜ୍ କରନ୍ତୁ।



➤ପିଆଜ ରସରେ ଲେମ୍ବୁ ରସ, ଆମ୍‌ଲା ପାଉଡର ପକାଇ ଭଲଭାବେ ମିଶାନ୍ତୁ। ଏବେ ଏହି ପେଷ୍ଟକୁ କେଶରେ ଲଗାନ୍ତୁ। ଏବେ ଏହାକୁ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଅଧଘଣ୍ଟା ପରେ କେଶକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ।

➤କେଶକୁ ସୁସ୍ଥ ଓ ମୋଟା ରଖିବାକୁ ହେଲେ ସପ୍ତାହରେ ଦୁଇଥର ପିଆଜ ଜୁସ୍ ପିଅନ୍ତୁ। ଆପଣ ପ୍ରଥମେ ଗୋଟିଏ ପିଆଜ ନେଇ ତାକୁ କାଟି ମିକ୍ସଚରରେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହା ପରେ ତାକୁ ଛଣାରେ ଛାଣି ସେଥିରେ ଲେମ୍ବୁ ରସ ମିଶାଇ ପିଅନ୍ତୁ।

# ଘର ଭଡ଼ା ନେଉଥିଲେ...

**ମନଲାଖି ଘରଭଡା ଟିଏ ମିଳିବା ବହୁତ କଷ୍ଟାସାଧ ହୋଇଗଲାଣି। ଘର ମାଲିକ କିପରି ତାହା ମଧ୍ୟ ଭଲ ଭାବେ ବୁଝିସୁଝି ନେଲେ ଭଲ । କୌଣସି କର୍ମଜୀବୀ ହୁଅନ୍ତୁ ଅବା ଶିକ୍ଷା କିମ୍ବା କୌଣସି ବିଷୟରେ ଟ୍ରେନିଂ ନେବାକୁ ସହରକୁ ଆସି ଘର ଭଡ଼ା ନେଇ ରହୁଥିଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**





ଆଜିକାଲି ଅନେକ ମହିଳା କର୍ମଜୀବୀ ହେବାକୁ ପସନ୍ଦ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରକୁ ଚଳାଇବାକୁ ସେମାନେ ଆଗେଇ ଆସୁଛନ୍ତି। ବାହାରେ ଚାକିରିଟିଏ ପାଇବା ପରେ ସେଠାରେ ଘର ଭଡ଼ା ନେଇ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ କେତୋଟି ଦିଗ ପ୍ରତି ନଜର ଦେବା ଦରକାର। କାରଣ କେବଳ ରହିବା ପାଇଁ ଘରଟିଏ ମିଳିଗଲେ ହେବ ନାହିଁ, ତା'ସହ ସେଠାକାର ପରିବେଶ ଭଲ ରହିବା ଦରକାର। ସାମାନ୍ୟ ଭୁଲ ଯୋଗୁ ଘର ଭଡ଼ା ପାଇଁ ଅନେକେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତାହାର ମଧ୍ୟ ଅନେକ ଉଦାହରଣ ରହିଛି। ସ୍ମିତା ରାଜଧାନୀର ଏକ ଘରୋଇ ସଂସ୍ଥାରେ ଫ୍ରଣ୍ଟଲାଇନ୍ ଏକ୍‌ଜିକ୍ୟୁଟିଭ ଭାବରେ କାମ କରନ୍ତି। ପାଠ ଶେଷ ହେବା ପରେ ସେ ଏହି ଚାକିରି ପାଇଥିଲେ। ତେଣୁ ଗାଁ ଛାଡ଼ି ସହରରେ ରହିବାକୁ ପଡ଼ିଥିଲା। ହଠାତ୍ ଘରଟିଏ ଖୋଜିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ତେଣୁ ସେ ଜଣେ ସାଙ୍ଗଙ୍କ ସହ ଶେୟାର କରି ରହୁଥିଲେ। ପରବର୍ତ୍ତୀ ସମୟରେ ନିଜେ ଏକ ଭଡ଼ାଘର ନେଇ ରହିଲେ। ହେଲେ ସେଠାକାର ପରିବେଶ ବିଷୟରେ ଠିକ୍ ଭାବରେ ତର୍ଜମା କରିପାରି ନ ଥିଲେ ସେ। ଏଥିପାଇଁ ମାତ୍ର ମାସ କେଇଟାରେ ପୁଣି ଥରେ ତାଙ୍କୁ ଘର ବଦଳାଇବାକୁ ପଡ଼ିଥିଲା। ତେଣୁ କୌଣସି କର୍ମଜୀବୀ ହୁଅନ୍ତୁ ଅବା ଶିକ୍ଷା କିମ୍ବା କୌଣସି ବିଷୟରେ ଟ୍ରେନିଂ ନେବାକୁ ସହରକୁ ଆସି ଘର ଭଡ଼ା ନେଇ ରହୁଥିଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ସେ ସମ୍ପର୍କରେ କିଛି କଥା...

– ଯେଉଁଠି ଚାକିରି କରିଛନ୍ତି ତାହାର ପାଖ ଅଞ୍ଚଳରେ ଘରଭଡ଼ା ନେଲେ ଭଲ। ଯଦି କିଛି ଦୂରରେ ରହୁଛନ୍ତି, ତେବେ ସେଠାରୁ ଗମନାଗମନ ସୁବିଧା ଉପରେ ଦୃଷ୍ଟି ଦିଅନ୍ତୁ।

– ଘର ଭଡ଼ା ନେବା ପୂର୍ବରୁ ସେହି ଘରର ମାଲିକଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଭଡ଼ା ବିଷୟରେ ସିଧାସଳଖ ମାଲିକଙ୍କ ସହ କଥା ହୁଅନ୍ତୁ।

– ଘର ଭଡ଼ା ନେବା ପୂର୍ବରୁ ସେଠାରେ କ'ଣ କ'ଣ ସୁବିଧା ରହିଛି ଯଥା -ପାର୍କିଂ ବ୍ୟବସ୍ଥା ଇଲେକ୍ଟ୍ରି ,ପାଣି ବିଲ୍ ବିଷୟରେ ମଧ୍ୟ ଭଲ ଭାବରେ ଜାଣନ୍ତୁ।

– ଭଡ଼ାଘର ଦେଖିବା ସମୟରେ ସେହି ଘରର ଅବସ୍ଥା, ତାହାର ଭିତର ଏବଂ ବାହାର ପରିବେଶକୁ ଭଲ ଭାବରେ ତର୍ଜମା କରନ୍ତୁ।



– ଘର ଭଡ଼ା ନେବା ପୂର୍ବରୁ ନିଜ ବିଷୟରେ ବିଶଦ ବିବରଣୀ ଘର ମାଲିକଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ।

– ସେଠାରେ ଆପଣ ଏକୁଟିଆ ରହିବେ ନା ଆଉ କିଏ ସାଙ୍ଗରେ ରହିବେ ସେ ନେଇ ସୂଚନା ଦିଅନ୍ତୁ।

– ସବୁଠାରୁ ବଡ଼ କଥା ହେଲା ରେଣ୍ଟ ବା ଭଡ଼ା। କେତେ ଭଡ଼ା ଦେବେ ସେ ନେଇ ପ୍ରାରମ୍ଭରୁ ଠିକ୍ କରି ନିଅନ୍ତୁ।

– ଘର ଭଡ଼ା ନେବା ସମୟରେ ସ୍ଥାନୀୟ କୋର୍ଟରେ ଏଗ୍ରିମେଣ୍ଟ କରାଇ ନିଅନ୍ତୁ। ଏହାର ଟର୍ମ-କଣ୍ଡିଶନଗୁଡ଼ିକୁ ଭଲ ଭାବରେ ପଢ଼ି ସେଥିରେ ଦସ୍ତଖତ କରନ୍ତୁ। ତାହାର ଏକ ନକଲ (କପି) ପାଖରେ ରଖନ୍ତୁ।

– ନିର୍ଦ୍ଧାରିତ ସମୟ ପୂର୍ବରୁ ଘରଭଡ଼ା ଦେଇ ଦିଅନ୍ତୁ। ଯଦି କୌଣସି ମାସରେ ଭଡ଼ା ଦେବାରେ କିଛି ଅସୁବିଧା ହୁଏ, ତେବେ ତାହା ପୂର୍ବରୁ ଘର ମାଲିକଙ୍କୁ ଜଣାଇ ଦିଅନ୍ତୁ।

– ଭଡ଼ା ନେଇଥିବା ଘରେ କିଛି ସମସ୍ୟା ହେଲେ ତୁରନ୍ତ ଘର ମାଲିକଙ୍କୁ ଜଣାନ୍ତୁ।

– ଯଦି ଆପଣ ଘର ଛାଡ଼ିବାକୁ ଚାହୁଁଥାନ୍ତି, ତେବେ ସେ ବିଷୟରେ ଘର ମାଲିକଙ୍କ ସହ ଏ ସମ୍ବନ୍ଧରେ କେବେ ସୂଚନା ଦେବାକୁ ହେବ ତାହା ପଚାରି ବୁଝି ନିଅନ୍ତୁ।

– ଆପଣ ଯେଉଁ ଘରେ ରହୁଛନ୍ତି, ସେଠାକାର ଠିକଣା ନୋଟ୍ କରି ଗ୍ୟାସ୍ କମ୍ପାନୀଙ୍କୁ ଏ ବିଷୟରେ ସୂଚନା ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଗ୍ୟାସ୍ ସିଲିଣ୍ଡର ପାଇବାରେ କୌଣସି ଅସୁବିଧା ହେବ ନାହିଁ।

– ଯଦି ଆପଣ ନେଇଥିବା ଭଡ଼ାଘରକୁ ନେଇ ବାହାରର କୌଣସି ବ୍ୟକ୍ତି କିଛି ଖରାପ ମନ୍ତବ୍ୟ ଦେଲେ, ତେବେ ସେ ନେଇ ତର୍ଜମା କରିବା ପରେ ସେ ବିଷୟରେ ଚିନ୍ତା କରନ୍ତୁ।

– ବେଳେବେଳେ ନୂଆ ଭଡ଼ାଘରେ ନିଜକୁ ଖାପ ଖୁଆଇ ଚଳିବାକୁ କିଛି ଦିନ ଲାଗିଥାଏ। କାରଣ ସବୁ ଜାଗାରେ ସବୁ ପ୍ରକାର ସୁବିଧା ସୁଯୋଗ ନ ଥାଏ। ପରିସ୍ଥିତିରେ ପଡ଼ି ଘର ଭଡ଼ା ନେବାକୁ ପଡ଼େ। ତେଣୁ ଏ ନେଇ ନିଜକୁ ପ୍ରସ୍ତୁତ କରିନିଅନ୍ତୁ।

– କେତେକ ଭଡ଼ାଘରେ ନିଜର ବାର୍ଥ ଡେ ହେଉ ଅବା କୌଣସି ପୂଜାପାର୍ବଣକୁ ସେଲିବ୍ରେଟ୍ କରିଥାଆନ୍ତି। ତେବେ ଏହା ପୂର୍ବରୁ ଘର ମାଲିକଙ୍କ ସହ କଥା ହୋଇ ଯାଆନ୍ତୁ।

– ଯେଉଁଠି ଘର ଭଡ଼ା ନେଇଛନ୍ତି, ସେହି ଘରକୁ ନିଜ ଘର ବୋଲି ଭାବନ୍ତୁ। ଘରର କୌଣସି ମରାମତି କରିବାକୁ ପଡିଲେ କିମ୍ବା କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଘର ମାଲିକଙ୍କୁ ଜଣାନ୍ତୁ।

-ଯାହାକୁ ଆପଣ ଭଡା ଦେଉଛନ୍ତି ତାଙ୍କର ଠିକଣା ଏବଂ ଆଉଡି ପ୍ରୁଫ୍‌ର ନକଲ ଆପଣ ମାଗି ରଖନ୍ତୁ।

### କ'ଣ କରନ୍ତି ଏମାନେ

**ଭଡ଼ାଘର ବିଷୟରେ ବିଶଦ ଭାବରେ ବୁଝିନିଏ**

*(ଅବନ୍ତୀ ଜେନା, କର୍ମଜୀବୀ, ଭୁବନେଶ୍ୱର)*



ମୁଁ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଭୁବନେଶ୍ୱରରେ ରହୁଛି। ମୋ ସ୍ୱାମୀ କର୍ମଜୀବୀ। ମୁଁ ମଧ୍ୟ ଏକ ପ୍ଲେ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା। ତେଣୁ ଘର ଭଡ଼ା ନେବା ସମୟରେ ମୁଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି। ଘର ବିଷୟରେ ଏହାର ମାଲିକ ମୋତେ ବିଶଦ ଭାବରେ ବୁଝାଇ ଦେଇଥିଲେ। ଯେବେଠାରୁ ଏଠାରେ ମୁଁ ରହୁଛି ମୋର କୌଣସି ପ୍ରକାର ଅସୁବିଧା ହୋଇନାହିଁ। କୌଣସି ସମସ୍ୟା ହେଲେ ମୁଁ ବିଳମ୍ବ ନ କରି ଘର ମାଲିକଙ୍କୁ ଜଣାଇଥାଏ। ମୋ ଦୁଇ ଝିଅ ଏବେ ପଢୁଛନ୍ତି। ତେଣୁ ଘର ଭଡ଼ା ନେବା ପୂର୍ବରୁ ମୁଁ ସେଠାକାର ପରିବେଶ ପ୍ରତି ବିଶେଷ ଧ୍ୟାନ ଦେଇଥିଲି।

**ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି**

*(ରଶ୍ମିତା ସାହୁ, ଗୃହିଣୀ, ଜିଜିପି କଲୋନୀ, ଭୁବନେଶ୍ୱର)*



ମୁଁ ପ୍ରାୟ ୧୫ ବର୍ଷ ହେବ ଭୁବନେଶ୍ୱରରେ ପରିବାର ସହ ରହୁଛି। ସ୍ୱାମୀ ତାଙ୍କ ବିଜ୍‌ନେସ୍‌ରେ ବ୍ୟସ୍ତ ରହନ୍ତି। ତେଣୁ ଘରର ପ୍ରତିଟି ବିଷୟ ପ୍ରତି ମୋତେ ନଜର ଦେବାକୁ ପଡ଼େ। ଯେହେତୁ ଆମେ ପରିବାର ସହ ବାହାରେ ରହୁଛୁ, ତେଣୁ ଭଡ଼ାଘରଟିଏ ଖୋଜିବା ସମୟରେ ଆମେ ଏହାର ପ୍ରତିଟି ଦିଗ ପ୍ରତି ଦୃଷ୍ଟି ଦେଇଥିଲୁ। ବିଶେଷ ଭାବରେ ପରିବାର ରହିବାକୁ ଘରଟି ଉପଯୁକ୍ତ କି ନାହିଁ ତାହା ଭଲ ଭାବରେ ପରଖି ନେଇଥିଲି। ଯେଉଁଠି ମୁଁ ରହୁଛି ଏଠି ସବୁ ପ୍ରକାର ସୁବିଧା ରହିଛି। ବିଶେଷଭାବରେ ମାର୍କେଟିଂରେ କୌଣସି ଅସୁବିଧା ହୋଇ ନଥାଏ। ମୋର ପୁଅ-ଝିଅ ପାଠ ପଢୁଛନ୍ତି। ସେମାନଙ୍କର ସ୍କୁଲ ମଧ୍ୟ ଅନତି ଦୂରରେ। ପାଖରେ ହସ୍‌ପିଟାଲ ମଧ୍ୟ ରହିଛି। ତେଣୁ ଏଠାକାର ପରିବେଶ ମୋତେ ବେଶ୍ ପ୍ରଭାବିତ କରିଥିଲା।

# କିପରି କମାଇବେ ବିଜୁଳି ବିଲ୍

**ବିଜୁଳି ବିଲ୍‌କୁ ନେଇ ଆପଣ ଚିନ୍ତିତ କି? ଯଦି ହଁ, ତେବେ ନିମ୍ନୋକ୍ତ କେତୋଟି ଟିପ୍ସକୁ ଆପଣାଇଲେ କିଛିମାତ୍ରାରେ ବିଜୁଳି ବିଲ୍ କମାଇ ପାରିବେ...**



➜ଯଦି ରୁମ୍‌ରେ କେହିନାହାନ୍ତି ଏବଂ ସେଠାରେ ଲାଇଟ୍ ଜଳୁଛି କିମ୍ବା ଫ୍ୟାନ୍ ବୁଲୁଛି, ତେବେ ସେ ରୁମ୍‌ର ଲାଇଟ୍ ଓ ଫ୍ୟାନ୍‌ର ସୁଇଚ୍ ଅଫ୍ କରିଦିଅନ୍ତୁ।

➜ବେଳେବେଳେ ଆପଣ ବାଥ୍‌ରୁମ୍ ଯାଇଥିବେ, କିନ୍ତୁ ଲାଇଟ୍ ଅନ୍ କରିଥିବେ। ସୁଇଚ୍ ଅଫ୍ କରିବାକୁ ଭୁଲିଯାନ୍ତି। ଏଥିପାଇଁ ସତର୍କ ରହିବା ଉଚିତ୍।

➜ରୋଷେଇ ଘରେ ଯଦି ଆବଶ୍ୟକ ପଡୁଛି ଲାଇଟ୍ ସୁଇଚ୍ ଅନ୍ କରନ୍ତୁ। ଯେତେବେଳେ ଆପଣ ରୋଷେଇ ଘରେ ନାହାନ୍ତି, ତେବେ ଲାଇଟ୍ ସୁଇଚ୍ ଅଫ୍ କରିଦିଅନ୍ତୁ।

➜ଯଦି ଆପଣ ଏସି କିମ୍ବା ଫ୍ରିଜ୍ କିଣୁଛନ୍ତି, ଚେଷ୍ଟା କରନ୍ତୁ ୫ ଷ୍ଟାର ଥିବା ଏସି କିମ୍ବା ଫ୍ରିଜ୍ କିଣିବା ପାଇଁ। ଏହା ଆପଣଙ୍କ ବିଜୁଳି ବିଲ୍ କମ୍ କରିବାରେ ସାହାଯ୍ୟ କରିବ।

➜ଯଦି ଆପଣ ଘରେ କିଛିଦିନ ରହୁନାହାନ୍ତି, ତେବେ ଫ୍ରିଜ୍ ସୁଇଚ୍ ଅଫ୍ କରିଦିଅନ୍ତୁ। ଲାଇଟ୍, ଟିଭି, କୁଲର, ଏସି ଆଦି ଆବଶ୍ୟକ ପଡିଲେ ଚଲାନ୍ତୁ। କୌଣସି ଜିନିଷ ଆବଶ୍ୟକ ନ ଥିଲେ ଚଲାନ୍ତୁ ନାହିଁ।

➜ଯଦି ବି ଆପଣ ଚାହୁଁଛନ୍ତି ଆପଣଙ୍କ ଇଲେକ୍‌ଟ୍ରିକ୍ ବିଲ୍ କମ୍ ହେଉ, ତେବେ ଘରେ ସବୁବେଳେ ଏଲଇଡି ଲାଇଟ୍ ବ୍ୟବହାର କରନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୬/୨୦୨୨ Bhubaneswar, Tuesday, September 6/ 2022



ପୁଣେରେ ଅନୁଷ୍ଠିତ ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଜଗରନଟ୍ସ ଦଳ।

# ଓଡ଼ିଶା ଜଗରନଟ୍ସ ଦଳକୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୫।୯ (କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ସର୍ବପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇ ଟ୍ରଫି ସହ ସୋମବାର ଭୁବନେଶ୍ୱର ଫେରିଥିବା ଓଡ଼ିଶା ଜଗରନଟ୍ସ ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ବିମାନ ବନ୍ଦରରୁ ବାହାରକୁ ଆସିବାପରେ ଯୋଡ଼ି ଶଙ୍ଖବାଦ୍ୟରେ ସ୍ୱାଗତ ଅବସରରେ ପ୍ରଶଂସକ, କ୍ରୀଡ଼ାପ୍ରେମୀ, ପରିବାରବର୍ଗ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ତଥା ଓଡ଼ିଶା ଜଗରନଟ୍ସ ସିଇଓ ରଞ୍ଜିତ ପରିଡ଼ା ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ମୁଖ୍ୟ କୋଚ୍ ଅଶ୍ୱିନ କୁମାର ଶର୍ମା ଏବଂ ପୂରା ଦଳକୁ ସ୍ୱାଗତ କରିଥିଲେ। ଭାରତର ସର୍ବପ୍ରଥମ ପେସାଦାର ଖୋ ଖୋ ଲିଗ୍‌ରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ରବିବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଜଗରନଟ୍ସ ନାଟକୀୟ ଢଙ୍ଗରେ ମାତ୍ର ୧ ପଏଣ୍ଟରେ ତେଲ୍‌ଗୁ ଯୋଦ୍ଧାସକୁ ପରାସ୍ତ କରିଥିଲା।

ଓଡ଼ିଶା ଜଗରନଟ୍ସ ଦଳକୁ ଅଭିନନ୍ଦନ ଜଣାଇ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା କହିଛନ୍ତି ଯେ, ''ପୂରା ସିଜନରେ ଦଳ ଅପୂର୍ବ ଦକ୍ଷତା ପ୍ରଦର୍ଶନ କଲା। ସେଥିପାଇଁ ସମ୍ପୂର୍ଣ୍ଣ ଦଳକୁ ମୁଁ ଅଭିନନ୍ଦନ ଜଣାଉଛି। ଖେଳାଳିମାନେ ସେମାନଙ୍କ ପ୍ରଶଂସକଙ୍କୁ ପ୍ରଭାବିତ କରିବା ସହ ଜାତୀୟ ସ୍ତରର ତାରକା ପାଲଟି ଯାଇଛନ୍ତି। ଆମେ ସେମାନଙ୍କ ପାଇଁ ଗର୍ବିତ ଏବଂ ଭବିଷ୍ୟତରେ ଆହୁରି ସଫଳତା ପାଇଁ ଶୁଭେଚ୍ଛା ଜଣାଉଛି। ଖୋ ଖୋକୁ ଏକ ପେସାଦାର କ୍ରୀଡ଼ା ଭାବେ ଗ୍ରହଣ କରିବାକୁ ଏହି ସଫଳତା ଆମ ଯୁବପୀଢ଼ିଙ୍କୁ ଅନୁପ୍ରେରିତ କରିବ''।


କୋଚ୍ ଅଶ୍ୱିନ ଶର୍ମାଙ୍କୁ ସ୍ୱାଗତ କରୁଛନ୍ତି କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ୍ ପରିଡ଼ା।

ଓଡ଼ିଶା ଜଗରନଟ୍ସ ଦଳର ବିଜୟରେ ସବୁଠାରୁ ଅଧିକ ଖୁସି ହୋଇଛନ୍ତି କୋଚ୍ ଅଶ୍ୱିନ କୁମାର ଶର୍ମା। ''ଆମେ ଏବେ ମଧ୍ୟ ଆମ ବିଜୟକୁ ଅନୁଭବ କରୁଛୁ। ଏପରି ଭବ୍ୟ ସ୍ୱାଗତ ଆମକୁ ଭାବପ୍ରବଣ କରିଛି। ଆମ ଦଳ ସମସ୍ତ ପ୍ରକାର ଚ୍ୟାଲେଞ୍ଜକୁ ପ୍ରତିହତ କରି ଇତିହାସ ରଚିଲା। ଏଥିପାଇଁ ଆମେ ଓଡ଼ିଶା ସରକାର, ଏଏମ୍/ଏନ୍‌ଏସ୍ ଏବଂ ବିଶେଷ କରି ଓଡ଼ିଶା ପ୍ରଶଂସକଙ୍କ ନିକଟରେ ଚିର କୃତଜ୍ଞ। ଏହା ଆମକୁ ଶେଷ ସେକେଣ୍ଡ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଉତ୍ସାହିତ କରିଥିଲା। ଆମର ସ୍ୱପ୍ନ ସାର୍ଥକ ହୋଇଛି। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥିବା ମୁଁ ଅନୁଭବ କରିଛି'' ବୋଲି ଅଶ୍ୱିନ ପ୍ରକାଶ କରିଛନ୍ତି।

ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ପୁରସ୍କାର ଆକାରରେ ଟ୍ରଫି ସହ ୧ କୋଟି ଟଙ୍କା ହାସଲ କରିଥିଲା। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ଆଉ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଓଡ଼ିଶା ଜଗରନଟ୍ସ ଦଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୭ ତାରିଖରେ ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମ ରହିଛି।

## ଭାରତୀୟ ମହିଳା ଦଳ ପ୍ରଥମେ କାନାଡାକୁ ଭେଟିବ

**ଲାଉସାନେ, ୫।୯ (ପି.ଟି.):** ଏଫ୍‌ଆଇଏଚ୍ ନେଶନ୍ସ କପ୍ ହକି ଟୁର୍ନାମେଣ୍ଟ ସ୍ପେନର ଭାଲେନ୍‌ସିଆଠାରେ ଡିସେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ହେବ। ୮ଟି ଦେଶକୁ ନେଇ ଆୟୋଜିତ ଏହି ଇଭେଣ୍ଟ ପରବର୍ତ୍ତୀ ସିଜନର ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଏକ କ୍ୱାଲିଫାୟର। ଟୁର୍ନାମେଣ୍ଟରେ କାନାଡା, ଜାପାନ ଓ ଦକ୍ଷିଣ ଆଫ୍ରିକା ସହ ଭାରତ ପୁଲ୍ 'ବି'ରେ ସ୍ଥାନ ପାଇଛି। ପୁଲ 'ଏ'ରେ କୋରିଆ, ଇଟାଲୀ, ଆୟୋଜକ ସ୍ପେନ ଓ ଆୟର୍ଲାଣ୍ଡ ରହିଛନ୍ତି। କାନାଡା ମ୍ୟାଚ୍ ପରେ ଭାରତ ଡିସେମ୍ବର ୧୨ରେ ଜାପାନକୁ ଭେଟିବ। ଡିସେମ୍ବର ୧୪ରେ ଦଳ ଏହାର ଅନ୍ତିମ ପୁଲ ମ୍ୟାଚ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୧୬ରେ ଖେଳାଯିବ। ଟୁର୍ନାମେଣ୍ଟର ଫାଇନାଲ ଡିସେମ୍ବର ୧୭ରେ ଖେଳାଯିବା ଲାଗି ସ୍ଥିର କରାଯାଇଛି। ଭାରତୀୟ ମହିଳା ଦଳ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ସିଜନ ୨୦୨୧-୨୨ରେ ପ୍ରଥମ ପଦାର୍ପଣରେ ତୃତୀୟ ସ୍ଥାନ ଅଧିକାର କରିଥିଲା।

## ସମ୍ବିତଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

**ଭୁବନେଶ୍ୱର, ୫।୯ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚେସ୍ ତାରକା ସମ୍ବିତ ପଣ୍ଡା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ ଦିଗରେ ଆଉ ଏକପାଦ ଆଗକୁ ବଢ଼ିଛନ୍ତି। ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଦୁବାଇ ଓପନ ଚେସ୍ ଟୁର୍ନାମେଣ୍ଟରେ ସେ ଦ୍ୱିତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୪ ବିଜୟ, ୪ଡ୍ର ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଛନ୍ତି। ୪ର୍ଥ ରାଉଣ୍ଡରେ ଇଜିପ୍ଟ ଗ୍ରାଣ୍ଡମାଷ୍ଟର ଆଡ୍‌ଲି ଅହମଦଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିବା ସମ୍ବିତ ୮ମ ରାଉଣ୍ଡରେ ଆର୍ଜେଣ୍ଟିନା ଗ୍ରାଣ୍ଡମାଷ୍ଟର ସାଣ୍ଡ୍ରୋ ମାରେକୋ ଏବଂ ୯ମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ତେଜାସ କୁମାର ଏମ୍‌ଏସ୍‌ଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିଲେ। ଟୁର୍ନାମେଣ୍ଟ ଶେଷରେ ସେ ୩୦ତମ ସ୍ଥାନରେ ରହିଥିବାବେଳେ ତାଙ୍କୁ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ୨୩୦୦ରୁ ୨୪୦୦ ରେଟିଂ ବର୍ଗରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ସେ କାନପୁରରେ ଅନୁଷ୍ଠିତ ଜାତୀୟ ସିନିୟର ଓପନ ଟୁର୍ନାମେଣ୍ଟରେ ହାସଲ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବାକୁ ହେଲେ ତାଙ୍କୁ ଆଉ ଏକ ନର୍ମ ହାସଲ କରିବାକୁ ପଡ଼ିବ। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସହ ଅନ୍ୟ ସମସ୍ତ ସଦସ୍ୟ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ପ୍ରମୁଖ ସମ୍ବିତଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ସମ୍ବିତ ପଣ୍ଡା

## ରିଜୱାନ୍‌ଙ୍କର ହେବ ଏମ୍‌ଆର୍‌ଆଇ ସ୍କାନ୍

**ଦୁବାଇ, ୫।୯ (ପି.ଟି.):** ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାକିସ୍ତାନ ଉଇକେଟକିପର ବ୍ୟାଟର ମହମ୍ମଦ ରିଜୱାନ୍‌ଙ୍କର ଏମ୍‌ଆର୍‌ଆଇ ସ୍କାନ୍ କରାଯିବ। ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ଭାରତ ବିପକ୍ଷ ୫ ଉଇକେଟ ବିଜୟ ମ୍ୟାଚ ବେଳେ ତାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ପାକିସ୍ତାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାରତର ଇନିଂସ ବେଳେ ମହମ୍ମଦ ହାସ୍‌ନେନ୍‌ଙ୍କ ଏକ ଡେଲିଭରିକୁ ସଂଗ୍ରହ କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ଡାହାଣ ଗୋଡ଼ ମୋଡି ହୋଇଯାଇଥିଲା। ସେତେବେଳେ ରିଜୱାନ୍ ଯନ୍ତ୍ରଣା ଅନୁଭବ କରିଥିଲେ। ଆଘାତପ୍ରାପ୍ତ ସତ୍ତ୍ୱେ ରିଜୱାନ୍ ଇନିଂସ ଓପନ କରିଥିଲେ ଏବଂ ଏକ ମ୍ୟାଚ ବିଜୟୀ ୫୧ ବଲ୍‌ରୁ ୭୧ ରନ କରିଥିଲେ, ଫଳରେ ପାକିସ୍ତାନ ଭାରତର ୧୮୧/୭ ସ୍କୋରକୁ ୫ ଉଇକେଟ ବିନିମୟରେ ଚେଜ୍ କରିବାରେ ସଫଳ ହୋଇଥିଲା। ରିଜୱାନ୍ ତୃତୀୟ ଉଇକେଟରେ ୭୩ରନର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍‌ରେ ଅଂଶୀଦାର ରହିଥିଲେ।










# ମେଡ୍‌ଭେଡେଭ ବିଦା, କ୍ୱାର୍ଟରରେ ଗଫ୍

**ନ୍ୟୁୟର୍କ, ୫।୯ (ଏ.ପି.)**

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ

ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱର ନମ୍ବର ୱାନ୍ ଖେଳାଳି ଡାନିଲ ମେଡ୍‌ଭେଡେଭ ଚଳିତ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର କୋକୋ ଗଫ୍। ଦର୍ଶକଭରା ଆର୍ଥର ଆଶେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ମ୍ୟାଚରେ ସେ ଚାଇନାର ଝାଙ୍ଗ୍ ଶୁଆଇଙ୍କୁ ପରାସ୍ତ କରିଛନ୍ତି। ଝାଙ୍ଗ୍ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶେଷରେ ଗଫ ୭-୫, ୭-୫ ସେଟ୍‌ରେ ବିଜୟୀ ହୋଇଥିଲେ। ୧୮ ବର୍ଷୀୟ ଏହି ଫ୍ଲୋରିଡ଼ା ଟେନିସ ତାରକା ବିଜୟୀ ହେବା ପରେ ଶୂନ୍ୟରେ ମୁଥ ମାରିବା ସହ ପରିହାସ ଛଳରେ ଅଙ୍ଗୁଳି ଦେଖାଇଥିଲେ। ଏଥିରେ ଉତ୍ସାହିତ ହୋଇ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଏତେ ଜୋରରେ କୋଳାହଳ କରିଥିଲେ ଯେ, ଝାଙ୍ଗ୍ ଦୁଇ କାନକୁ ହାତରେ ବନ୍ଦ କରି ଦେଇଥିଲେ। ଗତ ଜୁନ୍‌ରେ ଫ୍ରେଞ୍ଚ୍ ଓପନ ରନର-ଅପ୍ ହୋଇଥିବା ଗଫ୍ ଆମେରିକାର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୦୯ରେ ୧୭ ବର୍ଷୀୟ ମେଲାନି ଓଡିନ ୟୁଏସ୍ ଓପନ କ୍ୱାର୍ଟରଫାଇନାଲ ଖେଳିଥିଲେ। ୧୨ତମ ସିଡ୍ ଗଫ୍ କ୍ୱାର୍ଟର ଫାଇନାଲରେ ବିଶ୍ୱର ୧୭ ନମ୍ବର ଖେଳାଳି ଫ୍ରାନ୍ସର କାରୋଲିନ ଗାର୍ସିଆଙ୍କୁ ଭେଟିବେ। ସିନ୍‌ସିନାଟି ହାର୍ଡକୋର୍ଟ ଟାଇଟଲ ଜିତି ଏଠାକୁ ଆସିଥିବା ଗାର୍ସିଆ ୨୯ ନମ୍ବର ଖେଳାଳି ଆମେରିକାର ଆଲିସନ ରିସ୍କେ-ଅମୃତରାଜଙ୍କୁ ୬-୪, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ତୃତୀୟ ରାଉଣ୍ଡରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରିଥିବା ଆଜଲା ଟୋମଲଜାନୋଭିକ୍ କ୍ୱାର୍ଟର ଫାଇନାଲରେ ୫ ନମ୍ବର ଖେଳାଳି ୱିମ୍ବଲଡନ ରନର-ଅପ୍ ଓନ୍ସ ଜାବେଉରଙ୍କୁ ଭେଟିବେ। ଟୋମଲଜାନୋଭିକ୍ ୭-୬ (୮), ୬-୧ ସେଟ୍‌ରେ ଲିଉଡମିଲା ସାମ୍‌ସୋନୋଭା ଏବଂ ଜାବେଉର ୧୮ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଭେରୋନିକା କିଦରମେଟୋଭାଙ୍କୁ ୭-୬ (୧), ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୯ ବର୍ଷୀୟ ଅଷ୍ଟ୍ରେଲିଆନ ଟୋମଲଜାନୋଭିକ୍ ତୃତୀୟ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲ ଖେଳିବାକୁ ଯାଉଛନ୍ତି।


ଶଟ୍ ଖେଳିବା ଅବସରରେ ଡାନିଲ ମେଡ୍‌ଭେଡେଭ।

### ବିପର୍ଯ୍ୟୟ ଘଟାଇଲେ କିର୍ଗିଅସ

ଗତଥର ଟାଇଟଲ ହାସଲ କରିଥିବା ରୁଷିଆର ମେଡ୍‌ଭେଡେଭଙ୍କ ଅଭିଯାନ ଏଥର ପୁରୁଷ ସିଙ୍ଗଲ୍ସର ରାଉଣ୍ଡ ଅଫ୍ ୧୬ରୁ ଶେଷ ହୋଇଛି। ୨୩ତମ ସିଡ୍ ନିକ୍ କିର୍ଗିଅସ ୭-୬ (୧୧), ୩-୬, ୬-୩, ୬-୨ ସେଟ୍‌ରେ ମେଡ୍‌ଭେଡେଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏକ ହାଇ କ୍ୱାଲିଟି ମ୍ୟାଚରେ ଅଷ୍ଟ୍ରେଲିଆର କିର୍ଗିଅସ ନିଜର ପାରମ୍ପରିକ ବ୍ୟବହାର ପାଇଁ ଚେତାବନୀ ପାଇଥିଲେ ହେଁ ଶେଷରେ ବିଜୟୀ ହେବାରେ ସକ୍ଷମ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ସେ ୨୭ ନମ୍ବର ଖେଳାଳି କାରେନ ଖାଚାନୋଭଙ୍କୁ ଭେଟିବେ। ଅନ୍ୟଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଖାଚାନୋଭ ୪-୬, ୬-୩, ୬-୧, ୪-୬, ୬-୩ ସେଟ୍‌ରେ ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟାଙ୍କୁ ହରାଇ ଦେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ